
# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୦ (୨୦ ପୃଷ୍ଠା) | Berhampur, Friday, March 20/2020 | ★★★

୧୬ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


KP GROUP Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୦ | Berhampur, Friday, March 20/2020 | ପୃଷ୍ଠା-୧




### ୩୬ ବର୍ଷରେ ପାଦ ଥାପିଲେ ତନୁଶ୍ରୀ

ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଗୁରୁବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ଫିଲ୍ମ 'ଆସିକି ବନାୟା ଆପ୍‌ନେ'ରେ ଇମ୍ରାନ୍‌ଙ୍କ ସହ ତାଙ୍କ ଲିପ୍‌ଲକ୍ ସିନ୍ ବେଶ୍ ଚର୍ଚ୍ଚିତ ଥିଲା।

୧୪

୧୬

### ଆଣ୍ଡ୍ର୍ୟୁ ଏଲିସ୍‌ଙ୍କ ଅବସର

ଇଂଲଣ୍ଡ କାଉଣ୍ଟି କ୍ରିକେଟ୍ କ୍ଲବ କ୍ୟାଣ୍ଟରବରୀ ତଥା ନ୍ୟୁଜିଲାଣ୍ଡ ବୋଲିଂ ଅଲ୍‌ରାଉଣ୍ଡର ଆଣ୍ଡ୍ର୍ୟୁ ଏଲିସ୍ ଗୁରୁବାର ଅବସର ଘୋଷଣା କରିଛନ୍ତି।



**କରୋନା ପ୍ରଭାବ**

## ଭାରତରେ ଚତୁର୍ଥ ମୁଣ୍ଡ ନେଲା କରୋନା

ନୂଆଦିଲ୍ଲୀ, ୧୯।୩: କରୋନା ଭାଇରସ୍ କ୍ରମଶଃ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଗୁରୁବାର ଏହା ଆଉ ଏକ ମୁଣ୍ଡ ଗଡ଼ାଇ ଥିବାବେଳେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି ପାଇଛି। ମୃତକ ଜଣକ ପଞ୍ଜାବର ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦିଲ୍ଲୀ, କର୍ଣ୍ଣାଟକ, ମହାରାଷ୍ଟ୍ର ପରେ ପଞ୍ଜାବରେ କରୋନା ପ୍ରାଣଘାତୀ ସାଜିଛି। ଦେଶରେ ଏବେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୭୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ୨୫ ବିଦେଶୀ ଥିବା ଜଣାପଡ଼ିଛି। ୧୭ ଜଣ ଇଟାଲିର ହୋଇଥିବା ବେଳେ ଫିଲିପାଇନ୍ସର ୩, ବ୍ରିଟେନର ୨, କାନାଡ଼ା, ଇଣ୍ଡୋନେସିଆ ଓ ସିଙ୍ଗାପୁରର ଜଣେ ଲେଖାଏ ଅଛନ୍ତି। ଭାରତର ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ☞ପୃଷ୍ଠା-୨

## ଓଡ଼ିଶାରେ ଦ୍ୱିତୀୟ କରୋନା ରୋଗୀ ଚିହ୍ନଟ

ଭୁବନେଶ୍ୱର,୧୯।୩(ବ୍ୟୁରୋ): ଓଡ଼ିଶାରେ ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗୁରୁବାର ଭୁବନେଶ୍ୱର ଆରଏମଆରସିକୁ ୧୪ଟି ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ଗୋଟିଏ କୋଭିଡ-୧୯ ପଜିଟିଭ ଥିବା ଜଣାପଡିଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଏହି ସଂକ୍ରମିତ ବ୍ୟକ୍ତିଜଣକ କରୋନା ପ୍ରଭାବିତ ଦେଶରୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ବ୍ୟକ୍ତିଙ୍କ ସଂସ୍ପର୍ଶରେ କେଉଁ ବ୍ୟକ୍ତିମାନେ ଆସିଛନ୍ତି ସେମାନଙ୍କୁ ଚିହ୍ନଟ କରିବା ପାଇଁ ଷ୍ଟେଟ ସର୍ଭେଲାନ୍ସ ୟୁନିଟ ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ଏହି ବ୍ୟକ୍ତି ଜଣକ କେଉଁ ଅଞ୍ଚଳର ତାହା ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜଣାପଡି ନାହିଁ। ସୂଚନାଯୋଗ୍ୟ ଯେ ପ୍ରଥମ କରୋନ ରୋଗୀ ମାର୍ଚ୍ଚ ୧୫ ତାରିଖରେ ଚିହ୍ନଟ ହୋଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବଡଗଡ ଅଞ୍ଚଳର ଏହି ବ୍ୟକ୍ତି ଇଟାଲିରୁ ଫେରିଥିଲେ।

## ଆଇସିଏସ୍‌ଇ, ଆଇଏସ୍‌ସି ପରୀକ୍ଷା ବାତିଲ

ଭୁବନେଶ୍ୱର,୧୯।୩(ବ୍ୟୁରୋ): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କାଉନ୍‌ସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍ ଏକ୍‌ଜାମିନେଶନ୍ସ (ସିଆଇଏସ୍‌ସିଇ) ବୋର୍ଡ ଦ୍ୱାରା ପରିଚାଳିତ ଦଶମ (ଆଇସିଏସ୍‌ଇ) ଓ ଦ୍ୱାଦଶ (ଆଇଏସ୍‌ସି) ଶ୍ରେଣୀ ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ମାର୍ଚ୍ଚ ୧୯ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉଭୟ ଶ୍ରେଣୀର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ଆତ୍ମଘାତୀ ନୀତି

# ଆଜିଠୁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

ପୁରୀ ଅଫିସ,୧୯।୩

କରୋନା ଭୂତାଣୁ ସଂକ୍ରମଣରୁ ଜନସାଧାରଣଙ୍କୁ କିପରି ସୁରକ୍ଷା ଦିଆଯାଇ ପାରିବ ସେନେଇ ସରକାର ସବୁପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ବିଭିନ୍ନ ଧର୍ମାନୁଷ୍ଠାନରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏହି କ୍ରମରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଉପରେ ନିଆଯାଇଛି ବଡ଼ ନିଷ୍ପତ୍ତି। ଶୁକ୍ରବାରଠାରୁ ଏପ୍ରିଲ୍ ପହିଲା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯିବ। ହେଲେ ଦୈନନ୍ଦିନ ଭଳି ମହାପ୍ରଭୁଙ୍କ ନୀତିକାନ୍ତି ଜାରି ରହିବ। କେବଳ ସେବାୟତମାନେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କ ସେବାପୂଜା କରିପାରିବେ। ଭକ୍ତ, ସେବାୟତଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଏବଂ କରୋନା ଭୂତାଣୁର ଭୟାବହତାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ ବଲ୍‌ୱନ୍ତ ସିଂ ସୂଚନା ଦେଇଛନ୍ତି।

ଓଡ଼ିଶାରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଅଧିକ ସତର୍କ ହୋଇପଡିଛନ୍ତି। ସତର୍କତା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଜନ ସମାବେଶକୁ ବାରଣ କରାଯାଇଥିବାବେଳେ ସଭାସମିତି, କର୍ମଶାଳା ଆଦିକୁ ବନ୍ଦ ରଖାଯାଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସାମାଜିକ ଦୂରତ୍ୱ ରକ୍ଷା କରିବା। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ କଟକଣା ଜାରି ହୋଇଥିଲା। ଗତ ଚାରିଦିନ ହେଲା କଟକଣା ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ ଚାଲିଥିବାବେଳେ ଦର୍ଶନାର୍ଥୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ଘଟିଥିଲା। ସେହିପରି ହୁଣ୍ଡିରେ ବି କରୋନା କଟକଣାର ପ୍ରଭାବ ଦେଖିବାକୁ ମିଳିଥିଲା। କିନ୍ତୁ ଗାଇଡ୍‌ଲାଇନ ଅନୁଯାୟୀ ସାମାଜିକ ଦୂରତା ରକ୍ଷା କରିବା କଷ୍ଟକର ହୋଇପଡ଼ିବାରୁ ପ୍ରଶାସନ ପକ୍ଷରୁ ଭକ୍ତ, ସେବାୟତ, ମନ୍ଦିର କର୍ମଚାରୀ, ପୋଲିସ ସମସ୍ତଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ସାଧାରଣ ଦର୍ଶନକୁ ଶୁକ୍ରବାରଠାରୁ ବନ୍ଦ ନିଷ୍ପତ୍ତି ନିଆଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଟି କୋଟି ଭକ୍ତଙ୍କ ଏଥିରେ ସହଯୋଗ ☞ପୃଷ୍ଠା-୨



### କରୋନା ପାଇଁ ବଡ଼ ନିଷ୍ପତ୍ତି

- ଏପ୍ରିଲ ପହିଲା ଯାଏ ମନ୍ଦିରକୁ ଯାଇପାରିବେନି ଭକ୍ତ
- ମହାପ୍ରଭୁଙ୍କ ସେବା ଓ ନୀତିକାନ୍ତି ସ୍ୱାଭାବିକ ଭାବେ ଚାଲିବ
- ସେବାୟତଙ୍କ ପାଇଁ ରହିଛି ପ୍ରବେଶ ଅନୁମତି

## ଫେରିଲା ମହାପ୍ରଭୁଙ୍କ ଟଙ୍କା

ପୁରୀ ଅଫିସ,୧୯।୩

- ପ୍ରଥମ ପର୍ଯ୍ୟାୟରେ ୩୯୭.୨୩ କୋଟି ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଆସିଲା
- ୩୮୯କୋଟି ମୂଳ ଜମାରେ ମିଳିଲା ୮.୨୩କୋଟି ସୁଧ
- ୩୦ ତାରିଖରେ ସୁଧ ସହ ବାକି ୧୫୬ କୋଟି ଟଙ୍କା ଫେରିବ

ଘରୋଇ ୟେସ୍ ବ୍ୟାଙ୍କର କାରବାର ଉପରେ ଆର୍‌ବିଆଇ କଟକଣା ଲାଗୁ କରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫କୋଟି ଟଙ୍କା ଜମାକୁ ନେଇ ଯେଉଁ ବିବାଦ ଲାଗି ରହିଥିଲା ତା'ର ଅବସାନ ଘଟିଛି। ଗୁରୁବାର ୟେସ୍ ବ୍ୟାଙ୍କରୁ ଇ-ଟ୍ରାନ୍ସଫର ମାଧ୍ୟମରେ ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିରର ଆକାଉଣ୍ଟକୁ ଫେରିଛି। ୩୮୯ କୋଟି ମୂଳ ଜମା ସହ ୮କୋଟି ୨୩ଲକ୍ଷ ୨୭ହଜାର ୬୩୬ ସୁଧ ଟଙ୍କା ଆସିଛି। ଆସନ୍ତା ୩୦ ତାରିଖରେ ୧୫୬ କୋଟି ଟଙ୍କାର ମାଚ୍ୟୁରିଟି (ଅବଧି) ଶେଷ ହେଉଥିବାରୁ ସେହିଦିନ ବାକି ସବୁ ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିବ ବୋଲି ୟେସ୍ ବ୍ୟାଙ୍କର ବରିଷ୍ଠ ଉପସଭାପତି ☞ପୃଷ୍ଠା-୨

# ନିର୍ଭୟା ଦୋଷୀଙ୍କୁ ଆଜି ଫାଶୀ



ନୂଆଦିଲ୍ଲୀ,୧୯।୩(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ସକାଳ ୫ଟା ୩୦ରେ ଫାଶୀ ଦିଆଯିବ। ଏଥିପାଇଁ ତିହାର ଜେଲ୍ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ଏକାଧିକ ଥର ଫାଶୀର ଡମି କରାଯାଇଥିଲା। ଅଫଜଲ ଗୁରୁ ଫାଶୀ ପାଇବାର ୭ ବର୍ଷ ପରେ ତିହାର ଜେଲ ଏକସଙ୍ଗେ ୪ ଜଣଙ୍କୁ ଫାଶୀ ଦେବାକୁ ଯାଉଛି।

ପଟିଆଲା ହାଉସ୍ କୋର୍ଟ ଅପରାଧୀମାନଙ୍କ ସମସ୍ତ ପିଟିଶନକୁ ଗୁରୁବାର ଖାରଜ କରିଦେଇଥିଲେ। ସେମାନଙ୍କର ଆଉ କୌଣସି ଆଇନଗତ ସହାୟତା ବାକି ନାହିଁ। ପବନ ଓ ଅକ୍ଷୟଙ୍କ ଦ୍ୱିତୀୟ କ୍ଷମା ଆବେଦନକୁ ରାଷ୍ଟ୍ରପତି ଅଗ୍ରାହ୍ୟ କରିଦେଇଥିବା ସରକାରୀ ଓକିଲ ଇର୍‌ଫାନ ଅହମଦ ଅଦାଲତଙ୍କୁ କହିଥିଲେ। କୋର୍ଟ ବାହାରେ ମଧ୍ୟ ଡ୍ରାମାବାଜି ଦେଖିବାକୁ ମିଳିଥିଲା। ଛାଡ଼ପତ୍ର ପାଇଁ ଆବେଦନ କରିଥିବା ଅକ୍ଷୟଙ୍କ ସ୍ତ୍ରୀ କୋର୍ଟ ବାହାରେ ମୂର୍ଚ୍ଛା ଯାଇଥିଲେ। ସେହିପରି ମୁକେଶ ସିଂଙ୍କ ପିଟିଶନ ଗୁରୁବାର ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ଅପରାଧ ସଂଘଟିତ ସମୟରେ ସେ ଦିଲ୍ଲୀରେ ନ ଥିଲେ ବୋଲି ଦାବି କରି ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲେ।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ଅତି ବୀଭତ୍ସ ଭାବେ ଆକ୍ରମଣ କରି ରାସ୍ତାରେ ଫିଙ୍ଗିଦିଆଯାଇଥିଲା। ୧୪ ଦିନ ଧରି ମୃତ୍ୟୁ ସହ ସଂଘର୍ଷ କରିବା ପରେ ପୀଡ଼ିତା ସିଙ୍ଗାପୁରର ଏକ ହସ୍ପିଟାଲରେ ଆଖି ବୁଜିଥିଲେ। ଏହି ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ୪ ଅପରାଧୀ ମୁକେଶ ସିଂ(୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା(୨୬) ଏବଂ ଅକ୍ଷୟ କୁମାର ସିଂ(୩୧)ଙ୍କୁ ୨୦ ତାରିଖ (ଶୁକ୍ରବାର) ସକାଳ ୫ଟା ୩୦ରେ ଫାଶୀ ଦେବା ପାଇଁ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ୫ ତାରିଖରେ ମୃତ୍ୟୁ ପରୱାନା ଜାରି କରିଥିଲେ। ଏହା ପୂର୍ବରୁ ୩ ଥର ଡେଥ୍ ୱାରେଣ୍ଟ ଜାରି ହୋଇଥିଲେ ହେଁ ଅପରାଧୀମାନେ ବିଭିନ୍ନ ବାହାନା କରି ଅଦାଲତଙ୍କ ଦ୍ୱାରସ୍ଥ ହେବା ସହ କ୍ଷମା ଆବେଦନ କରିବାରୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା।

# ରବିବାର ଜନତା କର୍ଫ୍ୟୁ

ନୂଆଦିଲ୍ଲୀ,୧୯।୩(ପି.ଟି.)

ମହାମାରୀ କରୋନା ଭୂତାଣୁ ନେଇ ସୃଷ୍ଟ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ୨୨ ତାରିଖ (ରବିବାର) ଦେଶରେ ଜନତା କର୍ଫ୍ୟୁ ପାଳନ କରିବା ଲାଗି ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଜନତା କର୍ଫ୍ୟୁ ଅର୍ଥ ଜନସାଧାରଣଙ୍କ ଦ୍ୱାରା ସେମାନଙ୍କ ପାଇଁ ନିଜ ଉପରେ ଲଗାଯାଇଥିବା କର୍ଫ୍ୟୁ। ସେଦିନ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଲୋକେ ଘରୁ ନ ବାହାରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।

କରୋନା ଭୂତାଣୁ ଏବେ ବିଶ୍ୱର ଅନେକ ଦେଶକୁ ବ୍ୟାପିଲାଣି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଯେତେ ସଂଖ୍ୟାରେ ଦେଶ ପ୍ରଭାବିତ ହୋଇ ନ ଥିଲେ କରୋନା ଭୂତାଣୁ ତା'ଠାରୁ ଅଧିକ ଦେଶକୁ ପ୍ରଭାବିତ କରିଛି। ଏହି ଭୂତାଣୁକୁ ନେଇ ଏବେ ଦେଶ ସଙ୍କଟ ଦେଇ ଗତି କରୁଛି। ଏହି ରୋଗରୁ ରକ୍ଷା ପାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଉପାୟ କିମ୍ବା ଔଷଧ ଏପର୍ଯ୍ୟନ୍ତ ବାହାରିନାହିଁ। ତେଣୁ ଏହାକୁ ନେଇ ଚିନ୍ତା ବଢ଼ିବା ସ୍ୱାଭାବିକ। ସଂକ୍ରମଣଠାରୁ ଦୂରେଇ ରହିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଏକମାତ୍ର ଉପାୟ ବୋଲି ଗୁରୁବାର ରାତିରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ସେଥିପାଇଁ ଅନ୍ୟମାନଙ୍କ ସଂସ୍ପର୍ଶରେ ନ ଆସିବାକୁ ଏବଂ ଗହଳି ସ୍ଥାନଠାରୁ ଯଥାସମ୍ଭବ ଦୂରେଇ ରହିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କରୋନା ସଂକ୍ରମିତ କେତେକ ଦେଶ ସେମାନଙ୍କ ନାଗରିକମାନଙ୍କୁ ଆଇସୋଲେଶନରେ ରଖିଛନ୍ତି। ଭାରତ ଭଳି ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଉପରେ କରୋନାର ଏହି ସଙ୍କଟ ସାମାନ୍ୟ କଥା ନୁହେଁ। ବିକଶିତ ରାଷ୍ଟ୍ର ଉପରେ ଏହାର ପ୍ରଭାବ ପଡୁଥିଲାବେଳେ ଭାରତରେ କୌଣସି ପ୍ରଭାବ ପଡିବ ନାହିଁ ଭାବିବା ଭୁଲ୍। ଏହାର ମୁକାବିଲା ପାଇଁ ଦୁଇଟି କଥା ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ହେଲା ସଂକଳ୍ପ ଓ ଦ୍ୱିତୀୟରେ ସଂଯମ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସଂକ୍ରମଣଠାରୁ ଦୂରେଇ ରହିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପାଳନ କରିବା ଆବଶ୍ୟକ। ସାମାଜିକ ଦୂରତ୍ୱ ରକ୍ଷା କରିବା, ଭିଡ଼ରୁ ଦୂରେଇ ରହିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଗାମୀ କିଛି ସପ୍ତାହ ପର୍ଯ୍ୟନ୍ତ ଅତି ଜରୁରୀ ନ ଥିଲେ ବାହାରକୁ ନ ଯିବାକୁ ମୋଦି କହିଛନ୍ତି। ୨୨ ତାରିଖ ଜନତା କର୍ଫ୍ୟୁ ଦିନ ଯେଉଁମାନଙ୍କର ଅତି ଜରୁରୀ କାର୍ଯ୍ୟ ଥିବ, ସେଇମାନେ ହିଁ ବାହାରକୁ ଯାଇପାରିବେ। କିନ୍ତୁ ଅନ୍ୟମାନେ ନିଜକୁ ଘରେ ରହିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିବା ସହ ଏବେଠାରୁ ଏହି ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ କହିଛନ୍ତି। ପ୍ରତ୍ୟେକ ଫୋନ୍ ମାଧ୍ୟମରେ ୧୦ ଜଣଙ୍କୁ ଏ ସମ୍ପର୍କରେ ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି। କରୋନା ବିରୋଧରେ ଲଢ଼େଇ ପାଇଁ ଏହା ଏକ ପ୍ରସ୍ତୁତି। ଆଜିର ପରିସ୍ଥିତିରେ ଦେଶ ପାଇଁ ଦିନରାତି କାର୍ଯ୍ୟ କରୁଥିବା ଡାକ୍ତର, ନର୍ସ, ସଫେଇ କର୍ମଚାରୀ, ରେଳ କର୍ମଚାରୀ, ହୋମ୍ ଡେଲିଭରି କରୁଥିବା ଲୋକ, ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।



**କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିବେଦନ**

# ବଜ୍ରପାତ ନେଲା ୧୧ ଜୀବନ

ଭୁବନେଶ୍ୱର,୧୯।୩(ବ୍ୟୁରେ)

- ବଲାଙ୍ଗୀର, ନବରଙ୍ଗପୁର, କେନ୍ଦୁଝର, ଜଗତ୍‌ସିଂହପୁର, ପୁରୀ ଜିଲାରେ ୫
- ସୁନ୍ଦରଗଡ଼, ଗଞ୍ଜାମ, ଢେଙ୍କାନାଳରେ ୬ ମୃତ

ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ଘୂର୍ଣ୍ଣିଝଡ଼ ବ୍ୟାପକ କ୍ଷୟକ୍ଷତି କରିଛି। ଝଡ଼ବର୍ଷା ଏବଂ ବଜ୍ରପାତରେ ୧୧ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ବଲାଙ୍ଗୀର, ନବରଙ୍ଗପୁର, କେନ୍ଦୁଝର, ଜଗତସିଂହପୁର, ପୁରୀ ଜିଲାର ଜଣେ ଲେଖାଏ ଏବଂ ଗଞ୍ଜାମ, ଢେଙ୍କାନାଳ, ସୁନ୍ଦରଗଡ଼ର ୨ଜଣ ଲେଖାଏ ଅଛନ୍ତି। ସେହିପରି ବଡ଼ ବଡ଼ ଗଛ ଧରାଶାୟୀ ହୋଇପଡ଼ିଛି। କେତେକ ସ୍ଥାନରେ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅଧୀନ ତୁରେକେଲା ବ୍ଲକ ଶର୍ଗୁଲ ଗ୍ରାମରେ ଇଟା ତିଆରି ଚାଲିଥିବାବେଳେ ବଜ୍ରପାତ ଘଟି ଯୁଗେଶ୍ୱର ପରାଭୁଏ (୩୪)ଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତର ବଟକରି ଗ୍ରାମରେ ବଜ୍ରପାତ ଘଟି ବିଦ୍ୟାଧର ଗୌଡ଼ (୧୫) ପ୍ରାଣ ହରାଇଛନ୍ତି। ବିଦ୍ୟାଧର ଗୋରୁ ଚରାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ଏକ ମଇଁଷିର ମଧ୍ୟ ☞ପୃଷ୍ଠା-୨





Taste the difference! Vencobb FRESH CHICKEN

19.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers



**କିଛି ତଥ୍ୟ**
ଗ୍ରାମୀଣ ଭିତ୍ତିଭୂମି ବିକାଶ ଲାଗି ନାବାର୍ଡ ଆର୍ଥିକ ବର୍ଷ ୨୦୨୦ରେ ୪୨,୩୧୩ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛି।
– ଅର୍ଥ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**
ଖୁବ୍‌ଶୀଘ୍ର ବିରୋଧୀମାନେ ମୋତେ ସ୍ୱାଗତ କରିବେ।
– ରଞ୍ଜନ ଗୋଗୋଇ, ପୂର୍ବତନ ସିଜେଆଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଚିନ୍ମୟ ପତି
ପରିବାରବର୍ଗ


ଦିବ୍ୟଜ୍ୟୋତି
ପରିବାରବର୍ଗ


ମୌସୁମୀ
ପରିବାରବର୍ଗ


ସୋମେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ଶ୍ରୀମନ୍ଦିରରେ...

ରହିଲେ ସମସ୍ତେ ମିଶି ଏହି ମହାମାରୀର ସଫଳ ମୁକାବିଲା କରିବା ସହ ଖୁବ୍‌ଶୀଘ୍ର ମହାପ୍ରଭୁଙ୍କ ଦର୍ଶନ ମିଳିପାରିବ ବୋଲି ଜିଲାପାଳ ସିଂ ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ତେବେ ଏହି ସମୟରେ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କ ସୁବିଧା ଅସୁବିଧା ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି।

### ଫେରିଲା ମହାପ୍ରଭୁଙ୍କ...

ଜୟଦେବ ଦାସ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କୁ ଚିଠି ଲେଖି ଜଣାଇଛନ୍ତି। ମହାପ୍ରଭୁଙ୍କ ଟଙ୍କା ଫେରିବା ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି।

ମହାପ୍ରଭୁଙ୍କ ଟଙ୍କା ଫେରିବା ସଂକ୍ରାନ୍ତରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନର ୫୪୫କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ଫିକ୍ସଡ ଡିପୋଜିଟ୍ ରହିଥିଲା। ଗୁରୁବାର ୩୮୯କୋଟି ଟଙ୍କାର ଜମା ଅବଧି ଶେଷ ହୋଇଛି। ତେଣୁ ୟେସ୍ ବ୍ୟାଙ୍କ ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ଇ-ଟ୍ରାନ୍ସଫର କରିଛି। ପୂର୍ବରୁ ୩ଟି କ୍ୱାର୍ଟରର ସୁଧ ମିଳିଥିବାବେଳେ ଚତୁର୍ଥ କ୍ୱାର୍ଟର (ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ)ର ସୁଧ ଟଙ୍କା ଏବେ ମୂଳ ସହ ମିଶି ଆସିଛି। ମୂଳଧନର ସୁରକ୍ଷା ପାଇଁ ସମସ୍ତ ୫୪୫କୋଟି ଟଙ୍କା ଉଠାଇବା ପାଇଁ ୟେସ୍ ବ୍ୟାଙ୍କକୁ ଚିଠି କରିଥିଲୁ। କିନ୍ତୁ ଆର୍‌ବିଆଇ ଗାଇଡ୍‌ଲାଇନ ଏହାକୁ ପରମିଟ୍ କରୁନାହିଁ ବୋଲି ୟେସ୍ ବ୍ୟାଙ୍କ ଜଣାଇଛି। ଆସନ୍ତା ୩୦ରେ ୧୫୬କୋଟିର ମାଚ୍ୟୁରିଟି ଶେଷ ହେବା ପରେ ସୁଧ ସହ ଏହି ଟଙ୍କା ଫେରାଇବେ ବୋଲି ବ୍ୟାଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଥିବା ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଜମାକୁ ନେଇ ଗତ କିଛିଦିନ ଧରି ହୋ ହଲ୍ଲା ଚାଲିଥିଲା। ଗତ ୫ ତାରିଖରେ ଆର୍‌ବିଆଇ ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିବା ପରେ ଏହି ଟଙ୍କାକୁ ନେଇ ଆଶଙ୍କା ଉପୁଜିଥିଲା। ଏତେଗୁଡ଼ିଏ ଟଙ୍କା କିପରି ଫେରସ୍ତ ଅଣାଯିବ ତାକୁ ନେଇ ସନ୍ଦେହରେ ପଡିଥିଲେ ସମସ୍ତେ। ମନ୍ଦିର ଅର୍ଥକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବଦଳରେ କାହିଁକି ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀ ପ୍ରଶ୍ନ କରିଥିଲେ। ଏପରି କି ଏହି ଘଟଣାକୁ ବିରୋଧୀ ଦଳଗୁଡ଼ିକ ବିଧାନସଭା ଅଧିବେଶନରେ ହଟ୍ଟଗୋଳ କରିଥିଲେ। ବେଆଇନ ଭାବେ ଯେଉଁମାନେ ଚକ୍ରାନ୍ତ କରି ଏହି ଟଙ୍କା ୟେସ୍ ବ୍ୟାଙ୍କରେ ଜମା କରିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା। ଶେଷରେ ସରକାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ମଧ୍ୟ ଗଠନ କରିଥିଲେ। ମହାପ୍ରଭୁଙ୍କ ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ମଧ୍ୟ ପତ୍ର ଲେଖିଥିଲେ। ଓଡ଼ିଶାର ଏମ୍‌ପିମାନେ ବି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଦାବିପତ୍ର ଦେଇଥିଲେ। ୟେସ୍ ବ୍ୟାଙ୍କରୁ ଅର୍ଥ ଉଠାଇବା ଉପରେ ଆର୍‌ବିଆଇ ଯେଉଁ କଟକଣା ଜାରି କରିଥିଲା ତାକୁ ବୁଧବାର ଉଠାଇ ଦେବା ପରେ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ଏହି ଅର୍ଥ ଫେରିପାଇଛି।

### ଆଇସିଏସ୍‌ଇ,...

ପରୀକ୍ଷାକୁ ବାତିଲ କରାଯାଇଛି। ବାତିଲ ହୋଇଥିବା ପରୀକ୍ଷାଗୁଡ଼ିକ କେବେ ହେବ ସେନେଇ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ। ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଏ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କୁ ଅବଗତ କରାଇବା ପାଇଁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସିଆଇଏସ୍‌ସିଇ ଅଧୀନରେ ଓଡ଼ିଶାରେ ମୋଟ ୯୬ଟି ବିଦ୍ୟାଳୟ ଥିବାବେଳେ ଉଭୟ ଶ୍ରେଣୀର ପ୍ରାୟ ୮ ହଜାର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥାନ୍ତେ।

# ଏସ୍‌ବିଆଇରେ ରହିବ ଫାଉଣ୍ଡେଶନ ଫଣ୍ଡ

**ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରହିବ ଜମା, ଆଜି ଖୋଲାଯିବ ଟେଣ୍ଡର**

**ପୁରୀ ଅଫିସ,୧୯।୩**

ଜଗନ୍ନାଥଙ୍କ ଟଙ୍କା ଫେରିବା ପରେ ଏହାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରଖାଯିବାକୁ ଆଇନ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ଶ୍ରୀମନ୍ଦିରର ଫାଉଣ୍ଡେଶନ ଫଣ୍ଡ୍ ଏସ୍‌ବିଆଇରେ ରଖାଯିବ। କିନ୍ତୁ କର୍ପସ ଫଣ୍ଡ ଏବଂ ଟେମ୍ପୁଲ ଫଣ୍ଡ ଲାଗି ଟେଣ୍ଡର ଡକାଯିବ। ଏଥିଲାଗି ବୁଧବାର ଟେଣ୍ଡର ଡକାଯାଇଥିବାବେଳେ ଶୁକ୍ରବାର ଏହା ଖୋଲାଯିବ। ଯେଉଁ ବ୍ୟାଙ୍କ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ ଟେମ୍ପୁଲ ଫଣ୍ଡ ଓ କର୍ପସ ଫଣ୍ଡର ୫୦ ପ୍ରତିଶତ ଜମା ରହିବ। ବାକି ୫୦ ପ୍ରତିଶତ ଦ୍ୱିତୀୟ ଏବଂ ତୃତୀୟରେ ଥିବା ବ୍ୟାଙ୍କ ଦ୍ୱୟରେ ରଖାଯିବ। ଏହି ବ୍ୟାଙ୍କ ଦ୍ୱୟକୁ ପ୍ରଥମ ବ୍ୟାଙ୍କ ଯେତିକି ସୁଧ ଦେବ ସେତିକି ଦେବା ଲାଗି କୁହାଯିବ। ଯଦି ସେମାନେ ରାଜି ନ ହୁଅନ୍ତି ତେବେ ପ୍ରଥମ ବ୍ୟାଙ୍କରେ ସବୁ ଟଙ୍କା ରଖାଯିବା ଲାଗି ଆଇନ ବିଭାଗ ଅନୁମୋଦନ ଦେଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଗତ ଫେବୃୟାରୀ ୫ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଶ୍ରୀମନ୍ଦିର ଟଙ୍କାକୁ କେଉଁ ବ୍ୟାଙ୍କରେ ରଖାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହାର ବିବରଣୀକୁ ଆଇନ ବିଭାଗକୁ ପଠାଯାଇଥିଲା। ବୁଧବାର ଆଇନ ବିଭାଗ ଏହାକୁ ଅନୁମୋଦନ କରିଛି।

## ପ୍ରଥମ ପୃଷ୍ଠାରୁ...

### ବଜ୍ରପାତ ନେଲା...

ମୃତ୍ୟୁ ଘଟିଛି। ଅନୁରୂପ ଭାବେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଗ୍ରାମରେ ବଜ୍ରପାତରେ କାଳନ୍ଦୀ ନାୟକ (୫୨)ଙ୍କ ମୃତ୍ୟୁ ଘଟିଛି। ସେହିପରି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଫାଣ୍ଡରା ଗ୍ରାମର ଏସି ମେକାନିକ ବାପି ନାୟକ (୩୨) ଏବଂ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଖୋଲବନ୍ଧର ଜମ୍ବୁବତୀ ଦେଈ (୫୦)ଙ୍କ ଜୀବନ ନେଇଛି ବଜ୍ରପାତ। ବଜ୍ରପାତ ସମୟରେ ବାପି ଇଟା ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲେ। ସେହିପରି ଜମ୍ବୁବତୀ ମାଙ୍କଡ଼ କବଳରୁ ଚିନାବାଦାମ ଫସଲକୁ ସୁରକ୍ଷା ଦେବାକୁ ଜମିରେ ଜଗିଥିଲେ।

ସୁନ୍ଦରଗଡ଼ ବ୍ଲକ ଧରୁଆଡ଼ିହି ଥାନା ଅଧୀନ ଘଣ୍ଟିବୁଡ଼ ଗ୍ରାମରେ ବଜ୍ରପାତ ଘଟି ମଙ୍ଗଲୁ ନାଏକ (୩୦), ବବଲୁ କିଷାନ (୩୧)ଙ୍କ ମୃତ୍ୟୁ ଘଟିଛି। ଏଥିରେ ରଘୁନନ୍ଦନ କିଷାନ ଗୁରୁତର ହୋଇଛନ୍ତି। କେନ୍ଦୁପତ୍ର ଗୋଛି କାଟୁଥିବା ସମୟରେ ସମ୍ପୃକ୍ତ ୩ଜଣ ବଜ୍ରପାତର ଶିକାର ହୋଇଥିଲେ। କୁଆଁରମୁଣ୍ଡା ବ୍ଲକ ପଦ୍ମପୁର ପଞ୍ଚାୟତ ଚାନ୍ଦିପୋଷ ଗ୍ରାମରେ ବଜ୍ରପାତରେ ୮ ଗୋରୁଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅଞ୍ଚଳରେ ବଜ୍ରପାତରେ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ହାତୀଗୁଡ଼ାର ଟିଙ୍କି ପୋଲେଇ (୧୮), ବ୍ରାହ୍ମଣପଦରର ନୟନୀ ନାୟକ (୫୨)। ମା'ଙ୍କ ସହ ଟିଙ୍କି ମୁଗ ତୋଳିବାକୁ ଯାଇଥିଲେ। ନୟନୀ ଗ୍ରାମ ନିକଟରେ ଖଜୁରି ଗଛରୁ ବାହୁଙ୍ଗା କାଟୁଥିଲେ। ସେହିପରି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଙ୍ଗଡ଼ୀ ଗ୍ରାମର ଏକ କ୍ୟାମ୍ପରେ ବଜ୍ରପାତ ହେବାରୁ ଚନ୍ଦ୍ରକାନ୍ତ ସାମଲ (୪୦), ରଶ୍ମିରଞ୍ଜନ ସାମଲ (୩୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ବୈଦ୍ୟନାଥ ଦାସ (୨୭) ଏବଂ ଚୌଦ୍ୱାର ଅଞ୍ଚଳର ଜେସିବି ହେଲ୍‌ପର ଗଣେଶ ସାହୁ ଗୁରୁତର ହୋଇଛନ୍ତି।

### ଭାରତରେ ଚତୁର୍ଥ...

ବଢ଼ିଚାଲିଛି। ଅଦ୍ୟାବଧି ରାଜଧାନୀ ଦିଲ୍ଲୀରେ ସଂକ୍ରମିତଙ୍କ ସଂଖ୍ୟା ୧୨ରେ ପହଞ୍ଚିଥିବା ବେଳେ ଉତ୍ତରପ୍ରଦେଶରେ ୧୯, ମହାରାଷ୍ଟ୍ରରେ ୪୯, କେରଳରେ ୨୭, କର୍ନାଟକରେ ୧୪, ଲଦାଖରେ ୮, ଜମ୍ମୁ-କଶ୍ମୀରରେ ୪, ତେଲଙ୍ଗାନାରେ ୬, ରାଜସ୍ଥାନରେ ୭, ତାମିଲନାଡୁ, ପଞ୍ଜାବରେ ୨ଜଣ ଲେଖାଏ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ପୁଡୁଚେରି ଓ ଚଣ୍ଡୀଗଡ଼ରେ ଜଣେ ଲେଖାଏ ସଂକ୍ରମିତ ବ୍ୟକ୍ତି ଥିବା ଜଣାପଡ଼ିଛି। ହରିୟାଣାରେ ୧୭ ଜଣ ସଂକ୍ରମିତ ଥିବାବେଳେ ସେମାନଙ୍କ ମଧ୍ୟରେ ୧୪ ବିଦେଶୀ ଥିବା ପ୍ରକାଶ।

## ତୃତୀୟ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛୁଟି

**ଭୁବନେଶ୍ୱର,୧୯।୩(ବ୍ୟୁରୋ):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଛୁଟି ଘୋଷଣା କରିଛନ୍ତି। ମାର୍ଚ୍ଚ ୩୧ ଯାଏ ସେମାନେ ଛୁଟିରେ ରହିବେ। ଏହି ସମୟରେ କର୍ମଚାରୀମାନେ ନିଜକୁ ଘର ଭିତରେ ସୀମିତ ରଖିବେ। ଜନଗହଳି ସ୍ଥାନ କିମ୍ବା କୌଣସି ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ ନାହିଁ। ଏହାକୁ ଅମାନ୍ୟ କଲେ ସମ୍ପୃକ୍ତ କର୍ମଚାରୀଙ୍କର ଛୁଟି ଅବଧିକୁ ବିନା ଦରମାର ଛୁଟି ଭାବେ ବିବେଚନା କରାଯିବ। ସେହିପରି ଜିଲାସ୍ତରରେ ଏହି ବର୍ଗର କର୍ମଚାରୀମାନଙ୍କ ମଧ୍ୟରୁ କିଏ ଆସିବେ ତାହା ଜିଲାପାଳ ଓ ନିର୍ଦ୍ଦେଶକସ୍ତରର ଅଫିସର ସ୍ଥିର କରିବେ। ଅତି ଜରୁରୀ ଥିଲେ ସେମାନଙ୍କୁ ଓ୍ୱାର୍କ ମାଧ୍ୟମରେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରାଯିବ। ତେବେ ସେହି କର୍ମଚାରୀମାନଙ୍କୁ ଆବଶ୍ୟକ ସ୍ଥଳେ ରୋଟେଶନ କରି ପ୍ରଶାସନିକ କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିବାକୁ କୁହାଯାଇଛି। ଏହି ଦୁଇ ବର୍ଗ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କର୍ମଚାରୀମାନେ ନିୟମିତ ଅଫିସ ଆସିବେ। ଲୋକସେବା ଭବନକୁ ସର୍ବସାଧାରଣଙ୍କ ପାଇଁ ମଧ୍ୟ ବାରଣ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାପଗ୍ରସ୍ତ ମଙ୍ଗଳଜନିତ ସ୍ୱାସ୍ଥ୍ୟ ହାନିଜନିତ ହତୋତ୍ସାହିତ ହୋଇପାରନ୍ତି। ପରିବାର ହେଉ କିମ୍ବା କର୍ମକ୍ଷେତ୍ର ହେଉ, ଆପଣ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ କିଛି ଅସୁବିଧା ହେବନାହିଁ। ଦ୍ୱିଜା ନକ୍ଷତ୍ର ବାଣିଜ୍ୟ, ନିର୍ମାଣ, ପରିବହନ, ବ୍ୟବସାୟିକ ସ୍ଥିତି, ସଭା ସମିତି, ମନୋରଞ୍ଜନ, କଳା,ସାହିତ୍ୟ ସବୁ ଦିଗରୁ ଖୁସି ରହିପାରନ୍ତି।

**ବୃଷ**
ରୋହିଣୀ ନକ୍ଷତ୍ର ପାଇଁ ଆଜିର ପ୍ରତ୍ୟୁଷ ଯାତ୍ରା, ନୂତନ ବାଣିଜ୍ୟାରମ୍ଭ, ପ୍ରଶାସନିକ ଆଲୋଚନା, ବନ୍ଧୁ ମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି ହୋଇ କାମ ହାସଲ ପାଇଁ ଖୋରାକ ଯୋଗାଇବ। କୌଣସି ଆଲୋଚନାରେ ତର୍କ ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ।

**ମିଥୁନ**
ଅନଟନ ଦୂର ହେବ କିନ୍ତୁ ବିବାଦୀୟ ସ୍ଥିତିରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବାକି ଥିବା ଲୋକଙ୍କୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବ୍ୟବସାୟ, ପରିବହନରେ ସମସ୍ୟା ଦେଖା ଦେଇପାରେ। ପୁନର୍ବସୁ ନକ୍ଷତ୍ରର ରାସ୍ତାରେ ଯିବା ସମୟରେ କୌଣସି ଅଜଣା ଲୋକ ସହ ବାକ୍ ବିତଣ୍ଡା ସୃଷ୍ଟି ହୋଇପାରେ।

**କର୍କଟ**
ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ଭ୍ରମଣ, ନୂତନ କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ମିଳିବ।

**ସିଂହ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କଠାରୁ ନାସ୍ତି ସୂଚକ ବାକ୍ୟ ଶୁଣି ବିଷାଦଗ୍ରସ୍ତ ହେବେ। ମଘା ନକ୍ଷତ୍ର ହଜି ଯାଇଥିବା ଜିନିଷ ପୁଣି ଫେରି ପାଇବେ, ଅବଶ୍ୟ କିଛି ସମୟ ହଇରାଣ ହେବାକୁ ପଡ଼ିବ। ପରିବହନ, ବ୍ୟବସାୟ, ନିର୍ମାଣ, ସଙ୍ଗଠନ ଓ ରାଜନୀତି ପାଇଁ ଦିନଟି ମନ୍ଦ ନୁହେଁ।

**କନ୍ୟା**
କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ବାଧ୍ୟ ହେବେ। ବ୍ୟବସାୟ, ପରିବହନ, ଲୋକ ସମ୍ପର୍କ, ଗଠନମୂଳକ କାମରୁ ସୁଫଳ ମିଳିବ। ପୂର୍ବାଫାଲ୍‌ଗୁନୀ ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।

**ତୁଳା**
ମଙ୍ଗଳଙ୍କ ଅଶୁଭତ୍ୱ କାରଣରୁ ଆବଶ୍ୟକୀୟ ଟଙ୍କା ଯୋଗାଡ଼ କରିବା ସକାଶେ ବହୁତ ହଇରାଣ ହେବାକୁ ପଡ଼ିବ। ସ୍ୱାତୀ ନକ୍ଷତ୍ର ସଭାସମିତି, ସାହିତ୍ୟ ଚର୍ଚ୍ଚା, ମେଳା ମହୋତ୍ସବ, ସଙ୍ଗୀତ ଆସରରେ ନିଜକୁ ସାମିଲ କରି ପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରତି ଯୋଗିତା, ମାଲିମକଦ୍ଦମା କ୍ଷେତ୍ରରେ ଲକ୍ଷ୍ୟପୂରଣ ହୋଇପାରିବ।

**ବିଛା**
ରବି ନକ୍ଷତ୍ରସ୍ଥ ରାଶ୍ୟାଧିପ ଯୋଗୁ କିଛି ନୂଆ କାମ ଆରମ୍ଭ କରିବା ସକାଶେ ମନ ବଳାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟଚର୍ଚ୍ଚା, ସଭାସମିତିରେ ଆପଣଙ୍କ ଅବଦାନ ରହିବ। ପାରିବାରିକ କ୍ଷେତ୍ର, ଆର୍ଥିକ ସ୍ଥିତି, ବନ୍ଧୁସମ୍ପର୍କ ଭଲ ରହିବା ସହ ଅପବ୍ୟୟ ଓ ଶତ୍ରୁତା ଦୁଃଶ୍ଚିନ୍ତାର କାରଣ ହୋଇପାରେ।

**ଧନୁ**
ରାଶ୍ୟାଧିପତି ସହ କେତୁ ଗ୍ରହ ଯୋଗୁ ସ୍ୱାସ୍ଥ୍ୟ ସଚେତନତା ଆପଣଙ୍କ ସକାଶେ ଜରୁରୀ ହୋଇପଡ଼ିବ। କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡି ପଛରେ ଦୌଡ଼ିପାରନ୍ତି। ବ୍ୟବସାୟିକ ଦିଗଟି ମନ୍ଦ ହେବନି ଏବଂ ଯାତ୍ରା, କଳା ଓ ସାହିତ୍ୟାଦିରେ ପ୍ରଶଂସିତ ହେବେ।

**ମକର**
ବିଶେଷ ଅସୁବିଧା ନ ହେଲେ ମଧ୍ୟ ରାଶିରେ ଶନି ଓ ଚନ୍ଦ୍ର ହେତୁ ଅଣ୍ଡାରୋଗ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ। ସ୍ୱନକ୍ଷତ୍ରସ୍ଥ ଶୁକ୍ର ଚତୁର୍ଥ ସ୍ଥାନସ୍ଥ ଯୋଗୁ ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇରହିବ। କାର୍ଯ୍ୟରେ ପ୍ରତିବନ୍ଧକ କିମ୍ବା ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେଇ ପାରେ।

**କୁମ୍ଭ**
ଶୁକ୍ର ମିତ୍ରରାଶିରେ ରହି ଭାଗ୍ୟସ୍ଥାନକୁ ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖାନଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ,ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନରେ ଆଶାନୁଯାୟୀ ଫଳ ପାଇବେ। ଶତଭିଷା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ, ପରିବହନ, ଭ୍ରମଣ, ସଭାସମିତି, ଆଲୋଚନା ଓ ବନ୍ଧୁ ମିଳନରୁ ଖୁସି ରହିବେ।

**ମୀନ**
ବୃହସ୍ପତି ସହ କେତୁ ଓ ମଙ୍ଗଳଙ୍କ ପ୍ରଭାବରେ ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ମିଥୁନସ୍ଥ ରାହୁଙ୍କ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ଅଜୀର୍ଣ୍ଣ ଦେଖାଦେଇପାରେ। ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି, ଏଣୁ ସତର୍କ ରହିବା ଭଲ।

ଆଜି ଚୈତ୍ର କୃଷ୍ଣପକ୍ଷ ଦ୍ୱାଦଶୀ ଶୁକ୍ରବାର, ମାର୍ଚ୍ଚ ୨୦ ତାରିଖ, ବିଶ୍ୱ ଘରଚଟିଆ ଦିବସ, ସାର୍ବଜନୀନ ପଖାଳ ଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସନ୍ଧ୍ୟା ଘ୫।୦୪ମି. ଗତେ ଧନିଷ୍ଠା ନକ୍ଷତ୍ର,ବିଛା, ଧନୁ ଓ ମୀନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ୫।୫୪ମି. ଗତେ ଘ୬।୪୨ମି. ମଧ୍ୟେ, ଘ୭।୩୦ମି. ଗତେ ଘ୯।୫୪ମି. ମଧ୍ୟେ, ଦିବା ଘ୧୨।୧୮ମି. ଗତେ ଘ୨।୪୨ମି. ମଧ୍ୟେ, ଦିବା ଘ୪।୧୮ମି. ଗତେ ଘ୫।୫୪ମି. ମଧ୍ୟେ, ସନ୍ଧ୍ୟା ଘ.୭।୩୦ମି ଗତେ ଘ. ୯.୦୫ମି ମଧ୍ୟେ, ରାତ୍ର ଘ୧।୫୪ମି. ଗତେ ଘ୩।୨୯ମି. ମଧ୍ୟେ ଅମୃତ ବେଳା, ରାତ୍ର ଘ୯।୦୫ମି. ଗତେ ଘ୯।୫୩ମି. ମଧ୍ୟେ, ରାତ୍ର ଘ୩।୨୯ମି. ଗତେ ଘ୪।୧୭ମି. ମଧ୍ୟେ ମାହେନ୍ଦ୍ରବେଳା, ଦିବା ଘ୧୦।୨୪ମି. ଗତେ ଘ୧୧।୫୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**automobile SALE**

Car for sale Fiat Avventura White, 2015. 8339036335, 9937995461. D-69259

**real estate SALE**

2000sqft. corner plot having double side road for sale in Kateni Square, Bhubaneswar. 9583749747. D-68799

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/- ବିକ୍ରିହେବ। 9439270333.** D-69108

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

**ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ 1,2,3,4BHK flat, simplex, duplex ଅଛି। 8327785834, 9658122456.** D-69114

Plot for sale at Govt. rate Mouza Sahaspur (Sundarpada), Bhubaneswar. Contact: 9124721060. D-67550

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

Demarcated plots under CMC, 800 mtr from NH Balikuda- 8658182243. D-68076

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

Booking open for 3BHK duplex near ITER college Bhubaneswar. Contact: 7978751719. D-67549

**ଭୁବନେଶ୍ୱର ପାତ୍ରପଡା Amber ପଛପଟେ 30'Road ଘରବାରି ପ୍ଲଟ୍ ମିଳୁଅଛି। Direct owner. 6370292040.** D-69106

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

**2BHK flat 1120sqft adjecent to Mountlitera Zee School Kateni Bhubaneswar for sale @ 18,50,000/-** 9937162220.** D-17206

3BHK flat for sale, @ 65Lac near Patia Big Bazaar, direct owner contact- 8249928110. D-68343

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-17135

**to-let**

3 storied building near Puri Bus Stand (outer gate) each floor 1450sqft. with parking area, lift provision, preffered for office or guest house. Contact: 9437231973, 9938811066, 9439009236. D-17159

**healthcare**

Relaxing body massage by trend lady, gents therapist. 9861193818. D-60879

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact- 9861064981. D-68796

Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Herbal full body massage by smart / expert therapist. Contact: 8338067247. D-69255

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69256

Rejuvenate and Ayurvedic full body massage by smart therapist. 9114402304. D-69257

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

Monalisa massage: All types body massage with hiprofile smart lady air condition rooms available. 9708545108. D-17180

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, Prasanta Kumar Baral also known as Kalu Baral, age 45 years, S/o- Jugal Baral & H.M. Baral (Mother) of Village- Dangura, P.O- Mahura, Via- Gabakunda, P/S- Satyabadi, Dist- Puri, have taken oath vide affidavit before Executive Magistrate Satyabadi on dt. 24.02.2020 to concern both the names are a same person. D-67617

By Virtue of an affidavit before the Magistrate, Bhubaneswar. I have changed my name from N.HARRI PRASAD to N.HARI PRASAD. Henceforth I shall be known as N.HARI PRASAD for all purpose. D-69260


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଘୁଞ୍ଚିଲା ଓଜେଇଇ ଆବେଦନ ତାରିଖ


ଭୁବନେଶ୍ୱର,୧୯।୩(ବ୍ୟୁରୋ): ମେ' ପ୍ରଥମ ସପ୍ତାହରେ ହେବାକୁ ଥିବା ଓଜେଇଇ ପରୀକ୍ଷା (ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍ସାମିନେଶନ) ପାଇଁ ଆବେଦନ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏଥିପାଇଁ ଆବେଦନ ପ୍ରକ୍ରିୟା ୨୦ତାରିଖ ପର୍ଯ୍ୟନ୍ତ ରହିଥିବାବେଳେ ଏବେ ତାହାକୁ ୨୭ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦିଆଯାଇଛି। ଛାତ୍ରୀଛାତ୍ରମାନେ ୨୭ ମାର୍ଚ୍ଚ ମଧ୍ୟରେ ଅନ୍‌ଲାଇନରେ ଆବେଦନ ଏବଂ ମାର୍ଚ୍ଚ ୩୧ ମଧ୍ୟରେ ଅନ୍‌ଲାଇନରେ ଫି ଦାଖଲ କରିପାରିବେ। ଏପ୍ରିଲ ୨୦ରୁ ପରୀକ୍ଷାର୍ଥୀମାନେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଥିବା ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ଏବଂ କଲେଜର ବି.ଫାର୍ମା, ଏମ୍‌ବିଏ, ଏମ୍‌ସିଏ, ଏମ୍.ଟେକ୍, ଏମ୍.ଟେକ୍ ପାର୍ଟଟାଇମ୍, ଏମ୍. ଆର୍କିଟେକ୍, ଏମ୍. ପ୍ଲାନ୍, ଏମ୍ ଫାର୍ମା, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଲାଟେରାଲ ଏଣ୍ଟ୍ରି ବି.ଟେକ୍/ବି.ଫାର୍ମାରେ ନାମ ଲେଖାଇବା ଲାଗି ଓଜେଇଇ ହେବ। ଏହି ପରୀକ୍ଷାକୁ କମ୍ପ୍ୟୁଟର୍ ବେସ୍‌ଡ ଟେଷ୍ଟ(ସିବିଟି) ଫର୍ମାଟରେ କରାଯିବ। ଅଧିକ ବିବରଣୀ ପାଇଁ ଛାତ୍ରୀଛାତ୍ରମାନେ www.ojee.nic.in/www.odishajee.com ୱେବ୍‌ସାଇଟ୍ ଦେଖିବାକୁ ଗୁରୁବାର ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି।

### ୨୦ କୁଇଣ୍ଟାଲ ପଲିଥିନ ଜବତ
### ୭୦ ହଜାର ଜରିମାନା ଆଦାୟ



କଟକ ଅଫିସ,୧୯।୩: ମାଲଗୋଦାମ ଥାନା ଅଞ୍ଚଳର ଦୁଇଟି ପଲିଥିନ ଗୋଦାମ ଉପରେ ସ୍ଥାନୀୟ ପୋଲିସ ଓ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ସେଠାରେ ଗଚ୍ଛିତ ଥିବା ୨୦ କୁଇଣ୍ଟାଲ ପଲିଥିନ ଜବତ କରାଯିବା ସହ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରଭାକର ସାହୁ କହିଛନ୍ତି। ଏହି ଚଢ଼ାଉ କାର୍ଯ୍ୟକ୍ରମରେ ଡେପୁଟି କମିଶନର ଅବିନାଶ ରାଉତ, ପ୍ରଦୀପ କୁମାର ସାହା, ପ୍ରଭାକର ସାହୁ, ରଞ୍ଜିତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଆଜିଠୁ ସମସ୍ତ ଧର୍ମପୀଠ ବନ୍ଦ




# ୩ କରୋନା ସନ୍ଦିଗ୍ଧ ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର ଅଫିସ,୧୯।୩

କରୋନା ଆତଙ୍କ ଏବେ ବିଶ୍ୱକୁ ଦୋହଲାଇ ଦେଇଛି। ସଚେତନତା ହିଁ ଏହାର ପ୍ରତିକାର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏ ନେଇ ଜିଲାସ୍ତରରେ ମଧ୍ୟ ସତର୍କତା ଆରମ୍ଭ ହୋଇଛି। ବ୍ରହ୍ମପୁର ବଡ ମେଡିକାଲରେ ଗତ ୫ ଦିନ ଭିତରେ ବିଭିନ୍ନ ସ୍ଥାନରୁ ୮ ଜଣ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି। ସେହିପରି ଗୁରୁବାର ହିଞ୍ଜିଳିକାଟୁ ଅଞ୍ଚଳର ଗୋଟିଏ ପରିବାରର ୩ କରୋନା ସନ୍ଦିଗ୍ଧ ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି ବୋଲି ଅଧୀକ୍ଷକ ପ୍ରଫେସର ଡ଼.ସନ୍ତୋଷ କୁମାର ମିଶ୍ର କହିଛନ୍ତି। ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ପୁଅ ଭର୍ତ୍ତି ହୋଇଥିବା ଜଣାପଡିଛି। ଗତ କିଛିଦିନ ତଳେ ସେମାନେ କୌଣସି କାମରେ ମୁମ୍ବାଇ ଯାଇଥିଲେ। ନିକଟରେ ସେମାନେ ଘରକୁ ଫେରି କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେମାନେ ସମସ୍ତେ ଏବେ ସ୍ୱତନ୍ତ୍ର କରୋନା କକ୍ଷରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସେମାନଙ୍କ ସ୍ୱାବ ପରୀକ୍ଷା ପାଇଁ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯିବ ବୋଲି ଅଧୀକ୍ଷକ କହିଛନ୍ତି।

୨ଟି ପର୍ଯ୍ୟାୟରେ ପୂର୍ବରୁ ଭର୍ତ୍ତି ହୋଇଥିବା ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଅନ୍ୟପଟେ ବୁଧବାର ଏମ୍‌କେସିଜିରେ ସ୍ୱତନ୍ତ୍ର କରୋନା ଆଉଟଡୋର ଖୋଲିବା ପରେ ୨ ଦିନ ଭିତରେ ୫୦ ରୁ ଊର୍ଦ୍ଧ୍ୱ ରୋଗୀଙ୍କ କରୋନା ଭାଇରସ୍‌ର ଲକ୍ଷଣ ଅଛି କି ନାହିଁ ତାର ପରୀକ୍ଷା କରାଯାଇଛି ବୋଲି ସେ କହିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଚିକିଟି ଓ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ୨ ଜଣ ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପୃକ୍ତ ଇଞ୍ଜିନିୟରିଂ ଛାତ୍ର ଓ ଦିଗପହଣ୍ଡି ଅଞ୍ଚଳର ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ମଧ୍ୟ ଛାଡି ଦିଆଯାଇଥିବା ସେ କହିଛନ୍ତି।




# ଯୁକ୍ତ ୨ ପରୀକ୍ଷା ବାତିଲ

- କରୋନା ଲାଗି ବନ୍ଦ ନିଷ୍ପତ୍ତି
- ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା
- ଅଟକିଲା ମାଟ୍ରିକ ଖାତା ମୂଲ୍ୟାୟନ
- ଏସ୍‌ଏସ୍‌ସି, ବିପିୟୁଟି, ଭିସୁଟ୍ ପରୀକ୍ଷା ସ୍ଥଗିତ
- ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି। ଆସନ୍ତା ୨୩ ତାରିଖରୁ ଯୁକ୍ତ ୨ ପରୀକ୍ଷାକୁ ବାତିଲ କରାଯାଇଥିବା ବେଳେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନକୁ ମଧ୍ୟ ବନ୍ଦ ରଖାଯାଇଛି। କରୋନା ସଂକ୍ରମଣ ବଢ଼ିବା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିଛନ୍ତି। କେବେଠାରୁ ଖାତା ମୂଲ୍ୟାୟନ ହେବ ସେନେଇ ସରକାର ପରବର୍ତ୍ତୀ ସମୟରେ ଜଣାଇବେ ବୋଲି କହିଛନ୍ତି। ରାଜ୍ୟର ୬୧ କେନ୍ଦ୍ରରେ ପ୍ରାୟ ୧୬ହଜାର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱାରା ମାଟ୍ରିକ୍ ପରୀକ୍ଷା ଖାତାଦେଖା ଆରମ୍ଭ ହୋଇଥିଲା। ସକାଳ ସାଢ଼େ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୩ ପର୍ଯ୍ୟାୟରେ ମୂଲ୍ୟାୟନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ସେହିପରି ଯୁକ୍ତ ୨ ପରୀକ୍ଷାକୁ ମଧ୍ୟ ସରକାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ପ୍ରାୟ ସାଢେ ୩ଲକ୍ଷ ଛାତ୍ରୀଛାତ୍ର ଏବେ ଯୁକ୍ତ ୨ ପରୀକ୍ଷା ଦେଉଛନ୍ତି। ଏହା ଗତ ୩ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୮ ପର୍ଯ୍ୟନ୍ତ ଚାଲିଥାନ୍ତା। ହେଲେ ଏହାକୁ ମଧ୍ୟ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସରକାର ସ୍ଥଗିତ ରଖିବା ସହିତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବିପିୟୁଟି ଓ ଭିସୁଟ୍ ଦ୍ୱାରା ପରିଚାଳିତ ସମସ୍ତ ସେମିଷ୍ଟର ଏବଂ ଫାଇନାଲ ପରୀକ୍ଷା ଆସନ୍ତା ସୋମବାରଠାରୁ ବନ୍ଦ ନିଷ୍ପତ୍ତି ନେଇଛନ୍ତି। ଏସବୁ ପରୀକ୍ଷା ଲାଗି ପରବର୍ତ୍ତୀ ସମୟରେ ତାରିଖ ଘୋଷଣା ହେବ। ସେହିପରି ଷ୍ଟାଫ ସିଲେକ୍ସନ କମିଶନ(ଏସ୍‌ଏସ୍‌ସି)ର ସମସ୍ତ ପ୍ରକାର ନିଯୁକ୍ତିଭିତ୍ତିକ ପରୀକ୍ଷାକୁ ଶୁକ୍ରବାରଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ବାତିଲ କରି ଦିଆଯାଇଛି।

ଅନ୍ୟପଟେ ସରକାର ରାଜ୍ୟର ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନଗୁଡିକୁ ମଧ୍ୟ ଖୋଲିବା ଉପରେ କଟକଣା ଜାରି କରିଛନ୍ତି। ଶୁକ୍ରବାରଠାରୁ ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସରକାରୀ, ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ ଦେବା ସତ୍ତ୍ୱେ କେତେକ ଘରୋଇ ଶିକ୍ଷାନୁଷ୍ଠାନ ଏହାକୁ ବେଖାତିର କରୁଥିବା ଦୃଷ୍ଟିକୁ ଆସିବା ପରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏସବୁ ବନ୍ଦ ରଖିବାକୁ ସରକାର କହିଛନ୍ତି। ଏହାସହ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସ୍କୁଲ ନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଆବଶ୍ୟକ ଅନୁଯାୟୀ ଯେଉଁ ସ୍କୁଲ କର୍ମଚାରୀ ଏବଂ ଶିକ୍ଷକଙ୍କୁ ଅନୁଷ୍ଠାନର ପ୍ରଧାନଶିକ୍ଷକ ଡାକିବେ, କେବଳ ସେମାନେ ହିଁ ଯିବେ ବୋଲି କୁହାଯାଇଛି। ଏଥିଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଜିଲା ଟିଠି



### ଦେବଗଡ଼

# ବାଇପାସ୍ ଚିନ୍ତା

ଦେବଗଡ଼ ଜିଲା ସଦର ମହକୁମା ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହାର ପ୍ରଶସ୍ତୀକରଣ ବିଳମ୍ବିତ ହେବାରେ ଲାଗିଛି। ରାଜପଥରେ ଯାନବାହନ ବୃଦ୍ଧି ସହିତ ସହରର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଦୁର୍ଘଟଣା ମଧ୍ୟ ବଢୁଛି। ଫଳରେ ରାଜପଥ ପ୍ରଶସ୍ତୀକରଣ ବେଳେ ରାଜପଥକୁ ସହର ବାହାର ଦେଇ ଅର୍ଥାତ୍ ବାଇପାସ୍ ରାଜପଥ ନିର୍ମାଣ ପାଇଁ ଦାବି ହୋଇଥିଲା। ଦେବଗଡ଼ବାସୀ ଏନେଇ ବହୁବାର ଆନ୍ଦୋଳନ, ରାସ୍ତାରୋକୋ କରିଥିଲେ। ଲୋକଙ୍କ ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜପଥ କର୍ତ୍ତୃପକ୍ଷ ସହର ବାହାର ଦେଇ ବାଇପାସ ରାଜପଥ ନିର୍ମାଣ କରୁଛନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବାରୁ ସହରବାସୀଙ୍କ ସମସ୍ୟା ବଢିଚାଲିଛି। ବର୍ତ୍ତମାନ ସହର ଭିତରେ ଯାଇଥିବା ରାଜପଥ ବି ମରାମତି କରାଯାଉନି। ଯାହା ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ରାଜପଥ ମରାମତି ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଥିଲେ ମଧ୍ୟ ରାସ୍ତା ନିର୍ମାଣକାରୀ ସଂସ୍ଥା ଶୁଣୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ଏପରି କି ଉକ୍ତ ସମସ୍ୟା ଦୂର ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ପ୍ରତିକାର ହୋଇପାରୁ ନାହିଁ। କେନ୍ଦୁଝରସ୍ଥିତ ଭାରତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ପ୍ରକଳ୍ପ ଅଧିକାରୀ ଓ ଦେବଗଡ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ସହ ସମ୍ପୃକ୍ତ ଠିକାସଂସ୍ଥା କର୍ମକର୍ତ୍ତାଙ୍କୁ ସହର ଭିତର ଦେଇ ଯାଇଥିବା ରାଜପଥର ତୁରନ୍ତ ମରାମତି ଏବଂ ରାଜପଥ ଉପରେ ପ୍ରତିଦିନ ପାଣି ଛିଞ୍ଚନ ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ ମଧ ନିର୍ମାଣକାରୀ ସଂସ୍ଥା ସମ୍ପୂର୍ଣ୍ଣ ଅଣଦେଖା କରୁଛି। ରାସ୍ତାରେ ପାଣି ନ ଦେଇ ନିଜର ମନଇଚ୍ଛା ଉକ୍ତ ରାସ୍ତାର ଖାଲଗୁଡ଼ିକରେ କ୍ରଶର୍ ଡଷ୍ଟ ପକାଇ ଦେଉଛି। ଫଳରେ ରାସ୍ତାରେ ଧୂଳି ଉଡୁଛି। କିଛି ଦିନ ପରେ ପୁଣି ଖାଲ ହୋଇଯାଉଛି। ଜାତୀୟ ରାଜପଥର ପୁରୁଣାଗଡ଼ ଛକରୁ ସିମିଳିଆବାହାଲ ସର୍କିଟ ହାଉସ ପର୍ଯ୍ୟନ୍ତ ଦୀର୍ଘଦିନ ହେଲା ଖାଲଖମା ସହ ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଛି। ବିଭାଗ ତରଫରୁ ଏହାକୁ ସଜଡା ଯାଉନାହିଁ। ବିଭିନ୍ନ ଖାଲରେ ପକାଇଥିବା କ୍ରଶର୍ ଡଷ୍ଟ ଯୋଗୁ ଲୋକେ ଧୂଳିଧୂସର ଖାଇ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଲୋକେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ୪୯ନଂ. ଜାତୀୟ ରାଜପଥର ବାଇପାସ କାମ ସରିଗଲେ ସହର ଭିତରେ ଗାଡ଼ିମୋଟର ଯିବାଆସିବା କମିଯିବ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। କିନ୍ତୁ ବାଇପାସ କାମ ଚାଲିଥିବା ବେଳେ କାମ ଶେଷ ହେବାର ନାଁ ଧରୁନି। ସହରବାସୀଙ୍କ ଲାଗି ବାଇପାସ ରାଜପଥ ଚିନ୍ତା ପାଲଟିଛି। ଫଳରେ ସହର ଭିତରେ ଗାଡ଼ିମୋଟର ଯାଉଥିବାରୁ ଅଧିକାଂଶ ଦିନ ଦୁର୍ଘଟଣା ଘଟୁଛି। ନିକଟରେ ଦୁର୍ଘଟଣାରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ଯଦି ବାଇପାସ ବିଳମ୍ବ ହେଉଛି, ତେବେ ସହର ଭିତରେ ଯାଇଥିବା ରାଜପଥ ମରାମତି କରିବା କଥା। କିନ୍ତୁ ରାଜପଥ କର୍ତ୍ତୃପକ୍ଷ କେଉଁଟା ବି କରୁନାହିଁ। ଜିଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

– ଶଶାଙ୍କ ଶେଖର ଝାଙ୍କର

### ରାଜ୍ୟର ସମସ୍ତ ପ୍ରାଣୀ ଉଦ୍ୟାନ ମାର୍ଚ୍ଚ ୩୧ ଯାଏ ବନ୍ଦ

ଭୁବନେଶ୍ୱର, ୧୯।୩(ବ୍ୟୁରୋ): ମାରାତ୍ମକ କରୋନା(କୋଭିଡ-୧୯)କୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଭିତରକନିକା ଅଭୟାରଣ୍ୟ ସମେତ ରାଜ୍ୟର ସମସ୍ତ ପରିବେଶ ପର୍ଯ୍ୟଟନସ୍ଥଳୀର ରାତ୍ର ରହଣି ବ୍ୟବସ୍ଥାର ବୁକିଂ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରଦ୍ଦ କରାଯାଇଛି। ପରିବେଶ ପର୍ଯ୍ୟଟନସ୍ଥଳୀଗୁଡିକର ଦିନ ଭ୍ରମଣ ବ୍ୟବସ୍ଥାକୁ ମଧ ସାମୟିକ ଭାବେ ସ୍ଥଗିତ କରାଯାଇଛି। ଏହି ସମୟ ମଧ୍ୟରେ ବୁକିଂ କରିଥିବା ସମସ୍ତ ପର୍ଯ୍ୟଟକଙ୍କୁ ସେମାନଙ୍କ ଅଗ୍ରିମ ଶତପ୍ରତିଶତ ଅର୍ଥ ଫେରସ୍ତ ଦିଆଯିବ। ରାଜ୍ୟର ସମସ୍ତ ପ୍ରାଣୀ ଉଦ୍ୟାନ ଜନସାଧାରଣଙ୍କ ନିମନ୍ତେ ବର୍ତ୍ତମାନ ପାଇଁ ବନ୍ଦ ରହିବ। ସେହିଭଳି ଭୁବନେଶ୍ୱର ସ୍ଥିତ ଜୟଦେବ ବାଟିକାକୁ ମଧ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ କରିବାକୁ ଘୋଷଣା କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ସ୍ଥିତ ବଟାନିକାଲ ଗାର୍ଡେନ ସର୍ବସାଧାରଣଙ୍କ ପାଇଁ ବର୍ତ୍ତମାନ ପ୍ରତ୍ୟହ ଦିନ ୨ଟା ପରେ ବନ୍ଦ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁସବୁ ସ୍ୱର୍ଗ ରହିଛି- ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ।

-ଶ୍ରୀଅରବିନ୍ଦ

# ଆତ୍ମଘାତୀ ନୀତି

ଟେଲିକମ୍ କମ୍ପାନୀଗୁଡିକ ଉପରେ ବାକି ଥିବା ଆଡ୍‌ଜଷ୍ଟେଡ ଗ୍ରସ୍ ରେଭିନ୍ୟୁ (ଏଜିଆର୍) ଦେୟର ପୁନର୍ଗଣନା ଲାଗି ଚେଷ୍ଟା କରିବା ଯୋଗୁ ସୁପ୍ରିମ୍‌କୋର୍ଟ ବୁଧବାର ଦୂରସଞ୍ଚାର ବିଭାଗ (ଡିଓଟି) ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ସରକାର ଟେଲିକମ୍ ସଂସ୍ଥାଗୁଡ଼ିକ ସହିତ ଦ୍ୱିପାକ୍ଷିକ ଭାବରେ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇ ୨୦ ବର୍ଷ ମଧ୍ୟରେ କିସ୍ତି କିସ୍ତି କରି ସେମାନଙ୍କ ଦେୟ ପରିଶୋଧ କରିବାକୁ ଅନୁମତି ଦେବା ହେଉଛି ଅଦାଲତଙ୍କ ଅସନ୍ତୋଷର କାରଣ। କୋର୍ଟଙ୍କ ମତରେ ମାମଲା ବିଚାରାଧୀନ ଥିବାରୁ ସରକାର ଏପରି କରିବା ଉଚିତ ନ ଥିଲା। ଦିଆଯାଇଥିବା ସମୟସୀମା ମଧ୍ୟରେ ଏଜିଆର୍ ଦେୟ ପଇଠ କରିବାକୁ ଟେଲିକମ୍ ସଂସ୍ଥାଗୁଡ଼ିକୁ ଶୀର୍ଷ କୋର୍ଟ କହିଥିଲେ। ସରକାରଙ୍କ ଦ୍ୱାରା ଏହି ବିଷୟର କୁପରିଚାଳନା ଯୋଗୁ ଟେଲିକମ୍ ପ୍ରସଙ୍ଗ ଦିନକୁ ଦିନ ଅଧିକ ଗୋଳମାଳିଆ ହେବାରେ ଲାଗିଛି। ୧୯୯୯ ମସିହାରେ ଟେଲିକମ୍ ସଂସ୍ଥାଗୁଡ଼ିକୁ ସ୍ଥାୟୀ ଲାଇସେନ୍ସ ବ୍ୟବସ୍ଥାରୁ ରାଜସ୍ୱ ଶେୟାରିଂ ମଡେଲକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେବା ପରଠାରୁ ଏହା ଉପରେ ସରକାରଙ୍କ ଆଗ୍ରହ ବୃଦ୍ଧି ପାଇଛି। ବିଭିନ୍ନ କେନ୍ଦ୍ର ସରକାର ଏହି ସମସ୍ୟାର ଯେପରି ପରିଚାଳନା କରୁଥିଲେ ସେଥିରେ ଟେଲିକମ୍ କମ୍ପାନୀଗୁଡ଼ିକ ଖୁସି ନ ଥିଲେ। ୨୦୦୩ ପରଠାରୁ ଏଜିଆର୍ ପ୍ରସଙ୍ଗ ବିଭିନ୍ନ କୋର୍ଟ ଓ ଟ୍ରିବ୍ୟୁନାଲରେ ରହିଆସିଛି ଏବଂ ଟେଲିକମ୍ କମ୍ପାନୀଗୁଡିକ ସବୁବେଳେ ଅଦାଲତରୁ ନିଜ ସପକ୍ଷରେ ଅନୁକୂଳ ରାୟ ପାଇ ଆସୁଥିଲେ। ତେବେ ଟେଲିକମ୍ କମ୍ପାନୀଗୁଡ଼ିକର ଏଜିଆର ବକେୟାର ସଂଜ୍ଞା ସମ୍ପର୍କରେ ସରକାର ସ୍ଥିର ରହିଆସିଛନ୍ତି ଏବଂ ସୁପ୍ରିମ୍‌କୋର୍ଟ ମଧ୍ୟ ତାକୁ କାଏମ୍ ରଖିଛନ୍ତି। ଅର୍ଥାତ୍ ଟେଲିକମ୍ ଅପରେଟରମାନେ ସରକାରଙ୍କ ରାଜକୋଷକୁ ପ୍ରାୟ ୧.୪୭ ଲକ୍ଷ କୋଟି ବକେୟା ଟଙ୍କା ଦେବାକୁ ବାଧ୍ୟ। ବର୍ତ୍ତମାନ ସୁପ୍ରିମ୍‌କୋର୍ଟଙ୍କ ରାୟ ଯୋଗୁ କେତେକ କମ୍ପାନୀର ମେରୁଦଣ୍ଡ ଭାଙ୍ଗିବାକୁ ବସିଛି। ସରକାର ୨୦ ବର୍ଷର ଲମ୍ବା ଅବଧି ମଧ୍ୟରେ କମ୍ପାନୀଗୁଡ଼ିକୁ ଦେୟ କ୍ଲିୟର କରିବାକୁ ଅନୁମତି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟରେ ନିବେଦନ କରି ଏହି ଧକ୍କାକୁ ପ୍ରଶମନ କରିବାକୁ ଚେଷ୍ଟା କରିଛନ୍ତି। ତେବେ ସରକାର ଏହି କଥା ବହୁ ଡେରିରେ ହୃଦୟଙ୍ଗମ କରିଛନ୍ତି।

ନ୍ୟାୟିକ ପ୍ରକ୍ରିୟା ଚାଲିଥିବାରୁ ସୁପ୍ରିମ୍‌କୋର୍ଟଙ୍କ ଉପରେ ଦୋଷ ଦେବା ଅର୍ଥ ପରିସ୍ଥିତିକୁ ଠିକ୍‌ଭାବେ ବୁଝି ନ ପାରିବା। ଟେଲିକମ୍ ସଂସ୍ଥାଗୁଡ଼ିକ ସମସ୍ତ ଏଜିଆର୍ ଦେୟ ପଇଠ କରିବାକୁ କୋର୍ଟ ଜିଦ ଧରିବା ଠିକ୍ କି ନୁହେଁ ତାହା ଏବେ ଦେଖିବା ଦରକାର ନାହିଁ। ପ୍ରଥମ କଥା ହେଲା କୋର୍ଟ ପରେ କୋର୍ଟଙ୍କ ପ୍ରତିକୂଳ ନିଷ୍ପତ୍ତି ସତ୍ତ୍ୱେ ଟେଲିକମ୍ ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ଦେୟ ପଇଠ କରିବା ଲାଗି ସରକାର କାହିଁକି ଜିଦ୍ ଧରିଥିଲେ? ଅପରେଟରମାନଙ୍କଠାରୁ ଯେଉଁ ବିପୁଳ ପରିମାଣର ଅର୍ଥ ଦାବି କରାଯାଇଥିଲା ତାହା ଯଦି ସେମାନେ ଦେଇଥାନ୍ତେ ତେବେ ଏହା ସେମାନଙ୍କ ସ୍ୱାସ୍ଥ୍ୟକୁ ଦୁର୍ବଳ କରିଦେଇଥାନ୍ତା ଏବଂ ଏହି କ୍ଷେତ୍ର ପାଇଁ ଅନ୍ଧକାର ରାତ୍ରି ଆସିଯାଇଥାନ୍ତା। ଭୋଡାଫୋନ ଆଇଡିଆ କହିଛି ଯେ, ଏହା ତା'ର ଦୋକାନ ବନ୍ଦ କରିପାରେ କାରଣ ଏହାର ଭାରତ ଅପରେଶନ ଆଉ ଚଳାଇବା ସମ୍ଭବ ହେବ ନାହିଁ।

### ଆଜିର ଅର୍ଥନୀତି

ଯଦି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୁଏ, ତେବେ ଟେଲିକମ୍ କ୍ଷେତ୍ରଟି ବହୁ ଚାପରେ ରହିବ। ବ୍ୟାଙ୍କରୁ ବିପୁଳ ଋଣ ନେଇଥିବା ଟେଲିକମ୍ କମ୍ପାନୀମାନେ ସେମାନଙ୍କର ଋଣ ପଇଠ କରିବାରେ ବିଫଳ ହେବେ। ଏହା ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବ, ଯାହା ପୂର୍ବରୁ ବହୁତ ଚାପରେ ଅଛି। ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଶକ୍ତି ହ୍ରାସ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଏହାର ଅଭିବୃଦ୍ଧିରେ ପ୍ରତିକୂଳ ପ୍ରଭାବ ପକାଇବ। ସରକାର ଏହି ଟଙ୍କାକୁ ଉଚିତ ବ୍ୟବହାର କରିବା ପରିବର୍ତ୍ତେ ବ୍ୟାଙ୍କଗୁଡିକର ପୁନଃପୁଞ୍ଜୀକରଣ କରିବାକୁ ଚେଷ୍ଟା କରିପାରନ୍ତି। ଏକ ଅସୁସ୍ଥ ଟେଲିକମ୍ କ୍ଷେତ୍ର ଗ୍ରାହକ ସେବା ଓ ଅନୁଭବ ଉପରେ ମଧ୍ୟ କୁପ୍ରଭାବ ପକାଇବ। ଦୁଇ ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଘରୋଇ କମ୍ପାନୀ ସହ ପ୍ରତିଯୋଗିତା କରିବାକୁ ଅକ୍ଷମ। ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକ ବୈଷୟିକ ଜ୍ଞାନକୌଶଳର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାବେଳେ ଭାରତ ପଛରେ ରହିବ। ଏହା ସିଧାସଳଖ ସରକାରଙ୍କ ନିଜସ୍ୱ ଡିଜିଟାଲ ଉଦ୍ୟମକୁ ପ୍ରଭାବିତ କରିବ। ନିବେଶର ଲକ୍ଷ୍ୟସ୍ଥଳ ଭାବରେ ଭାରତ ନିଜର ସ୍ଥିତି ହରାଇବ। ବର୍ତ୍ତମାନ ପରିସ୍ଥିତିରେ ସରକାର ସବୁଠୁ ବଡ଼ କ୍ଷତି ସହିବେ। ସରକାର ନିଜ ଗୋଡ଼କୁ ନିଜେ କୁରାଢ଼ୀ ମାରିଛନ୍ତି। ଏଣୁ ଟେଲିକମ୍ କ୍ଷେତ୍ରକୁ ବଞ୍ଚାଇବା ପାଇଁ ଉପାୟ ଏବଂ ମାଧ୍ୟମ ଖୋଜିବା ବର୍ତ୍ତମାନ ସରକାରଙ୍କ ପ୍ରମୁଖ ଦାୟିତ୍ୱ। ସୁପ୍ରିମ୍‌କୋର୍ଟରେ ଏଜିଆର୍ ଦେୟ ଆଦାୟ ଉପରେ ଚାପ ପକାଇ ସରକାର ଏହି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ତେଣୁ ସରକାର ହିଁ ଏହାର ସମାଧାନ ବାହାର କରିବା ଦରକାର। ଜନସାଧାରଣ ଆଶା କରୁଛନ୍ତି, ସରକାର ଫ୍ରାଙ୍କେନ୍‌ଷ୍ଟାଇନ ରାକ୍ଷସ ରୂପେ ପରିଣତ ହେବାରୁ ନିଜକୁ ରକ୍ଷା କରିବେ।

## ଚିରନ୍ତନୀ

ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ
ସ୍ୱଦେଶେ ବିଦେଶେ କ୍ଷଣେ କ୍ଷଣେ ଆସେ
ତା'ରି ଶୁଭ ନିମନ୍ତ୍ରଣ।
ପକ୍ୱ କେଶେ ମୋ କରେ ସେ ସରାଗ
ଗଳିତ ଅଙ୍ଗେ ବୋଳଇ ପରାଗ
ଦଶନବିହୀନ ବଦନେ ମୋହର
ଲେଖଇ ମଧୁ ଚୁମ୍ବନ
ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ।

(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | | B | | | | 8 | | | | | | | 4 |
| 3 | | 9 | 1 | D | 2 | 6 | | | A | 4 | | | | |
| | | | 8 | | | B | | | 2 | | C | | A | D |
| 4 | 2 | | | | 5 | | 3 | D | B | | | 7 | C | |
| 5 | | | | | 3 | | | | 8 | E | | | | |
| | A | | E | | | | | 9 | | 6 | | 1 | | |
| | C | | 4 | | | | B | | | | | | | 8 |
| 0 | | E | | C | | | | | 5 | | | 4 | | B |
| B | 5 | D | | | | 0 | 7 | | | | | | | 9 |
| | | 6 | | | 8 | | | E | | | | 3 | | |
| C | | | | | 6 | 5 | | | | | | | | |
| 2 | 0 | | | | 4 | | | | E | | 5 | 6 | | A |
| | | 5 | | | | 7 | | | | | 6 | E | 2 | |
| 8 | | | 0 | | 9 | 2 | | | | A | | | D | |
| 6 | E | | 2 | 8 | D | | | | 9 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 7 | 0 | E | 4 | 6 | D | A | C | 8 | B | 5 | 1 | 9 |
| B | 4 | 0 | 5 | 1 | 2 | 7 | C | E | 6 | D | 9 | A | 8 | 3 |
| A | 5 | 6 | 3 | 7 | C | 4 | 9 | 8 | 2 | 1 | 0 | D | B | E |
| E | C | D | 8 | B | 9 | 1 | 0 | 3 | 5 | 7 | A | 4 | 6 | 2 |
| 8 | 1 | 9 | A | 6 | D | 5 | 2 | B | E | 3 | 4 | 0 | C | 7 |
| 9 | 3 | 2 | B | C | E | 8 | 6 | 0 | 4 | A | 5 | 7 | D | 1 |
| 6 | A | E | D | 9 | 8 | C | 4 | 2 | 1 | B | 7 | 3 | 5 | 0 |
| 5 | 8 | 1 | 7 | 2 | A | 3 | B | 9 | D | 0 | E | C | 4 | 6 |
| C | 7 | 4 | 6 | 0 | 1 | A | 5 | D | 8 | 2 | 3 | 9 | E | B |
| 0 | D | B | 4 | 3 | 5 | E | 1 | 7 | 9 | C | 6 | 2 | A | 8 |
| 4 | 0 | 3 | 9 | 5 | 6 | D | 8 | 1 | 7 | E | C | B | 2 | A |
| 1 | 9 | 5 | C | 8 | B | 0 | 7 | 4 | A | 6 | 2 | E | 3 | D |
| D | 6 | A | 2 | 4 | 7 | B | E | 5 | 3 | 9 | 1 | 8 | 0 | C |
| 7 | B | C | E | D | 3 | 2 | A | 6 | 0 | 4 | 8 | 1 | 9 | 5 |
| 2 | E | 8 | 1 | A | 0 | 9 | 3 | C | B | 5 | D | 6 | 7 | 4 |

ଗତକାଲିର ଉତ୍ତର

# ଆତଙ୍କବାଦ ବିରୋଧରେ ଟ୍ରମ୍ପ କାର୍ଡ



ଅରୁଣ କୁମାର ପଣ୍ଡା

ପ୍ରତିରକ୍ଷା, ଶକ୍ତି, ବୈଷୟିକ ଜ୍ଞାନକୌଶଳ ଏବଂ ସଞ୍ଚାର କ୍ଷେତ୍ରରେ ପରସ୍ପର ବୁଝାମଣା ସହିତ ଉଭୟ ଦେଶ ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି ପାଇଁ ଦୃଢ ପଦକ୍ଷେପ ନେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଦେଇଥିବା ପ୍ରତିଶ୍ରୁତି ଭାରତ-ଆମେରିକା ସମ୍ପର୍କ କ୍ଷେତ୍ରରେ ଏକ ମାଇଲଖୁଣ୍ଟ କୁହାଯାଇପାରେ। ଇସ୍‌ଲାମିକ ଆତଙ୍କବାଦ ବିରୋଧରେ ଆମେରିକା ଭାରତ ସହ ନିର୍ଣ୍ଣାୟକ ଲଢେଇ କରିବ ବୋଲି ଘୋଷଣା କରି ଉଭୟ ଦେଶ ମଧ୍ୟରେ ଗଭୀର ବନ୍ଧୁତାର ମହତ୍ତ୍ୱପୂର୍ଣ୍ଣ ସଙ୍କେତ ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଅବଶ୍ୟ ଟ୍ରମ୍ପ ଆମେରିକାବାସୀଙ୍କ ଭିତରେ ତାଙ୍କର ଭାରତ ଗସ୍ତକୁ ନେଇ ଏକ ଭାବାବେଶ ସୃଷ୍ଟି କରିବାକୁ ଚାହୁଁଥିଲେ। ଆମେରିକା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆମେରିକାରେ ଥିବା ପ୍ରବାସୀ ଭାରତୀୟଙ୍କ ମନରେ ତାଙ୍କ ପ୍ରତି ବିଶ୍ୱାସ ସୃଷ୍ଟି କରିବା ଏହି ଗସ୍ତର ଭିତିରି ଉଦ୍ଦେଶ୍ୟ ଥିଲେ ମଧ୍ୟ ଗତ ଆମେରିକା ରାଷ୍ଟ୍ରପତିମାନଙ୍କ ଭାରତ ଗସ୍ତଠାରୁ ଟ୍ରମ୍ପଙ୍କ ଯାତ୍ରା ଅଧିକ ଫଳପ୍ରଦ ପ୍ରମାଣିତ ହୋଇଛି।

ଟ୍ରମ୍ପଙ୍କ ଭାରତ ଗସ୍ତ ବେଳେ ବହୁ ପ୍ରତୀକ୍ଷିତ ବାଣିଜ୍ୟିକ ବୁଝାମଣା ହେଲା ନାହିଁ କିମ୍ବା ସେଭଳି କୌଣସି ନାଟକୀୟ ଘୋଷଣା କରାଗଲା ନାହିଁ। ପରନ୍ତୁ ଯାହା ହେଲା ତାହା କିଛି କମ୍ ନୁହେଁ। ଅତିକମ୍‌ରେ ଚାରୋଟି କ୍ଷେତ୍ରରେ ଟ୍ରମ୍ପଙ୍କ ଭାରତ ଯାତ୍ରା ବେଶ୍ କିଛି ଉଲ୍ଲେଖନୀୟ ଫଳଶ୍ରୁତି ଦେଇଛି। ସେଗୁଡ଼ିକ ହେଲା- ସାଂସ୍କୃତିକ, ରାଜନୈତିକ, ସାମରିକ ଓ ଆର୍ଥିକ, ଯାହାର ଦୂରଗାମୀ ପ୍ରଭାବ ଭବିଷ୍ୟତରେ ଦେଖିବାକୁ ମିଳିବ। ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ରାଜନୀତି କ୍ଷେତ୍ରରେ ଦୁଇ ଜଣ ମଜଭୁତ ରାଜନେତା ଭାବରେ ଉଭା ହୋଇଛନ୍ତି ଏବଂ ଏହି ଦୁଇଦେଶ ମଧ୍ୟରେ ଭାଗୀଦାରି ଶକ୍ତିଶାଳୀ ହୋଇଛି। ଏ ପର୍ଯ୍ୟନ୍ତ ଆମେ ଛୋଟମୋଟ ଦେଣନେଣ ବା କାରବାର କରୁଥିଲୁ। ଆମେରିକା ସହିତ ଯାହାକୁ ଜେନେରାଲାଇଜ୍‌ଡ ସିଷ୍ଟମ୍ ପ୍ରିଫରେନ୍ସ (ଜିଏସ୍‌ପି) କୁହାଯାଏ। ଏହା ଅନୁସାରେ ଭାରତକୁ ପୂର୍ବରୁ ମିଳୁଥିବା ସୁବିଧା ଆଦି ପୁଣି ପ୍ରଦାନ କରିବା, କୃଷି ଏବଂ ଦୁଗ୍ଧ ଉତ୍ପାଦ ପାଇଁ ଭାରତୀୟ ବଜାର ଖୋଲିବା ଲାଗି ପ୍ରୟାସ ଆଦି ଅନ୍ତର୍ଭୁକ୍ତ ରହିବ। ରାଷ୍ଟ୍ରପତିଙ୍କ ଗସ୍ତ ପରେ ଏ କ୍ଷେତ୍ର ଆହୁରି ବ୍ୟାପକ ହେବ ବୋଲି ଆଶା କରାଯାଉଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରୁ ସର୍ବାଧିକ ରପ୍ତାନି ଆମେରିକାକୁ ହିଁ ହୋଇଥାଏ। ସେହି ଅନୁସାରେ ଆମେରିକୀୟ ସାମଗ୍ରୀ ଭାରତକୁ ଆସୁନାହିଁ। ରାଷ୍ଟ୍ରପତି ଟ୍ରମ୍ପ ଏହି ଅସନ୍ତୁଳନକୁ ଦୂର କରିବା ପାଇଁ ଭାରତର ତୈଳ ସମସ୍ୟାର ସମାଧାନ ଦୃଷ୍ଟିରୁ ପେଟ୍ରୋଲିୟମ୍ ଉତ୍ପାଦ ଭାରତକୁ ରପ୍ତାନି କରିବା ସମ୍ପର୍କରେ ବିଚାର କରୁଛନ୍ତି। ଏବେ ଆମେରିକା ଶିଳାତୈଳ (ସେଲ୍ ଅଏଲ)ର ଟେକ୍‌ନିକ୍ ହାସଲ କରି ଏହାର ପ୍ରଚୁର ଉତ୍ପାଦନ କରୁଛି। ଏହା ପରମ୍ପରାଗତ ଅଶୋଧିତ ପେଟ୍ରୋଲ ବା ଖଣିଜତୈଳର ବିକଳ୍ପ ଭାବେ ଉଭା ହୋଇଛି। ଏହି ଶିଳାତେଲ ବିଶେଷ ପ୍ରକାରର ଚଟାଣରୁ ଉତ୍ପାଦିତ ହୋଇଥାଏ। ଆଗରୁ ଆମେରିକା ଅନ୍ୟ ଦେଶରୁ ତୈଳ ଆମଦାନି କରୁଥିଲା। ଏବେ ରପ୍ତାନି କରୁଛି। ଏହି ନୂତନ ତେଲର ବହୁ ବଡ ବଡ ଭଣ୍ଡାର ଆମେରିକାରେ ରହିଛି। ଟେକ୍ସାସ ନିକଟବର୍ତ୍ତୀ ବାମିୟନ ବେସିନ ଅଞ୍ଚଳରେ ଆଜିକାଲି ପ୍ରଚୁର ପରିମାଣରେ ଏହି ତୈଳ ଉତ୍ପାଦିତ ହେଉଛି। ଏହି ଉଦ୍ୟୋଗ ଯେତେ ଜୋରରେ ବଢି ଚାଲିଛି, ସେହି ଅନୁସାରେ ପାଇପ୍ ଲାଇନର ଅଭାବ ଦେଖାଦେଉଛି। ଏବେ ଆମେରିକା ବିଶ୍ୱର ଏକ ବଡ ଖଣିଜ ତେଲ ଉତ୍ପାଦକ ଦେଶରେ ପରିଣତ ହୋଇଛି। ଏହି ତୈଳ ରପ୍ତାନି ପାଇଁ ଭାରତରେ ବଡବଜାର ସୃଷ୍ଟି କରିବାକୁ ଆମେରିକା ଲକ୍ଷ୍ୟ ରଖିଛି।

ଏବେ ଭାରତର ସବୁଠାରୁ ବଡ ଆବଶ୍ୟକତା ନିଜର ଅର୍ଥ ବ୍ୟବସ୍ଥାକୁ ଗତି ପ୍ରଦାନ କରିବା ଏବଂ ବିଶେଷ ନିର୍ମାଣ କ୍ଷେତ୍ରରେ ଆଗକୁ ବଢିବା। ଏହା ସହିତ ଆମକୁ ଶ୍ରେଷ୍ଠତମ ବୈଷୟିକ ଜ୍ଞାନକୌଶଳର ମଧ୍ୟ ଆବଶ୍ୟକତା ରହିଛି। ଆମେରିକା କମ୍ପାନୀଗୁଡିକର ସହଯୋଗରେ ଭାରତର ଔଦ୍ୟୋଗିକ ବିକାଶ ଗତିଶୀଳ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

ଏବେ ଟିକେ ପଛକୁ ଚାହିଁବା, ଯାହାକୁ ସିଂହାବଲୋକନ କୁହାଯାଏ। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରେ ସେପ୍ଟେମ୍ବର ମାସରେ ଆମେରିକା ଯିବା ପୂର୍ବରୁ ନରେନ୍ଦ୍ର ମୋଦି 'ୱାଲ ଷ୍ଟ୍ରିଟ୍ ଜର୍ନାଲ' ପତ୍ରିକାରେ ପ୍ରକାଶିତ ଲେଖାରେ ନିଜ ସ୍ୱପ୍ନର ଭାରତ ସମ୍ପର୍କରେ ଉଲ୍ଲେଖ କରି ଲେଖିଥିଲେ ଯେ, ଆମେରିକା ସମେତ ବିଶ୍ୱର ଅନ୍ୟ ବିକଶିତ ରାଷ୍ଟ୍ରମାନଙ୍କୁ ଭାରତରେ ନିବେଶ କରିବା ପାଇଁ ସେ ଆମନ୍ତ୍ରଣ କରୁଛନ୍ତି। ସେ ଲେଖିଥିଲେ- ଠିକ୍ କାମ କରିବା ଯେତିକି ଜରୁରୀ, କାମକୁ ଠିକ୍ କରିବା ମଧ୍ୟ ସେତିକି ଆବଶ୍ୟକ।' ମୋଦିଙ୍କ ଆମେରିକା ଗସ୍ତର ଅବ୍ୟବହିତ ପୂର୍ବରୁ ଦେଶରେ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହି ଅଭିଯାନର ଠିକ୍ ଗୋଟିଏ ଦିନ ଆଗରୁ ଭାରତର ବୈଜ୍ଞାନିକମାନେ ମଙ୍ଗଳୟାନ ଅଭିଯାନ ସଫଳ ହେବା ଘୋଷଣା କରିଥିଲେ। ଏହି ସମୟ ମୋଦିଙ୍କ 'ଗ୍ଲୋବାଲ-କନେକ୍ଟ' କାର୍ଯ୍ୟକ୍ରମ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ଥିଲା। ପ୍ରଥମେ ଜାପାନ, ପୁଣି ଚାଇନା ଏବଂ ଏହା ପରେ ଆମେରିକା ସରକାରଙ୍କ ସହ କଥାବାର୍ତ୍ତା କରି ସେ ବୈଶ୍ୱିକ ମଞ୍ଚରେ 'ନୂଆ ଭାରତ ଆଗମନ'ର ଘୋଷଣା କରିଥିଲେ। ଆମେରିକା ସହିତ ଯେତେବେଳେ ଭାରତର ପରମାଣୁ ସନ୍ଧି ହୋଇଥିଲା, ସେତେବେଳେ ଆମେରିକାରେ କମ୍ପାନୀମାନେ ଆଶା କରିଥିଲେ ଯେ, ଭାରତ ସହିତ ପ୍ରାୟ ୧୪୦ ନିୟୁତ ଡଲାରର ରିଆକ୍ଟର ଏବଂ ଅନ୍ୟ ଉପକରଣର ସଉଦା ହେବ। ପରମାଣୁ ଅପ୍ରସାର ଲବିର କଡା ବିରୋଧ ସତ୍ତ୍ୱେ ଆମେରିକା ଭାରତକୁ ସମର୍ଥନ କଲା; ପରନ୍ତୁ ପ୍ରତିବଦଳରେ କିଛି ହିଁ ମିଳିଲା ନାହିଁ। ଆମେରିକାର ଏହି ଦୁଃଖ ଆଜି ବି ରହିଛି। ଟ୍ରମ୍ପଙ୍କ ଏହି ଭାରତ ଯାତ୍ରା ବେଳେ ରିଆକ୍ଟର କ୍ରୟ ଓ ଅନ୍ତରୀକ୍ଷ ଅନୁସନ୍ଧାନ କ୍ଷେତ୍ରରେ ସହଯୋଗ ପାଇଁ ପୁଣିଥରେ କଥାବାର୍ତ୍ତା ଆରମ୍ଭ ହୋଇଛି। ଦେଶର ଦୂରସଞ୍ଚାର କ୍ରାନ୍ତିରେ ମଧ୍ୟ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଆଶା କରାଯାଉଛି।

ଯଦି ସ୍ଥିତି ଠିକ୍ ରହିବ ତେବେ ଭାରତରେ ପୁଞ୍ଜି ନିବେଶ ପାଇଁ ଆମେରିକୀୟ କମ୍ପାନୀଗୁଡିକୁ ପ୍ରୋତ୍ସାହିତ କରାଯାଇପାରିବ। ଭାରତକୁ ପୁଞ୍ଜି ସହିତ ଉଚ୍ଚସ୍ତରୀୟ କାରିଗରି ଜ୍ଞାନକୌଶଳର ଆବଶ୍ୟକତା ରହିଛି। ଏହି ଟେକ୍‌ନୋଲୋଜି ପ୍ରତିରକ୍ଷା ସହିତ ଚିକିତ୍ସା, ବୈଜ୍ଞାନିକ ଅନୁସନ୍ଧାନ ତଥା ଉପଭୋକ୍ତା ସାମଗ୍ରୀ ଆଦି ପାଇଁ ବିନିଯୋଗ ହୋଇପାରିବ। ଭାରତ ନିଜର ଅର୍ଥ ବ୍ୟବସ୍ଥାକୁ ଦୃଢ଼ କରିବାରେ ବିଳମ୍ବ କରିଛି ତଥା ଆଧୁନିକ ବେପାର ପାଇଁ ପର୍ଯ୍ୟାପ୍ତ ଢାଞ୍ଚା ପ୍ରସ୍ତୁତିରେ ମଧ୍ୟ ଅଗ୍ରଗତି କରିନାହିଁ। କେବଳ ଜାତୀୟ ରାଜପଥ, ବନ୍ଦର ଏବଂ ରେଳବାଇ କ୍ଷେତ୍ରରେ ଆମେ କିଛି ଅଗ୍ରଗତି କରିଛୁ।

ଚାଇନାକୁ ଟକ୍କର ଦେବା ପାଇଁ ଆମେରିକା ସାମରିକ କ୍ଷେତ୍ରରେ ଭାରତକୁ ସହଯୋଗ କରିବା ପାଇଁ ଆଗ୍ରହୀ। ଚାଇନା-ପାକିସ୍ତାନ ମଧ୍ୟରେ ଗଠବନ୍ଧନକୁ ଦେଖି ଭାରତକୁ ନିଜର ସେନା କ୍ଷମତା ବୃଦ୍ଧି କରିବାକୁ ପଡୁଛି। ସାମୁଦ୍ରିକ ବେପାର ମାର୍ଗର ମହତ୍ତ୍ୱକୁ ଉପଲବ୍ଧି କରି ଭାରତ ମହାସାଗରଠାରୁ ଆରମ୍ଭ କରି ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ଭାରତୀୟ ନୌସେନାର କ୍ଷେତ୍ରୀୟ ସୁରକ୍ଷାକୁ ନେଇ ଭୂମିକା ବଢିଛି। କିଛି ବର୍ଷ ମଧ୍ୟରେ ଭାରତ-ଆମେରିକା ମଧ୍ୟରେ ସାମରିକ ସମ୍ବନ୍ଧ ଅତି ମହତ୍ତ୍ୱପୂର୍ଣ୍ଣ ହୋଇଉଠିଛି। ଟ୍ରମ୍ପଙ୍କ ଭାରତ ଗସ୍ତ ସମୟରେ ତିନି ନିୟୁତ ଡଲାରର ରକ୍ଷା ବୁଝାମଣା ଉପରେ ହସ୍ତାକ୍ଷର ହୋଇଛି। ଏହା ଭିତରେ ନୌସେନା ପାଇଁ ୨୩ ଏମ୍‌ଏଚ୍-୬୦ ରୋମିଓ ହେଲିକପ୍ଟର ଏବଂ ସ୍ଥଳସେନା ପାଇଁ ୬ଏଏଚ୍୬୪-ଇ ଆପାଚି ହେଲିକପ୍ଟର ସାମିଲ ଅଛି। ଦେଶର ଆବଶ୍ୟକତାକୁ ଚାହିଁ ଭବିଷ୍ୟତରେ ଆହୁରି କିଛି ବୁଝାମଣା ହୋଇପାରେ।

ଟ୍ରମ୍ପଙ୍କ ମୁହଁରୁ ଭାରତବାସୀ ଯାହା ଶୁଣିବାକୁ ଚାହୁଁଥିଲେ ତାଙ୍କ ଯାତ୍ରାର ଦ୍ୱିତୀୟ ଦିବସରେ ଦିଲ୍ଲୀରେ ସେ ଖୋଲାଖୋଲି ତାହା କହିଲେ। କଠୋରପନ୍ଥୀ ଇସ୍‌ଲାମିକ ଆତଙ୍କବାଦ ବିରୋଧରେ ଆମେରିକା-ଭାରତ ମିଳିତ ଭାବେ ସଂଗ୍ରାମ କରିବେ ବୋଲି ସେ ଘୋଷଣା କଲେ। ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ପାକିସ୍ତାନକୁ କହିଥିବା କଥା ମଧ୍ୟ ଟ୍ରମ୍ପ ପ୍ରକାଶ କରିଥିଲେ। ଇତିମଧ୍ୟରେ ତାଲିବାନ ସହିତ ଆମେରିକାର ବୁଝାମଣା ହୋଇଛି। ଏଥିରେ ପାକିସ୍ତାନ ଆମେରିକାକୁ ସହାୟତା କରିଥିବାରୁ ଟ୍ରମ୍ପ ଇମ୍‌ରାନଙ୍କୁ ସାଥିରେ ରଖିବାକୁ ଚାହୁଁଛନ୍ତି। ପରନ୍ତୁ ଆତଙ୍କବାଦକୁ ନେଇ ସେ ପାକିସ୍ତାନକୁ ବାରମ୍ବାର କଠୋରବାଣୀ ଶୁଣାଇଛନ୍ତି। ଆଫଗାନିସ୍ତାନ ପ୍ରସଙ୍ଗରେ ମଧ୍ୟ ଟ୍ରମ୍ପ ଭାରତର ସହଯୋଗ ଚାହିଁଛନ୍ତି। ସର୍ବତୋ ଭାବରେ ଟ୍ରମ୍ପଙ୍କ ଭାରତ ଗସ୍ତ ଆମ ପାଇଁ ସକାରାତ୍ମକ ହୋଇଛି।

ସେକ୍ଟର-୬, ସିଡିଏ, କଟକ,
ମୋ-୯୪୩୭୨୭୦୬୦୫

# ପରିବେଶ ପ୍ରହରୀ ଘରଚଟିଆ



ପୀତାମ୍ବର ରାଉତ

ବିଶିଷ୍ଟ ପରିବେଶବିତ୍ ମହମ୍ମଦ ଦିଲ୍‌ୱାର୍‌ଙ୍କ ଉଦ୍ୟମରେ ୨୦୧୦ ମସିହାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ରୂପେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ଘରଚଟିଆର ବୈଜ୍ଞାନିକ ନାମ ପାସୋରିଡ୍। ଉତ୍ପତ୍ତିସ୍ଥଳ ଭୂମଧ୍ୟସାଗରୀୟ ଅଞ୍ଚଳଠାରୁ ଆରମ୍ଭକରି ବ୍ରିଟେନ୍, ଫ୍ରାନ୍ସ, ପ୍ୟାରିସ୍, ଜର୍ମାନୀ, ବେଲ୍‌ଜିୟମ୍, ଇଟାଲି, ନେଦରଲାଣ୍ଡ, ଫିନ୍‌ଲାଣ୍ଡରେ ଏମାନେ ବସବାସ କରୁଥିଲେ ହେଁ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ୨୦୦୪ ମସିହାରେ ବିଶ୍ୱ ଜୈବ ସଂରକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ଆଧାରରେ ବିଗତ ୪୦-୫୦ ବର୍ଷ ମଧ୍ୟରେ ଶତକଡା ୯୦ ଭାଗ ଘରଚଟିଆ ବିଲୁପ୍ତ ହୋଇଯାଇଛନ୍ତି। ବାକି ଶତକଡା ୧୦ ଭାଗ ଜୀବିତ ପକ୍ଷୀଙ୍କ ଯତ୍ନ ନେବା ଆମ ପାଇଁ ଅତି ଜରୁରୀ। ଦିଲ୍ଲୀ ରାଜ୍ୟ ସରକାର ୨୦୧୨ ମସିହାରେ ଘରଚଟିଆକୁ ଦିଲ୍ଲୀ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଛନ୍ତି।

ଘରଚଟିଆ ଧୂସର ରଙ୍ଗର କ୍ଷୁଦ୍ର ପକ୍ଷୀଟିଏ। ଏମାନେ ପ୍ରାୟତଃ ଚାଳଘରେ ରୁହନ୍ତି। ଗଛ, ପାହାଡ଼ଖୋଲ, ପୋଲ, ନଦୀକୂଳ ଇତ୍ୟାଦି ଜାଗାରେ ମଧ୍ୟ ବସା ବାନ୍ଧନ୍ତି। ରହଣି ସ୍ଥାନରୁ ୧.୫ରୁ ୨ ମାଇଲ୍ ପର୍ଯ୍ୟନ୍ତ ଖାଦ୍ୟ ଅନ୍ୱେଷଣରେ ଯାଆନ୍ତି। ଘରଚଟିଆ ପକ୍ଷୀର ଲମ୍ବ ୧୪ରୁ ୧୫ ସେ.ମି.। ଡେଣାର ଲମ୍ବ ୧୯-୨୮ ସେ.ମି.। ପୁରୁଷ ଘରଚଟିଆର ମଥା, ଗଳା ଧୂସର ବା ଈଷତ୍ କଳାରଙ୍ଗର। ଏମାନଙ୍କ କଳରବ କ୍ଷୁଦ୍ର ଏବଂ ଅବିଶ୍ରାନ୍ତ। ଅଣ୍ଡାରୁ ଛୁଆ ଫୁଟିବାକୁ ୧୦ରୁ ୧୨ଦିନ ଲାଗିଥାଏ।

ମାତ୍ର ଆଜିର ଅସନ୍ତୁଳିତ ପରିବେଶ, ଜଙ୍ଗଲ ପରିମାଣ ହ୍ରାସ, ପକ୍କାଘର, ରାସାୟନିକ ସାର ବ୍ୟବହାର, କୀଟନାଶକ, ପେଟ୍ରୋଲ, ଡିଜେଲ ଧୂଆଁ, ଗାଡ଼ିର ହର୍ନ ଏବଂ ମୋବାଇଲ୍ ଟାୱାରର ବିକିରଣ ପ୍ରଭାବରେ ଏମାନଙ୍କ ଅବସ୍ଥା ବିଲୋପ ଆଡ଼କୁ ଗତି କରୁଛି। ଇଣ୍ଡିଆନ୍ କ୍ରେନ୍ସ ଆଣ୍ଡ ୱେଟ୍‌ଲ୍ୟାଣ୍ଡସ୍ ୱାର୍କ ଗ୍ରୁପ୍‌ର କେ.ଏସ୍. ଗୋପୀସୁନ୍ଦରଙ୍କ ମତରେ ଚାଷ ଜମିରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଯୋଗୁ ଘରଚଟିଆଙ୍କ ଖାଦ୍ୟ ଉପଯୋଗୀ କୀଟ, ପୋକ ମରିଯାଉଛନ୍ତି। ତେଣୁ ଖାଦ୍ୟ ଅଭାବ ସେମାନଙ୍କ ମୃତ୍ୟୁର ମୁଖ୍ୟ କାରଣ।

### ବିଶ୍ୱ ଘରଚଟିଆ ଦିବସ ଉପଲକ୍ଷେ



ଘରଚଟିଆଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ହେବା ବାଞ୍ଛନୀୟ। ନ ହେଲେ ଶାଗୁଣା ଭଳି ଏମାନଙ୍କୁ ବାହାର ରାଜ୍ୟରୁ ଆଣି ଚିଡ଼ିଆଖାନାରେ ରଖିବାକୁ ହେବ। ୧୯୯୯ ମହାବାତ୍ୟାଠାରୁ ଶାଗୁଣା ଦେଖିବାକୁ ମିଳୁନାହାନ୍ତି।

ମଣିଷ ସମାଜ ପାଇଁ ଘରଚଟିଆ ଏକ ଅତ୍ୟନ୍ତ ଉପକାରୀ ପକ୍ଷୀ। ଶସ୍ୟକ୍ଷେତ୍ରରେ ଅପକାରୀ କୀଟ ଯଥା- ଉଇ, ଝିଣ୍ଟିକା, ଲେଡି ପୋକ ଆଦିକୁ ଖାଇଦିଅନ୍ତି। ତେଣୁ ଏହି କ୍ଷୁଦ୍ର ପକ୍ଷୀଟି କୃଷକର ବନ୍ଧୁ। ଏବେ ବି କଟକର ସିଡିଏ ଅଞ୍ଚଳ ଓ ମହାନଦୀ ପଠାରେ ବୁଦାଗଛରେ ବହୁ ସଂଖ୍ୟାରେ ଏ ପକ୍ଷୀ ଦୃଶ୍ୟମାନ ହେଉଛି। ସୂର୍ଯ୍ୟାସ୍ତ ପୂର୍ବରୁ ଘରଚଟିଆର ନୀଡ଼ବାହୁଡ଼ା ଦୃଶ୍ୟ ଅତ୍ୟନ୍ତ ମନୋରମ।

ତେବେ ପ୍ରଶ୍ନ ଉଠେ ରାଜ୍ୟ ସରକାରଙ୍କ ଯୋଜନା କ'ଣ କେବଳ ମଣିଷମାନଙ୍କ ପାଇଁ! ପଶୁପକ୍ଷୀ, ପରିବେଶର ଦାୟିତ୍ୱ ନେବ କିଏ? ବିନା ପଶୁପକ୍ଷୀ ଓ ବିନା ଜଙ୍ଗଲରେ ଆମେ ବଞ୍ଚିପାରିବା ନାହିଁ। ତେଣୁ ସେମାନଙ୍କୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ। ବାସ ଓ ଖାଦ୍ୟ ଅଭାବରୁ ବାଘ, ହାତୀ ସହର ଆଡକୁ ମୁହାଁଉଛନ୍ତି। ସରକାର ଏକା ନୁହନ୍ତି, ଆମେ ସାଧାରଣ ମଣିଷ ଏବଂ ସ୍କୁଲ ପିଲା ମିଳିମିଶି ପ୍ରତିଦିନ ମୁଠିଏ ଚାଉଳ ଘର ଅଗଣା କିମ୍ବା ଛାତ ଉପରେ ଥୋଇବା। ପାଖରେ ପାଣି ପାତ୍ରଟିଏ ରଖିବା। ସରକାରୀ ନିର୍ଦ୍ଦେଶ ଏମିତି ହୁଅନ୍ତାନି- ସର୍ବଶିକ୍ଷାରେ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳରୁ ମାତ୍ର ୨ ମୁଠା ପ୍ରତିଦିନ ପିଲାଏ ଦେଲେ ପରିବେଶ ବିଜ୍ଞାନ ବୁଝିବା ସହଜ ହେବା ସହ ସେମାନଙ୍କୁ ନୈତିକ ଶିକ୍ଷା ମିଳିପାରିବ। ସୁଖର କଥା କଟକସ୍ଥିତ ସିଡିଏ କାର୍ଯ୍ୟାଳୟର ଜନୈକ ଅଧିକାରୀ ତଥା ପରିବେଶବିତ୍‌ଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଅଫିସ୍ ଛାତରେ ପକ୍ଷୀମାନଙ୍କ ପାଇଁ ଗହମ, ଚାଉଳ, ସୋରିଷ ଏବଂ ପାଣିକୁଣ୍ଡର ବ୍ୟବସ୍ଥା ହୋଇଛି। ଏପରି କାର୍ଯ୍ୟ ଅନ୍ୟ ସରକାରୀ ତଥା ବେସରକାରୀ ଅଫିସରେ କରାଗଲେ ତାହା ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ ହେବ। ବ୍ୟାସସ୍ମୃତି (୩/୩୬) କହିଛି- ପଶୁପକ୍ଷୀମାନଙ୍କୁ କିଛି କିଛି ଖାଦ୍ୟ ନିତ୍ୟ ଦାନ କରିବା ଉଚିତ, ଏହାଦ୍ୱାରା ଆମର ରିଷ୍ଟ ଖଣ୍ଡନ ହେବା ସହିତ ଚଳାପଥ କୁସୁମିତ ହେବ। ଆମ ଲୋକପ୍ରିୟ ସରକାର ଘରଚଟିଆ ପକ୍ଷୀକୁ ରାଜ୍ୟ ପକ୍ଷୀର ମାନ୍ୟତା ପାଇଁ ବିଚାରକରି ସବୁ ସରକାରୀ ଓ ବେସରକାରୀ ଅଫିସ୍ ଛାତରେ ପାଣି ଓ ଖାଦ୍ୟର ବ୍ୟବସ୍ଥା କଲେ ପକ୍ଷୀ ବଂଶ ବୃଦ୍ଧିରେ ସହାୟକ ହେବ।

ଆବାହକ, ଓଡ଼ିଶା ବାୟାଚଢ଼େଇ ସୁରକ୍ଷା ଅଭିଯାନ, ନିଆଳି, କଟକ,
ମୋ: ୯୯୩୭୬୬୨୧୮୭

## ଏଇ ଭାରତରେ

ଝାଡ଼ଖଣ୍ଡର ଦୁର୍ଗମ ଗ୍ରାମାଞ୍ଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ସ୍କୁଲଗୁଡ଼ିକର ପରିବେଶ ତଥା ଶିକ୍ଷାରେ ଉନ୍ନତି ଆଣି ଆଇଏଏସ୍ ଅଧିକାରୀ ଆଦିତ୍ୟ ରଞ୍ଜନ ସଭିଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ପଶ୍ଚିମ ସିଂହଭୂମ ଜିଲା ଉନ୍ନୟନ ଅଧିକାରୀ ଭାବେ ନିଯୁକ୍ତି ପାଇବା ପରେ ସେ ଜିଲାରେ ଅଙ୍ଗନୱାଡ଼ିର ଅବସ୍ଥା ଭଲ ନ ଥିବା ଲକ୍ଷ୍ୟ କରିଥିଲେ। ୨୦୧୮ରେ ସେ ନିଜ ଦରମାରୁ କିଛି ଖର୍ଚ୍ଚ କରି ଚାଇଁବାସା ଅଞ୍ଚଳରେ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ରରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ପରେ ପଶ୍ଚିମ ସିଂହଭୂମ ଜିଲାରେ ଏଭଳି ୬୫୦ କେନ୍ଦ୍ରର ଅବସ୍ଥା ସୁଧାରି ଦେଇଛନ୍ତି। ୨୦୧୫ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀଙ୍କର ପ୍ରଥମେ ଦେଓଘରରେ ନିଯୁକ୍ତି ହୋଇଥିଲା। ସେଠାରେ ସେ ସ୍ଥାନୀୟ ଶିଶୁମାନଙ୍କୁ ପଢାଇବା ଆରମ୍ଭ କରିଥିଲେ। କିନ୍ତୁ ପଶ୍ଚିମ ସିଂହଭୂମକୁ ତାଙ୍କ ବଦଳି ହେବା ପରେ ସେ ଜିଲାର ସବୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଏମିତି ଗଢିଛନ୍ତି ଯେ, ସେଠାରେ ସେବିକା ଓ ସହାୟିକାମାନେ କେନ୍ଦ୍ର ମଧ୍ୟରେ ପିଲାମାନଙ୍କୁ ଗାଧୋଇ ଦେଉଛନ୍ତି, ସେମାନଙ୍କୁ ଖୁଆଇ ଦେଉଛନ୍ତି। ସବୁ କେନ୍ଦ୍ରକୁ ଦୁଇ ହଳ ୟୁନିଫର୍ମ, ନେଲ୍ କଟର, ସାନିଟେଶନ କିଟ୍, ପାନିଆ, ଟିସ୍ୟୁପେପର ଆଦି ଯୋଗାଇ ଦିଆଯାଉଛି ବୋଲି କହନ୍ତି ରଞ୍ଜନ। ୨୦୨୦ ଶେଷ ସୁଦ୍ଧା ସେ ଜିଲାରେ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ସଂଖ୍ୟା ୧ ହଜାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି । ମାସକୁ ଦୁଇଥର ସେ ସବୁ କେନ୍ଦ୍ରରେ ସମୀକ୍ଷା ପାଇଁ ବି ପହଞ୍ଚିଯାଉଛନ୍ତି। ଗ୍ରାମାଞ୍ଚଳରେ ହାଇସ୍କୁଲ ପିଲା ଓ ୧୦ମ ପାସ୍ ପରେ ଯେଉଁମାନେ ବିଜ୍ଞାନ ପଢୁଛନ୍ତି ସେମାନଙ୍କ ପାଇଁ ଭ୍ରାମ୍ୟମାଣ ବିଜ୍ଞାନାଗାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏହି ବିଜ୍ଞାନାଗରର ନାମ ଦେଇଛନ୍ତି 'ୱଣ୍ଡର ଅଫ୍ ହ୍ୱିଲ'। ଏହାଦ୍ୱାରା ପ୍ରତିଦିନ ୧୨୯ଟି ହାଇସ୍କୁଲର ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୦ ମାର୍ଚ୍ଚ ୧୯୯୫**

- ଗେଗଙ୍ଗ ଅପାଙ୍ଗ ଅରୁଣାଚଳ ପ୍ରଦେଶର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ।
- ଲେଖିକା ସୁସ୍ମିତା ବାଗ୍‌ଚୀ ତାଙ୍କର ଗଳ୍ପ ସଙ୍କଳନ 'ଆକାଶ ଯେଉଁଠିକଥାକହେ' ପାଇଁ ୧୯୯୨ ମସିହାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡିଆ ପାଇଁ ଲଜ୍ଜା

ମହାଶୟ,

ଧରିତ୍ରୀ ମୁଖ୍ୟପୃଷ୍ଠାରେ ସମ୍ପାଦକ ତଥାଗତ ସତପଥୀଙ୍କ ଲେଖା 'ଓଡିଆ ପାଇଁ ଲଜ୍ଜା' ସମୟ ଉପଯୋଗୀ। ମା', ମାଟି ତଥା ଜାତି ପାଇଁ ଲଢେଇ କରିବା ପ୍ରାୟ ୯୯ ଭାଗ ରାଜନେତାଙ୍କର ଆଉ ସର୍ବଶ୍ରେଷ୍ଠ କାର୍ଯ୍ୟ ହୋଇ ନାହିଁ। ଦେଶ ତଥା ମାଟି ପ୍ରୀତି ଅପେକ୍ଷା ସମସ୍ତେ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ରାଜନେତାମାନେ ମନମୁଖୀ ନିଷ୍ପତ୍ତି ନେବାର ଦୁଃସାହସ କରୁଛନ୍ତି। ଫଳରେ ରାଜ୍ୟସଭାକୁ ଯାଉଥିବା ନେତାମାନେ ନିଜର ଭାଷା ଓ ସଂସ୍କୃତିକୁ ଭୁଲି ଯାଉଛନ୍ତି। ମାନ୍ୟବର ଧରତ୍ରୀ ସଂପାଦକଙ୍କ ଓଡିଆ ଭାଷା ପାଇଁ ସ୍ୱର ପ୍ରଶଂସାଯୋଗ୍ୟ।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### ବିଦ୍ୟୁତ୍ କର୍ମଚାରୀଙ୍କୁ ପରିଚୟପତ୍ର ଦିଅନ୍ତୁ

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ବୋଲି ପରିଚୟ ଦେଇ ଇଲେକ୍ଟ୍ରି ବୋର୍ଡ ଲଗାଇବା, ମିଟର ଦେଖିବା ଇତ୍ୟାଦି ବାହାନାରେ ଗୃହ ଭିତରେ ପ୍ରବେଶ କରି କିଛି ଦୁର୍ବୃତ୍ତ ଛିନ୍‌ତାଇ ଓ ଲୁଟ କରୁଛନ୍ତି। ଏବେ ଗଙ୍ଗପଡା ଅଞ୍ଚଳରେ ଲୁଟେରାମାନେ ଏହି ଉପାୟରେ ଜଟିଳା ସାମନ୍ତରାୟ ନାମ୍ନୀ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଛନ୍ତି। ଏଣୁ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ପ୍ରଦାନ କଲେ ସେମାନଙ୍କୁ ସନ୍ଦେହ କରିବାର ଅବକାଶ ରହିବ ନାହିଁ, ଯଦ୍ୱାରା ବିଦ୍ୟୁତ୍ ଗ୍ରାହକଙ୍କ ପରିବାର ଧନଜୀବନ କ୍ଷତିରୁ ରକ୍ଷା ପାଇପାରିବେ।

ବିଦ୍ୟୁତ୍‌ପ୍ରଭା ମହାନ୍ତି, ମହିଳା ସଙ୍ଗଠନ ସମ୍ପାଦକ, ପୁରୁଣା ଭୁବନେଶ୍ୱର

### ଓଡ଼ିଆ ଭାଷା ସମୃଦ୍ଧ ହେଉ

ଦୈନିକ ଧରିତ୍ରୀ(୧୦।୨)ରେ ପ୍ରକାଶିତ 'ଭାଷା ବଗିଚାକୁ ଗାଉଁଲି ଚାରା' ପ୍ରବନ୍ଧଟି ପାଠକରି ଖୁସି ହେଲି। ପ୍ରାବନ୍ଧିକ ପଦ୍ମନାଭ ସାହୁଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଟି ଓଡିଆ ଭାଷା ସାହିତ୍ୟ ପ୍ରତି ଏକ ସମୟୋଚିତ ଆହ୍ୱାନ। ଓଡିଆ ଶବ୍ଦଭଣ୍ଡାରର ସମୃଦ୍ଧି ପାଇଁ ଓଡିଆ ଭାଷା ସାହିତ୍ୟର ପ୍ରଥିତଯଶା ସାହିତ୍ୟିକମାନଙ୍କର ଆନ୍ତରିକ ଉଦ୍ୟମ ଯେପରି ଜରୁରୀ, ଆମ ରାଜ୍ୟରେ ଥିବା ବିଭିନ୍ନ ସାହିତ୍ୟାନୁଷ୍ଠାନ (ଉଭୟ ସରକାରୀ ଏବଂ ବେସରକାରୀ)ର ଏ ଦିଗରେ କର୍ତ୍ତବ୍ୟ ମଧ୍ୟ ସେହିପରି ଜରୁରୀ। ଆମର ଆଶା ଓ ବିଶ୍ୱାସ ଏ ଦିଗରେ ଉଦ୍ୟମ ଏବଂ କର୍ତ୍ତବ୍ୟ ନିଭାଇବା ପାଇଁ ସମସ୍ତ ଓଡ଼ିଆପ୍ରେମୀ ଆଗଭର ହେବେ।

ସତୀଶ ଚନ୍ଦ୍ର ବେହେରା, ସୁନନ୍ଦା ବେହେରା, ସମୀକ୍ଷା ପ୍ରିୟଦର୍ଶନୀ, ସୁରଭି ପ୍ରିୟଦର୍ଶନୀ, ରଘୁନାଥପୁର, ବାରିପଦା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସୁସ୍ଥ ସରକାରୀ କର୍ମଚାରୀଙ୍କୁ ୧୪ ଦିନ ଛୁଟି

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

**କୋଭିଡ୍-୧୯ ସଚେତନତା**

- ଜାରି ହେଲା ଆଉ ଏକ ଗାଇଡ୍‌ଲାଇନ୍
- ଘରେ ରହି କାର୍ଯ୍ୟ କରିବାକୁ ବେସରକାରୀ ସଂସ୍ଥା କର୍ମଚାରୀଙ୍କୁ ପରାମର୍ଶ
- ସେଲୁନ, ସ୍ପା, ବିୟୁଟି ପାର୍ଲର ବନ୍ଦ
- ପୋଖରୀ ପାଣି ବ୍ୟବହାର କରିବା ମନା
- ସାମାନ୍ୟ ଅସୁସ୍ଥ ଥିଲେ ଡାକ୍ତରଖାନା ନ ଯିବାକୁ ପରାମର୍ଶ

କରୋନା(କୋଭିଡ୍-୧୯)ର ଭୟାବହତା ସମଗ୍ର ବିଶ୍ୱକୁ ଥରହର କରିଛି। ଏହି ମାରାତ୍ମକ ଭୂତାଣୁ କବଳରୁ ବଞ୍ଚିବାର ଏକମାତ୍ର ଉପାୟ ସଚେତନତା। ରାଜ୍ୟ ସରକାର ପ୍ରତିକାର ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା ପରେ ସରକାର କର୍ମଚାରୀଙ୍କ ପାଇଁ ସତର୍କତା ଜାରି କରିଛନ୍ତି। ଯଦି କୌଣସି ସରକାରୀ କର୍ମଚାରୀଙ୍କୁ ଥଣ୍ଡା, କାଶ କିମ୍ବା ଜ୍ୱର ହୁଏ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୪ ଦିନ ଛୁଟି ମିଳିବ। ଏହି ସୂଚନା ଦେଇଛନ୍ତି ସାଧାରଣ ପ୍ରଶାସନ ବିଭାଗ ସଚିବ ସଞ୍ଜୀବ ଚୋପ୍ରା। ପରିଷ୍କାର ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ପାଇଖାନା, ଦପ୍ତର ସମେତ ସବୁ ସ୍ଥାନକୁ ଜୀବାଣୁମୁକ୍ତ ରଖିବା ପାଇଁ ସମସ୍ତ ବିଭାଗକୁ ଏ ନେଇ ସୂଚନା ଦିଆଯାଇଛି ବୋଲି ଚୋପ୍ରା କହିଛନ୍ତି।

ରାଜ୍ୟ ସରକାର ସାମାଜିକ କଟକଣା ନେଇ ଆଉ ଏକ ଗାଇଡଲାଇନ୍ ଜାରି କରିଛନ୍ତି। ସାମାଜିକ ଦୂରତ୍ୱ ନେଇ ନିଜ ବିଭାଗର ଯଦି କୌଣସି ପ୍ରସ୍ତାବ ଥିବ ତେବେ ତାହା ଜଣାଇବାକୁ ସମସ୍ତ ବିଭାଗ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ନିଜର ପ୍ରସ୍ତାବ ସୋସିଆଲ ଡିଷ୍ଟାନ୍ସିଂ କମିଟି ମୁଖ୍ୟ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ନିକଟକୁ ପଠାଇପାରିବେ।

ଯେଉଁ ସରକାରୀ କର୍ମଚାରୀ ବିଦେଶରୁ ଫେରି ମାର୍ଚ୍ଚ ୪ ତାରିଖ ପରେ ଘରେ ନିଜ ପରିବାର ସହ ରହୁଛନ୍ତି, ସେମାନଙ୍କୁ ମଧ୍ୟ ୧୪ ଦିନ ଛୁଟି ଦିଆଯିବ। ଏହି ସମୟସୀମାଠାରୁ ଯଦି ଅଧିକ ଦରକାର ପଡ଼ିବ ତେବେ ସେସବୁକୁ ମଧ୍ୟ ସାଧାରଣ ଛୁଟି ଭାବେ ଗଣାଯିବ। ସେହିପରି ଘରୋଇ କର୍ମଚାରୀମାନଙ୍କୁ ନିଜ ଘରେ ରହି କାର୍ଯ୍ୟ କରିବା ପାଇଁ ଅନୁମତି ଦେବାକୁ ଘରୋଇ ତଥା ବେସରକାରୀ ସଂସ୍ଥାଗୁଡ଼ିକୁ ସରକାର ପରାମର୍ଶ ଦେଇଛନ୍ତି। ଜେଲରେ ରହୁଥିବା କଏଦୀ ଏବଂ କର୍ମଚାରୀଙ୍କୁ ପରିଷ୍କାର ପରିଚ୍ଛନ୍ନ ରହିବାକୁ ପରାମର୍ଶ ଦିଆଯାଇଛି। ଜେଲ୍ ପରିସରରେ ସମସ୍ତ କବାଟ, ଗେଟ୍, ରେଲିଂ, ଡୋର୍ ହ୍ୟାଣ୍ଡେଲ ଆଦିକୁ ସୋଡିୟମ ହାଇପୋକ୍ଲୋରାଇଟରେ ନିୟମିତ ବ୍ୟବଧାନରେ ସଫା କରିବାକୁ କୁହାଯାଇଛି। ଯାନବାହନ ଆଦି ସଫା ରଖିବା ସହ ଜ୍ୱର, ସର୍ଦ୍ଦି ହୋଇଥିଲେ ଜେଲ କର୍ମଚାରୀଙ୍କୁ କାର୍ଯ୍ୟ ନ କରିବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି କଏଦୀଙ୍କୁ ଜ୍ୱର, କାଶ ଥଣ୍ଡା ହୁଏ ତୁରନ୍ତ ତାଙ୍କୁ ଏକାକୀ ଗୋଟିଏ ରୁମ୍‌ରେ ରଖିବାକୁ ପରାମର୍ଶ ଦିଆଯାଇଛି। ଜେଲ ପରିସରକୁ କୌଣସି ପରିଦର୍ଶକ, ଦଳ କିମ୍ବା ଏନ୍‌ଜିଓକୁ ପ୍ରବେଶ ପାଇଁ ବାରଣ କରାଯାଇଛି। ମଦ ଦୋକାନରେ ଭିଡକୁ ହ୍ରାସ ପାଇଁ ଗାଇଡ୍‌ଲାଇନ୍‌ରେ ପରାମର୍ଶ ଦିଆଯାଇଛି। ଗ୍ରାହକମାନେ ୧ ମିଟର ପର୍ଯ୍ୟନ୍ତ ଦୂରତାରେ ଧାଡିରେ ଛିଡ଼ା ହେବେ। କରୋନା ସମ୍ପର୍କରେ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀକୁ ମଦ ଦୋକାନ ମାଲିକ ଦୋକାନ ସମ୍ମୁଖରେ ଝୁଲାଇବେ। ଦୋକାନ କର୍ମଚାରୀ ନିଜ ହାତକୁ ସାନିଟାଇଜର ମାଧ୍ୟମରେ ସଫା କରିବେ। ଜରୁରୀ ନ ଥିଲେ ଡାକ୍ତରଖାନାକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଜରୁରିକାଳୀନ ରୋଗୀଙ୍କ ବ୍ୟତୀତ ଅନ୍ୟ ରୋଗୀମାନେ ଆଉଟ୍‌ଡୋରରେ ଭିଡ ନ ଜମାଇବାକୁ କୁହାଯାଇଛି। ଦାନ୍ତ ଚିକିତ୍ସା ସମେତ ଅନ୍ୟାନ୍ୟ ସାମାନ୍ୟ ଅସୁସ୍ଥତା ପାଇଁ ଡାକ୍ତରଖାନା ନ ଯିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ସେଲୁନ, ବିୟୁଟି ପାର୍ଲର ଏବଂ ସ୍ପା ବନ୍ଦ କରିବା ନିର୍ଦ୍ଦେଶ ଦିଆଯାଇଛି। ଏଗୁଡ଼ିକରେ ଗ୍ରାହକମାନେ ବସିବାକୁ ୧ ମିଟର ଦୂରତା ନ ଥିବାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେଗୁଡିକୁ ବନ୍ଦ ରଖିବାକୁ କୁହାଯାଇଛି। ପୋଖରୀ କିମ୍ବା ଡ୍ରେନରେ ଗାଧୋଇବା କିମ୍ବା ବ୍ୟବହାର ଉପରେ କଟକଣା ଲଗାଯାଇଛି। ପୋଖରୀର ଦୂଷିତ ପାଣି ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଗ୍ରାମପଞ୍ଚାୟତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପରିବର୍ତ୍ତେ ଲୋକମାନେ ନଳକୂପ ଓ ପାଇପ୍ ପାଣି ବ୍ୟବହାର କରିବାକୁ କୁହାଯାଇଛି। ଜ୍ୱର, କାଶ ହେଉଥିଲେ ନଳକୂପରୁ ପାଣି ନ ନେବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ରାଜ୍ୟ ସରକାର କଟକଣା ଲଗାଇଛନ୍ତି। ସମସ୍ତ ମ୍ୟୁଜିୟମ, ଲାଇବ୍ରେରି, ଥିଏଟର ପରବର୍ତ୍ତୀ ନିର୍ଦ୍ଦେଶନାମା ଯାଏ ବନ୍ଦ ରଖିବାକୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

# ଯାତ୍ରା ଦେଖିବାରୁ ମହିଳାଙ୍କୁ ପିଟି ପିଟି ହତ୍ୟା

ପାଲଲହଡ଼ା, ୧୯।୩(ଡି.ଏନ.ଏ.)


ଘଟଣାସ୍ଥଳକୁ ଯାଇ ପୋଲିସ ତଦନ୍ତ କରୁଛି।

- ସମ୍ପର୍କୀୟଙ୍କୁ ପ୍ରେମ ବିବାହ କରିଥିବାରୁ କରାଯାଇଥିଲା ବାରଣ
- କଥା ନ ମାନିବାରୁ ମାରି ଗଛରେ ଟାଙ୍ଗିଦେଲେ
- ଥାନାରେ ଦୁଇ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ସଇଡା ଗ୍ରାମ ବିଜୁସାହିରେ ମାଘେ ପର୍ବ ପାଳନ ବେଳେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ଉକ୍ତ ଗ୍ରାମର ରାନୀ କେରେଇ ଉତ୍ସବ ଦେଖିବାକୁ ଆସିଥିବାବେଳେ ତାଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ବିରୋଧରେ ଯାଇ ମହିଳା ଜଣକ ପ୍ରେମ ବିବାହ କରିଥିବାରୁ ତାଙ୍କୁ ଉତ୍ସବ ଦେଖିବାକୁ ବାରଣ କରାଯିବାକୁ ନେଇ ଏପରି ଘଟିଥିବା ଜଣାପଡିଛି। ହତ୍ୟାକାଣ୍ଡ ପରେ ଦୁଇ ଜଣ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି।


ପୋଲିସ ଦେଇଥିବା ସୂଚନା ମୁତାବକ, କିଛି ବର୍ଷ ତଳେ ରାନୀ କେରେଇ ତାଙ୍କ ସମ୍ପର୍କୀୟ ଭାଇ ଜଗବନ୍ଧୁ କେରେଇଙ୍କୁ ପ୍ରେମ ବିବାହ କରିଥିଲେ। ହେଲେ ଏହାକୁ ଘର ଲୋକେ ଓ ଗ୍ରାମବାସୀ ବିରୋଧ କରିଥିଲେ। ବୁଧବାର ଗ୍ରାମର ବିଜୁସାହିରେ ମାଘେ ପର୍ବ ପାଳନ କରାଯାଉଥିଲା। ଆଦିବାସୀ ସମ୍ପ୍ରଦାୟର ବହୁ ଲୋକେ ସେଠାରେ ଯୋଗ ଦେଇଥିଲେ। ରାନୀ ଓ ଜଗବନ୍ଧୁ ମଧ୍ୟ ପର୍ବ ଦେଖିବାକୁ ସେଠାକୁ ଯାଇଥିଲେ। ସେହି ସମୟରେ ଗ୍ରାମର ବିଜୁ କେରେଇ ଓ ମଗୁସୁରିଆ କେରେଇ ସମ୍ପୃକ୍ତ ଦମ୍ପତିଙ୍କୁ ଯାତ୍ରା ଦେଖିବାକୁ ବାରଣ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବିଜୁ ଓ ମଗୁସୁରିଆ ରାନୀ ଓ ଜଗବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ଜଗବନ୍ଧୁ ଘଟଣାସ୍ଥଳରୁ ପଳାଇଥିବାବେଳେ ରାନୀ ସକାଳ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳୁ ରାନୀଙ୍କ ମୃତଦେହ ପାଖ ଜଙ୍ଗଲରେ ଏକ ଗଛରେ ଝୁଲୁଥିବା ଦେଖି ଗ୍ରାମବାସୀ ଓ ଜଗବନ୍ଧୁ ପାଲଲହଡ଼ା ପୋଲିସକୁ ଖବର ଦେଇଥିଲେ। ଅନ୍ୟପଟେ ସକାଳେ ବିଜୁ ଓ ମଗୁସୁରିଆ ଥାନାରେ ଆତ୍ମସମର୍ପଣ କରିଥିଲେ। ସେମାନେ ରାନୀଙ୍କୁ ଏକ କାଠରେ ପିଟି ହତ୍ୟା କରିଥିବା ଏବଂ ପରେ ମୃତଦେହ ପାଖ ଜଙ୍ଗଲକୁ ନେଇ ତାଙ୍କ ପିନ୍ଧା ଶାଢ଼ିରେ ଗଛରେ ଝୁଲାଇ ଦେଇଥିବା ପୋଲିସ ଆଗରେ ପ୍ରକାଶ କରିଥିଲେ। ଘଟଣାସ୍ଥଳକୁ ସାଇଣ୍ଟିଫିକ ଦଳ ଏବଂ ମାଜିଷ୍ଟ୍ରେଟ ତଥା ପାଲଲହଡା ତହସିଲଦାର ବୁଧିୟସ ଡୁଙ୍ଗ ଡୁଙ୍ଗ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କାଠ ମଧ୍ୟ ଜବତ କରାଯାଇଛି। ନଂ. ୫୧/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ଏବଂ ପାଲଲହଡ଼ା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

# ପଞ୍ଜାବରୁ ଫେରିଲେ ୧୪୦ ଓଡ଼ିଆ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୧୯।୩(ବ୍ୟୁରୋ):** କରୋନା ଯୋଗୁ ପଞ୍ଜାବର ଭଟିଣ୍ଡାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଫସିରହିଥିବା ଓଡିଆ ଛାତ୍ରୀଛାତ୍ରମାନେ 'ଓଡିଶା ମୋ ପରିବାର' ସହାୟତାରେ ଓଡିଶା ଫେରିଛନ୍ତି। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ତାଙ୍କ ନିର୍ବାଚନମଣ୍ଡଳୀର ୫ଜଣ ଛାତ୍ରଙ୍କ ସହିତ ଓଡିଶାର ମୋଟ୍ ୧୪୦ ଛାତ୍ରୀଛାତ୍ର ଉପରୋକ୍ତ ବିଶ୍ୱବିଦ୍ୟାଳୟରେ ଫସି ରହିଥିବା ଓଡିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣିବା ସହିତ ସେମାନଙ୍କୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ଏହା ଜଣାପଡିବା ପରେ ତୁରନ୍ତ ଘଟଣା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦପ୍ତରରୁ ଅବଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପକ୍ଷରୁ ନୂଆଦିଲ୍ଲୀଠାରେ ଥିବା ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରବିକାନ୍ତଙ୍କୁ ଏ ଦିଗରେ ପଦକ୍ଷେପ ନେବାପାଇଁ କୁହାଯିବା ପରେ ସେ ତୁରନ୍ତ ରେଳବାଇ ବୋର୍ଡ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଏହି ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ଫେରିବା ପାଇଁ ସୁରକ୍ଷିତ ବ୍ୟବସ୍ଥା କରିବାକୁ କହିଥିଲେ। ଓଡ଼ିଶା ଫେରିବା ପାଇଁ ୩୫ଜଣ ଛାତ୍ରୀଙ୍କ ସହିତ ମୋଟ୍ ୬୯ଜଣଙ୍କ ଲାଗି ମାର୍ଚ୍ଚ ୧୭ ତାରିଖରେ ଭଟିଣ୍ଡାରୁ ନୂଆଦିଲ୍ଲୀ ରେଳଷ୍ଟେଶନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବସ ବ୍ୟବସ୍ଥା ହୋଇଥିଲା। ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରବିକାନ୍ତ ନିଜେ ବ୍ୟକ୍ତିଗତ ଭାବେ ନୂଆଦିଲ୍ଲୀ ରେଳଷ୍ଟେଶନରେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନେ ଆସିବାକୁ ଥିବା ବଗିକୁ ସାନିଟାଇଜ କରାଇଥିଲେ। ଛାତ୍ରୀଛାତ୍ରମାନେ ପୁରୁଷୋତ୍ତମ ଏକ୍ସପ୍ରେସରେ ଆସି ଗୁରୁବାର ସକାଳ ୪ଟା ୨୦ରେ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ଓଡିଶା ମୋ ପରିବାରର ଆବାହକ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ସେମାନଙ୍କୁ ସ୍ୱାଗତ କରିଛନ୍ତି। ଶେଷରେ ସେମାନଙ୍କୁ ସତର୍କ ହୋଇ ରହିବାକୁ ପରାମର୍ଶ ଦିଆଯାଇ ଘର ଅଭିମୁଖେ ଯାତ୍ରା କରିଛନ୍ତି।

# କରୋନା: ୬୧ରୁ ୬୦ ନମୁନା ନେଗେଟିଭ୍

ଭୁବନେଶ୍ୱର, ୧୯।୩(ବ୍ୟୁରୋ)


ସୁବ୍ରତୋ ବାଗ୍‌ଚୀ

- ସୂଚନା ଦେଲେ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ
- ସମସ୍ତ ଧାର୍ମିକସ୍ଥଳୀରେ ପ୍ରବେଶ କଟକଣା
- ଚିକିତ୍ସାରେ ସହଯୋଗ କରୁଛନ୍ତି ଏକମାତ୍ର ସଂକ୍ରମିତ
- ସଂକ୍ରମିତ ବାପାଙ୍କ ନମୁନା ନେଗେଟିଭ, ଭଉଣୀ ମଧ ବିପଦମୁକ୍ତ
- ସାରା ରାଜ୍ୟରେ ୩୧୮୩ ଆଇସୋଲେଶନ୍
- ଗ୍ରାମାଞ୍ଚଳରେ ୭,୧୭୬ ଅସ୍ଥାୟୀ ଚିକିତ୍ସା ଶିବିର

ରାଜ୍ୟରେ ନୂତନ ଭାବେ କୌଣସି କରୋନା ପଜିଟିଭ୍ ମିଳି ନାହିଁ। ଏଯାବତ୍ ପରୀକ୍ଷା କରାଯାଇଥିବା ୬୧ଟି କରୋନା ନମୁନା ପରୀକ୍ଷା ମଧ୍ୟରୁ ୬୦ ନେଗେଟିଭ ରହିଛି। ମାତ୍ର ଜଣେ ପଜିଟିଭ୍ ଥିବା କିଛିଦିନ ପୂର୍ବେ ଚିହ୍ନଟ ହୋଇଥିଲେ। ବୁଧବାର ୫ ନମୁନା ପରୀକ୍ଷା କରାଯାଇଥିଲା। ଏହା ନେଗେଟିଭ୍ ଆସିଛି। ଗୁରୁବାର ଅପରାହ୍ଣ ୨ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଏକମାତ୍ର କୋଭିଡ୍-୧୯ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୨୩ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ଡାକ୍ତରଖାନାରେ ଆଇସୋଲୋଶନ୍‌ରେ ରଖାଯାଇଛି। କରୋନା ସମ୍ପର୍କରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ଗୁରୁବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ରାଜ୍ୟର କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଚିକିତ୍ସାରେ ବ୍ୟକ୍ତିଜଣଙ୍କ ଡାକ୍ତରଙ୍କୁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ସେ ଠିକ୍ ଭାବେ ଖାଇବା ପିଇବା ଜାରି ରଖିଥିବା ଜଣାପଡିଛି। କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ତାଙ୍କର କୌଣସି ପରିବାର ସଦସ୍ୟ ଏଥିରେ ଆକ୍ରାନ୍ତ ହୋଇ ନାହାନ୍ତି। ତାଙ୍କ ପିତାଙ୍କ ନମୁନା ପରୀକ୍ଷା ରିପୋର୍ଟ କରୋନା ନେଗେଟିଭ୍ ଆସିଛି। ସେହିପରି ତାଙ୍କ ଭଉଣୀଙ୍କଠାରେ ମଧ୍ୟ ସଂକ୍ରମଣର କୌଣସି ଲକ୍ଷଣ ଦେଖାଯାଇନାହିଁ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ୩୧୮୩ ଆଇସୋଲେଶନ୍ ବେଡ୍ ପ୍ରସ୍ତୁତ ଅଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ ହେଲ୍ପ ଲାଇନ୍‌କୁ ୧୨,୨୬୮ କଲ୍ ଆସିଛି। ଗୁରୁବାର ଅପରାହ୍ଣ ୨ଟା ସୁଦ୍ଧା ୨୬୨୬ ବିଦେଶ ଫେରନ୍ତାଙ୍କ ନାମ ପଞ୍ଜୀକୃତ ହୋଇସାରିଛି। ସହରାଞ୍ଚଳରେ ୪୫୦ କୋଠା ଚିହ୍ନଟ କରାଯାଇଛି ଯେଉଁଥିରେ କି ୫୧,୧୬୦ ଜଣ ବ୍ୟକ୍ତି ଏହାର ସୁବିଧା ନେଇପାରିବେ। ରାଜ୍ୟର ୬,୭୯୮ ଗ୍ରାମପଞ୍ଚାୟତରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କି ରାଜ୍ୟର ୨,୩୭,୦୦୦ ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିବା ବାଗ୍‌ଚୀ କହିଥିଲେ। ସେହିଭଳି ସରକାରଙ୍କ ପକ୍ଷରୁ ବୁଧବାର ଧର୍ମାନୁଷ୍ଠାନଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଥିଲା। ରାଜ୍ୟର ଜିଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ସମସ୍ତ ଧର୍ମାନୁଷ୍ଠାନ ଗୁଡ଼ିକ ପାଇଁ ମଧ୍ୟ ସେହିଭଳି ମାର୍ଗଦର୍ଶିକା ବଳବତ୍ତର ରଖିବାକୁ ପରାମର୍ଶ ଦେଇଛନ୍ତି। ମନ୍ଦିର, ମସଜିଦ୍, ଗୀର୍ଜା ଓ ଗୁରୁଦ୍ୱାରାଗୁଡ଼ିକ ୨୦ମାର୍ଚ୍ଚ(ଶୁକ୍ରବାର)ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପ୍ରବେଶକୁ ବାରଣ କରାଯାଇଛି। ହେଲେ ଏହି ସମୟରେ ଧାର୍ମିକ ରୀତିନୀତି ବିନା ପ୍ରତିବନ୍ଧକରେ ଚାଲୁରହିବ ବୋଲି ବାଗ୍‌ଚୀ କହିଛନ୍ତି। ରାଜ୍ୟର ୬୭୯୮ ଗ୍ରାମପଞ୍ଚାୟତରେ ୭,୧୭୬ ଅସ୍ଥାୟୀ ଚିକିତ୍ସା ଶିବିର ସ୍ଥାପନ ହୋଇଛି। ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଉଥିବା ମୋଟ ୪୮,୩୮,୫୪୮ ହିତାଧିକାରୀଙ୍କୁ ଅଗ୍ରିମ ସହାୟତା ପ୍ରଦାନ କରାଯାଇଛି। ଜରୁରିକାଳୀନ ସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଆବାସିକ କଲ୍ୟାଣ ସଂଘ (ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏଶନ୍)ଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଦ୍ରବ୍ୟ ଓ ସାମଗ୍ରୀ ନେଇ ଚଳାଚଳ କରୁଥିବା ବସ୍, ଟ୍ରେନ୍ ଏବଂ ଗାଡ଼ିଗୁଡ଼ିକ ରାଜ୍ୟ ଭିତରେ କିମ୍ବା ଆନ୍ତଃରାଜ୍ୟ ସୀମାରେ ବନ୍ଦ ହେବ ନାହିଁ। ଏ ନେଇ ଶୁକ୍ରବାର ସରକାର କିଛି ନିଷ୍ପତ୍ତି ନେଇପାରନ୍ତି ବୋଲି ଜଣାପଡିଛି। କୁକୁଡ଼ା, କୁକୁଡ଼ା ଅଣ୍ଡା ସହ ଅନ୍ୟ କୁକ୍କୁଟଜାତ ଉତ୍ପାଦ ନିରାପଦ ଅଟେ। ଏହିସବୁ ପରିବହନ ଓ ବ୍ୟବହାର ସମୟରେ ଆବଶ୍ୟକ ପରିଚ୍ଛନ୍ନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

# ୧୦ ଟ୍ରେନ୍ ବାତିଲ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

- ନିୟମିତ ବୁକିଂ ସମୀକ୍ଷା ପରେ ପରବର୍ତ୍ତୀ ନିଷ୍ପତ୍ତି
- ୨୦ ତାରିଖରୁ ଟିକେଟ୍ ବୁକିଂ ରିହାତି ରଦ୍ଦ
- ଜରୁରୀ ନ ଥିଲେ ଟ୍ରେନ୍ ଯାତ୍ରା ନ କରିବାକୁ ପରାମର୍ଶ

ଆବଶ୍ୟକତାଠାରୁ କମ୍ ସଂଖ୍ୟକ ଯାତ୍ରୀଙ୍କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଯାତାୟାତ କରୁଥିବା ୫ ଯୋଡ଼ା ଅର୍ଥାତ୍ ମୋଟ ୧୦ଟି ଟ୍ରେନ୍‌କୁ ବାତିଲ କରାଯାଇଛି। ମିଳିଥିବା ସୂଚନା ମୁତାବକ, ମାର୍ଚ୍ଚ ୨୩, ୨୫ ଓ ୩୦ ତାରିଖରେ ପୁରୀ-ହାୱଡ଼ା ଗରିବ ରଥ ଏକ୍ସପ୍ରେସ୍ ପୁରୀଠାରୁ ବାତିଲ୍ ହେବାକୁ ଥିବାବେଳେ ମାର୍ଚ୍ଚ ୨୪, ୨୬ ଓ ୩୧ ତାରିଖରେ ଏହା ହାୱଡ଼ା ପଟୁ ବାତିଲ ହେବ। ସେହିଭଳି ମାର୍ଚ୍ଚ ୨୦ରୁ ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର-ଧାନବାଦ ଗରିବ ରଥ ଏକ୍ସପ୍ରେସ୍ ଭୁବନେଶ୍ୱରଠାରୁ ଏବଂ ୨୧ରୁ ୩୦ ତାରିଖ ମଧ୍ୟରେ ଏବଂ ଏପ୍ରିଲ ପହିଲାରେ ଧାନବାଦଠାରୁ ବାତିଲ ହେବ। ମାର୍ଚ୍ଚ ୨୫ରେ ଭୁବନେଶ୍ୱର-ନୂଆଦିଲ୍ଲୀ ଦୁରନ୍ତୋ ଏକ୍ସପ୍ରେସ୍ ଭୁବନେଶ୍ୱରଠାରୁ ଓ ୨୬ ତାରିଖରେ ନୂଆଦିଲ୍ଲୀଠାରୁ ଏବଂ ମାର୍ଚ୍ଚ ୨୦ରୁ ୩୧ ତାରିଖ ମଧ୍ୟରେ ପୁରୀ-ହାୱଡ଼ା ଶତାବ୍ଦୀ ଏକ୍ସପ୍ରେସ୍‌କୁ ଉଭୟ ପୁରୀ ଓ ହାୱଡ଼ାଠାରୁ ବାତିଲ କରାଯାଇଛି। ମାର୍ଚ୍ଚ ୨୦ରୁ ୨୯ତାରିଖ ମଧ୍ୟରେ ତିରୁପତି-ବିଶାଖାପଟନମ୍ ଏକ୍ସପ୍ରେସ୍‌କୁ ତିରୁପତିଠାରୁ ଏବଂ ୨୧ରୁ ୩୦ତାରିଖ ମଧ୍ୟରେ ବିଶାଖାପଟନମ୍‌ଠାରୁ ବାତିଲ୍ କରାଯାଇଛି। ନିୟମିତଭାବେ ଯାତ୍ରୀମାନଙ୍କ ଟିକେଟ୍ ବୁକିଂକୁ ସମୀକ୍ଷା କରାଯାଉଥିବାବେଳେ ଯାତ୍ରୀଙ୍କ ସଂଖ୍ୟାକୁ ନଜରରେ ରଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

ବିଶାଖାପଟନମ୍-ସିକନ୍ଦରାବାଦ୍ ସ୍ୱତନ୍ତ୍ର ଟ୍ରେନ୍ ବିଶାଖାପଟନମ୍‌ରୁ ମାର୍ଚ୍ଚ ୧୭, ୨୪ ଓ ୩୧ ତାରିଖରେ ବାତିଲ ହୋଇଥିବାବେଳେ ସିକନ୍ଦରାବାଦ୍‌ଠାରୁ ୧୮, ୨୫ ଓ ଏପ୍ରିଲ୍ ୧ରେ ବାତିଲ ହୋଇଛି। ମାର୍ଚ୍ଚ ୨୩ ଓ ୩୦ରେ ବିଶାଖାପଟନମ୍-ତିରୁପତି ସ୍ୱତନ୍ତ୍ର ଟ୍ରେନ୍ ବିଶାଖାପଟନମ୍‌ଠାରୁ ଏବଂ ମାର୍ଚ୍ଚ ୨୪ ଓ ୩୧ରେ ତିରୁପତିରୁ ବାତିଲ ହୋଇଛି। ମାର୍ଚ୍ଚ ୧୮ ଓ ୨୫ରେ ସମ୍ବଲପୁର-ବନଶଙ୍କରି ସ୍ୱତନ୍ତ୍ର ଟ୍ରେନ୍ ସମ୍ବଲପୁରଠାରୁ ଏବଂ ୧୯ ଓ ୨୬ରେ ବନଶଙ୍କରିଠାରୁ ବାତିଲ ହୋଇଛି। ମାର୍ଚ୍ଚ ୧୯ ଓ ୨୬ରେ ଭୁବନେଶ୍ୱର-ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରଠାରୁ ଏବଂ ୨୦ ଓ ୨୭ ତାରିଖରେ ସିକନ୍ଦରାବାଦରୁ ବାତିଲ ରହିବ। ପୁରୀ-ସାନ୍ତ୍ରାଗାଛି-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ୨୦ ଓ ୨୭ରେ ପୁରୀରୁ ଏବଂ ୨୧ ଓ ୨୮ରେ ସାନ୍ତ୍ରାଗାଛିଠାରୁ ବାତିଲ ରହିବ। ମାର୍ଚ୍ଚ ୨୪ ଓ ୩୧ରେ ଇନ୍ଦୋର-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଇନ୍ଦୋରଠାରୁ ଏବଂ ମାର୍ଚ୍ଚ ୨୫ ଓ ଏପ୍ରିଲ ୧ରେ ପୁରୀଠାରୁ ବାତିଲ ହେବ। ସାନ୍ତ୍ରାଗାଛି-ଚେନ୍ନାଇ ସ୍ୱତନ୍ତ୍ର ଟ୍ରେନ୍ ମାର୍ଚ୍ଚ ୨୦ ଓ ୨୭ରେ ସାନ୍ତ୍ରାଗାଛିରୁ ଏବଂ ୨୧ ଓ ୨୮ରେ ଚେନ୍ନାଇରୁ ବାତିଲ ରହିବ।

ଅନ୍ୟପକ୍ଷରେ କରୋନା ସଂକ୍ରମଣର ବ୍ୟାପକତାକୁ ଦୃଷ୍ଟିରେ ରଖି ଭାରତୀୟ ରେଳୱେ ଛାତ୍ରୀଛାତ୍ର, ରୋଗୀ ଏବଂ ଦିବ୍ୟାଙ୍ଗମାନଙ୍କ ବ୍ୟତୀତ ମାର୍ଚ୍ଚ ୨୦ ତାରିଖ ରାତି ୧୨ଟାରୁ ଅନ୍ୟ ସମସ୍ତ ଯାତ୍ରୀଙ୍କ ସଂରକ୍ଷିତ ଏବଂ ଅସଂରକ୍ଷିତ ବର୍ଗର ଟିକେଟ୍ ବୁକିଂ ରିହାତିକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଆବଶ୍ୟକ ନ ଥିଲେ ଟ୍ରେନ୍‌ରେ ଯାତ୍ରା ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କମ୍ ଯାତ୍ରୀ ସଂଖ୍ୟା ଥିବା ୧୫୫ ଯୋଡ଼ା ଟ୍ରେନ୍‌କୁ ବାତିଲ କରିଦିଆଯାଇଛି। ଯାତ୍ରୀମାନଙ୍କୁ ଅସୁବିଧା ନ ହେବା ଲାଗି ଅନ୍ୟ ବିକଳ୍ପକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ବାତିଲ ହୋଇଥିବା ଟ୍ରେନ୍‌ର ଯାତ୍ରୀମାନଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ଦେବାର ବ୍ୟବସ୍ଥା ହୋଇଛି। ସେହିପରି ଦେଶର ଦକ୍ଷିଣ ଭାଗରେ ଫଶି ରହିଥିବା ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଘରକୁ ଫେରିବାର ବ୍ୟବସ୍ଥା କରାଯାଇଛି। ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ଅସୁସ୍ଥ ଅନୁଭବ କଲେ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ପାଇଁ ତୁରନ୍ତ ରେଳ କର୍ମଚାରୀଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

# 'ଓଡ଼ିଆକୁ ଛତିଶଗଡ଼ର ଦ୍ୱିତୀୟ ରାଜଭାଷା କର'

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

**ବାଘେଲାଙ୍କୁ ଚିଠି ଲେଖିଲେ ନିରଞ୍ଜନ**

ଛତିଶଗଡ଼ରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜଭାଷା ଭାବେ ଗ୍ରହଣ କରିବା ପାଇଁ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। ଏହାକୁ ସମର୍ଥନ କରି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲାଙ୍କୁ ଏକ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଛତିଶଗଡ଼ରେ ଏକ କୋଟିରୁ ଅଧିକ ଲୋକଙ୍କ ମାତୃଭାଷା ଓଡ଼ିଆ। ଛତିଶଗଡ଼ ସରକାର ମଧ୍ୟ ପୂର୍ବ ଦାବି ଅନୁଯାୟୀ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାକୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ସେହିପରି ଛତିଶଗଡ଼ ହାଇକୋର୍ଟ ମଧ୍ୟ ସ୍ଥାନୀୟ ସରକାର ଓଡ଼ିଆ ଭାଷାଭାଷୀମାନେ ଯେପରି ଓଡ଼ିଆ ପଢ଼ି ପାରିବେ ସେଥିପାଇଁ ଆଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ରାଜ୍ୟ ଭଳି ଛତିଶଗଡ଼ ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜଭାଷା ଭାବେ ଘୋଷଣା କରିବାକୁ ନିରଞ୍ଜନ ଅନୁରୋଧ କରିଛନ୍ତି।

# କରୋନା ମୁକାବିଲା: ଭିଭିଭୂମି ସମ୍ପ୍ରସାରଣ କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ରାଜ୍ୟରେ କରୋନା ସମ୍ପର୍କିତ ବିଭିନ୍ନ ସୂଚନା ପାଇଁ ୨୪ ଘଣ୍ଟିଆ ଟେଲିଫୋନ ସେବା ବ୍ୟବସ୍ଥା କରାଯାଇଛି। ୧୦୪କୁ କଲ୍ କରି ଯେ କୌଣସି ବ୍ୟକ୍ତି ସମସ୍ତ ସୂଚନା ପାଇପାରୁଛନ୍ତି। ଶୁକ୍ରବାର ସୁଦ୍ଧା କଲ୍ ସେଣ୍ଟରରେ ଯେପରି ୧୫୦ ଜଣ ସେବା ପାଇବେ, ସେ ନେଇ ବ୍ୟବସ୍ଥା କରାଯାଉଛି। ଗୁରୁବାର ଅପରାହ୍ଣ ସୁଦ୍ଧା ଏହି ସଂଖ୍ୟା ୮୦ରୁ ୮୮ରେ ପହଞ୍ଚିଛି। ଦିନକୁ ଦିନ କଲ୍ କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଉଛି। ଅବସରପ୍ରାପ୍ତ ଡାକ୍ତର ସରୋଜ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରାଯାଇଛି। ତାଙ୍କ ସହ ୧୪ ଜଣ ଅନ୍ୟ ଡାକ୍ତର ମଧ୍ୟ ରହିଛନ୍ତି। ଏହିପରି ଭାବେ ମୋଟ ୧୫ ଜଣ ଡାକ୍ତର ଦୈନିକ ୩ଟି ସିଫ୍ଟରେ ଏକ୍ସପର୍ଟ ଭାବେ କାର୍ଯ୍ୟ କରିବେ। ଯଦି ଆବଶ୍ୟକ ହୁଏ, ଦ୍ୱିତୀୟ ପର୍ଯ୍ୟାୟରେ ଅନୁରୂପ ଭାବେ ଆଉ ଏକ କଲ୍ ସେଣ୍ଟର ଖୋଲାଯିବ ବୋଲି ଆଇଏଏସ୍ ଅଧିକାରୀ କ୍ରିଷ୍ଣନ କୁମାର ସୂଚନା ଦେଇଛନ୍ତି।

ଦିନକୁ ଦିନ ବିଦେଶ ଫେରନ୍ତା ତଥା କରୋନା ସଂକ୍ରମିତ ମନେ କରୁଥିବା ବ୍ୟକ୍ତିବିଶେଷଙ୍କ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସେମାନଙ୍କ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଉଛି। ଏହାକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ୧୦୪ ଟୋଲ ଫ୍ରିକୁ ବାଦ୍ ଦେଇ ପଞ୍ଜୀକୃତଙ୍କ ସେବା ପାଇଁ ଆଉଟ୍ ବୋର୍ଡ କଲ୍ ସେଣ୍ଟର(ଓସିସି) ପକ୍ଷରୁ ୧୦୦ ଜଣଙ୍କୁ ନେଇ ୨ଟି ସିଫ୍ଟରେ କାର୍ଯ୍ୟ କରାଯିବ। ପ୍ରଫେସର ଡାକ୍ତର ବ୍ରଜ ଦାଶ ଏହା ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି। ଏହା ଓକାକ୍‌ରେ କାର୍ଯ୍ୟ କରିବ। ଅନୁରୂପ ଭାବେ ବିଏମ୍‌ସି ଭବାନୀ ମଲ୍‌ର ୫ମ ମହଲାରେ ସେଲ୍ଫ ହେଲ୍‌ଥ କଣ୍ଟ୍ରୋଲ ରୁମ୍(ଏସ୍‌ଏଚ୍‌ସିଆର୍) କାର୍ଯ୍ୟ କରିବ। ଏହିଠାରୁ ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ସମନ୍ୱୟ ରଖାଯିବ। ଜଣେ ଅଭିଜ୍ଞ ଡାକ୍ତରଙ୍କ ସହ ନିର୍ଦ୍ଦେଶକ, ଅନ୍ୟ ସହ ଅଧିକାରୀ ରହିବେ। ପୋଲିସ ମହାନିର୍ଦ୍ଦେଶକ ଏହି କାର୍ଯ୍ୟାଳୟ ପାଇଁ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ନିଯୁକ୍ତି ଦେବେ। ଏହି ଅଧିକାରୀ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଯୋଗାସୂତ୍ର ରକ୍ଷା କରିବେ। ଇଟାଲି ଏବଂ ଇରାନ୍‌ରେ ଚତୁର୍ଥ ଏବଂ ପଞ୍ଚମ ସପ୍ତାହରେ ଅଧିକ ମାତ୍ରାରେ କରୋନା ଭୂତାଣୁ ସେହି ଦେଶର ନାଗରିକଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିଥିଲା। ଭାରତରେ ଆମେ ଚତୁର୍ଥ ସପ୍ତାହରେ ଆସି ପହଞ୍ଚିଛେ। ତେଣୁ ଏହି ସମୟରେ ସତର୍କତା ଅବଲମ୍ବନ କଲେ ବଡ ଧରଣର ସଂକ୍ରମଣଙ୍କୁ ଏଡାଇ ଦିଆଯାଇପାରିବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ କହିଛନ୍ତି।

ପ୍ରୟାଣର ପ୍ରଥମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଡା. ସୁବାସ ଚନ୍ଦ୍ର ରଥ
ଆବିର୍ଭାବ : ତା ୧୧.୦୯.୧୯୪୮ ତିରୋଧାନ : ତା ୦୨.୦୪.୨୦୧୯
ମା' ଶକ୍ତି ହସ୍ପିଟାଲ ଓ ଡ୍ରିମ୍‌ସ ପରିବାର
ରଥ ପରିବାର ସଦସ୍ୟବୃନ୍ଦ ଏବଂ ବନ୍ଧୁବର୍ଗ ।

## ସଂକ୍ଷେପରେ

### ପଦ ହରାଇଲେ ଦାରିଙ୍ଗବାଡ଼ି ବ୍ଲକ ଅଧ୍ୟକ୍ଷା ସୁପ୍ରିମକୋର୍ଟ ଦ୍ୱାରସ୍ଥ ହେବୁ

ଦାରିଙ୍ଗବାଡ଼ି,୧୯।୩(ଡି.ଏନ୍.ଏ.)- ଦାରିଙ୍ଗବାଡ଼ି ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନ ପୁଣି ତାଙ୍କ ପଦ ହରାଇଛନ୍ତି। ୨ରୁ ଅଧିକ ସନ୍ତାନ ଥିବା ଏକ ମାମଲାର ବିଚାର କରି ହାଇକୋର୍ଟ ୧୩ ତାରିଖରେ ତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିଛନ୍ତି। ପୂର୍ବରୁ ଜିଲା ଦୌରାଜଜ୍ ଏହି ମାମଲାର ବିଚାର କରି ବ୍ଲକ ଅଧକ୍ଷା ପ୍ରଧାନଙ୍କ ସଭ୍ୟପଦ ରଦ୍ଦ କରିଥିଲେ। ଏନେଇ ବ୍ଲକ ଅଧକ୍ଷା ହାଇକୋର୍ଟରୁ ରହିତାଦେଶ ଆଣିଥିବାବେଳେ ତାକୁ ପୁଣି ହାଇକୋର୍ଟ ପକ୍ଷରୁ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ପ୍ରକାଶଯେ ବ୍ଲକ ଅଧକ୍ଷା ପ୍ରଧାନଙ୍କ ୨ ରୁ ଅଧିକ ସନ୍ତାନ ରହିଥିବା ନେଇ ତାଜୁଙ୍ଗିଆ ସମିତିସଭ୍ୟା ରୁଦା ମଲ୍ଲିକ କୋର୍ଟରେ ଅଭିଯୋଗ କରିଥିଲେ। ସୁବେନ୍ତୀଙ୍କ ୬ଟି ସନ୍ତାନ ରହିଥିବାବେଳେ ସେ ଏହି ନିର୍ବାଚନରେ ଚଞ୍ଚକତା କରି ମିଥ୍ୟା ସତ୍ୟପାଠ ଦେଇ ନିର୍ବାଚନ ଲଢ଼ିଥିବା ଅଭିଯୋଗ ହୋଇଥିଲା। ଜିଲା ଦୌରାଜଜ୍‌ଙ୍କ ନିକଟରେ ନିର୍ବାଚନ ମାମଲା(ନଂ.୨/୧୭) ରୁଜୁ ହୋଇଥିଲା। ଜିଲା ଜଜ୍ ଅକ୍ଟୋବରରେ ଅଧକ୍ଷା ପ୍ରଧାନଙ୍କ ପଦବୀକୁ ରଦ୍ଦ କରିଥିଲେ। ଏନେଇ ବ୍ଲକ ଅଧକ୍ଷା ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ ଏନେଇ ସୁପ୍ରିମ୍‌କୋର୍ଟ ଦ୍ୱାରସ୍ଥ ହେବେବୋଲି କହିଛନ୍ତି।

### ଜମିବାଡ଼ିକୁ ନେଇ ଗଣ୍ଡଗୋଳ, ୪ ଗିରଫ

ଦାରିଙ୍ଗବାଡ଼ି,୧୯।୩(ଡି.ଏନ.ଏ)- ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଏକ ଜମିବାଡ଼ିକୁ ନେଇ ପ୍ରଥମେ ଗଣ୍ଡଗୋଳ ଓ ପରେ ମରଣାନ୍ତକ ଆକ୍ରମଣ ସହ ଜାତିଆଣ ଆକ୍ଷେପକୁ ନେଇ ଥାନାରେ ଅଭିଯୋଗ ହୋଇଛି। ନଂ.୭୬/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଘଟଣାର ୮ ମାସ ପରେ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦାରିଙ୍ଗବାଡ଼ିର ୪ ଜଣ ବ୍ୟବସାୟୀ ଅଜିତ କୁମାର ସାହୁ, ଅମୁଲ୍ୟ ସାହୁ, ସୁରେଶ ସାହୁ ଏବଂ ଶରତ ସାହୁ ବୋଲି ଆଇଆଇସି କୌଶିକ ମାଝୀ କହିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୯ ଜୁଲାଇ ୨୭ରେ ଡଲାବାଡ଼ି ନିକଟରେ ଏକ ଜମିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା। ଡଲାବାଡ଼ି ଗ୍ରାମର ଯୁବତୀ ବେହେରା ଏବଂ ତାଙ୍କ ସ୍ୱାମୀ ମାର୍କଣ୍ଡଙ୍କୁ ଆକ୍ରମଣ ସହ ଜାତିଆଣ ଆକ୍ଷେପ ଅଭିଯୋଗ ହୋଇଥିଲା। ବିପକ୍ଷ ଗୋଷ୍ଠୀ ମଧ ଯୁବତୀ ଏବଂ ତାଙ୍କ ପରିବାର ବିରୋଧରେ ପାଲଟା ଅଭିଯୋଗ ଆଣିଥିଲେ। ନଂ.୭୭/୧୯ରେ ମାମଲା ରୁଜୁ କରାଯାଇଛି। ଆଟ୍ରୋସିଟି ମାମଲା ହୋଇଥିବାରୁ ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ତଦନ୍ତ କରୁଛନ୍ତି।

### ୭ ହୃଦ୍ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର

ଫୁଲବାଣୀ ଅଫିସ, ୧୯।୩- କନ୍ଧମାଳ ଜିଲା ରାଷ୍ଟ୍ରୀୟ ବାଲ୍‌ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆର୍‌ବିଏସ୍‌କେ) ଜରିଆରେ ୭ ହୃଦ୍ ରୋଗ ପିଲାଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ଅହମ୍ମଦାବାଦ ସ୍ଥିତ ସତ୍ୟସାଇ ହାର୍ଟ ହସ୍ପିଟାଲରେ ସେମାନଙ୍କ ଅସ୍ତ୍ରୋପଚାର ଶେଷ ହୋଇଛି। ସେଠାରୁ ୫ଜଣ ଗୁରୁବାର ଘରକୁ ଫେରୁଛନ୍ତି। ଆଉ ଅଳ୍ପଦିନ ପରେ ଅନ୍ୟ ୨ ଜଣ ଫେରିବେ। ଏମାନଙ୍କ ମଧ୍ୟରେ ବର୍ଷେ ଆଠ ମାସରୁ ୧୨ ବର୍ଷ ପର୍ଯ୍ୟନ୍ତ ପିଲା ଅଛନ୍ତି। ଆରବିଏସ୍‌କେ ମ୍ୟାନେଜର ଉତ୍ପଳ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ ଜିଲାର ବିଦ୍ୟାଳୟ, ସେବାଶ୍ରମ, ହଷ୍ଟେଲ, ଅଙ୍ଗନୱାଡିକୁ ମେଡିକାଲ ଟିମ୍ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତି। ଯେଉଁମାନଙ୍କ ଠାରେ ଜଟିଳ ପରିସ୍ଥିତି ଦେଖିବାକୁମିଳେ ସେମାନଙ୍କୁ ମେଡିକାଲ ଅଣାଯାଇ ପରୀକ୍ଷା ନିରୀକ୍ଷା କରାଯାଏ। ଏହି ୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ହୃଦ୍‌ରୋଗ ଥିବା ଚିହ୍ନଟ ହୋଇଥିଲା। ସେମାନଙ୍କୁ ଏଠାରୁ ଅହମ୍ମଦାବାଦ ସ୍ଥିତ ସତ୍ୟସାଇ ହାର୍ଟ ହସ୍ପିଟାଲକୁ ପଠା ଯାଇଥିଲା। ସେଠାରେ ସମସ୍ତଙ୍କର ମାଗଣାରେ ଅସ୍ତ୍ରୋପଚାର କରାଯାଇଛି। ଯଦି କେଉଁଠି ଜଟିଳ ରୋଗରେ ପୀଡିତ ପିଲା ଥାଆନ୍ତି, ତାହାଲେ ଆମକୁ ତୁରନ୍ତ ଯୋଗାଯୋଗ କରିବା ପାଇଁ ମଧ ସୁଚନା ଦେଇଛନ୍ତି।

# ଉହାଗମ୍ଭାରୀ-କୋଏରମାଣ୍ଡୁ ରାସ୍ତାକାମ ନିମ୍ନମାନର

ଫୁଲବାଣୀ ଅଫିସ/ଫିରିଙ୍ଗିଆ,୧୯।୩


ନିମ୍ନମାନର ପିଚୁ ରାସ୍ତାରେ ଗ୍ରାମବାସୀ ଠିଆହୋଇ ଅଭିଯୋଗ କରୁଛନ୍ତି।

- ନିର୍ଦ୍ଧାରିତ ସମୟରୁ ୨ ବର୍ଷ ବିତିଲାଣି, କାମ ସରୁନି
- ଆଉଥରେ ପିଚୁ ନ ହେଲେ ଆନ୍ଦୋଳନ ଧମକ

କନ୍ଧମାଳ ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା(ପିମ୍‌ଜିଏସ୍‌ୱାଇ)ରେ ନିର୍ମିତ ରାସ୍ତାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ନିମ୍ନମାନର କାମ ସହ ସମୟ ସୀମା ମଧ୍ୟରେ କାମ ଶେଷ ନ କରି ସମୟ ଗଡାଯାଉଛି। ଫଳରେ ଗ୍ୟାରେଣ୍ଟି ପିରିୟଡ ୫ ବର୍ଷକୁ ଚତୁରତାର ସହ ପାର କରାଯାଉଛି। ଏଥିରେ ବିଭାଗୀୟ ଯନ୍ତ୍ରୀ ଅଧିକ ସହଯୋଗ କରୁଛନ୍ତି। ଜିଲାରେ ଚାଲିଥିବା ବହୁ ରାସ୍ତାର ଅବସ୍ଥା ବର୍ତ୍ତମାନ ଏଭଳି ରହିଛି। ଫିରିଙ୍ଗିଆ ବ୍ଲକ କୋଏରମାଣ୍ଡୁ ପଞ୍ଚାୟତ ଉହାଗମ୍ଭାରୀ-କୋଏରମାଣ୍ଡୁ ରାସ୍ତା କାର୍ଯ୍ୟକୁ ଅନୁଧାନ କଲେ ପିଏମ୍‌ଜିଏସ୍‌ୱାଇରେ ହେଉଥିବା ଅନିୟମିତତା ଜଣାପଡିବ। ଗ୍ରାମ ଉନ୍ନୟନ ବିଭାଗ(ଆରଡି) ପକ୍ଷରୁ ଏହି ରାସ୍ତା କାମ ଚାଲିଛି। ସୂଚନା ଫଳକ ଅନୁଯାୟୀ ୨୦୧୭ରୁ କାମ ଆରମ୍ଭ ହୋଇ ୨୦୧୮ ସେପ୍ଟେମ୍ବରରେ ସରିବା କଥା। ହେଲେ ଆଜି ପର୍ଯ୍ୟନ୍ତ କାମ ସରିନାହିଁ। ୩.୨୭୫ କିମି ରାସ୍ତା ମଧ୍ୟରେ ୭ଟି ପୋଲ ରହିଛି ଓ ୧ କୋଟି ୨୬ ଲକ୍ଷ ୪୨ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଛି। କାମ ଅନୁଧାନ କରିବାକୁ ଯନ୍ତ୍ରୀ ଯାଉ ନ ଥିବାବେଳେ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ସୂଚନା ଫଳକ ଅନୁଯାୟୀ ୭୦ ମିମି ପିଚୁ, ୭୫ ମିମି ମେଟାଲ ଏବଂ ୧୦୦ ମିମି ମୋରମ କାମ ହେବାକୁ ଉଲ୍ଲେଖ ରହିଛି। ହେଲେ ଲେଖା ଅନୁସାରେ କାମ ହେଉନାହିଁ। ମେଟାଲ ଉପରେ ଖାଲି ବଜୁରି ଛିଞ୍ଚି ଚାଲି ଯାଉଛନ୍ତି। ପିଚୁ କାମ ଆଉଥରେ ଭଲ ଭାବରେ ନ ହେଲେ କାମ ବନ୍ଦ କରିବୁ ବୋଲି ସରପଞ୍ଚ ପଦ୍ମାବତୀ କହଁର, ଜିଲା ପରିଷଦ ଉପାଧ୍ୟକ୍ଷା ସସ୍ମିତା ଦିଗାଲ, ଗ୍ରାମବାସୀ ପ୍ରମୋଦ ଭୋଇ, ରାମଚନ୍ଦ୍ର ପୋଡ, ଜମ୍ବୁବତୀ ବର୍ଗର୍ଥୀ ବାମଦେବ ମହାପାତ୍ର ପ୍ରମୁଖ କହିଛନ୍ତି। ଏ ନେଇ ଆରଡି ଉପଖଣ୍ଡ ଅଧିକାରୀ(ଏସ୍‌ଡିଓ) ଜ୍ୟାତି ରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରୁ କାମ ନିମ୍ନମାନର ହୋଇଥିବା ସ୍ୱୀକାର କରିଛନ୍ତି। ଠିକାଦାର ଆଉ ଥରେ ପିଚୁ କାମ କରିବେ ଓ ମାର୍ଚ୍ଚରେ କାମ ସାରିବାକୁ କୁହାଯାଇଛି ବୋଲି କହିଛନ୍ତି।

# କରୋନା ମୁକାବିଲା ପାଇଁ ଯାନବାହନ ଯାଞ୍ଚ କଡ଼ାକଡି

ଦାରିଙ୍ଗବାଡ଼ି,୧୯।୩(ଡି.ଏନ୍.ଏ.)


ଡବେରୀ ଠାରେ ମିଳିତଭାବେ ଯାଞ୍ଚ ପ୍ରକ୍ରିୟା ଜାରୀ ରହିଛି।

ଦାରିଙ୍ଗବାଡ଼ି ଥାନା ପକ୍ଷରୁ ଡବେରୀଠାରେ ଯାନବାହନ ଯାଞ୍ଚ କଡାକଡି କରାଯାଇଛି। ରାଜ୍ୟ ବାହାରୁ ବିଶେଷ କରି ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରୁ ପର୍ଯ୍ୟଟକ ଦାରିଙ୍ଗବାଡ଼ି ଆସୁଥିବାବେଳେ ୧୪୪ ଧାରା ଜାରି ପରେ ରୋକ୍ ଲାଗିଛି। କେରଳ, ତାମିଲନାଡୁ ସମେତ ବିଭିନ୍ନ ରାଜ୍ୟରେ କାମ କରୁଥିବାଲୋକେ କରୋନା ପାଇଁ କଟକଣା ଯୋଗୁ ଘରକୁ ଫେରୁଛନ୍ତି। ସେମାନଙ୍କୁ ପୋଲିସ, ରାଜସ୍ୱ ବିଭାଗ ଏବଂ ସ୍ୱାସ୍ଥ୍ୟବିଭାଗ କର୍ତ୍ତୃପକ୍ଷ ମିଳିତ ଭାବେ ଯାଞ୍ଚ କରିବା ସହ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଉଥିବା ଦାରିଙ୍ଗବାଡ଼ି ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି।

# କ.ନୂଆଗାଁ ବ୍ଲକ: ବନ୍ଦ ହେବ ୩୨ ୟୁପି ସ୍କୁଲ

କ.ନୂଆଗାଁ,୧୮।୩(ଡି.ଏନ୍.ଏ.)

କ.ନୂଆଗାଁ ବ୍ଲକର ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମୁଛି। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ସରକାର ମଧ୍ୟାହ୍ନଭୋଜନ, ପୋଷାକ, ପାଠ୍ୟ ଉପକରଣ ଆଦି ମାଗଣାରେ ଦେଉଛନ୍ତି। ତଥାପି ବ୍ଲକରେ ଥିବା ୭୯ ପ୍ରାଥମିକ ବିଦ୍ୟାଳୟରୁ ୩୨ରେ ୧୦ରୁ କମ୍ ପିଲାଥିବାରୁ ବନ୍ଦ ହେବା ଆଶଙ୍କା ଦେଖା ଦେଇଛି। ଏସୁମାଡି ପ୍ରାଥମିକ ବିଦ୍ୟାଳୟରେ ୧୩ଜଣ, ବଗାଡି ପ୍ରାଥମିକ ବିଦ୍ୟାଳୟରେ ୧୮ଜଣ, ବାନ୍ଧୁଡି ପ୍ରାଥମିକ ବିଦ୍ୟାଳୟରେ ୧୭ଜଣ, ବେକାରସାହି ବିଦ୍ୟାଳୟରେ ୨୦, ଚଞ୍ଚଳାସାହିରେ ୧୫, ଡଡବାଡି ପ୍ରାଥମିକ ବିଦ୍ୟାଳୟରେ ୧୮, ଡକମ୍ବା ବିଦ୍ୟାଳୟରେ ୧୯, ଉପରଗାଁରେ ୧୯, ଡେଗୁରୀସାହିରେ ୧୪, ଗାଦିଜୋଡିରେ ୧୩ଜଣ, ଗଲେବାଡିରେ ୧୨ଜଣ, ଗାନ୍ଦ୍ରିଗାଁରେ ୧୯, ଗସୁକିଆରେ ୨୦, କିଟ୍ରାଙ୍ଗିଆରେ ୧୪, ଗୁଡୁରିପଡିରେ ୧୩ଜଣ, ଗୁଟୁ ସଲାଗୁଡାରେ ୧୨ଜଣ, କନ୍ଧାବାଡିରେ ୧୭ଜଣ, କନ୍ଦିବାନ୍ଦରେ ୨୦ଜଣ, କର୍ଣ୍ଣିଗିକିଆରେ ୧୯, କାଣିସରୁରେ ୧୫, ଲମ୍ବାଗୁଡରୀରେ ୧୬ଜଣ, ଲଦଗାଁରେ ୧୬ଜଣ, ମଣ୍ଡାପଦରରେ ୧୭ଜଣ, ମୁଣ୍ଡଗୁଡାରେ ୧୧ଜଣ, ନୂଆସାହିରେ ୧୭ଜଣ, ପାଡିଲିକିଆରେ ୧୫ଜଣ, ସାସିମାହାରେ ୧୬ଜଣ, ଟୁଟାମାହାରେ ୧୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ସମସ୍ତ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ରହିଛି। ଏହିସବୁ ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀଗୃହ ସମେତ ଶିକ୍ଷକ ରହିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ମଧ କାମ କରୁଛି। ସମସ୍ତ ବ୍ୟବସ୍ଥା ଥାଇ ମଧ ଉପସ୍ଥାନ କମୁଛି। ଏନେଇ ବିଇଓ ନାଗେଶ୍ୱର ପ୍ରଧାନଙ୍କୁ ପଚାରିବାରୁ ୩୦ ବିଦ୍ୟାଳୟର ଛତ୍ରୀଛାତ୍ରଙ୍କ ସଂଖ୍ୟା ୨୦ରୁ କମ୍ ରହିଛି। ସମ୍ପୃକ୍ତ ସିଆର୍‌ସିସିଙ୍କୁ ପଠାଇ ବିଦ୍ୟାଳୟ ଗୁଡିକର ଭୌଗଳିକ ସ୍ଥିତି ଅନୁଧାନ କରି ରିପୋର୍ଟ ଦେବାପରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ।

### ବିଜେଡି ସଂଖ୍ୟାଲଘୁ ସେଲର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ରାଇକିଆ,୧୯।୩(ଡି.ଏନ.ଏ)

ବିଜେଡି ଲଘୁ ସେଲ୍ ସଭାପତି ମୁନାଖାଁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। କନ୍ଧମାଳ ଜିଲା ସଂଖ୍ୟାଲଘୁ ସେଲ ତରଫରୁ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବୁଧବାର ସେ ନିର୍ବାଚିତ ହେବାପରେ ଜିଲା ସଂଖ୍ୟା ଲଘୁ ସେଲ୍ ତରଫରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଆମୋଦ ନାୟକ, ମହମ୍ମଦ ଗାନୀ, ମିଥୁନ ଦିଗାଳ, ରୋଶନ ନାୟକ, ଫ୍ରାନ୍‌ସିସ ଦିଗାଳ, ଅଜିତ ନାୟକ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାଣ୍ଡି ଖାଇ !**
**ଗୋଡ଼ରେ ପଡ଼ିଲେ ଯାଏ ଗାଧୋଇ ।**

ହାଣ୍ଡିରୁ ଲୁଚେଇ ଚୋରେଇ ଖାଦ୍ୟ ଖାଉଥିବା ମହିଳା ଗୋଡ଼ରେ ଅଇଁଠା ଲାଗିବାରୁ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ କଥା ହୋଇଥାଏ। ପରୋକ୍ଷରେ ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ଏକ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟସ୍ତବିବ୍ରତ ହୋଇପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହାତେ ଲମ୍ବରେ ଓଢ଼ଣା ପଡ଼ିଛି,**
**ଗାଁ ମୁଣ୍ଡ ଯାଏ ତୁଣ୍ଡ ଶୁଭୁଛି ।**

ଝିଅଟି ଯେବେ ବୋହୂ ହୋଇ ଶାଶୁଘରକୁ ଆସେ ସେତେବେଳେ ସେ ଓଢ଼ଣା ପକେଇ ରହିଥାଏ, କାହା ସହ ଉଚ୍ଚ ସ୍ୱରରେ କଥା ହୋଇ ନ ଥାଏ, ଯାହାକି ତା'ର ଲଜ୍ଜାଶୀଳା ଗୁଣକୁ ସୂଚାଉଥାଏ। ଲଜ୍ଜା ନାରୀର ଭୂଷଣ ହୋଇଥିବା ବେଳେ କେତେଜଣ ନାରୀ ଉଚ୍ଚ ସ୍ୱରରେ କଥା ହୋଇ ନିଜର ଔଦ୍ଧତ୍ୟ ଦେଖାଇବାର ଭୁଲ୍ କରିବସିଥାନ୍ତି। ଫଳରେ ନିଜ ଶାଳୀନତା ହରାଇ ବସି ସମାଜରେ ନିନ୍ଦିତ ହୋଇପଡ଼ିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମାସ୍କ ତିଆରି କରୁଛନ୍ତି ଏସ୍‌ଏଚ୍‌ଜି ମହିଳା


ମାସ୍କ ତିଆରି ଚାଲିଛି।

ରାଇକିଆ,୧୯।୩(ଡି.ଏନ୍.ଏ.)

**କରୋନା ମୁକାବିଲା**

ସବୁଠି କରାନା ମୁକାବିଲା ପାଇଁ ଆରମ୍ଭ ହୋଇଛି ବ୍ୟାପକ ପ୍ରସ୍ତୁତି ଓ ସଚେତନତା। ବିଶେଷ କରି ହାତ ଧୋଇବା ଏବଂ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଏଭଳି ପରିସ୍ଥିତିରେ ବଜାରରେ ମାସ୍କ ଅଭାବ ଦେଖାଦେବା ସହ ଏହାର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି। ଏହାକୁ ଦୃଷ୍ଟିରେ ରଖି ରାଇକିଆ ଆଶାର ଆଲୋକ ସିଲେଇ ଉତ୍ପାଦନ କେନ୍ଦ୍ରର ସତ୍ୟଂ ସହାୟକ ଗୋଷ୍ଠୀ ମହିଳାମାନେ ମାସ୍କ ତିଆରିରେ ଲାଗିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବଜାରର ଏହି ସମସ୍ୟା ଯେପରି କିଛି ମାତ୍ରାରେ ଦୂର କରାଯାଇପାରିବ ଲୋକେ ଯେପରି ସୁବିଧାରେ ମାସ୍କ ପାଇପାରିବେ ଏହାକୁ ଦୃଷ୍ଟିରେ ରଖି ମାସ୍କ ପ୍ରସ୍ତୁତି ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆ ଯାଇଥିବା ସଭାନେତ୍ରୀ ଗୋଲାପି ନାୟକ କହିଛନ୍ତି। ମାସ୍କ ପ୍ରସ୍ତୁତିରେ ୧୦ ରୁ ୧୫ ମହିଳା ନିୟୋଜିତ ଥିବାବେଳେ ପ୍ରତ୍ୟକ ଦିନ ୧୫୦ରୁ ୨୦୦ ମାସ୍କ ପ୍ରସ୍ତୁତ କରାଯାଉଛି।

# ରାଙ୍ଗାପାରୁ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ

ଫୁଲବାଣୀ ଅଫିସ, ୧୯।୩

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘରସ୍ଥିତ ରାଙ୍ଗାପାରୁ ଏଜୁକେଶନାଲ କମ୍ପ୍ଲେକ୍ସ ପୁଣି ଥରେ ଚର୍ଚ୍ଚାରେ। ପୂର୍ବରୁ ଏଠାରେ ଚିକିତ୍ସା ଅବହେଳାରୁ ଜ୍ୱରରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ପୁଣି ଚିକିତ୍ସାରେ ଅବହେଳା ଯୋଗୁ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ଚିକିତ୍ସାଧିନ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ଦୁର୍ଗମ ଅଞ୍ଚଳ ବେଲଘରରେ ମୋବାଇଲ ଟାୱାର ନ ଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଛାତ୍ରଙ୍କ ହିମୋଗ୍ଲୋବିନ୍ ମାତ୍ର ୩ ପ୍ରତିଶତ ଥିବାରୁ ଚିକିତ୍ସାରେ ଅବହେଳା କରାଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଛାତ୍ରୀଙ୍କୁ ବୁଧବାର ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲା। ପରୀକ୍ଷାନିରୀକ୍ଷା ପରେ ହେମୋଗ୍ଲୋବିନ ୩ ପଏଣ୍ଟ ଥିବା ଜଣାପଡିଥିଲା। ସେପଟେ ଝାଡ଼ାବାନ୍ତି ମଧ ହେଉଥିଲା। କିଛିସମୟ ଚିକିତ୍ସା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରତ୍ୟେକ ହଷ୍ଟେଲରେ ଥିବା ଛାତ୍ରୀମାନଙ୍କୁ ସପ୍ତାହକୁ ଥରେ ଲୌହସାର(ଆଇରନ) ବଟିକା ଖାଇବାକୁ ଦିଆଯାଏ। ସମ୍ପୃକ୍ତ ଛାତ୍ରୀ ଜଣଙ୍କ ଏହା ଖାଉ ଥିଲେ ନା ନାହିଁ ଅବା ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ କରାଯାଉଥିଲା କି ନାହିଁ ତାହା ତଦନ୍ତ ସାପେକ୍ଷ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ରଣ ଧମାକା ରଣ ଧମାକା ରଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

EDUCATION
FINANCE

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ASTROLOGY

ବିନାୟକ ଶିକ୍ଷା ମନ୍ଦିର
ଶାନ୍ତି ଉଦ୍ୟାନ, ଖଡ଼ିପଦା, ପୁରୀ-୨
Ph: 8249836330, www.bsm.org.in
ନାମଲେଖା ବିଜ୍ଞାପନ
ବିନାୟକ ଶିକ୍ଷା ମନ୍ଦିର ୨୦୨୦-୨୧ ଶିକ୍ଷାବର୍ଷ ନିମନ୍ତେ ବିଦ୍ୟାଳୟର ପ୍ରବେଶ ଶ୍ରେଣୀ ଶିଶୁ ପ୍ରାରମ୍ଭରେ ନାମଲେଖା ଉଭୟ Online ଓ Offline ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରୁଛି। ଯେଉଁ ଛାତ୍ରଛାତ୍ରୀମାନେ ତା୦୨।୦୩।୨୦୨୦ରୁ ତା୩୧।୦୩।୨୦୨୦ରିଖ ମଧ୍ୟରେ ନାମ ପଞ୍ଜୀକରଣ କରାନ୍ତି, ଉକ୍ତ ଛାତ୍ରଛାତ୍ରୀମାନେ RCFC-୨୦୦୯ ଶିକ୍ଷା ଅଧିକାର ଆଇନ ଅନୁସାରେ ୨୫% ସ୍ଥାନ ଉକ୍ତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଏଣୁ ଅନ୍ତିମ ତାରିଖ ପୂର୍ବରୁ ନାମ ପଞ୍ଜୀକରଣ କରାଇବା ଆବଶ୍ୟକ।
ବି.ଦ୍ର.: ପଞ୍ଜୀକରଣ ନିମନ୍ତେ ବିସ୍ତୃତ ବିବରଣୀ ବିଦ୍ୟାଳୟ ନୋଟିସ୍ ବୋର୍ଡରୁ ଦେଖିବା ଏକାନ୍ତ ଆବଶ୍ୟକ।
-ବିନାୟକ ଶିକ୍ଷା ମନ୍ଦିରର ପରିଚାଳକ

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ।
9911417461
9911417764

HINDUSTAN FINANCE LIMITED (Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଯୁବକ ମୃତ, ହତ୍ୟା ଅଭିଯୋଗ

ଗଞ୍ଜାମ,୧୯।୩(ଡି.ଏନ୍.ଏ.)- ରମ୍ଭା ଥାନା ଅଞ୍ଚଳରେ ବିଦ୍ୟୁତ୍ ତାର ଲାଗି ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ଅଇଁଠାବଣ ଗ୍ରାମର ଏସ୍. ରମେଶ ଦାସ (୩୫)। ମୃତକଙ୍କ ବାପା ସନ୍ନ୍ୟାସୀ ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ନଂ.୬୨/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର କାନଖାଇ ନିକଟ ଏକ ଜମିରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ରମ୍ଭା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବାବେଳେ ରମେଶଙ୍କ ସ୍ତ୍ରୀ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତଦେହରେ ବିଦ୍ୟୁତ୍ ତାର ଲାଗିଥିବାରୁ ବାର୍‌ହା ଦାଉରୁ ଫସଲ ରକ୍ଷା ପାଇଁ ବିଛାଯାଇଥିବା ତାରରେ ଲାଗି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ପାଲଙ୍ଗ ପଞ୍ଚାୟତ କାନଖାଇ ଗ୍ରାମର ଜଣେ ବ୍ୟକ୍ତି କହିଛନ୍ତି ଯେ, ବୁଧବାର ରାତିରେ ତାଙ୍କ ଘରେ କେହି ପଶିଥିବାବେଳେ ପରିବାର ଲୋକେ ଶବ୍ଦ ଶୁଣି ଉଠି ପଡିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ଦୌଡ଼ି ପଳାଉଥିବାବେଳେ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ମୃତ୍ୟୁ ଘଟିଥିବା କହିଛନ୍ତି। ଏନେଇ ରମ୍ଭା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସେଠି କହିଛନ୍ତି ଯେ, ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

### ୨ବସ୍ତା ଗଞ୍ଜେଇ ସହ ଅଟୋ ଜବତ, ୩ ଗିରଫ



ହିଞ୍ଜିଳିକାଟୁ,୧୯।୩(ଡି.ଏନ୍.ଏ.): ହିଞ୍ଜିଳିକାଟୁ ପୋଲିସ ମଙ୍ଗଳବାର ଖଣ୍ଡରା ଛକରେ ପାଟ୍ରୋଲିଂବେଳେ ଏକ ଅଟୋରୁ ୨ବସ୍ତା ଗଞ୍ଜେଇ ଜବତ କରିବା ସହ ଚାଳକ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଅଞ୍ଚଳର ବୁଲୁ କୁମାର ପ୍ରଧାନ ଓ ସୀମାଞ୍ଚଳ ପାତ୍ର ଏବଂ ଅଟୋ ଚାଳକ ବଡ଼ଗଡ଼ ରୁଗୁମୁ ଅଞ୍ଚଳର ବନମାଳୀ ସ୍ୱାଇଁ। ସେମାନଙ୍କଠାରୁ ଗଞ୍ଜେଇ ସହ ଅଟୋ, ୩ ମୋବାଇଲ ପୋଲିସ ଜବତ କରିଛି। ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ ପୋଲିସ ଜାତୀୟ ରାଜପଥ ନଂ-୫୯ ଖଣ୍ଡରା ଛକରେ ପାଟ୍ରୋଲିଂବେଳେ ଏକ ଅଟୋକୁ ଅଟକାଇଥିଲେ। ଯାଞ୍ଚବେଳେ ୨ଟି ଜରି ବସ୍ତାରେ ଗଞ୍ଜେଇ ମିଳିଥିଲା। ଜଣେ ଘଟଣାସ୍ଥଳରୁ ଦୌଡି ପଳାଇଥିବାବେଳେ ଅନ୍ୟ ୩ ଜଣଙ୍କୁ ପୋଲିସ କାବୁ କରି ନେଇଥିଲା। ଜେରାବେଳେ ସେମାନେ ଏହାକୁ ଫିରିଙ୍ଗିଆରୁ ଆଣି ଆସିକାରୁ ବ୍ରହ୍ମପୁର ଚାଲାଣ କରୁଥିବା କହିଥିଲେ। ତହସିଲଦାରଙ୍କ ଉପସ୍ଥିତରେ ଜବତ ଗଞ୍ଜେଇ ଓଜନ କରାଯାଇ ୫୪କେଜି ଥିବା ଜଣାପଡିଥିଲା। ନଂ.୯୧/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଭିମନ୍ୟୁ ଦାଶ ପ୍ରକାଶ କରିଛନ୍ତି।

# ବିଲୁପ୍ତପ୍ରାୟ ଗଞ୍ଜାମର ମଠ ସଂସ୍କୃତି



**ଅଶେଷ ନାଥ ମିଶ୍ର**

**ଦିଗପହଣ୍ଡି,୧୯।୩(ଡି.ଏନ୍.ଏ.)**

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ମଠ ପ୍ରଚଳନ ଆରମ୍ଭ ହୋଇଛି। ଅହିଂସା, ଶାନ୍ତି, ସଦଭାବ, ମୂର୍ତ୍ତିପୂଜା ଓ ସଦାଚାରକୁ ନେଇ ସୃଷ୍ଟି ହୋଇଥିବା ତତ୍କାଳୀନ ଜୈନ ଧର୍ମ ଆଶ୍ରମ ଓ ବୌଦ୍ଧ ଧର୍ମର ବିହାର, ମଠ ଓ ଗୁମ୍ଫା ଆଦିକୁ ସମାଜରେ 'ମଠ' ସୃଷ୍ଟିର ପ୍ରାଥମିକ ପଦକ୍ଷେପ ଭାବେ ଗ୍ରହଣ କରାଯାଏ। ମଠ ସାଧାରଣତଃ ୨ ଭାଗରେ ବିଭକ୍ତ। ଯେଉଁଠି ମହନ୍ତ ଆଜନ୍ମ ବ୍ରହ୍ମଚର୍ଯ୍ୟ ପାଳନ କରିଥାନ୍ତି, ସେଗୁଡିକୁ ଲହଙ୍ଗା ମଠ ଏବଂ ଯେଉଁଠି ମହନ୍ତ ଗୃହସ୍ଥ ଜୀବନଯାପନ କରି ମଠ ପରିଚାଳନା କରନ୍ତି ସେଗୁଡିକୁ ଗୃହିମଠ କୁହାଯାଏ। ଗଞ୍ଜାମ ଜିଲାର ମଠ ସଂସ୍କୃତି ଏବେ ବିଲୁପ୍ତପ୍ରାୟ। ଜିଲାରେ ଥିବା ମଠଗୁଡିକ ମଧ୍ୟରୁ ଅଧିକାଂଶ ଗୌଡ଼ିୟପନ୍ଥୀ ଶ୍ରୀମାଧବାଚାର୍ଯ୍ୟ ସମ୍ପ୍ରଦାୟର ଓ କେତେକ ରାମାନୁଜ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ। ଏହାବ୍ୟତୀତ ଅନେକ ମଠ ନାଥ, ଶୈବ ଓ ଶାକ୍ତ ପରମ୍ପରାର ବୋଲି ପ୍ରମାଣ ରହିଛି।

ପୂର୍ବରୁ ମଠ ଥିଲା ମଣିଷ ତିଆରି କାରଖାନା। ଭକ୍ତ ଓ ଯାତ୍ରୀମାନଙ୍କୁ ଏଠାରେ ଆଶ୍ରୟ ମିଳୁଥିଲା। ରାଜା, ମହାରାଜା, ଜମିଦାରମାନେ ମଠକୁ ସ୍ଥାବରଅସ୍ଥାବର ସମ୍ପତ୍ତି ଦାନ କରିଥିଲେ। ସମୟକ୍ରମେ ମଠରେ ପରିଚାଳନାଗତ ଅବ୍ୟବସ୍ଥା, ମଠାଧିଶମାନଙ୍କ ବିଳାସମୟ ଜୀବନଯାପନ, ଲକ୍ଷ୍ୟ ପଥରୁ ବିଚ୍ୟୁତି, କର୍ତ୍ତବ୍ୟ ସମ୍ପାଦନରେ ଅବହେଳା, ଆଧ୍ୟାତ୍ମିକ ଜ୍ଞାନ ଓ ଚେତନାର ପ୍ରଚାରପ୍ରସାର ପ୍ରତି ଉଦାସୀନତା ମନୋଭାବ ଯୋଗୁ ଅନେକ ମଠ ବିଲୁପ୍ତି ପଥରେ। ଏଭଳି ସ୍ଥିତିରେ ହାତଗଣତି କେତେକ ମଠ ସମ୍ପତ୍ତି ବିକ୍ରି ଲବ୍ଧ ଅର୍ଥରେ ବଞ୍ଚିରହିଛି। ମଠ ସଂଲଗ୍ନ ବିଭିନ୍ନ ଘରଭଡ଼ା ଅର୍ଥରେ ଠାକୁରଙ୍କ ନିକଟରେ ଭୋଗ ଲାଗିପାରୁଛି। ବ୍ରହ୍ମପୁର ସହର ମଧ୍ୟରେ ହାତଗଣତି ୮/୧୦ଟି ମଠର ଅବସ୍ଥିତି ରହିଛି। ସେଥିମଧ୍ୟରୁ ହରିଡାଖଣ୍ଡି ମଠର ନାଁ ଉଡିଯିବାକୁ ବସିଲାଣି। ଏକଦା ଦୁର୍ଭିକ୍ଷ ସମୟରେ ଜିଲାବ୍ୟାପୀ ଅନାହାରକ୍ଳିଷ୍ଟ ଲୋକଙ୍କୁ ବଞ୍ଚାଇ ରଖି ପାରିଥିବା ଏହି ମଠ ଆଜି ନିଜେ ବଞ୍ଚିବାକୁ ସଂଗ୍ରାମ କରୁଛି।

### ଜବରଦଖଲରେ ମଠ ଜମି


ଗଞ୍ଜାମ ଜିଲାରେ ଥିବା ସମସ୍ତ ଚାଷ ଜମିର ପ୍ରାୟ ୪୦ ପ୍ରତିଶତ ହେଉଛି ବିଭିନ୍ନ ମଠର। ସେଥିମଧ୍ୟରୁ ପ୍ରାୟ ଜମି କିଛିବର୍ଷ ହେଲା ଜମି ମାଫିଆମାନଙ୍କ ହାତକୁ ଚାଲିଗଲାଣି। ସରକାରୀ ଯୋଜନା ବ୍ୟତୀତ ପ୍ରାଚୀନ ମଠ ଗୁଡ଼ିକର ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ନଜର ଦୃଷ୍ଟି ପଡୁ ନ ଥିବାରୁ ମଠ ବୈଭବ ଲୁପ୍ତ ହେବାକୁ ବସିଛି। ଫଳରେ ମଠ ସମ୍ପତ୍ତି ଜବରଦଖଲରେ ରହିଛି।

### ସେମାନେ କୁହନ୍ତି...



ମଠସ୍ତୁ ଛାତ୍ରନିଳୟମ୍ ଅର୍ଥାତ ପୁରାତନ କାଳରେ ଛାତ୍ରମାନେ ମଠରେ ରହି ବିଦ୍ୟା ଅଧ୍ୟୟନ କରୁଥିଲେ। ମଠ ମୁଖ୍ୟମାନଙ୍କୁ ମହନ୍ତ କୁହାଯାଉଥିଲା। ମହତ ଶବ୍ଦରୁ ମହନ୍ତ ସୃଷ୍ଟି ହୋଇଛି। ପ୍ରବାଦ ଥିଲା ଯେଉଁ ଗାଁରେ ମଠ ନାହିଁ, ସେହି ଗାଁକୁ ବାଟ ନାହିଁ। ଭୀଷ୍ମଗିରି ରାମଜୀ ମଠ ୧୭୧୯ ମସିହାରେ ପ୍ରତିଷ୍ଠା ହୋଇଥିଲା। ଭୀଷ୍ମଗିରିକୁ କେହି ତୀର୍ଥଯାତ୍ରୀ କିମ୍ବା ଦୁଃଖୀରଙ୍କି ଆସିଲେ ପ୍ରସାଦ ସରିଯାଇଥିଲେ ମଧ୍ୟ ସେମାନଙ୍କୁ ରୋଷେଇ କରି ଖାଇବା ପାଇଁ ଡାଲି ଚାଉଳ ହାଣ୍ଡି ସମେତ ଜାଳେଣି କାଠ ଦିଆଯାଉଥିଲା।

**ଡ଼.ଅନନ୍ତ ରାମ କର, ଗବେଷକ**



ରାଜତନ୍ତ୍ର ପରେ ମଠସବୁ ଅବକ୍ଷୟ ଆଡ଼କୁ ଚାଲିଗଲାଣି। ମଠଗୁଡ଼ିକୁ ଚାଷ ଜମିରୁ ମହାସୁଲ ମିଳିପାରୁନାହିଁ। ଗତ ୧୦ ବର୍ଷ ମଧ୍ୟରେ ଆବଶ୍ୟକ କୃଷି ଶ୍ରମିକ ଅଭାବରୁ ମଠର ଶହ ଶହ ଏକର ଚାଷ ଜମିରେ ଚାଷ ନ ହୋଇ ପଡିଆ ପଡ଼ିଛି।

**ପରଂବ୍ରହ୍ମ ନାରାୟଣ ଦାସ, ବାଙ୍କବିହାରୀ ମଠାଧୀଶ**



ମଧ୍ୟଯୁଗୀୟ ସମୟରୁ ମଠ ମନ୍ଦିର ସମୂହ ସମାଜର ଶିକ୍ଷା, ସଂସ୍କୃତି ଓ ଧର୍ମୀୟ ଭାବନାର ପ୍ରଚାର ପ୍ରସାର କରୁଥିଲେ। ତାକୁ ରାଜଧର୍ମର ଅନୁମୋଦନ ଥିଲା। ତେଣୁ ଏ ଦିଗରେ ସରକାର ତଥା ମଠାଧୀଶମାନେ ଉଭୟେ ସମପରିମାଣରେ ଯତ୍ନବାନ ହେଲେ ମଠ ସଂସ୍କୃତିର ଲକ୍ଷ୍ୟ ନିଶ୍ଚିତ ପୂରଣ ହୋଇପାରିବ।

**ହରିହର ଦାସ ମହାରାଜ, ସମ୍ପାଦକ, ଗଞ୍ଜାମ-ଗଜପତି ମଠ ମନ୍ଦିରାଧିଶ ସଂଘ**



ନିତିକାନ୍ତି ପରମ୍ପରାକୁ ସୁରକ୍ଷା କରିବା ପାଇଁ ମହନ୍ତମାନେ ବହୁ ହନ୍ତସନ୍ତ ହେଉଛନ୍ତି। ମଠର ଚାଷଜମିରୁ ଆଦାୟ ୭୦ ପ୍ରତିଶତ କମିଗଲାଣି। ବର୍ତ୍ତମାନ ସ୍ଥିତିରେ ମଠଗୁଡିକର ଠାକୁର ଅସହାୟ। ମହନ୍ତମାନେ ବି ଅସହାୟ ଅବସ୍ଥାରେ କାଳ କାଟୁଛନ୍ତି।

**ପଦ୍ମଲୋଚନ ରାମାନୁଜ ଦାସ, ମଠାଧିଶ, ଭିଷ୍ମଗିରି ଶ୍ରୀରାମଜୀ ମଠ**



ମାସକୁ ଦରମା ବାବଦକୁ ମାତ୍ର ୧୧୦ ଟଙ୍କା ନେଇ କାମ କରୁଛୁ। ମଠରେ ଠାକୁରଙ୍କ ଭୋଗ ପାଇଁ ଦୁଇ ଓଳିକୁ ଦୁଇ ଅଡା ଚାଉଳ ମିଳୁଛି। ଡାଲି, ପନିପରିବା ଆଦି ନିମନ୍ତେ ମାସିକ ୯ ଶହ ଟଙ୍କା ମଠ ପରିଚାଳକ ଯୋଗାଇ ଦେଉଛନ୍ତି। ଦିଗପହଣ୍ଡି ସହରରେ ଥିବା ୧୨ଟି ମଠରେ ସେବା ପୂଜା ମଣୋହି ନିମନ୍ତେ ପ୍ରାୟ ୧୦ ଜଣ ପୂଜାରୀ ସୁଆର ବହୁ କଷ୍ଟରେ ସ୍ୱଳ୍ପ ମଜୁରୀରେ କାର୍ଯ୍ୟ କରି ପରିବାର ପରିପୋଷଣ କରୁଛୁ।

**ଦଣ୍ଡାସି ପାଣିଗ୍ରାହୀ, ଶ୍ରୀଚୈତନ୍ୟ ନିତ୍ୟାନନ୍ଦ ବଡ଼ମଠ ପୂଜାରୀ**

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ



#### ବ୍ୟାଙ୍କରେ ଚୋରି ଉଦ୍ୟମ ବିଫଳ

**କୋଦଳା,୧୯।୩(ଡି.ଏନ.ଏ.)**

କୋଦଳା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଆସ୍କା କେନ୍ଦ୍ର ସମବାୟ ବ୍ୟାଙ୍କ କୋଦଳା ଶାଖାରେ କିଛି ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ କାମ ସାରି ଶାଖାରେ ତାଲା ପକେଇ କର୍ମଚାରୀ ଘରକୁ ଯାଇଥିଲେ। ଗୁରୁବାର ସକାଳେ କର୍ମଚାରୀ ଓ ଶାଖା ପରିଚାଳକ ଆସି ତାଲା ଖୋଲି ଦେଖିଲା ବେଳେ ବାରିପଟ ଝରକା ଗ୍ରିଲ ଭାଙ୍ଗି ତଳେ ପଡିଥିବା ବେଳେ ସିସି ଟିଭି କ୍ୟାମେରାର ତାର କାଟି ଦିଆଯିବା ସହ କ୍ୟାସ୍ ଲକର ଭାଙ୍ଗିବାରେ ବିଫଳ ହୋଇଥିଲେ। ଏହା ପରେ ଗ୍ରାମର ଗଦାଧର କରଣଙ୍କ ଘର କବାଟ ତାଡି ସମସ୍ତେ ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ବିଷ୍ଣୁଙ୍କ ବେକରୁ ଅଢ଼େଇ ତୋଳାର ସୁନାଚେନକୁ ଛିଡାଇ ନେଇଥିଲେ। ବିଷ୍ଣୁ ପାଟି କରିବାରୁ ପରିବାର ଲୋକେ ଓ ପଡ଼ୋଶୀ ଉଠିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଏନେଇ ଥାନାରେ ଏତଲା ଦିଆଯାଇ ନ ଥିବା ଥାନାଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି।

# ତହସିଲଦାରଙ୍କ କ୍ୱାର୍ଟର୍ସ ପରିସରରୁ ଚନ୍ଦନ ଗଛ ଚୋରି

**ବାଲିଗୁଡା,୧୮।୩(ଡି.ଏନ୍.ଏ.)**

ବାଲିଗୁଡା ତହସିଲଦାର କ୍ଷୀରାବ୍ଧି ତନୟା ସାହୁଙ୍କ ବାସଭବନ ପରିସରରୁ ଦୁର୍ବୃତ୍ତମାନେ ଗୁରୁବାର ରାତିରେ ଏକ ଚନ୍ଦନ ଗଛ କାଟି ନେଇଛନ୍ତି। ତହସିଲଦାରଙ୍କ ଅଭିଯୋଗ ପ୍ରକାରେ ବାଲିଗୁଡା ପୋଲିସ ନଂ.୫୦/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ବୁଧବାର ରାତିରେ ଦୁର୍ବୃତ୍ତମାନେ ପାଚେରୀ ଡେଇଁ ତହସିଲଦାରଙ୍କ ବାସଭବନନ ପରିସରରେ ପଶି କ୍ୱାର୍ଟର୍ସର ମୁଖ୍ୟଦ୍ୱାରକୁ ବାହାରପଟୁ ବନ୍ଦ କରିଦେଇଥିଲେ। ପରେ ଚନ୍ଦନ ଗଛଟିକୁ କାଟିଥିଲେ। ଏହାର ଗଣ୍ଡିଟିକୁ ଅଲଗା କରି ନେଇଯାଇଥିବାବେଳେ ଡାଳଗୁଡିକ ଛାଡି ଚାଲିଯାଇଥିଲେ। ସକାଳୁ କାମ କରିବାକୁ ଆସିଥିବା ମହିଳା ଆସି ଗଛ କଟାଯିବା ସହ ଦ୍ୱାର ମୁଖ୍ୟଦ୍ୱାର ବାହାରପଟୁ ବନ୍ଦ ଥିବା ଦେଖିଥିଲେ। ଦ୍ୱାର ଖୋଲିବା ପରେ ତହସିଲଦାର ବାହାରକୁ ଆସି ବାଲିଗୁଡା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏନେଇ ନଂ.୫୦/୨୦ରେ ମାମଲା ରୁଜୁ ହୋଇଛି।



କଟା ହୋଇ ପଡ଼ିଥିବା ଚନ୍ଦନ ଗଛ ଡାଳ।

### ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା

**ବୁଗୁଡ଼ା,୧୯।୩(ଡି.ଏନ.ଏ.):** କରୋନା ରକ୍ଷା ଲାଗି ବୁଗୁଡ଼ା ଏନ୍ଏସି ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କରାଯାଇଛି। ଆଇଆଇସି ଚିତ୍ତରଞ୍ଜନ ବେହେରା ଏବଂ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ସହରରେ ଡ଼ାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଛି। ଏଥିରେ ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କର୍ମଚାରୀ ଓ ପୋଲିସ ବୁଲି ସହରରେ ସଚେତନ କରାଇଥିଲେ। ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ମଙ୍ଗଳବାର ୨ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କରାଯାଇଥିଲା। ଖବର ପାଇ ବୁଧବାର ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା ଏକ ବିଦ୍ୟାପୀଠକୁ ଯାଇ ତଦନ୍ତ କରିବା ପରେ ସ୍ଥାନୀୟ ବିଇଓଙ୍କୁ ଜଣାଇଥିବା କହିଛନ୍ତି।

# କରୋନା ସଚେତନତା: ହାତଧୁଆ ଶିଖାଇଲେ ଜିଲାପାଳ



ଜିଲାପାଳ ହାତ ଧୋଉଛନ୍ତି।

**ଶେରଗଡ଼,୧୯।୩(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକ ଅଲାରିଗଡ଼ ଓ ଶେରଗଡ଼ ଗ୍ରାମ ପଞ୍ଚାୟତ ବୈଠକରେ ଗୁରୁବାର ଯୋଗଦେଇଥିଲେ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ। ଜୀବନ ଅଛି ତ ସବୁକିଛି ଅଛି, ଜୀବନକୁ ସୁରକ୍ଷିତ କରିବାକୁ ସଚେତନତା ଜରୁରୀ। ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ରୋଗ ପ୍ରତିରୋଧ ଶକ୍ତି କମୁଥିବାରୁ ନିହାତି ଆବଶ୍ୟକ ନ ହେଲେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଥିଲେ। ଅଙ୍ଗନବାଡି କର୍ମୀ କେନ୍ଦ୍ରର ପିଲାମାନଙ୍କୁ ଶୁଖିଲା ଖାଦ୍ୟ ଦିଅନ୍ତୁ। ମନ୍ଦିର ଓ ପୋଖରୀରେ ଭିଡ କରନ୍ତୁ ନାହିଁ। ବହୁତ ଲୋକ ଏକାଠି ହୁଅନ୍ତୁ ନାହିଁ ବୋଲି କହିବା ସହ ସଭା ଶେଷରେ ସରପଞ୍ଚ ଅଶୋକ କୁମାର ସ୍ୱାଇଁଙ୍କୁ ହାତ ଧୋଇବା କୌଶଳ ଶିଖାଇବା ସହ ଘରେ ଘରେ ସଚେତନତା କରିବାକୁ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସୁରଞ୍ଜନ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ, ବିଇଓ କୁଞ୍ଜ ବିହାରୀ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡ଼ଙ୍ଗୀ, ସାମାଜିକକର୍ମୀ ସନ୍ତୋଷ କୁମାର ପଟ୍ଟନାୟକ, ଦିଗାମ୍ବର ନାହାକ, ଶେରଗଡ଼ ଠାରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସରପଞ୍ଚ ଯାଜ୍ଞସେନି ପ୍ରଧାନ, ଉଦୟ ନାଥ ପ୍ରଧାନ, ମେଘନାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


## ODISHA JOINT ENTRANCE EXAMINATION - 2020
## ( OJEE - 2020 )

No: OJEE / 106 — Date: 19.03.2020

**NOTICE REGARDING EXTENSION OF LAST DATE FOR ONLINE APPLICATION**

Candidates who wish to take admission in B.Pharm/ MBA / MCA / M.Tech/ M.Tech (Part Time)/ M.Arch/ M Plan/ M.Pharm/ Int. MBA and Lateral Entry to B.Tech/ B.Pharm Courses in Government and Private Universities and Colleges of Odisha have to appear

**OJEE - 2020,**

Entrance Examination for all the above Course will be Computer Based Test (CBT).

Last dates for online application is hereby extended as follows

Tentative Dates for OJEE (CBT) : 1st Week of May, 2020 (Exact dates shall be notified later)
Last date to fill-up Online Application form : 27th March, 2020
Last date of online application fee payment : 31st March, 2020
Downloading of admit card : 20th April, 2020 onwards

For other details, please visit our website: **www.ojee.nic.in/ www.odishajee.com.**

Sd/-
CHAIRMAN,
OJEE, Odisha


# ବଜ୍ରପାତରେ ଭାଙ୍ଗିଲା ବିଷ୍ଣୁ ମନ୍ଦିର ଚୂଡ଼ା



**ପାତ୍ରପୁର,୧୯।୩ (ଡି.ଏନ୍.ଏ.)**

ପାତ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ କୁଆପଥର ବୃଷ୍ଟି ହୋଇଛି। ବଣଶୋଳା ଗ୍ରାମ ବଡ଼ସାହିରେ ଥିବା ପାଣ୍ଡୁରଙ୍ଗା ବିଷ୍ଣୁ ମନ୍ଦିର ଉପରେ ବଜ୍ରପାତ ହେବାରୁ ମନ୍ଦିର ଚୂଡ଼ା ଭାଙ୍ଗି ତଳକୁ ଖସି ପଡ଼ିଛି। ସେହିଭଳି ତାଳପଡାରେ ନଡିଆ ଗଛ ଜଳିଯାଇଥିବା ଜଣାପଡିଛି। ବ୍ଲକର ଖାରିଆଗୁଡା, ଗୁଣ୍ଠୁରା, ମନ୍ଦରଡା, ସୁରଙ୍ଗି, ପାତ୍ରପୁର, ଜରଡା, ସାମନ୍ତିଆପଲ୍ଲୀ, କେଲୁଆ ପ୍ରମୁଖ ଅଞ୍ଚଳରେ ବର୍ଷାସହ କୁଆପଥର ବୃଷ୍ଟି ହୋଇଥିଲା। ଅନ୍ୟପଟେ ବାଘଲଟି ଜଳ ଭଣ୍ଡାରର ଉପର ମୁଣ୍ଡ ପାହାଡରେ ପ୍ରବଳ ବର୍ଷା ହୋଇଥିବାରୁ ଜଳଭଣ୍ଡାରର ଜଳସ୍ତର ବଢ଼ିଛି। କୌଣସି ମୁହୂର୍ତ୍ତରେ ନଦୀକୁ ପାଣି ଛଡାଯାଇପାରେ ବୋଲି ବାଘଲଟି ଜଳଭଣ୍ଡାର ନିର୍ବାହୀ ଯନ୍ତ୍ରୀ ଇଂ. ସଂଜୀବ କୁମାର ଦାସବର୍ମା ସୂଚନା ଦେଇଛନ୍ତି। ନଦୀ ମଧ୍ୟକୁ ଯିବାକୁ ବାରଣ କରାଯାଇଛି। କରୋନାକୁ ନେଇ ଜନସାଧାରଣ ଭୟଭୀତ ଥିବାବେଳେ ବଜ୍ରପାତରେ ମନ୍ଦିର ନୀଳଚକ୍ର ଭାଙ୍ଗିବାରୁ ଗ୍ରାମବାସୀଙ୍କ ମନରେ ଛନକା ପଶିଛି।



ଚୂଡ଼ା ଭାଙ୍ଗିପଡିଥିବା ବିଷ୍ଣୁ ମନ୍ଦିର।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ଆଜାଦ ଅଲ୍ଲୀ ଖାନ୍,** ପିତା: ମୁରସିଦ ଅଲ୍ଲୀ ଖାନ୍ ଏବଂ ପାୱାର ଅଫ୍ ଆଟର୍ଣ୍ଣି ହୋଲ୍ଡର: ନସିମା ତାସ୍ମି, ସ୍ୱାମୀ: ଆଜାଦ ଅଲ୍ଲି ଖାନ୍, ସା: ପ୍ଲଟ୍ ନଂ.: ଏଲ୍୧-୧୫୮, ଫେଜ୍-୩, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | **ଆଜାଦ ଅଲ୍ଲୀ ଖାନ୍,** ପିତା: ମୁରସିଦ ଅଲ୍ଲୀ ଖାନ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୭/୧୨୬୪, ପରିମିତ କ୍ଷେତ୍ର: ୭.୯୯୦ ଏକର ଏବଂ ପ୍ଲଟ୍ ନଂ.: ୮୭/୧୨୬୩/୧୮୦୨, ପରିମିତ କ୍ଷେତ୍ର: ୪.୦୧୦ଏକର, ଖାତା ନଂ.: ୪୨୧, ଉଭୟ ପରିମିତ କ୍ଷେତ୍ର: ୧୨ ଏକର, ମୌଜା: ଶଙ୍କରପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ସବ୍-ରେଜିଷ୍ଟ୍ରାର: ଖଣ୍ଡଗିରି, ଆବାସିକ ଆପାର୍ଟମେଣ୍ଟ ଟାୱାର ନଂ.: ୦୦୯, ତଳ ମହଲା, ଫ୍ଲାଟ୍ ନଂ.: ୦୨, କ୍ଷେତ୍ର: ୧୦୯୯ ବର୍ଗଫୁଟ, ଟାଟା ଆରିଆନା ପ୍ରକଳ୍ପ, ଭୁବନେଶ୍ୱର | **ତା.୧୩.୦୧.୨୦୨୦** ପର୍ଯ୍ୟନ୍ତ ସୁଧ ସହିତ **ଟ.୪୬,୨୦,୭୦୮/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | **୧୪.୦୧.୨୦୨୦ / ୧୮.୦୩.୨୦୨୦** |

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୯.୦୩.୨୦୨୦

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଶ୍ରୀଲଙ୍କାରେ ନିର୍ବାଚନ ବନ୍ଦ

କରୋନାକୁ ଦୃଷ୍ଟିରେ ରଖି ଶ୍ରୀଲଙ୍କା ସରକାର ଏପ୍ରିଲ ୨୫ରେ ହେବାକୁ ଥିବା ସଂସଦୀୟ ନିର୍ବାଚନକୁ ଗୁରୁବାର ଅନିର୍ଦ୍ଦିଷ୍ଟ କାଳ ଲାଗି ବାତିଲ କରିଦେଇଛନ୍ତି। ନିର୍ବାଚନ କମିଶନର ମହିନ୍ଦା ଦେଶପ୍ରିୟା ଏହି ସୂଚନା ଦେଇଛନ୍ତି। ୨୨୫ ଆସନ ବିଶିଷ୍ଟ ଶ୍ରୀଲଙ୍କା ପାର୍ଲାମେଣ୍ଟ ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନାମାଙ୍କନପତ୍ର ଦାଖଲ ସରିଛି। ଶ୍ରୀଲଙ୍କାରେ ୫୦ କରୋନା ସଂକ୍ରମିତ ଚିକିତ୍ସାଧୀନ ଓ ୨୦୦ ସନ୍ଦିଗ୍ଧଙ୍କୁ ହସ୍ପିଟାଲରେ ରଖାଯାଇଛି।

# ଫାଶୀ ପାଇଁ ତିହାର ତିଆର

ନିର୍ଭୟା ଦୋଷୀଙ୍କୁ ଫାଶୀ ଦେବା ପାଇଁ ତିହାର ଜେଲ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ଥର ଲାଗି ତିହାର ଜେଲରେ ଏକସଙ୍ଗେ ୪ ଜଣ ଫାଶୀ ପାଇବାକୁ ଯାଉଛନ୍ତି। ମିରଟ୍‌ରୁ ଆସି ମଙ୍ଗଳବାର ତିହାର ଜେଲ୍‌ରେ ପହଞ୍ଚିଥିବା ଘାତକ ପବନ ଜହ୍ଲାଦ ଫାଶୀ ଦେବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଥିବା ଜେଲର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଫାଶୀ ଦଉଡି ଓ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହା ପରେ ଡମି କରାଯାଇଥିଲା। ଅପରାଧୀଙ୍କ ଓଜନର ଦେଢ଼ଗୁଣ ଓଜନବିଶିଷ୍ଟ ବାଲିବସ୍ତାକୁ ଫାଶୀ ଦଉଡିରେ ଝୁଲାଯାଇଥିଲା।


ପବନ ଜହ୍ଲାଦ

### କେଉଁମାନେ ଉପସ୍ଥିତ ରହିବେ

ଦିଲ୍ଲୀ ଜେଲ ନିୟମାବଳୀ, ୨୦୧୮ ଅନୁଯାୟୀ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ମେଡିକାଲର ଭାରପ୍ରାପ୍ତ ଅଫିସର, ଜେଲ୍ ମେଡିକାଲ ଅଫିସର, ଜିଲା ମାଜିଷ୍ଟ୍ରେଟ କିମ୍ବା ଅତିରିକ୍ତ ଜିଲା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଫାଶୀ ଦିଆଯିବ। ଏହି ସମୟରେ ଅନ୍ୟୂନ ୧୦ କନଷ୍ଟେବଲ, ୱାର୍ଡର, ଦୁଇଜଣ ହେଡ୍ କନଷ୍ଟେବଲ, ମୁଖ୍ୟ ୱାର୍ଡର କିମ୍ବା ସମାନ ସଂଖ୍ୟକ ଜେଲ ସୁରକ୍ଷା କର୍ମୀ ଉପସ୍ଥିତ ରହିବେ। ଫାଶୀ ସମୟରେ ଦୋଷୀଙ୍କ ପରିବାର ସଦସ୍ୟଙ୍କୁ ଦେଖିବା ପାଇଁ ଅନୁମତି ଦିଆଯିବ ନାହିଁ। ଯଦି ବନ୍ଦୀ ଚାହାନ୍ତି ତେବେ ତାଙ୍କ ଧର୍ମର ଜଣେ ପୂଜକଙ୍କୁ ଫାଶୀ ସମୟରେ ସେଠାରେ ଉପସ୍ଥିତ ରହିବାକୁ ଅନୁମତି ମିଳିପାରେ। ସେହିପରି ଫାଶୀ ସରିବା ପର୍ଯ୍ୟନ୍ତ ଜେଲ୍‌ର ଅନ୍ୟ ବନ୍ଦୀମାନଙ୍କୁ ସେମାନଙ୍କ ସେଲ୍‌ରେ ବନ୍ଦ କରି ରଖାଯିବ। ଫାଶୀ ପରେ ମୃତଦେହଗୁଡ଼ିକୁ ଜେଲ ପରିସରରୁ ହଟାଇଦିଆଯିବ।



ତିହାର ଜେଲ୍

### କିପରି ଦିଆଯାଏ ଫାଶୀ

ଜେଲ ନିୟମାବଳୀ ଅନୁଯାୟୀ ଫାଶୀର ୪ ଦିନ ପୂର୍ବରୁ ମେଡିକାଲ ଅଫିସର ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ସେମାନଙ୍କୁ କେତେ ଗଭୀର ପର୍ଯ୍ୟନ୍ତ ଝୁଲାଯିବ ତାହା ରିପୋର୍ଟରେ ଉଲ୍ଲେଖ କରାଯାଇଥାଏ। ମୃତ୍ୟୁଦଣ୍ଡ ପାଇବାକୁ ଥିବା ପ୍ରତି ଦୋଷୀଙ୍କ ପାଇଁ ଦୁଇଟି ଅତିରିକ୍ତ ଦଉଡି ରିଜର୍ଭ ରଖାଯାଇଥାଏ। ଯାଞ୍ଚ ସରିବା ପରେ ଦଉଡି ଓ ଅନ୍ୟାନ୍ୟ ସରଞ୍ଜାମକୁ ଇସ୍ପାତ୍ ବାକ୍ସରେ ତାଲା ପକାଇ ସିଲ୍ କରାଯାଏ। ଏହାକୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱରେ ରଖାଯାଇଥାଏ। ଫାଶୀ ଦିନ ସକାଳେ ସୁପରିଣ୍ଟେଣ୍ଡେଣ୍ଟ, ଜିଲାପାଳ ଓ ମେଡିକାଲ ଅଫିସରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସେଲ୍‌ରେ ବନ୍ଦୀଙ୍କୁ ଭେଟିଥାନ୍ତି। ଫାଶୀ ପାଇବାକୁ ଥିବା ବ୍ୟକ୍ତିଙ୍କର କୌଣସି ୱିଲ୍(ଇଚ୍ଛାପତ୍ର) ଥିଲେ ତାହାକୁ ସ୍ୱାକ୍ଷର କରାଯାଇ ସୁପରିଣ୍ଟେଣ୍ଡେଣ୍ଟ ଓ ଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ଆଟେଷ୍ଟେଡ୍ କରାଯାଇଥାଏ। ଫାଶୀଖୁଣ୍ଟ ପାଖକୁ ନିଆଯିବା ପୂର୍ବରୁ ଦୋଷୀଙ୍କ ମୁହଁକୁ କପଡ଼ାରେ ଆବୃତ କରାଯାଏ। ତେଣୁ ସେ ଫାଶୀଖୁଣ୍ଟକୁ ଦେଖିପାରେ ନାହିଁ। ୱାର୍ଡେନମାନେ ବନ୍ଦୀଙ୍କୁ ଧରି ରଖନ୍ତି ଓ ସୁପରିଣ୍ଟେଣ୍ଡେଣ୍ଟ ଇସାରା ଦେଲେ ଛାଡ଼ିଥାନ୍ତି। ଏହାପରେ ଘାତକ ବୋଲ୍ଟ ଟାଣିଥାନ୍ତି। ଫାଶୀ ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥାଏ। ମୃତଦେହକୁ ଶ୍ମଶାନ ପର୍ଯ୍ୟନ୍ତ ନେବା ଲାଗି ଆମ୍ବୁଲାନ୍ସ ଯୋଗାଇଦିଆଯାଇଥାଏ।

ଏହା ପୂର୍ବରୁ ୨୦୧୩ ଫେବୃୟାରୀ ୯ରେ ତିହାର ଜେଲରେ ଅଫଜଲ ଗୁରୁଙ୍କୁ ଫାଶୀ ଦିଆଯାଇଥିଲା। ଫାଶୀ ପରେ ତାଙ୍କୁ ଜେଲ ପରିସରରେ କବର ଦିଆଯାଇଥିଲା। ପାର୍ଲାମେଣ୍ଟ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ଅଫଜଲଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା।

## ନିର୍ଭୟା ମାମଲା ଘଟଣାକ୍ରମ

**୨୦୧୨ ଡିସେମ୍ବର ୧୬:** ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଘରୋଇ ବସ୍‌ରେ ୬ ଜଣ ଗଣବଳାତ୍କାର କରିବା ସହ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ କରି ଚଳନ୍ତା ବସ୍‌ରୁ ଫିଙ୍ଗିଦେଇଥିଲେ। ପୀଡ଼ିତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

**ଡିସେମ୍ବର ୧୭:** ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସାରା ଦେଶରେ ଜୋର୍‌ଦାର ବିକ୍ଷୋଭ ହୋଇଥିଲା। ପୋଲିସ ଅଭିଯୁକ୍ତ ବସ୍ ଡ୍ରାଇଭର ରାମ ସିଂ, ତାଙ୍କ ଭାଇ ମୁକେଶ, ବିନୟ ଶର୍ମା ଓ ପବନ ଗୁପ୍ତାଙ୍କୁ ଚିହ୍ନଟ କରିଥିଲେ। ତା’ ପରଦିନ ସେମାନଙ୍କୁ ଗିରଫ କରାଯାଇଥିଲା।

**ଡିସେମ୍ବର ୨୧:** ନାବାଳକ ଅଭିଯୁକ୍ତଙ୍କୁ ଆନନ୍ଦ ବିହାର ବସ୍ ଟର୍ମିନାଲରୁ ଧରାଯିବା ସହ ଷଷ୍ଠ ଅଭିଯୁକ୍ତ ଅକ୍ଷୟ ସିଂଙ୍କୁ ବିହାରର ଔରଙ୍ଗାବାଦ ଜିଲାରୁ ଗିରଫ କରାଯାଇଥିଲା।

**ଡିସେମ୍ବର ୨୫:** ନିର୍ଭୟାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସିଙ୍ଗାପୁରର ମାଉଣ୍ଟ ଏଲିଜାବେଥ ହସ୍ପିଟାଲକୁ ପଠାଯାଇଥିଲା। ଡିସେମ୍ବର ୨୯ରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

**୨୦୧୩ ଜାନୁୟାରୀ ୩:** ପୋଲିସ ୫ ସାବାଳକ ଅଭିଯୁକ୍ତଙ୍କ ବିରୋଧରେ ଅପହରଣ, ଗଣବଳାତ୍କାର, ହତ୍ୟା, ହତ୍ୟା ଉଦ୍ୟମ, ଅପ୍ରାକୃତ ଅପରାଧ ଓ ଡକାୟତି ମାମଲାରେ ଚାର୍ଜଶିଟ ଦାଖଲ କରିଥିଲା।

**ମାର୍ଚ୍ଚ ୧୧:** ଅଭିଯୁକ୍ତ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିଲେ।

**ଜୁଲାଇ ୧୧:** ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ନାବାଳକ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲା ଓ ଅଗଷ୍ଟ ୩୧ରେ ୩ ବର୍ଷ ସୁଧାର ଗୃହକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲା।

**ସେପ୍ଟେମ୍ବର ୧୩:** ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ତଳକୋର୍ଟ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ସେମାନେ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**୨୦୧୪ ମାର୍ଚ୍ଚ ୧୫:** ହାଇକୋର୍ଟ ମୃତ୍ୟୁଦଣ୍ଡାଦେଶକୁ କାଏମ ରଖିଥିଲେ।

**୨୦୧୭ ମେ ୫:** ସୁପ୍ରିମକୋର୍ଟ ୪ ଅପରାଧୀଙ୍କ ମୃତ୍ୟୁଦଣ୍ଡକୁ କାଏମ ରଖିଥିଲେ।

# ‘ଦୁର୍ବଳ ଆଇନ ବ୍ୟବସ୍ଥା ପାଇଁ ବଳାତ୍କାର ବଢ଼ିଚାଲିଛି’

ନିର୍ଭୟା ଗଣବଳାତ୍କାର ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିଲା। ଏହାର ପ୍ରତିବାଦରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ମାସାଧିକ କାଳ ଧରି ବିକ୍ଷୋଭ ପ୍ରତିବାଦ ଲାଗି ରହିବା ପରେ ସରକାର ବଳାତ୍କାର ଆଇନକୁ କଠୋର କରିଥିଲେ। ଫଳରେ ଦେଶରେ ଆଉ ଯୌନ ହିଂସା ହେବନାହିଁ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଦେଶରେ ବଳାତ୍କାର, ଯୌନ ନିର୍ଯାତନା, ମହିଳାଙ୍କୁ ଜାଳିଦେବା ଭଳି ଘଟଣା ବଢ଼ିଚାଲିଥିବା ନାରୀ ଅଧିକାର କର୍ମୀ ଓ ଆଇନଜୀବୀମାନେ କହିଛନ୍ତି। ଦୁର୍ବଳ ଆଇନ ବ୍ୟବସ୍ଥା ଓ କର୍ତ୍ତୃପକ୍ଷଙ୍କୁ ଗୁରୁତ୍ୱ ଦେବାର ଭୁଲ୍ ପାଇଁ ଦେଶ ମହିଳାମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ହୋଇ ରହି ନ ଥିବା ସେମାନେ ମତ ଦେଇଛନ୍ତି।

୨୦୧୨ ଡିସେମ୍ବର ୧୬ ନିର୍ଭୟା ଘଟଣା ପରେ ୨୦୧୩ ଜୁନ୍‌ରେ ପଶ୍ଚିମବଙ୍ଗର କାମଦୁନି, ଅଗଷ୍ଟରେ ମୁମ୍ବାଇର ଶକ୍ତି ମିଲ୍ ପରିସରରେ ବୀଭତ୍ସ ବଳାତ୍କାର ଘଟଣା ସାରା ଦେଶର ଗଣମାଧ୍ୟମରେ ଛାଇଯାଇଥିଲା। ଏହା ମଧ୍ୟରେ କଠୁଆଠାରୁ ଆରମ୍ଭ କରି ଉନ୍ନାଓ ପର୍ଯ୍ୟନ୍ତ ଅନେକ ଗଣବଳାତ୍କାର ଓ ହତ୍ୟା ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଥିଲେ ହେଁ ପୀଡ଼ିତାମାନଙ୍କୁ ନ୍ୟାୟ ମିଳିପାରି ନାହିଁ।



୨୦୧୨ ଡିସେମ୍ବରରେ ନିର୍ଭୟା ଗଣବଳାତ୍କାର ପରେ ନ୍ୟାୟ ଦାବିରେ ଦିଲ୍ଲୀରେ ବିକ୍ଷୋଭ।

ସ୍ଥିତିରେ ସୁଧାର ନ ଆସିବାର କାରଣ ହେଲା ଦୁର୍ବଳ ଆଇନ ବ୍ୟବସ୍ଥା ବୋଲି ଆଇନଜୀବୀ ବ୍ରିନ୍ଦା ଗ୍ରୋଭର କହିଛନ୍ତି। ନିର୍ଭୟା ମାମଲାର ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ଫାଷ୍ଟଟ୍ରାକ୍ କୋର୍ଟକୁ ପାଖାପାଖି ୪ ବର୍ଷ ୬ ମାସ ସମୟ ଲାଗିଥିଲା। କାମଦୁନି ଓ ଶକ୍ତି ମିଲ୍ ଗଣବଳାତ୍କାର ମାମଲା ଏବେ ବି କୋଲକାତା ଓ ବମ୍ବେ ହାଇକୋର୍ଟରେ ବିଚାରାଧୀନ ରହିଛି। ଉପଯୁକ୍ତ ତଦନ୍ତ ନ ହେବା ଓ ପ୍ରମାଣ ଅଭାବରୁ ବଦାଉଁ ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ୨୦୧୮ କଠୁଆ ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲାରେ ୭ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରମାଣ ଅଭାବରୁ ଜଣକୁ ଦୋଷମୁକ୍ତ କରାଯାଇଥିଲା। ୩ ଜଣଙ୍କୁ ୨୫ ବର୍ଷ ଓ ଅନ୍ୟ ୩ ଜଣଙ୍କୁ ୫ ବର୍ଷ ଜେଲ୍‌ଦଣ୍ଡ ମିଳିଛି। ନାବାଳିକା ବଳାତ୍କାର ମାମଲାରେ ଭାଜପା ବିଧାୟକ କୁଲଦୀପ ସେନଗାରଙ୍କୁ ଗତ ଡିସେମ୍ବରରେ ଆଜୀବନ ଜେଲ୍‌ଦଣ୍ଡ ମିଳିଥିଲା।

### ପୁଅ ପାଇଁ ମାଆଙ୍କ ଶେଷ ଇଚ୍ଛା ‘ପୁରି, ସବ୍‌ଜି, କଚୋରି’

ଫାଶୀ ପାଇବାକୁ ଯାଉଥିବା ନିର୍ଭୟା ଦୋଷୀ ବିନୟ ଶର୍ମାଙ୍କ ପାଇଁ ତାଙ୍କ ମାଆଙ୍କ ଶେଷ ଇଚ୍ଛା ହେଲା ସେ ପୁଅଙ୍କୁ ପୁରି, ସବ୍‌ଜି ଓ କଚୋରି ଖୁଆଇବେ। ଘାତକ ଫାଶୀ ପାଇଁ ପ୍ରସ୍ତୁତି ଶେଷ କରିବା ସହ ଦିଲ୍ଲୀ ହାଇକୋର୍ଟ ଜଣେ ଅପରାଧୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ବିନୟଙ୍କ କ୍ୟୁରେଟିଭ୍ ପିଟିଶନ ଜାନୁୟାରୀ ୧୪ରେ ସୁପ୍ରିମକୋର୍ଟ ଖାରଜ କରିଦେଇଥିବାବେଳେ ରାଷ୍ଟ୍ରପତି ଫେବୃୟାରୀରେ କ୍ଷମା ଆବେଦନକୁ ଖାରଜ କରିଥିଲେ। ବିନୟଙ୍କ ଘରେ ପହଞ୍ଚିଥିବା କେତେଜଣଙ୍କୁ ତାଙ୍କ ମାଆ କହିଥିଲେ, ଭଗବାନ ଚାହିଁଲେ ପୁଅକୁ ରକ୍ଷା କରିବେ। ସବୁକିଛି ଭଗବାନଙ୍କ ଇଚ୍ଛାରେ ହେଉଛି। କରୋନା ଭୂତାଣୁର ଉଦାହରଣ ଦେଇ ସେ କହିଥିଲେ, କିଏ ମରିବ ବା ବଞ୍ଚିବ ତାହା ମଣିଷ ହାତରେ ନାହିଁ। ତିହାର ଜେଲ୍ କର୍ତ୍ତୃପକ୍ଷ ପୁଅ ପାଇଁ ଖାଦ୍ୟ ନେଇଯିବା ଲାଗି ଅନୁମତି ଦେବେନାହିଁ। ଯଦି ସେମାନେ ଅନୁମତି ଦିଅନ୍ତେ ତେବେ ପୁଅ ପାଇଁ ପୁରି, ସବ୍‌ଜି ଓ କଚୋରି ନେଇ ଯାଆନ୍ତି ବୋଲି ବିନୟଙ୍କ ମାଆ କୋହଭରା କଣ୍ଠରେ କହିଥିଲେ।

## ୭ ବର୍ଷ ପରେ ଝିଅ ଆତ୍ମାକୁ ଶାନ୍ତି ମିଳିବ: ନିର୍ଭୟାଙ୍କ ମା’

ନୂଆଦିଲ୍ଲୀ,୧୯।୩(ପି.ଟି.)



୨୦୧୨ ନିର୍ଭୟା ମାମଲାର ୭ ବର୍ଷ ପରେ ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯାଉଛି। ଫାଶୀ ଘୁଞ୍ଚାଇବା ପାଇଁ ତିନି ଅପରାଧୀଙ୍କ ପିଟିଶନକୁ ପଟିଆଲା ହାଉସ୍ କୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ୭ ବର୍ଷ ପରେ ତାଙ୍କ ଝିଅର ଆତ୍ମାକୁ ଶାନ୍ତି ମିଳିବାକୁ ଯାଉଛି ଓ ତାଙ୍କୁ ନ୍ୟାୟ ମିଳିଲା ବୋଲି ନିର୍ଭୟାଙ୍କ ମା’ ଆଶାଦେବୀ ଗୁରୁବାର କହିଛନ୍ତି। ୨୦୧୨ ଡିସେମ୍ବର ୧୬ରେ ଦକ୍ଷିଣ ଦିଲ୍ଲୀରେ ଘଟିଥିବା ବୀଭତ୍ସ ଗଣବଳାତ୍କାର ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିଲା। ଡିସେମ୍ବର ୨୯ରେ ସିଙ୍ଗାପୁର ହସ୍ପିଟାଲରେ ପୀଡ଼ିତାଙ୍କର ମୃତ୍ୟୁ ଘଟିଥିଲା।

## କୋର୍ଟ ବାହାରେ ମୂର୍ଚ୍ଛା ଗଲେ ଅକ୍ଷୟଙ୍କ ସ୍ତ୍ରୀ

ନୂଆଦିଲ୍ଲୀ,୧୯।୩(ପି.ଟି.)

### ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ

ନିର୍ଭୟା ମାମଲାର ଦୋଷୀ ଅକ୍ଷୟ କୁମାର ସିଂଙ୍କ ସ୍ତ୍ରୀ ପୁନୀତା ଦେବୀ ଗୁରୁବାର ପଟିଆଲା ହାଉସ୍ କୋର୍ଟ ବାହାରେ ମୂର୍ଚ୍ଛା ଯାଇଥିଲେ। ସେ ଓ ତାଙ୍କ ପୁଅ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ ପୁନୀତା ଦିନକ ପୂର୍ବରୁ ଛାଡ଼ପତ୍ର ପାଇଁ ବିହାରର ଏକ ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ। ସେ ଜଣେ ବଳାତ୍କାରୀଙ୍କ ସ୍ତ୍ରୀର ପରିଚୟ ନେଇ ବଞ୍ଚିବାକୁ ଚାହାନ୍ତି ନାହିଁ ବୋଲି ତାଙ୍କ ଆବେଦନରେ ଉଲ୍ଲେଖ କରିଥିଲେ। ଗୁରୁବାର ସେ କହିଛନ୍ତି, ତାଙ୍କ ସ୍ୱାମୀ ନିର୍ଦ୍ଦୋଷ। ସେ ନ୍ୟାୟ ଚାହାନ୍ତି। ମୋତେ ମାରିଦିଅ, ମୁଁ ବଞ୍ଚିବାକୁ ଚାହେଁନା ବୋଲି ସେ କୋର୍ଟ ପରିସରରେ କାନ୍ଦି କାନ୍ଦି କହିଥିଲେ। ୭ ବର୍ଷ ହେଲା ଆମେ ପ୍ରତିଦିନ ମରୁଛୁ ବୋଲି ପୁନୀତା କହିବା ସହ ନିଜକୁ ନିଜେ ଚପଲରେ ପିଟିଥିଲେ।

# ଆଜି କମଲନାଥଙ୍କ ଭାଗ୍ୟ ପରୀକ୍ଷା

ନୂଆଦିଲ୍ଲୀ,୧୯।୩(ପି.ଟି.)

### ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ମଧ୍ୟପ୍ରଦେଶ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଶୁକ୍ରବାର ଡାକି ଅପରାହ୍ନ ୫ଟା ସୁଦ୍ଧା ଆସ୍ଥାଭୋଟ କରାଇବା ଲାଗି ସୁପ୍ରିମକୋର୍ଟ ଗୁରୁବାର ବାଚସ୍ପତି ଏନ୍.ପି. ପ୍ରଜାପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ କମଲନାଥ ସରକାରଙ୍କୁ ଶକ୍ତ ଝଟକା ଲାଗିଛି। କଂଗ୍ରେସ ସରକାର ରହିବ କି ନାହିଁ ତାହା କେବଳ ଆସ୍ଥାଭୋଟ ଉପରେ ନିର୍ଭର କରୁଛି। ରାଜନୈତିକ ଅନିଶ୍ଚିତତା ଦୂର କରିବାକୁ ହେଲେ ତୁରନ୍ତ ଅଧିବେଶନ ଡାକି ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ପଡ଼ିବ। ସଦସ୍ୟମାନେ ହାତ ଟେକି ସମର୍ଥନ ସମ୍ପର୍କରେ ସେମାନଙ୍କ ମତ ଜଣାଇବେ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଶିବରାଜ ସିଂ ଚୌହାନ ଏବଂ ମଧ୍ୟପ୍ରଦେଶ କଂଗ୍ରେସ ଦଳ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଦୁଇଦିନର ଶୁଣାଣିରେ ଅଦାଲତ ୮ଟି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ୨୦ ତାରିଖରେ ବିଧାନସଭା ଆରମ୍ଭ ହୋଇଥିଲେ ହେଁ ରାଜ୍ୟପାଳଙ୍କ ଅଭିଭାଷଣ ପରେ କରୋନା ସଂକ୍ରମଣ ଆଳ ଦେଖାଇ ବାଚସ୍ପତି ଗୃହକୁ ୨୬ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଆସ୍ଥା ଭୋଟ ପାଇଁ ରାଜ୍ୟପାଳ ଦୁଇଥର କହିବା ସତ୍ତ୍ୱେ ତାଙ୍କ କଥାକୁ ବାଚସ୍ପତି ରଖି ନ ଥିଲେ।

### ଇତିହାସର ଆଇନାରେ

**ମାର୍ଚ୍ଚ ୨୦ର ପ୍ରମୁଖ ଘଟଣା**

୨୦୧୨ ମାର୍ଚ୍ଚ ୨୦ରେ ଇରାକର ୧୦ ସହରରେ ସିରିଜ ବୋମା ବିସ୍ଫୋରଣରେ ୫୨ ଲୋକ ପ୍ରାଣ ହରାଇଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ୨୦୧୧ରେ ଆମେରିକା ସେନା ଚାଲିଯିବା ପରେ ଏଠାରେ କ୍ରମାଗତ ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା।

୨୦୧୪ ମାର୍ଚ୍ଚ ୨୦ରେ ଆଫଗାନିସ୍ତାନର କାବୁଲସ୍ଥିତ ବିଳାସପୂର୍ଣ୍ଣ ସେରେନା ହୋଟେଲରେ ୪ ତାଲିବାନ ଆତଙ୍କବାଦୀ ଆକ୍ରମଣ କରିଥିଲେ। ସେମାନେ ଗୁଳିମାଡ଼ କରିବାରୁ ୯ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଅଧିକାଂଶ ବିଦେଶୀ ଥିଲେ।

## ଶପଥ ନେଲେ ଗୋଗୋଇ

ଚଣ୍ଡିଗଡ଼, ୧୯।୩(ଆଇଏଏନ୍‌ଏସ୍) : ଭାରତର ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଗୁରୁବାର ଶପଥ ଗ୍ରହଣ କରାଇଛନ୍ତି। ଶପଥଗ୍ରହଣ ବେଳେ ବିରୋଧୀ କଂଗ୍ରେସ ଓ ବାମପନ୍ଥୀ ନେତାମାନେ ହୋ ହଲ୍ଲା କରି କକ୍ଷତ୍ୟାଗ କରିବା ସହ ଗୋଗୋଇଙ୍କ ସଦସ୍ୟତାକୁ ବିରୋଧ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି, ନ୍ୟାୟପାଳିକାର ସର୍ବୋଚ୍ଚ ପଦରେ ଥିବା ଜଣେ ବ୍ୟକ୍ତିଙ୍କୁ ଭାଜପା ରାଜ୍ୟ ସଭା ଲାଗି ମନୋନୀତ କରିବା ଓ ସେହି ବ୍ୟକ୍ତି ଏଥିଲାଗି ସମ୍ମତି ଜଣାଇବା ଉଚିତ ନୁହେଁ। ମୋଦି ସରକାର ତାଙ୍କୁ ପୂର୍ବରୁ ବ୍ୟବହାର କରୁଥିଲେ ବୋଲି ଏଥିରୁ ସୂଚନା ମିଳୁଛି। ରାଜନୈତିକ ସ୍ୱାର୍ଥ ଲାଗି ନ୍ୟାୟପାଳିକାକୁ ବ୍ୟବହାର କରାଯିବା ଆଦୌ ଉଚିତ ନୁହେଁ ବୋଲି ଅମରିନ୍ଦର ପ୍ରକାଶ କରିଛନ୍ତି। ଅବସର ଗ୍ରହଣ କରିବାର ୬ ମାସ ନ ପୂରୁଣୁ ରାଷ୍ଟ୍ରପତି ତାଙ୍କୁ ରାଜ୍ୟ ସଭାକୁ ମନୋନୀତ କଲେ। ପୂର୍ବତନ ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ର ଅବସର ନେବାର ଦୀର୍ଘବର୍ଷ ପରେ ରାଜ୍ୟ ସଭାକୁ ଯାଇଥିଲେ।



# କରୋନା ନେଲାଣି ୯ ହଜାର ଜୀବନ

ପ୍ୟାରିସ୍/ବେଜିଂ, ୧୯।୩

ସାରା ବିଶ୍ୱରେ କରୋନା ଭୂତାଣୁ ୯ ହଜାରରୁ ଊର୍ଦ୍ଧ୍ୱ ମୁଣ୍ଡ ନେଲାଣି। ଏବେ ମୃତ୍ୟୁସଂଖ୍ୟା ୯,୦୨୦ରେ ପହଞ୍ଚିଛି। ୟୁରୋପରେ ୪,୧୩୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏସିଆରେ ୩,୪୧୬ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନାର ଉତ୍ପତ୍ତି ସ୍ଥଳ ଚାଇନାରେ ଜଣେ ହେଲେ କରୋନା ସଂକ୍ରମିତ ହୋଇ ନ ଥିବା ଜଣାପଡ଼ିଛି। ହେଲେ ଏବେ ବି ସେଠାରେ ୬,୬୩୬ ବ୍ୟକ୍ତି ସଂକ୍ରମିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଗତ ଡିସେମ୍ବରରେ ପ୍ରଥମେ କରୋନା ଚାଇନାର ଉହାନ ସହରରୁ ମୃତ୍ୟୁର ତାଣ୍ଡବଲୀଳା ରଚିଥିଲା। ପରେ ଦେଶରେ ଏବେସୁଦ୍ଧା ୩,୨୪୫ ମୁଣ୍ଡ ନେଲାଣି ଏହି ଭୂତାଣୁ। ଏବେ ସ୍ଥିତିରେ ସୁଧାର ଆସିଥିଲେ ହେଁ ଭୟ କମିନାହିଁ। ଅନ୍ୟପକ୍ଷରେ ୟୁରୋପ ଏବେ ଏହି ମହାମାରୀର କେନ୍ଦ୍ରସ୍ଥଳ ପାଲଟିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୭୧୨ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। କରୋନା ଭୂତାଣୁ ଏଠାରେ ଅତି ଦ୍ରୁତଗତିରେ ସଂକ୍ରମଣ ହେଉଛି। ମୋଟ ୯୦,୨୯୩ ସଂକ୍ରମିତ ବ୍ୟକ୍ତି ଏଠାରେ ଚିହ୍ନଟ କରାଯାଇଥିବା ବେଳେ କୋକୁଆ ଭୟ ସୃଷ୍ଟିହୋଇଛି।

## ଘରେ କାମ କରିବେ ୫୦% କର୍ମଚାରୀ

ନୂଆଦିଲ୍ଲୀ, ୧୯।୩ : କରୋନା ପ୍ରକୋପ ବିଶ୍ୱକୁ ଥରହର କରିପକାଇଥିବା ବେଳେ ବିଭିନ୍ନ ଦେଶ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଭାରତରେ କରୋନା ମୃତ୍ୟୁକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର ସମସ୍ତ ବିଭାଗ ଓ ରାଷ୍ଟ୍ରାୟତ୍ତ ଫାର୍ମର ୫୦% ମଧ୍ୟମ ଓ କନିଷ୍ଠ ଶ୍ରେଣୀ ଅଧିକାରୀ(ଗ୍ରୁପ-ବି, ସି)ମାନେ ଏପ୍ରିଲ ୪ ପର୍ଯ୍ୟନ୍ତ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକାଠି ମେଳି ବନ୍ଦକରିବା, ପରିବହନ ସଂଖ୍ୟା କମାଇବା ଦ୍ୱାରା କରୋନାକୁ ରୋକାଯାଇ ପାରିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। କରୋନା ସଂକ୍ରମଣକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଅନ୍ୟ ସଂସ୍ଥାଗୁଡ଼ିକ ଏହାକୁ ଗ୍ରହଣ କରିପାରିବେ ବୋଲି କୁହାଯାଇଛି। ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କୁ କେନ୍ଦ୍ର ପକ୍ଷରୁ ନୋଟିସ ଜାରି କରାଯାଇ କର୍ମଚାରୀଙ୍କୁ ୫୦-୫୦ରେ ଭାଗକରି ପର୍ଯ୍ୟାୟ କ୍ରମେ ଘରେ କାମକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସପ୍ତାହକରେ ଥରେ ସମୟ ସାରଣୀରେ ପରିବର୍ତ୍ତନ କରାଯିବ ବୋଲି ଦର୍ଶାଯାଇଛି। ଅତିରିକ୍ତ ସଚିବ ସୁଜାତା ଚତୁର୍ବେଦୀଙ୍କ ଦସ୍ତଖତ ଥିବା ଏହି ବିଜ୍ଞପ୍ତିରେ ସମସ୍ତ ସରକାରୀ ମନ୍ତ୍ରଣାଳୟ, ବିଭାଗ, ପିଏମ୍‌ଓ, କ୍ୟାବିନେଟ ସଚିବ, କାର୍ମିକ ଓ ପ୍ରଶିକ୍ଷଣ ବିଭାଗକୁ ଅବଗତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ସମ୍ପର୍କରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ପୂର୍ବରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ଓ କରୋନା ସଂକ୍ରମଣକୁ ରୋକିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଘରେ ରହି କାର୍ଯ୍ୟ କରୁଥିବା କର୍ମଚାରୀମାନେ ସେମାନଙ୍କ ଫୋନ ଓ ବୈଦ୍ୟୁତିକ ଯୋଗାଯୋଗ ମାଧ୍ୟମ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି। ଏଭଳି ପଦକ୍ଷେପ ଅନ୍ୟ କର୍ମଚାରୀଙ୍କ ପାଇଁ ଲାଗୁ କରାଯାଇ ପାରିବ ବୋଲି ଦର୍ଶାଯାଇଛି।



### କରୋନା ଲାଗି କେନ୍ଦ୍ରର ନିର୍ଦ୍ଦେଶ

## ସଂକ୍ଷେପରେ

### ଚୋରି ଘଟଣା: ମିଳୁନି ସୁରାକ, ଚିନ୍ତାରେ ପୋଲିସ

ବ୍ରହ୍ମପୁର ଅଫିସ,୧୯।୩: ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୁଡାସିଂ ନିକଟ ଭରତ ବିହାରରେ ରହୁଥିବା ଆଇନଜୀବୀ ଦିଲୀପ କୁମାର ପାଢୀଙ୍କ ଘରୁ ଦୁର୍ବୃତ୍ତମାନେ ଟଙ୍କା ଓ ସୁନାଗହଣା ଚୋରିକରି ନେବାର ୪ ମାସ ବିତିଛି। ପୋଲିସ ଏହି ଗ୍ୟାଙ୍ଗକୁ ଠାବ କରିପାରିନାହିଁ। ଏଣୁ ପୋଲିସ ଏବେ ଚିନ୍ତାରେ ପଡିଯାଇଛି। ଦୁର୍ବୃତ୍ତମାନେ ଆଇନଜୀବୀଙ୍କ ଘରୁ ମୋବାଇଲ ଫୋନ ଚୋରି କରି ନେଇଥିବା ବେଳେ ପୋଲିସ ଉକ୍ତ ଫୋନର ଇଏମ୍ଆଇ ନମ୍ବର ଜରିଆରେ ଟ୍ରାକିଂ କରିଥିଲା। ହେଲେ ଏବେ ସୁଦ୍ଧା ପୋଲିସକୁ କିଛି ସଫଳତା ମିଳିପାରିନାହିଁ।
ପ୍ରକାଶ ଯେ, ନଭେମ୍ବର ୨୭ ରାତି ପ୍ରାୟ ୮ ଟାରୁ ୯ ମଧରେ ଚୋର ଦଳ ଆଇନଜୀବୀଙ୍କ ଘରର ଗ୍ରୀଲ ତାଲା ଭାଙ୍ଗି ଭିତରେ ପଶିଥିଲେ। ୨ଟି ଆଲମୀରାରେ ଥିବା ୭୮ ହଜାର ଟଙ୍କା, ସୁନା ଓ ରୁପା ସାମଗ୍ରୀ ଚୋରି କରି ନେଇ ଯାଇଥିଲେ। ପରେ ଏନେଇ ପୋଲିସ ନଂ. ୨୪୫/୧୯ରେ ଏକ ମାମଲା ରୁଜୁ କରିଥିଲା।

### ୧୪୪ ଧାରା ଉଠିବା ସତ୍ତ୍ୱେ କଟକଣା ଜାରି

ଗଞ୍ଜାମ,୧୯।୩(ଡି.ଏନ.ଏ.): କରୋନା ପାଇଁ ଜିଲାରେ ୧୪୪ ଧାରା ଜାରି କରାଯାଇଥିଲା। ଏହା ବୁଧବାରରୁ ହଟିଛି। କିନ୍ତୁ କଟକଣା ଜାରି ରହିଛି। ତହସିଲ ଓ ଏନ୍ଏସି ପ୍ରଶାସନ ପକ୍ଷରୁ ସହରର ଦୋକାନ ବଜାର ୩ ଦିନ ହେଲା ବନ୍ଦ କରି ଦିଆଯାଇଛି। ଫଳରେ ଅଞ୍ଚଳବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ କଟକଣା କୋହଳ କରିବାକୁ ଜନସାଧାରଣ ଓ ଦୋକାନୀମାନେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ଏଥି ସଙ୍ଗେ ସଙ୍ଗେ ସହରଠାରୁ କିଛି ଦୂରରେ ଥିବା ଐତିହାସିକ ପୋତାଗଡ଼ ମୁଖ୍ୟ ଫାଟକକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଲ କରାଯାଇଥିବା ଦେଖିବାକୁ ମିଳିଛି। ଏଥିପାଇଁ ଅଞ୍ଚଳର ଯୁବକ ମାନେ ଖେଳକୁଦ, ବ୍ୟାୟାମ ଆଦି କରିବାକୁ ସେଠାକୁ ଯାଇ ପାରୁନାହାନ୍ତି।

### ନାଟକ ମାଧ୍ୟମରେ କରୋନା ସଚେତନତା

ବୁଗୁଡ଼ା,୧୯।୩(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ବି.ବ୍ରହ୍ମପୁରସ୍ଥିତ କଦମ୍ବ ମଠରେ ଗୁରୁବାର ନାଟକ ମାଧ୍ୟମରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାହାର ରାଜ୍ୟରୁ ଆସିଥିବା ଯୁବକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଯୁବ ସମାଜ ଅଣ୍ଟା ଭିଡ଼ିବାକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। ଉକ୍ତ ନାଟକକୁ ସ୍ଥିତଧି ରଥ ନିର୍ଦ୍ଦେଶନା ଦେଇଥିବା ବେଳେ ଶମ୍ଭୁନାଥ ନାୟକ, ନୃସିଂହ ଚରଣ ଦାଶ, ସମୀର କୁମାର ପାତ୍ର ଓ ସୁଜିତ ସ୍ୱାଇଁ ଅଭିନୟ କରିଥିଲେ। ଏଥିରେ ସଦାନନ୍ଦ, ଆଶିଷ, ଶଙ୍କର, ପ୍ରଭାତ, ରାଜେଶ, ଚନ୍ଦ୍ରଶେଖର, କାଳିଆ, ରଘୁନାଥ, ଚନ୍ଦନ, ପ୍ରହ୍ଲାଦ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଏହାକୁ ଗାଁ ଗାଁ ମଧରେ ସଚେତନ କରାଯିବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ।

# ବସ୍‌ରେ ପାଣି, ହ୍ୟାଣ୍ଡୱାଶ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ

## କରୋନା ପାଇଁ ବସ୍‌ରେ ସଚେତନତାମୂଳକ ପଦକ୍ଷେପ

ବ୍ରହ୍ମପୁର ଅଫିସ,୧୯।୩

କରୋନା ମହାମାରୀର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଘରୋଇ, ସରକାରୀ, ସିଟି ବସ୍ କର୍ତ୍ତୃପକ୍ଷ। କରୋନା ସଂକ୍ରମଣକୁ ରୋକିବାକୁ ନେଇ ରହିଥିବା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବସ୍‌ଗୁଡିକରେ ସଚେତନତାମୂଳକ ପଦକ୍ଷେପ ନେବା ଆରମ୍ଭ ହୋଇଛି। ଯାତ୍ରୀଙ୍କୁ ସଚେତନ କରିବାକୁ ନେଇ ସରକାରୀ, ସିଟିବସ୍, ଓଏସ୍ଆରଟିସି ବସ୍‌କୁ ପରିଷ୍କାର ରଖିବା ସହ ଯାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି।

ବ୍ରହ୍ମପୁରରୁ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳକୁ ଯାତ୍ରା କରୁଥିବା ସମସ୍ତ ସରକାରୀ, ବେସରକାରୀ ଓ ସିଟିବସ୍‌ରେ ଯାତ୍ରୀଙ୍କ ହାତଧୋଇବା ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ପ୍ରକାରେ, ଓଏସ୍ଆରଟିସି ବସ୍‌ଗୁଡିକରେ ସଚେତନତାମୂଳକ ପୋଷ୍ଟର ଲଗାଯାଇଛି। ନିୟମିତ ପ୍ରତ୍ୟେକ ଟ୍ରିପ୍‌ରେ ବସ୍‌କୁ କ୍ଲିନିଂ ଦ୍ୱାରା ସଫା କରାଯାଉଛି।


■ନିୟମିତ ସଫା ହେଉଛି ଓଏସ୍ଆରଟିସି, ସିଟି ବସ

କର୍ମଚାରୀଙ୍କୁ ମାସ୍କ ବ୍ୟବହାର କରିବାକୁ ବାଧ କରାଯାଇଥିବା ବେଳେ ଯାତ୍ରା ପୂର୍ବରୁ ଯାତ୍ରୀଙ୍କୁ ହାତ ଧୋଇବା ପାଇଁ ବସ୍‌ରେ ଡେଟଲ ତଥା ହ୍ୟାଣ୍ଡୱାଶ୍ ରଖାଯାଇଛି। ଏହାବ୍ୟତୀତ ସମ୍ପୂର୍ଣ୍ଣ ବସ୍‌କୁ ବାରମ୍ବାର ଧୋଇବା ସହ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କ ହ୍ୟାଣ୍ଡୱାଶ୍‌ରେ ହାତ ଧୋଇବା ପରେ ବସ୍‌ରେ ପ୍ରବେଶ ପାଇଁ ଅନୁମତି ଦିଆଯାଉଛି। ଏହାବ୍ୟତୀତ ଓଏସ୍ଆରଟିସି ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡରେ କରୋନା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଥିବା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିପରି ସିଟି ବସ୍‌ଗୁଡିକରେ ମଧ୍ୟ ଗୁରୁବାର ସକାଳୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଘରୋଇ ବସ୍‌ମାଲିକ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ସୂଚନା ପ୍ରକାରେ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ସମସ୍ତ ଘରୋଇ ବସ୍‌ରେ ଯାତ୍ରୀଙ୍କ ହାତ ଧୋଇବା ପାଇଁ ସାବୁନ୍, ପାଣି ଓ ହ୍ୟାଣ୍ଡୱାଶ ରଖାଯାଇଛି। ନିର୍ଦ୍ଧାରିତ ସିଟ୍‌ଠାରୁ ଅଧିକ ଯାତ୍ରୀ ପରିବହନ ଉପରେ କଟକଣା ଲଗାଯାଇଛି। ଏଥିସହ କର୍ମଚାରୀଙ୍କୁ ମଧ୍ୟ ମୁହଁ ଢାଙ୍କିବା ପାଇଁ କୁହାଯାଇଛି। ବସ୍‌ରେ ସଚେତନତା ସୃଷ୍ଟି ସହ ନୂଆବସ୍‌ଷ୍ଟାଣ୍ଡରେ ପ୍ରଶାସନ ପକ୍ଷରୁ ହାତ ଧୋଇବା ବ୍ୟବସ୍ଥା ସହ ଯାତ୍ରୀଙ୍କ ସୁରକ୍ଷା ପାଇଁ ସ୍କାନିଂ କ୍ୟାମ୍ପର ବ୍ୟବସ୍ଥା କରାଯିବା ଉପରେ ପ୍ରଶାସନ ଗୁରୁତ୍ୱ ଦେବାର ଆବଶ୍ୟକତା ଥିବା ସମ୍ପାଦକ କହିଛନ୍ତି।

# କରୋନା: ବିବାହ, ବ୍ରତ ବନ୍ଦ

ବ୍ରହ୍ମପୁର ଅଫିସ,୧୯।୩

ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା କରୋନା ଭାଇରସ୍ ପାଇଁ ସମସ୍ତେ ଚିନ୍ତିତ। ଭାରତରେ କରୋନା ଭାଇରସ୍ (କୋଭିଡ-୧୯) ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ ବଢି ଚାଲିଥିବା ବେଳେ ଗୁରୁବାର ଏହି ସଂଖ୍ୟା ୧୬୯ରେ ପହଞ୍ଚିଛି। ଗଞ୍ଜାମ ଜିଲା ପ୍ରଶାସନ କିପରି କରୋନାଠାରୁ ସାଧାରଣ ଲୋକମାନଙ୍କୁ ଦୂରେଇ ରଖାଯାଇପାରିବ, ସେଥିପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଦଣ୍ଡନାଚଠାରୁ ଆରମ୍ଭ କରି ତାରାତାରିଣୀଙ୍କ ଚଇତି ଯାତ୍ରାକୁ ବନ୍ଦ ରଖାଯାଇଛି। ମନ୍ଦିର ପ୍ରବେଶ ଉପରେ କଡା ନଜର ରଖିବା ସହିତ ସଂଯୋଗ କରୁଥିବା ରାସ୍ତାଗୁଡିକୁ ସିଲ୍ କରିଛି। ଏଥି ସହ ଜିଲା ପ୍ରଶାସନ ରବିବାରରୁ ସହରରେ ଥିବା ବିଭିନ୍ନ ଶପିଂ ମଲ୍‌ଗୁଡିକୁ ଜିଲାପାଳ ନିଜେ ବୁଲି ବନ୍ଦ କରୁଥିବା ଦେଖାଦେଇଛି। ମାର୍କେଟ କମ୍ପ୍ଲେକ୍ସ ବୁଲି ଲୋକମାନଙ୍କୁ ସଚେତନା କରିବା ସହ ଭିଡ଼ରୁ ଦୂରେଇ ରହିବାକୁ ନିବେଦନ କରିଥିଲେ। ଅନ୍ୟପଟେ ଏହି ସମୟରେ ବିବାହ ବ୍ରତ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେହେତୁ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି, ସେହି ଦୃଷ୍ଟିରୁ ଲୋକମାନେ ଚିନ୍ତାରେ ଅଛନ୍ତି। ଏ ନେଇ ବ୍ରହ୍ମପୁର ଗାନ୍ଧୀନଗରରେ ରହୁଥିବା ସରୋଜ ସାହୁ କୁହନ୍ତି, ଆସନ୍ତା ୨୬ ତାରିଖରେ ମୋ ପୁଅର ବ୍ରତ ଘର ଅଛି। ବର୍ତ୍ତମାନ ଆମେ ଚିନ୍ତାରେ ଅଛୁ। ନିଷ୍ପତ୍ତି ନେଇ ପାରୁ ନାହୁଁ, କାରଣ ବ୍ରତ ପାଇଁ ଥରେ ଯୋଗ ବାହାରିଲେ ଆଉ ଘୁଞ୍ଚାଇ ହେବ ନାହିଁ। ଘୁଞ୍ଚାଇଲେ ଏହା ଅଶୁଭ, କିନ୍ତୁ ଆମେ ପୁଅର ବ୍ରତ କରିବୁ କେମିତି। ଯେମିତି କମ୍ ଲୋକ ଆସିବେ ଆମେ ସେ ଉପରେ ଗୁରୁତ୍ୱ ଦେବୁ। ଏ ବିଷୟରେ ଆମେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବଙ୍କୁ ପଚାରିବାରୁ ଏହି ସବୁ ଉତ୍ସବଗୁଡିକୁ ଘରେ କରିପାରିବେ। କିପରି ଭାବେ କମ୍ ଲୋକ ଆସିବେ ସେ ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

# ରେଳ ଷ୍ଟେଶନରେ ବାଣ୍ଟିଲେ ମାସ୍କ



କିନ୍ନର ମହାସଂଘ ପକ୍ଷରୁ ରେଳଷ୍ଟେଶନ ଆଗରେ ପ୍ଲାକାର୍ଡ ଧରି ସଚେତନ କରାଯାଉଛି।

## କିନ୍ନର ମହାସଂଘର କରୋନା ସଚେତନତା

ବ୍ରହ୍ମପୁର ଅଫିସ,୧୯।୩

କରୋନାକୁ ନେଇ ସାରା ବିଶ୍ୱ ଭୟଭୀତ ହୋଇ ପଡିଛି। ଗୁରୁବାର ବ୍ରହ୍ମପୁରରେ କିନ୍ନରମାନେ ଲୋକଙ୍କ ସହ ରେଳଯାତ୍ରୀଙ୍କୁ ସଚେତନ କରିଥିଲେ। ସକାଳେ କିନ୍ନର ମହାସଂଘ ପକ୍ଷରୁ ବ୍ରହ୍ମପୁର ରେଳଷ୍ଟେଶନ, ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡରେ କରୋନାକୁ ଭୟ ନ କରି ସଚେତନ ରହିବାକୁ ପରାମର୍ଶ ଦିଆଯାଇଥିଲା। ବ୍ରହ୍ମପୁର ରେଳଷ୍ଟେଶନ ସମ୍ମୁଖରେ ପ୍ଲାକାର୍ଡ ଧରି କିନ୍ନରମାନେ ସଚେତନ କରିବା ସହ କପ୍ଲାଟଫର୍ମରେ ଅପେକ୍ଷାରତ ଯାତ୍ରୀଙ୍କୁ ମାସ୍କ ବାଣ୍ଟିଥିଲେ। କରୋନାକୁ ଭୟ ନ କରି ନିୟମିତ ହାତ ଧୋଇବା, ଯଥାସମ୍ଭବ ଜନଗହଳି ସ୍ଥାନକୁ ନ ଯିବା, ଜନଗହଳି ପୂର୍ଣ୍ଣ ସ୍ଥାନ ତଥା ଯାତ୍ରା ସମୟରେ ମାସ୍କ କିମ୍ବା ରୁମାଲ ଦ୍ୱାରା ନାକ, ପାଟିକୁ ବନ୍ଦ ରଖିବାକୁ ଯାତ୍ରୀଙ୍କୁ କହିଥିଲେ।

ପରେ ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡରେ ସଂଘ ପକ୍ଷରୁ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଦିନକ ମଧରେ କିନ୍ନର ସଂଘ ପକ୍ଷରୁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ଅଞ୍ଚଳରେ କପଡାରେ ପ୍ରସ୍ତୁତ ହୋଇଥିବା ୧ ହଜାର ମାସ୍କ ବଣ୍ଟାଯାଇଥିଲା। ତେବେ ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପ୍ରତ୍ୟେକ ଦିନ ଏହି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି କିନ୍ନର ମହାସଂଘ ପକ୍ଷରୁ କୁହାଯାଇଛି। ଏଥିରେ ମହାସଂଘ ସଭାନେତ୍ରୀ ସୁଇଟି ସାହୁ, ସମ୍ପାଦିକା ଶାନ୍ତି ପଣ୍ଡା, ଇନରହ୍ୱିଲ୍ କ୍ଲବ ସଭାନେତ୍ରୀ ସୋନାଲି ହାଜରା, ସମ୍ପାଦିକା ଅନୀତା ଦାଶ, ପୂର୍ବତନ ସଭାନେତ୍ରୀ ଶାନ୍ତିଲତା ସାହୁ, ବନ୍ଦିତା ତ୍ରିପାଠୀଙ୍କ ସମେତ କିନ୍ନର ମହାସଂଘର ବିନି ପଟ୍ଟନାୟକ, ବର୍ଷା, ଲଭଲି, ପ୍ରୀତି ପ୍ରମୁଖ ସାମିଲ ହୋଇଥିଲେ।

# ସରପଞ୍ଚଙ୍କୁ ହତ୍ୟା ଧମକ, ସମିତିସଭ୍ୟ ପ୍ରତିନିଧିଙ୍କୁ ମାଡ଼

## ୨ ଅଭିଯୁକ୍ତ ଗଲେ ଜେଲ

ପାଟପୁର,୧୯।୩

ପାଟପୁର ସରପଞ୍ଚ ଟି.ବାବୁ ସୁବୁଦ୍ଧିଙ୍କୁ ହତ୍ୟା ଧମକ ଓ ସମିତିସଭ୍ୟ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ମାଡ଼ ମରାଯାଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚଙ୍କ ଏତଲାକୁ ଭିତ୍ତି କରି ପାଟପୁର ପୋଲିସ ନଂ. ୪୮/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ସେମାନେ ହେଲେ ପାଟପୁର ଗ୍ରାମର ସନ୍ତୋଷ କୁମାର ପାଢ଼ୀ ଓ ପ୍ରଦୀପ ଚନ୍ଦ୍ର ପାଢ଼ୀ।

ପ୍ରକାଶ ଯେ, ବୁଧବାର ଅପରାହ୍ନରେ ପାଟପୁର ଗ୍ରାମ ପଞ୍ଚାୟତ ତରଫରୁ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସ ଜାଗା ଚିହ୍ନଟ କରିବା ପାଇଁ ସାନଖେମୁଣ୍ଡି ବିଡିଓ ଗାୟତ୍ରୀଦତ୍ତ ନାୟକ, ପାଟପୁର ସରପଞ୍ଚ, ସମିତିସଭ୍ୟ ପ୍ରତିନିଧି ଓ ସରପଞ୍ଚଙ୍କ କିଛି ସହଯୋଗୀ ଜାଗା ଚିହ୍ନଟ କରିଥିଲେ। ଜାଗା ଚିହ୍ନଟ ପରେ ସନ୍ତୋଷ ଓ ପ୍ରଦୀପ ଗାଳିଗୁଲଜ କରିଥିଲେ। ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ପ୍ରଶାନ୍ତଙ୍କୁ ଚପଲରେ ପିଟି ହତ୍ୟା କରିବାକୁ ଧମକ ଦେଇଥିବା ଏତଲାରେ ଦର୍ଶାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

## ଲାଞ୍ଚ ଗ୍ରହଣ ମାମଲା

ବ୍ରହ୍ମପୁର ଅଫିସ,୧୯।୩

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଗୁରୁବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି ହୋଇଥିଲା। ପ୍ରମାଣ ଅଭାବରୁ ପାତ୍ରପୁର ତହସିଲର ତତ୍କାଳୀନ ମୁଖ୍ୟ କିରାଣି ଗୋବିନ୍ଦ ପ୍ରସାଦ ସାହୁଙ୍କୁ ବିଚାରପତି ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାରୁ ପ୍ରକାଶ, ଜରଡ଼ା ଥାନା ଅନ୍ତର୍ଗତ ପାତ୍ରପୁର ନିକଟ ମୁଣ୍ଡାକେରି ଗ୍ରାମର ସ୍ୱର୍ଗତ ପର୍ଶୁରାମ ପଣ୍ଡାଙ୍କର ଏକ ଚକଭୁକ୍ତ ଜମି ଥିଲା। ଏହାର କିସମ ପରିବର୍ତ୍ତନ କରି ଘରବାରି ପାଇଁ ପଣ୍ଡାଙ୍କ ପୁଅ ସୁଦର୍ଶନ ପାତ୍ରପୁର ତହସିଲରେ ୨୦୧୪ ଏପ୍ରିଲ ୨୧ରେ ଆବେଦନ କରିଥିଲେ। ହେଲେ ଉକ୍ତ ଜମିର କିସମ ପରିବର୍ତ୍ତନ ପାଇଁ ମୁଖ୍ୟ କିରାଣି ଗୋବିନ୍ଦ ୨୦୧୪ ମେ ୩୧ ତାରିଖରେ ଆବେଦନକାରୀଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ୨୦୧୪ ଜୁନ ୬ରେ କିରାଣିଙ୍କୁ ସୁଦର୍ଶନ ୪ ହଜାର ଟଙ୍କା ଲାଞ୍ଚ ଦେବାକୁ ସ୍ଥିର ହୋଇଥିଲା। ଘଟଣାଦିନ ଆବେଦନକାରୀ ତହସିଲକୁ ଯାଇ ଗୋବିନ୍ଦଙ୍କୁ ୪ ହଜାର ଟଙ୍କା ଦେଇଥିଲେ। ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଚଡାଉ କରି ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ମାମଲା ନମ୍ବର ୧୮/୧୪ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାସ, ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ


ଗିରଫ ଅଭିଯୁକ୍ତ ସହ ଜବତ ସାମଗ୍ରୀ।

## ଅଫୁଟା ବୋମା ସହ ମାରଣାସ୍ତ୍ର ଜବତ

କୋଦଳା,୧୯।୩(ଡି.ଏନ.ଏ.)

କୋଦଳା ଥାନା ମଠସରସିଂ ଗ୍ରାମ ନିକଟ ଶାଳବଣ ଯିବା ରାସ୍ତାରେ ବୁଧବାର ମଧ୍ୟରାତ୍ରିରେ ଡକାୟତି ଯୋଜନା କରୁଥିବା ୪ ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଭଞ୍ଜନଗରର ଶିବପ୍ରସାଦ ଜେନା, ଗାଙ୍ଗୁପୁର ବରପାଲିର ଜିତେନ୍ଦ୍ର ସ୍ୱାଇଁ, ଖଲ୍ଲିକୋଟର କାର୍ତ୍ତିକ ନାହାକ ଓ ରାମଚନ୍ଦ୍ର ମଲିକ। ଏ ନେଇ କୋଦଳା ପୋଲିସ ନଂ. ୭୪/୨୦ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଥାନାଧିକାରୀ ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ବେଗୁନିଆପଡା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା, ଏଏସ୍ଆଇ ମହେଶ୍ୱର ବେହେରା ସଦଳବଳ ଉକ୍ତ ସ୍ଥାନରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ୫ ଯୁବକଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ ଖସି ଯାଇଥିବା ବେଳେ ୪ ଯୁବକଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରୁ ପାଞ୍ଚ ବୋମା, ଦୁଇଟି ଛୁରି, ଦୁଇଟି ଟର୍ଚ୍ଚ ଲାଇଟ୍ ଓ ୨ ମରିଚଗୁଣ୍ଡ ପ୍ୟାକେଟ ଜବତ ହୋଇଛି।

# ଇଚ୍ଛାଧୀନ ଓଡ଼ିଆରେ ୪ ମାଲପ୍ରାକ୍ଟିସ୍

## ଯୁକ୍ତ ୨ ପରୀକ୍ଷା

ବ୍ରହ୍ମପୁର ଅଫିସ,୧୯।୩

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାର ଗୁରୁବାର କଳା ଇଚ୍ଛାଧୀନ ଓଡ଼ିଆ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଦକ୍ଷିଣାଞ୍ଚଳରେ ୪ ପରୀକ୍ଷାର୍ଥୀ କପି କରି ସ୍କ୍ୱାଡ୍ ହାତରେ ଧରାପଡ଼ି ବୁକ୍ ହୋଇଥିବା ଜଣାପଡ଼ିଛି। ସେଥିମଧ୍ୟରେ ଗଞ୍ଜାମ ଜିଲା ବାଲିପଦର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ମଲ୍ଟିପୁଲ ଚୟେଶ ପ୍ରଶ୍ନରେ ଚିହ୍ନ ଦେଇ ମାଲ ପ୍ରାକ୍ଟିସ୍‌ରେ ବୁକ ହୋଇଥିବା ବେଳେ କୋରାପୁଟ ଜିଲା କୁନ୍ଦ୍ରାର ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ବୁକ୍ ହୋଇଛନ୍ତି। ସେହିପରି କନ୍ଧମାଳ ଜିଲା ଫିରିଙ୍ଗିଆ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଓ ଫୁଲବାଣୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି ଅଭିଯୋଗରେ ବୁକ୍ ହୋଇଥିବା ଦକ୍ଷିଣାଞ୍ଚଳ ଜୋନ୍ ପକ୍ଷରୁ ଜଣାପଡିଛି।

# ଜଣେ ଡାକ୍ତରରେ ସ୍ୱାସ୍ଥ୍ୟସେବା

## ଭଞ୍ଜବିହାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ବ୍ରହ୍ମପୁର ଅଫିସ,୧୯।୩

ଜନସାଧାରଣଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବାପାଇଁ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଯୋଜନା ପରେ ଯୋଜନା ହେଉଛି। ହେଲେ ଭଞ୍ଜବିହାର ପରିସରରେ ଥିବା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କାହାରି ନଜର ପଡୁନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ୧୫ ଖଣ୍ଡ ଗ୍ରାମର ପ୍ରାୟ ୪୦ହଜାର ଲୋକ ଏହା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିଲେ ମଧ୍ୟ ଡାକ୍ତର ଅଭାବ ଦେଖାଯାଇଛି। ଏଠାରେ ଜଣେ ଚୁକ୍ତିଭିତ୍ତିକ ଡାକ୍ତର, ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଏନ୍ଏମ୍ ଓ ଜଣେ ଆଟେଣ୍ଡାଣ୍ଟ ଅଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୧୦୦ରୁ ଉର୍ଦ୍ଧ୍ୱ ରୋଗୀ ଆସିଥାନ୍ତି ବୋଲି ଡା. ଶୈଳବାଳା ପଣ୍ଡା କହିଛନ୍ତି।




କର୍ମଚାରୀ ଅଭାବରୁ ଏଠାରେ ରୋଗୀଙ୍କୁ ଉତ୍ତମ ସେବା ମିଳିପାରୁ ନାହିଁ। ତେଣୁ ଆଉ ଜଣେ ଡାକ୍ତର ଓ ୨ ଜଣ ଷ୍ଟାଫ୍‌ନର୍ସ ନିଯୁକ୍ତି ଆବଶ୍ୟକ ପଡୁଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କର୍ମଚାରୀ ମଧ୍ୟ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅସ୍ଥାୟୀ ଭାବେ ଜଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫା ପାଇଁ ରଖାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚଳିତବର୍ଷ କାୟାକଳ୍ପ ପୁରସ୍କାର ମଧ୍ୟ ପାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏଠାରେ ଖୁବଶୀଘ୍ର ଆଉ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ସୂଚନାଯୋଗ୍ୟ, ୫ ତାରିଖରେ ରାଜ୍ୟସ୍ୱାସ୍ଥ୍ୟ ମିଶନ ପ୍ରୋଗ୍ରାମ ମ୍ୟାନେଜର ଏ.କେ. ପ୍ରଧାନଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ଭଞ୍ଜବିହାର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ଭିତ୍ତିଭୂମି ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରଥିଲେ। ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ।

# କରୋନା ନେଇ କରାଗଲା ସଚେତନ



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମାସ୍କ ବଣ୍ଟାଯାଉଛି।

## ଭାଜପା ବାଣ୍ଟିଲା ମାସ୍କ

ବ୍ରହ୍ମପୁର ଅଫିସ,୧୯।୩

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଗୁରୁବାର ବ୍ରହ୍ମପୁରରେ ବାଟୋଇଙ୍କୁ ମାଗଣାରେ ବଣ୍ଟାଗଲା ମାସ୍କ। କେବଳ ସେତିକି ନୁହେଁ ଏହି ଘାତକ ଭାଇରସ୍ ସମ୍ପର୍କରେ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଥିଲା ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା।

ସୂଚନାଯୋଗ୍ୟ, କରୋନାର ଭୟାବହତା ପ୍ରଚାରିତ ହେବା ପରେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାରେ ମାସ୍କର ଚାହିଦା ବଢ଼ିଯାଇଛି। ଏହାର ଅଭାବ ଯୋଗୁ ବିଭିନ୍ନ ସ୍ଥାନରେ ମାତ୍ରାଧିକ ମୂଲ୍ୟ ବୃଦ୍ଧି ଘଟିଛି। ତେଣୁ ମହିଳା ମୋର୍ଚ୍ଚା ନେତ୍ରୀ ଏସ୍. ରାଣୀଙ୍କ ନେତୃତ୍ୱରେ ଏକ ସିଲେଇ କେନ୍ଦ୍ର ଖୋଲାଯାଇ ମହିଳା କର୍ମୀଙ୍କ ଦ୍ୱାରା ମାସ୍କ ତିଆରି କରାଯାଉଛି।

ଗୁରୁବାର ସ୍ଥାନୀୟ ଦଲୁଆ ସାହି ନିକଟ ମୁକ୍ତେଶ୍ୱର ମନ୍ଦିର ଛକରେ ମାଗଣାରେ ମାସ୍କ ବଣ୍ଟନ କରାଯାଇଥିଲା। ଲୋକଙ୍କୁ ବଣ୍ଟନ ସହ ସ୍ୱଚ୍ଛ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମାଗଣା ବଣ୍ଟନ କାର୍ଯ୍ୟକ୍ରମକୁ ଜିଲା ଭାଜପା ସଭାପତି ବିଭୂତି ଜେନା ଓ ବରିଷ୍ଠ ନେତା କାହ୍ନୁଚରଣ ପତି ଶୁଭାରମ୍ଭ କରିଥିଲେ। ମହିଳା ମୋର୍ଚ୍ଚାର ପ୍ରଭାସିନୀ ବେହେରା, କେ. ଉମାରାଣୀ, କେ. ସାବିତ୍ରୀ, ଏମ୍. ଭାଗ୍ୟମ୍, ଭାଗ୍ୟଲତା ସାହୁ, ସୁଜାତା ମହାରଣା ପ୍ରମୁଖ ଅନେକ କର୍ମୀ ଉପସ୍ଥିତ ଥିଲେ। ଜିଲା ସଂଗଠନ କାର୍ଯ୍ୟକର୍ତ୍ତା ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ସରୋଜ ସାବତ, ରବୀନ୍ଦ୍ର ସାହୁ, ବିନାୟକ ରଥ, ଏସ୍.ଶ୍ରୀନିବାସ, ଭି. ସତୀଶ ସହଯୋଗ କରିଥିଲେ। ଜିଲା ସଭାପତି ଜେନା ଓ ପୂର୍ବତନ ସଭାପତି ପତି କହିଛନ୍ତି, ମାଗଣା ମାସ୍କ ବଣ୍ଟନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ରହ୍ମପୁର ସମେତ ୩୫ ମଣ୍ଡଳ ଶାଖାରେ ଚାଲିବ। ତିଆରି ପାଇଁ ମହିଳା ସଂଗଠନକୁ ଆବଶ୍ୟକ କଞ୍ଚାମାଲ ଯୋଗାଇବାର ବ୍ୟବସ୍ଥା ହୋଇଛି। କରୋନା ବିଶ୍ୱ ବିପତ୍ତି ଭାବେ ଉଭା ହୋଇଥିବାରୁ ଏହାର ମୁକାବିଲା ପାଇଁ ଜନସଚେତନତାକୁ ବ୍ୟାପକ କରାଯିବାର ନିଷ୍ପତ୍ତି ନେଇଛି ଭାଜପା।

# ଫୁଲଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି ଗଞ୍ଜାମ ମହିଳା

ସନ୍ତୋଷ ପାଢୀ
ଛତ୍ରପୁର,୧୯।୩(ଡି.ଏନ୍.ଏ.)

ମହିଳା ସବୁ କ୍ଷେତ୍ରରେ ଆଗକୁ ଯାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଲାଗିଛନ୍ତି। ଏପରିକି ପୁରୁଷଙ୍କୁ ମଧ୍ୟ କେତେକ କ୍ଷେତ୍ରରେ ପଛରେ ପକାଇ ଚର୍ଚ୍ଚାକୁ ଆସୁଛନ୍ତି। ଗାଁରେ ଥିବା ମହିଳାମାନେ ସଂଘ କରି ଏବେ ବିଭିନ୍ନ କ୍ଷେତ୍ରରେ ଜୀବିକା ଅର୍ଜନ କରୁଛନ୍ତି। ରାଜ୍ୟରେ ଗଞ୍ଜାମ ଜିଲାର ମହିଳା ସଂଘ ଏକ ସ୍ୱତନ୍ତ୍ର ପରିଚୟ ଦେଇ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରାଜ୍ୟଠାରୁ ଆରମ୍ଭ କରି ଜାତୀୟସ୍ତରରେ ଜିଲାର ମହିଳା ସଂଘ ଗୁଡିକ ପୁରସ୍କୃତ ଓ ସମ୍ମାନିତ ହେବାରେ ଲାଗିଛନ୍ତି। ଜାତୀୟ ଜୀବିକା ମିଶନ ଓ ଓଡିଶା ଜୀବିକା ମିଶନ ଏମାନଙ୍କୁ ଶକ୍ତିଶାଳୀ କରିବାରେ ସହାୟତା ଦେଇ ଆସୁଛନ୍ତି। ଏବେ ଜିଲା ହେଡ୍‌କ୍ୱାର୍ଟର ଛତ୍ରପୁରରୁ କିଛି ଦୂରରେ ଥିବା ଭିକାରିପଲ୍ଲୀ ପଞ୍ଚାୟତ ନୂଆପଲ୍ଲୀ, ଜଗତପଲ୍ଲୀ ଓ କେଉଟପଲ୍ଲୀର ମହିଳା ସଂଘଗୁଡିକ ଏବେ କେବଳ ରାଜ୍ୟ କିମ୍ବା ଦେଶ ନୁହେଁ ବାହାର ଦେଶରେ ମଧ୍ୟ ଚର୍ଚ୍ଚାକୁ ଆସିଛନ୍ତି। ଉକ୍ତ ଗାଁର ମହିଳା ସଂଘଗୁଡିକ ଫୁଲ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଗୋଲାପ ଫୁଲଠାରୁ ଆରମ୍ଭ କରି ଜାରବେରା ଓ ଅର୍କିଡ୍ ଭଳି ଦାମୀ ଫୁଲ ଚାଷ କରୁଛନ୍ତି। ଏହି ଫୁଲ ଚାଷକୁ ଦେଖିବା ପାଇଁ ରାଜ୍ୟ ତଥା ବାହାରର ପ୍ରତିନିଧି ଦଳ, କେନ୍ଦ୍ର ସରକାରଙ୍କ ପ୍ରତିନିଧି ଦଳ ଓ ବିଶ୍ୱସ୍ତରୀୟ ପ୍ରତିନିଧି ଦଳ ଏଠାକୁ ଆସି ଏହାର ପରିଦର୍ଶନ କରିଛନ୍ତି। ଗଲାବେଳେ ଉକ୍ତ ମହିଳା ସଂଘର ଏହି କାର୍ଯ୍ୟକୁ ନେଇ ପ୍ରଶଂସା କରିବାକୁ କେହି ଭୁଲିନାହାନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ଟୁଇଟ୍ କରି ଏହାକୁ ପ୍ରଶଂସା କରିଛନ୍ତି। ଓଡିଶା ଜୀବୀକା ମିଶନ ପକ୍ଷରୁ ଉକ୍ତ ମହିଳା ସଂଘକୁ ଫୁଲ ଚାଷ କରିବାକୁ ପ୍ରୋତ୍ସାହନ ଦେବା ସହ ବ୍ୟାଙ୍କ ଋଣ ଓ ସବ୍‌ସିଡି ଯୋଗାଇବାରେ ସହାୟତା କରାଯାଇଥିବା ବିପିଏମ୍ ମାନିନୀ ଜେନା କହିଛନ୍ତି। ଭିକାରିପଲ୍ଲୀ ପଞ୍ଚାୟତ ନୂଆପଲ୍ଲୀର ମା’ ଗ୍ରାମଦେବତୀ ମହିଳା ସଂଘରେ ୧୦ ସଦସ୍ୟା ଅଛନ୍ତି।



୪୦୦ ବର୍ଗମିଟରରେ ଗୋଲାପ ଚାଷ କରିଛନ୍ତି। ୪ ଲକ୍ଷ ୪ ହଜାର ୨୬୦ ଟଙ୍କା ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ ହୋଇଛି। ସେଥିରୁ ୨ ଲକ୍ଷ ୯ ହଜାର ୨୮୦ ଟଙ୍କା ସବ୍‌ସିଡି ମିଳିଛି। ଆନ୍ଧ୍ର ବ୍ୟାଙ୍କରୁ ଏହି ଗୋଲାପ ଫୁଲ ଚାଷ ପାଇଁ ୧ ଲକ୍ଷ ଟଙ୍କା ଋଣ ମିଳିଥିବା ସୂଚନା ମିଳିଛି। ସେହିପରି ନୂଆପଲ୍ଲୀର ମା’ ବାଳକୁମାରୀ ମହିଳା ସଂଘ ଓ ମା’ ଭୈରବୀ ମହିଳା ସଂଘ ମଧ୍ୟ ପୃଥକ୍ ଭାବେ ଜାରବେରା ଫୁଲ ଚାଷ କରିଛନ୍ତି। ପ୍ରତି ପ୍ରକଳ୍ପ ପାଇଁ ୨ ଲକ୍ଷ ୩୮ ହଜାର ୯୮୦ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୨୦୦ ବର୍ଗ ମିଟର ଅଞ୍ଚଳରେ ଏହା କରାଯାଇଛି। ପ୍ରତି ପ୍ରକଳ୍ପ ପାଇଁ ୧ ଲକ୍ଷ ୩୦ ଜହାର ୪୦୦ ଟଙ୍କା ସବ୍‌ସିଡି ମିଳିଥିବା ବେଳେ ୨ ଟି ସଂଘକୁ ୧ ଲକ୍ଷ ଟଙ୍କା ଲେଖାଏ ବ୍ୟାଙ୍କ ଋଣ ମିଳିଛି। ପ୍ରତି ସଂଘରେ ୧୦ ଜଣ ସଦସ୍ୟା ରହିଛନ୍ତି।

■ରାଜ୍ୟ ସରକାରଙ୍କ ପ୍ରଶଂସା
ଦେଶ ବିଦେଶରେ ରହିଛି ଚାହିଦା
■ବିଭିନ୍ନ ସ୍ତରରେ ପ୍ରଶଂସିତ, ସମ୍ମାନିତ

ଏହି ପଞ୍ଚାୟତ ଅଧିନ ଜଗତପଲୀର ମା’ ସିଂହାସନୀ ମହିଳା ସଂଘରେ ୧୦ ସଦସ୍ୟା ଓ କେଉଟପଲ୍ଲୀର ଓମ୍ ସାଇବାବା ମହିଳା ସଂଘରେ ୭ ଜଣ ସଦସ୍ୟା ରହିଛନ୍ତି। ଉଭୟ ସଂଘ ପୃଥକ ଭାବେ ୨୦୦ ବର୍ଗ ମିଟର ଅଞ୍ଚଳରେ ଅର୍କିଡ୍ ଫୁଲ ଚାଷ କରୁଛନ୍ତି। ପ୍ରତି ପ୍ରକଳ୍ପ ପାଇଁ ୨ ଲକ୍ଷ ୭୯ ହଜାର ୫୦୦ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପ୍ରତି ସଂଘକୁ ୧ ଲକ୍ଷ ଟଙ୍କା ଲେଖାଏ ବ୍ୟାଙ୍କ ଋଣ ଓ ୧ ଲକ୍ଷ ୩୪ ହଜାର ଟଙ୍କା ସବ୍‌ସିଡି ମିଳିଛି। ଏମାନଙ୍କୁ ବିକ୍ରିବଟାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଫୁଲକୁ ସ୍ଥାନୀୟ ଓ ବାହାର ଅଞ୍ଚଳକୁ ପଠାଇ ମହିଳା ସଂଘଗୁଡିକ ଭଲ ରୋଜଗାର କରୁଛନ୍ତି।

## ସଂକ୍ଷେପରେ

### ଓଡ଼ିଶାରେ ଘୂର୍ଣ୍ଣିବଳୟ ଜିଲାରେ ୩ ଦିନ ୟେଲୋ ୱାର୍ନିଂ ଜାରି



**ଗୋପାଳପୁର,୧୯।୩:** ଆଭ୍ୟନ୍ତରୀଣ ଓଡ଼ିଶା ବାୟୁ ମଣ୍ଡଳରେ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି। ଏଥିପାଇଁ ଆଗାମୀ ୩ ଦିନ ପର୍ଯ୍ୟନ୍ତ ଗଞ୍ଜାମ ଜିଲାରେ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗୁରୁବାର ମଧ୍ୟାହ୍ନରୁ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବା ସହ ଗୋଳଚ୍ଛରା, ରଣ୍ଟା, ଗୋଳନ୍ଥରା ଚଟି ଓ ଅନ୍ୟ କିଛି ସ୍ଥାନରେ କୁଆପଥର ପଡ଼ିଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଓ ଶନିବାର ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ବର୍ଷା ସହ ୩୦ ରୁ ୪୦ କିମି ବେଗରେ ପବନ ବହିବ ବୋଲି ଗୋପାଳପୁର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ବିଜୁ ଯୁବ ବାହିନୀ ତରଫରୁ କରୋନା ସଚେତନତା

ପାଟପୁର,୧୯।୩

ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ଓସ୍ଥା ଜଗନ୍ନାଥପୁର ଗ୍ରାମରେ ବିଜୁ ଯୁବବାହିନୀ ତରଫରୁ ଗୁରୁବାର କରୋନା ସମ୍ପର୍କରେ ଏକ ଜନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓସ୍କାଡ୍ ବ୍ୟାଙ୍କ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କରୋନାର ନିରାକାରଣ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ବିଜୁ ଯୁବବାହିନୀ ସମ୍ପାଦକ ଗୌରୀ ଶଙ୍କର ତ୍ରିପାଠୀ, ବିଜୁ ଯୁବ ବାହିନୀ ସଂଯୋଜକ ଶିବ ପ୍ରଧାନ, ନାଏବ ସରପଞ୍ଚ ନୀଳାଞ୍ଚଳ ପ୍ରଧାନ, ବାସୁ ପ୍ରଧାନ, ଅଙ୍ଗଦ ପ୍ରଧାନ, ଶିଶିର କାନ୍ତ ମିଶ୍ର ଓ ସମସ୍ତ ବିଜୁ ଯୁବ ବାହିନୀ ସଦସ୍ୟ ଗ୍ରାମ ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରି ପ୍ରଚାରପତ୍ର ବଣ୍ଟନ କରିଥିଲେ।

# ସାନଖେମୁଣ୍ଡିରେ ଦଣ୍ଡଯାତ୍ରା ବନ୍ଦ କଲା ପ୍ରଶାସନ



ଦଣ୍ଡ ଯାତ୍ରା ସମ୍ପର୍କିତ ଜରୁରୀ ବୈଠକ।

ପାଟପୁର,୧୯।୩

**କରୋନା ଭୟ**

କରୋନା ଭୂତାଣୁରୁ ରକ୍ଷା ପାଇବା ଲାଗି ସମସ୍ତ ସରକାରୀ ଓ ବେରସକାରୀ ସ୍ତରରେ ସଚେତନତା କରାଯାଉଛି। ଏଥିପାଇଁ ପାଟପୁର ଥାନା କାର୍ଯ୍ୟାଳୟଠାରେ ଗୁରୁବାର ଥାନାଧିକାରୀ ଅଜୟ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ସାନଖେମୁଣ୍ଡିରେ ଦଣ୍ଡ ଯାତ୍ରା ନ କରିବାକୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଥିବା ମା’ ଦଣ୍ଡକାଳୀଙ୍କ ଯାତ୍ରାକୁ ମଧ୍ୟ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇ ସାନଖେମୁଣ୍ଡି ଅଞ୍ଚଳର ପାଟପୁର, ଜୟନଗର, ଏରେଣ୍ଡ୍ରି, ପଳାସପୁର, ରାମଚନ୍ଦ୍ରପୁର, ପୁରୁଣାଗଡ଼, ପଦ୍ମପୁର, ନୂଆଗାଁ, ପଥରପୁଞ୍ଜି ଓ ଅନ୍ୟ କିଛି ଦଣ୍ଡଯାତ୍ରାର କର୍ମକର୍ତ୍ତାଙ୍କୁ ନେଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବାକୁ କହିଛନ୍ତି। ମାତ୍ର ଏହି ଦଣ୍ଡକାଳୀଙ୍କ ଯାତ୍ରା କରିବାକୁ ହେଲେ ୧୩ ଜଣ ବ୍ୟକ୍ତି (ତେର ଭୁକ୍ତା) ରହି ପୂଜାର୍ଚ୍ଚନା କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ୧୩ ଜଣ ଦଣ୍ଡୁଆ ୪ ଜଣ ଲେଖାଏ ପୃଥକ୍ ଭାବରେ ରହିବାକୁ କୁହାଯାଇଥିଲା। ବୈଠକରେ ପାଟପୁର ଏସ୍‌ଆଇ ଶୁଭ୍ରଜିତ ସାମନ୍ତରାୟ ଓ ସମସ୍ତ ଦଣ୍ଡଯାତ୍ରାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଆର୍.ଉଦୟଗିରିରେ କରୋନା ସଚେତନତା

**ଆଉ.ଉଦୟଗିରି,୧୯।୩(ଡି.ଏନ.ଏ.):** ଆର.ଉଦୟଗିରି ବ୍ଲକ ପରିସର ସଭାଗୃହରେ କରୋନା ସଚେତନତା ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ବିଡିଓ ପ୍ରଦିପ କୁମାର ନାୟକଙ୍କ ଅଧକ୍ଷତା କରି ଗ୍ରାମଞ୍ଚଳ ଲୋକମାନେ କରୋନାରୁ କିଭଳି ରକ୍ଷା ପାଇପାରିବେ ତାହାଉପରେ ଆଲୋଚନା ହୋଇଥିଲା। ସରପଞ୍ଚ, ସମିତିସଭ୍ୟା ସଭ୍ୟ, ପିଇଓଙ୍କୁ ମଧ ଭୂତାଣୁ ବିଷୟରେ ବୁଝାଇବା ସହିତ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ବ୍ଲକ ଅଧକ୍ଷା ଅନିତା ମଣ୍ଡଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଏବଂ ଅତିରିକ୍ତ ବିଡିଓ ଦିବ୍ୟସିଂ କହଁର ଯୋଗଦେଇଥିଲେ। କରୋନାରୁ ରକ୍ଷା ପାଇବାକୁ ସରକାର ଯେଉଁ ନିୟମାବଳୀ ପ୍ରସ୍ତୁତ କରିଛନ୍ତି ତାହାକୁ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା।

### ଦିଗପହଣ୍ଡିରେ ଘଡ଼ଘଡ଼ି ସହ କୁଆପଥର ବର୍ଷା

ଦିଗପହଣ୍ଡି,୧୯।୩(ଡି.ଏନ.ଏ.)

ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳରେ ଗୁରୁବାର ଅପରାହ୍ନରୁ ସାଢ଼େ ୭ ଟା ଯାଏ ଘଡଘଡି ସହ କୁଆ ପଥର ବର୍ଷା ଲାଗି ରହିଥିଲା। କାଳବୈଶାଖୀ ବର୍ଷା ଓ ପବନ ପ୍ରଭାବରେ ବିଭିନ୍ନ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡ଼ିବା ସହ ପନିପରିବା ଫସଲ ନଷ୍ଟ ହୋଇଛି। ଲଗାଣ ବର୍ଷା ଯୋଗୁ ଦିଗପହଣ୍ଡି ସହର ତଳି ଅଞ୍ଚଳର ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଯାଇଛି। ପୁରାତନ ଡ୍ରେନ ଗୁଡ଼ିକର ପୁନରୁଦ୍ଧାର କରାଯାଉନଥିବାରୁ ଅନେକ ସାହି ବସ୍ତିରେ ଲୋକଙ୍କ ଘର ପର୍ଯ୍ୟନ୍ତ ବର୍ଷା ପାଣି ଲହଡ଼ି ମାରୁଛି। ଅନେକ ଅଞ୍ଚଳରେ ଡ୍ରେନ ଗୁଡ଼ିକ ପଙ୍କ କାଦୁଅରେ ଭର୍ତ୍ତି ହୋଇଯାଇଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

### ଖଲ୍ଲିକୋଟ ପ୍ରେସ୍‌କ୍ଲବର ନୂତନ କର୍ମକର୍ତ୍ତା ଚୟନ

ଖଲ୍ଲିକୋଟ,୧୯।୩(ଡି.ଏନ.ଏ.)

ଖଲ୍ଲିକୋଟ ପ୍ରେସ୍ କ୍ଲବର ବାର୍ଷିକ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ବିମଳ ପ୍ରସାଦ ପାଢ଼ି ପୌରୋହିତ୍ୟରେ ସର୍ବସମ୍ମତି କ୍ରମେ ଚଳିତବର୍ଷ ପାଇଁ ପ୍ରେସକ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ପ୍ରଦୀପ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ସୁନୀଲ କୁମାର ମହାପାତ୍ର, କୋଷାଧକ୍ଷ ଅଶ୍ୱିନୀ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ବରିଷ୍ଠ ସାମ୍ବାଦିକ ମନମୋହନ ସାହୁ, ବିଭୂପ୍ରସାଦ ପଟ୍ଟନାୟକ, ମାଧବ ବେହେରା, ନରେନ୍ଦ୍ରନାଥ ସାହୁ, ଅଶୋକ ତ୍ରିପାଠୀ, ବିଭୂତି ଭୂଷଣ ତ୍ରିପାଠୀ, ଗଣେଷ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।



ନୂତନ କର୍ମକର୍ତ୍ତା।

### ଗ୍ରାସୀମ କମ୍ପାନୀ ପକ୍ଷରୁ ବନ୍ଧ ସଫେଇ



**ଗଞ୍ଜାମ,୧୯।୩(ଡି.ଏନ.ଏ.):** ଗଞ୍ଜାମ ସହର ମଧରେ ଥିବା ୱାର୍ଡ ନଂ ୩ ଦୁର୍ଗାଦେବୀ ସାହି ସ୍ଥିତ ବହୁ ପୁରାତନ ଖାଇଲା ବନ୍ଧ ଓ ମେଡିକାଲ ଗଳି ରାମେୟା ବନ୍ଧକୁ ସ୍ଥାନୀୟ ଗ୍ରାସୀମ କମ୍ପାନୀ ପକ୍ଷରୁ ଗତ ରବିବାର ସଫେଇ କରାଯାଇଛି। ପରବର୍ତ୍ତୀ ସମୟରେ କମ୍ପାନୀ ତରଫରୁ ସହରର ଅନ୍ୟାନ୍ୟ ପୋଖରୀ ଗୁଡିକ ପୁନରୁଦ୍ଧାର ସହ ସଫେଇ କରାଯିବ ବୋଲି କମ୍ପାନୀ ଡିଜିଏମ ରବୀନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏଥିସହିତ ଜାତୀୟ ରାଜପଥ ୧୬ ପାର୍ଶ୍ୱରେ ଥିବା ମେଦିରି ବନ୍ଧ ନିକଟରେ ଏକ ଚେଜିଙ୍ଗ ରୁମ ମଧ ଗ୍ରାସୀମ କମ୍ପାନୀ ନିର୍ମାଣ କରିଛି । ଆଗାମୀ ଦିନରେ ଶନି ମନ୍ଦିର ରୋଡ ପାର୍ଶ୍ୱରେ ଏକ ରେଷ୍ଟସେଡ ନିର୍ମାଣ କରାଯିବା ପାଇଁ ପ୍ରପୋଜଲ ଥିବା ଡିଜିଏମ କହିଛନ୍ତି।

# କରୋନା ପାଇଁ ଦଣ୍ଡନାଚ ବନ୍ଦ

ଭଞ୍ଜନଗର,୧୯।୩(ଡି.ଏନ.ଏ)

କରୋନା ଭୂତାଣୁ ପାଇଁ ଚଳିତବର୍ଷ ଭଞ୍ଜନଗର ଅଞ୍ଚଳରେ ଦଣ୍ଡନାଚ ହେବନାହିଁ। ଏନେଇ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବା ସହ ସହଯୋଗ ଲୋଡ଼ାଯାଇଛି। ଗୁରୁବାର ଅପରାହ୍ନରେ ତାରସିଂ ଥାନାରେ ଦଣ୍ଡନାଚ ଉପରେ ଏକ ବୈଠକ ହୋଇଥିଲା। ଏଥିରେ ଦଣ୍ଡନାଚ ବନ୍ଦ ପାଇଁ ପୋଲିସ ପରାମର୍ଶ ଦେଇଥିଲା। ବୈଠକରେ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଅଧକ୍ଷତା କରିଥିଲେ। ସେହିଭଳି ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ମଧ ଭଞ୍ଜନଗର ଉପଖଣ୍ଡରେ ଯେଭଳି କରୋନା ନବ୍ୟାପିବ ସେନେଇ ବୁଲିବୁଲି ଲୋକଙ୍କୁ ସଚେତନତା କରାଉଛନ୍ତି। ଏବେବି କେତକ ସ୍ଥାନରେ ଲୋକଙ୍କ ଭିଡ଼ ହେଉଥିବାବେଳେ ମନ୍ଦିର ଖୋଲା ରହିଛି। ଏନେଇ ପଦକ୍ଷେପ ନେବାକୁ ଦାବି ହେଉଛି। ବାହାରେ ରହୁଥିବା ଶ୍ରମିକ ଗାଁକୁ ଫେରିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସଚେତନ କରାଯାଉଛି। ସେମାନେ ଭଞ୍ଜନଗର ମେଡ଼ିକାଲକୁ ଯାଇ କରୋନା ଭୂତାଣୁ ୱାର୍ଡ଼ରେ ପରାମର୍ଶ ନେଇ ଆସୁଛନ୍ତି।



ସର୍ବସାଧାରଣ ପ୍ରବେଶ ଉପରେ ଏକ ମନ୍ଦିରରେ ପ୍ରତିବନ୍ଧକ ଲଗାଯାଇଛି।

### ବିଧାୟିକାଙ୍କ ଦ୍ୱାରା କରୋନା ସଚେତନତା

କୋଦଳା,୧୯।୩(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ଦ୍ୱାରା ଗୁରୁବାର ବସ୍‌ଷ୍ଟାଣ୍ଡଠାରେ କୋଦଳା ଓ ଆଖପାଖ ପଞ୍ଚାୟତର ଲୋକଙ୍କୁ ନେଇ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ନଗର ବିଜେଡି ସଭାପତି ସଞ୍ଜିବ କୁମାର ସାହୁ, ସମ୍ପାଦକ ଗୋପାଳ କୃଷ୍ଣ ସାହୁ, ବେଗୁନିଆପଡା ବ୍ଲକର ବିଜେଡି ସଭାପତି ବିଜୟ କୁମାର ଦୋରାଙ୍କ ସମେତ କୋଦଳା ଏନ୍‌ଏସି, ଘୋଡାପଡା ପଞ୍ଚାୟତ, ମର୍ଦ୍ଦମେଖ, ଫାସି, ଦିଗପାଡା, ବେରୁଆଁବାଡ଼ି, କାଳିମେଘି, ସାନ ଉତ୍ତାପଡା, ମଠ ସରସିଂ ପଞ୍ଚାୟତର ଲୋକେ ଉପସ୍ଥିତ ଥିଲେ। ଏଥିରେ ବିଧାୟିକା କରୋନାକୁ କିପରି ରୋକାଯାଇପାରିବ ସେ ନେଇ ଲୋକଙ୍କୁ ବୁଝାଇଥିଲେ।

### ୧୬୮ ବିଡିଓଙ୍କୁ ଦାବିପତ୍ର ଦେଲେ ସତ୍ୟବ୍ରତ

ପୋଲସରା,୧୯।୩(ଡି.ଏନ.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ପଦଯାତ୍ରା ଆରମ୍ଭ କରିଥିବା ସତ୍ୟବ୍ରତ ଦାସ ଗୁରୁବାର ପୋଲସରା ବ୍ଲକରେ ବିଡିଓ ଶମ୍ଭୁନାଥ ନନ୍ଦିଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସତ୍ୟବ୍ରତ ୨୦୧୯ରୁ ଯାଜପୁର ଜିଲାର ବଡ଼ଚଣା ବ୍ଲକରୁ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ୨୫୩ ଦିନରେ ୧୬୮ ବ୍ଲକ ସହ ପ୍ରାୟ ୫ ହଜାର କିଲୋମିଟର ପଦଯାତ୍ରା କରିସାରିଲେଣି। ଓଡ଼ିଶାରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଥିବାରୁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଉଛି। ଏଥିସହ ପୋଲାଭରମ ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲାର ଏକ ବଡ଼ ଅଂଶ ଜଳମଗ୍ନ ହେବ। ଏହା ଦ୍ୱାରା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେବା ସହ ନିଜର ଭିଟାମାଟି ଛାଡ଼ିବେ। ତେଣୁ ସମ୍ପୃକ୍ତ ପ୍ରକଳ୍ପ ବନ୍ଦ କରିବା ସହ ମହାନଦୀ ଜଳ ବିବାଦର ସମାଧାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସତ୍ୟବ୍ରତ ୩୧୪ ବ୍ଲକ ଗସ୍ତ କରି ସମସ୍ତ ବିଡିଓଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

**ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ପଦଯାତ୍ରା**




ପଦଯାତ୍ରାରେ ବାହାରିଥିବା ସତ୍ୟବ୍ରତ ଦାସ।

### ରାଧାଦେଇପୁରରେ କରୋନା ସଚେତନତା

**ପାଟପୁର,୧୯।୩:** କରୋନା ସଂକ୍ରମଣରୁ ସୁରକ୍ଷା ପାଇଁ ସାନଖେମୁଣ୍ଡି ବ୍ଲକ ରାଧାଦେଇପୁରଠାରେ ମଙ୍ଗଳବାର ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଓସ୍କାର୍ଡ ବ୍ୟାଙ୍କ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି ଏକାଠି ହୋଇ ସଚେତନତା କରିଥିଲେ। ବିଶେଷ କରି ଦଣ୍ଡ ନାଚ ହେତୁ ବାହାର ପ୍ରଦେଶରୁ ଆସୁଥିବା ବ୍ୟକ୍ତି ସଚେତନ ରହିବା ସଙ୍ଗେ ସଙ୍ଗେ ତୁରନ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ରାଧାଦେଇପୁର ସରପଞ୍ଚ ରିତାଞ୍ଜଳୀ ବାରିକ, ସମିତିସଭ୍ୟା ଜୟଶ୍ରୀ ସ୍ୱାଇଁ, ନାଏବ ସରପଞ୍ଚ ନୀଳାଞ୍ଚଳ ପ୍ରଧାନ, ସରପଞ୍ଚ ପ୍ରତିନିଧି ଟୁନା ବାରିକଙ୍କ ସମେତ ବିଭିନ୍ନ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ବିଜୁ ଯୁବ ବାହିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ତ ପଞ୍ଚାୟତରେ ହେଲା ସ୍ୱତନ୍ତ୍ର ବୈଠକ

ଆସିକା,୧୯।୩ (ଡି.ଏନ୍.ଏ)

କରୋନାରୁ ରକ୍ଷା ପାଇବା ଲାଗି ଗୁରୁବାର ଆସିକା ବ୍ଲକର ୨୭ ପଞ୍ଚାୟତରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତର ନୋଡାଲ ଅଫିସର, ଅଙ୍ଗନୱାଡି, ଆଶା ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନେଇ ହୋଇଥିବା ଏହି ବୈଠକରେ କରୋନା ସମ୍ପର୍କରେ ବିଭିନ୍ନ ସୂଚନା ଦିଆଯାଇଥିଲା। ବ୍ଲକର ଜୟପୁର ସରପଞ୍ଚ ସଞ୍ଜୟ ଜେନା ଅଧ୍ୟକ୍ଷତା କରିଥିଲେ। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗଦେଇ କରୋନା ମୁକାବିଲା ପାଇଁ ରହିଥିବା ବିଭିନ୍ନ ଉପାୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ଗଠନ କରାଯାଇଥିବା ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ପଞ୍ଚାୟତ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଛି। ବ୍ଲକର କେନ୍ଦୁପଦର ପଞ୍ଚାୟତକୁ ଗୋଟିଏ ପରିବାରର ୩ଜଣ ସଦସ୍ୟ ବିଦେଶରୁ ଆସିଥିବା ଖବର ପାଇ ବିଡିଓ ସମ୍ପୃକ୍ତ ପରିବାରକୁ ଭେଟିଥିଲେ। ତେବେ ଏହି ପରିବାରର ସ୍ୱାସ୍ଥ୍ୟା ବସ୍ଥା ଠିକ ରହିଥିଲା ବେଳେ ସେମାନଙ୍କ ନାମ ପଞ୍ଜୀକରଣ କରାଯିବା ସହ ସେମାନଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବା ଲାଗି ପରାମର୍ଶ ଦିଆଯାଇଥିବା ବିଡିଓ ପ୍ରଦୀପ କୁମାର ପଣ୍ଡା କହିଛନ୍ତି।



ଜୟପୁର ପଞ୍ଚାୟତରେ ସ୍ୱତନ୍ତ୍ର ବୈଠକ।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ଦିଗପହଣ୍ଡି,୧୯।୩(ଡି.ଏନ.ଏ.)

ଦିଗପହଣ୍ଡି–ଘୋଡ଼ାହାଡ଼ ଡ୍ୟାମ ମୁଖ୍ୟ ରାସ୍ତା କଡ଼ ବିଦେଶୀ ମଦ ଦୋକାନ ନିକଟରେ ଥିବା ବେଆଇନ ଫାଷ୍ଟଫୁଡ ଓ ପାନ ଦୋକାନ ଗୁଡ଼ିକୁ ଗୁରୁବାର ମଧ୍ୟାହ୍ନରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବଙ୍କ ଉପସ୍ଥିତିରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବର, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସମେତ ଉପସ୍ଥିତ ଏନ୍‌ଏସି କର୍ମଚାରୀମାନେସମସ୍ତ ଦୋକାନ ଭାଙ୍ଗିଥିଲେ। ଗିରଫ ଭୟରେ ବହୁ ସଂଖ୍ୟକ ଦୋକାନୀ ସେମାନଙ୍କ ଦୋକାନ ବନ୍ଦକରି ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେଠାରେ ଥିବା ୫ ବାଇକ୍‌କୁ ଜବତ କରାଯାଇ ତହସିଲ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଥିଲା।



ଉପଜିଲାପାଳଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଉଛି ।

ଗତ ଶୁକ୍ରବାର ଦିଗପହଣ୍ଡି ତହସିଲଦାର ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କରୋନା ସଚେତନତା ପାଇଁ ବିଦେଶୀ ମଦ ଦୋକାନ ନିକଟକୁ ଯାଇଥିବା ବେଳେ କେତେଜଣ ଦୁର୍ବୃତ୍ତ ତହସିଲଦାରଙ୍କୁ ଧମକ ଦେବା ସହ କୈଠଖଣ୍ଡି ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଏତଲାକୁ ଭିତ୍ତି କରି ପୋଲିସ ନଂ.୫୩/୨୦ରେ ମାମଲା ରୁଜୁ କରିଥିଲା। ଅପରିଷ୍କାର ପରିବେଶରେ ଥିବା ସେଠାକାର ଦୋକାନ ଗୁଡିକରେ ବେଆଇନ ପାଣି ପାଉଚ, ପ୍ଲାଷ୍ଟିକ ଜିନିଷ ବହୁଳ ବ୍ୟବହାର କରାଯାଉଥିଲା ବୋଲି ତହସିଲଦାର କହିଛନ୍ତି। ଦୋକାନୀ ମାନଙ୍କୁ ବାରମ୍ବାର ତାଗିଦ୍ ସତ୍ତ୍ୱେ ସେମାନେ ଖାତିର କରୁନଥିଲେ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ କହିଛନ୍ତି। ଅପରପକ୍ଷରେ କିଛି ଦୋକାନି ପ୍ରଶାସନର ଅଭିଯୋଗରେ କୌଣସି ସତ୍ୟତା ନଥିବା କହିଛନ୍ତି।

## ସଂକ୍ଷେପରେ

### କାଳ ବୈଶାଖୀରେ ଗଛ ଭାଙ୍ଗିଲା

**ବାରିପଦା ଅଫିସ, ୧୯।୩:** ମୟୂରଭଞ୍ଜ ଜିଲାରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୬ଟା ୫୦ରୁ ୮ଟା ପର୍ଯ୍ୟନ୍ତ ଖୁବ ଜୋରରେ ପବନ ବହିବା ସହିତ ବର୍ଷା ହୋଇଥିଲା। ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିବା ବେଳେ ବିଦ୍ୟୁତ ସରବରାହ ବନ୍ଦ ରହିଛି।

### ଗଛରୁ ପଡ଼ି ଯୁବକଙ୍କ ଜୀବନ ଗଲା

**ରାଇରଙ୍ଗପୁର,୧୯।୩ (ଡ଼ି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଗୋରୁମହିଷାଣି ଥାନା ଅଧୀନ ଡଙ୍ଗାପାଣି ଗ୍ରାମରେ ଗୁରୁବାର ଗଛରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁମୁଦ ଚନ୍ଦ୍ର ପୂର୍ତ୍ତି। ଅପରାହ୍ନ ୩ଟା ବେଳେ ବାସଗୃହ ସମ୍ମୁଖରେ ଥିବା ଗଛରେ ଚଢ଼ି ଡାଳ କାଟୁଥିବା ବେଳେ ଅସାବଧାନତା ଯୋଗୁ ହଠାତ ସେ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଇରଙ୍ଗପୁର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

### ସାପ କାମୁଡ଼ାରେ ଯୁବକ ମୃତ

**ବୈଶିଙ୍ଗା,୧୯।୩(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମରେ ଗୁରୁବାର ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କମଳାକାନ୍ତ ବେହେରା। ସକାଳେ ଘର ପାଖ ଏକ ଗାଡ଼ିଆରୁ ମାଛ ଧରୁଥିବା ବେଳେ ଏକ ତମ୍ପ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାଲେଶ୍ୱର ମୁଖ୍ୟ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଅପରାହ୍ନରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ କମଳାକାନ୍ତ ଅତ୍ୟନ୍ତ ପରୋପକାରୀ ଓ ମିଷ୍ଟଭାଷୀ ଗୁଣ ଯୋଗୁ ପାଖ ଆଖ ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କର ଦୁଇଟି ସନ୍ତାନ ଓ ସ୍ତ୍ରୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସିଭିଲ କୋର୍ଟରେ ବିଚାର ସ୍ଥଗିତ

**ରାଇରଙ୍ଗପୁର, ୧୯।୩ (ଡି.ଏନ.ଏ.):** କରୋନା ଭାଇରସକୁ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସ୍ଥିତ ସିଭିଲ କୋର୍ଟରେ ବିଚାର କାର୍ଯ୍ୟ ସ୍ଥଗିତ ରଖାଯାଇଛି। ଆସନ୍ତା ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ବିଚାର କାର୍ଯ୍ୟ ବନ୍ଦ ରହିବ। କେବଳ ଜରୁରୀକାଳୀନ ମାମଲା ନେଇ କୋର୍ଟ କାର୍ଯ୍ୟ ଚାଲିବ ବୋଲି ଜଣାପଡ଼ିଛି। ଏହାବ୍ୟତୀତ ଆସନ୍ତା ୨୮ରେ ହେବାକୁ ଥିବା ବାରଆସୋସିଏଶନ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଛି।

### କରୋନା ମୁକାବିଲା ସଚେତନତା ସଭା

**କୋଷ୍ଟା,୧୯।୩ (ଡ଼ି.ଏନ୍.ଏ.):** ଶୁଳିଆପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଷ୍ଟା ପଞ୍ଚାୟତର ସରପଞ୍ଚ ଚନ୍ଦ୍ରମୋହନ ନାଏକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମିତି ସଭ୍ୟ ହରିଶ ଚନ୍ଦ୍ର ଦତ୍ତଙ୍କ ସହଯୋଗରେ ପଞ୍ଚାୟତର ୧୪ଟି ୱାର୍ଡର ୱାର୍ଡ ସଦସ୍ୟ, ଆଶା, ଅଙ୍ଗନୱାଡି କର୍ମୀ, କୋଷ୍ଟା ସିଏଚସିର ସ୍ୱାସ୍ଥ୍ୟକର୍ମୀ, ମୋଟିବେଟର, ସ୍ୱାବଲମ୍ବି କାରିଗରଙ୍କ ଉପସ୍ଥିତିରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କରୋନା ଭଳି ମାରାତ୍ମକ ମହାମାରୀର ସଫଳ ମୁକାବିଲା ପାଇଁ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି କାର୍ଯ୍ୟ କରିବା ପାଇଁ ସମସ୍ତଙ୍କର ସକ୍ରୀୟ ସହଯୋଗ ଲୋଡା ଯାଇଥିଲା। ପ୍ରଥମେ ସରକାରଙ୍କଠାରୁ ଆସିଥିବା ସଚେତନତା ସମନ୍ଧୀୟ ପତ୍ରକୁ ସରପଞ୍ଚ ପାଠ କରିଥିଲେ। ପରେ ସମିତିସଭ୍ୟ ଏହା ଉପରେ ଆଲୋଚନା କରିଥିଲେ। ସଂକ୍ରମଣଠାରୁ ନିଜକୁ ଦୂରେଇ ରଖିବା ସହିତ ସମସ୍ତଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଆଶାକର୍ମି ପୁଷ୍ପଲତା ଧଳ, ସ୍ୱାସ୍ଥ୍ୟକର୍ମୀ ସତ୍ୟବତୀ ପତି, ଶକୁନ୍ତଳା ଦାସ, ଭବାନୀ ପଣ୍ଡା, ସୁରେନ୍ଦ୍ର ଧୀର ପ୍ରମୁଖ ହାତ ଧୋଇବା ପ୍ରଣାଳୀ ଶିଖାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପିଇଓ ରଣଜିତ ବେହେରା, ଜିଆରଏସ. ଅମ୍ବିକା ଦାସ, ଯୋଗାଣ ସହାୟିକା ବିଦିଶା ରାମ ପ୍ରମୁଖ ସଫଳତାର ସହିତ ସମ୍ପାଦନ କରିଥିଲେ ।

# ‘ପଖାଳ’ ପ୍ରତିଟି ଓଡ଼ିଆଙ୍କ ପସନ୍ଦ



ପଖାଳ ସାଙ୍ଗକୁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାର ବ୍ୟଞ୍ଜନ।

**ରଞ୍ଜନ କୁମାର ପ୍ରଧାନ**
**ବାରିପଦା ଅଫିସ,୧୯।୩**

ରୋଷେଇ ଘରର ୪ କାନ୍ଥରେ ଅଟକି ଯାଇନି ପଖାଳ ଭାତ। ଓଡ଼ିଆ ଲୋକଙ୍କ ଅତି ଆପଣାର ପ୍ରିୟ ଖାଦ୍ୟ ପଖାଳ ବର୍ତ୍ତମାନ ବିଶ୍ୱ ଦରବାରରେ ପହଞ୍ଚି ସାରିଲାଣି। ବିଶ୍ୱର ବିଭିନ୍ନ ବଡ଼ ବଡ଼ ହୋଟେଲର ମେନ୍ୟୁରେ ସ୍ଥାନ ପାଇଲାଣି ଦହି ପଖାଳ(କର୍ଡ଼ ରାଇସ୍)। ପଖାଳ ଭାତକୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ନାମିତ କରାଯାଇଛି। ଓଡ଼ିଶାରେ ପଖାଳ, ବେଙ୍ଗଲରେ ପନ୍ତା ଭାତ, ଛତିଶଗଡ଼ରେ ବୋର ଭାତ, ଝାଡ଼ଖଣ୍ଡରେ ପାଣି ଭାତ, ଆସାମରେ ପୋଇତ ଭାତ ଭଳି ବିଭିନ୍ନ ରାଜ୍ୟରେ ଭିନ୍ନ ନାମ ରହିଛି ଏହାର। ବିଶେଷ କରି ଖରାଦିନେ ନାମୀ ଦାମୀ ପଞ୍ଚତାରକା ହୋଟେଲମାନଙ୍କରେ ପଖାଳର ଚାହିଦା ବଢ଼ିବାରେ ଲାଗୁଛି। ଏହାକୁ ଦେଖିଲେ ଜଣା ପଡ଼େ ସେ ଉଚ୍ଚ ବର୍ଗର ଲୋକ ହୁଅନ୍ତୁ କି ନିମ୍ନ ବର୍ଗର, ଖରାଦିନେ ପଖାଳ ଭାତ ସମସ୍ତଙ୍କର ପ୍ରଥମ ପସନ୍ଦ ପାଲଟେ। ଉଚ୍ଚବର୍ଗର ଲୋକମାନେ କେବଳ ଖରାଦିନ ପଖାଳ ଖାଉଥିବା ବେଳେ ଚାଷୀ କିନ୍ତୁ ବର୍ଷକ ବାର ମାସ ପଖାଳ ଖାଏ। ଯାହା ହେଉନା କାହିଁକି ପଖାଳର ସ୍ୱାଦ ସତରେ ନିଆରା। ପଖାଳ ବିଭିନ୍ନ ପ୍ରକାରର, କେତେବେଳେ ଏହା ସଜ ତ ଆଉ କେତେବେଳେ ବାସି, କେବେ ପୁଣି ଜିରା ପଖାଳ, ଦହି ପଖାଳ ଏମିତି ବିଭିନ୍ନ ପ୍ରକାରର ପ୍ରସ୍ତୁତ କରାଯାଇ ପରଷା ଯାଏ । ସେହିଭଳି ମହାପ୍ରଭୁଙ୍କ ଟଙ୍କ ତୋରାଣୀର ସ୍ୱାଦ ମଧ୍ୟ ନିଆରା। ପଖାଳ ଖାଇବାକୁ ଯେତିକି ସୁସ୍ୱାଦୁ, ଦେହ ପାଇଁ ମଧ ସେତିକି ହିତକର। ଖରା ୪ ମାସ ପଖାଳ ଖାଇଲେ ଅଂଶୁଘାତ ରୋଗ ହେବାର ଭୟ ରହିବ ନାହିଁ।

### ଏମାନେ ଯାହା କହନ୍ତି...



“ପଖାଳ ନିଶ୍ଚିତ ଭାବେ ଶରୀର ପାଇଁ ଭଲ । ଏହା ଓଡ଼ିଶାର ୧ ନମ୍ବର ଖାଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଶାର ଏମିତି କୌଣସି ପରିବାର ନାହିଁ, ଯେଉଁଠାରେ ଖରା ୪ ମାସ ପଖାଳ ହେଉ ନ ଥିବ। ଗ୍ରୀଷ୍ମ ଦିନେ ସମସ୍ତେ ଏହାକୁ ଉପଭୋଗ କରିବା ଦରକାର ।

*– ମମତାମୟୀ ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ।*



“ପଖାଳ ହେଉଛି ଓଡ଼ିଶାର ସମସ୍ତଙ୍କ ଘର ଘରେ ପରିଚିତ ଖାଦ୍ୟ। ପେଟ ପାଇଁ ଥଣ୍ଡା ଓ ପାଟି ପାଇଁ ସ୍ୱାଦିଷ୍ଟ ହୋଇଥିବାରୁ ଖରାଦିନେ ଏହା ସମସ୍ତଙ୍କର ପ୍ରଥମ ପସନ୍ଦ ପାଲଟେ। ଏମିତି ଓଡ଼ିଆ ପୁଅ ବି ଝିଅ ନାହିଁ, ଯେ କି ପଖାଳ ଭାତ ଖାଇ ନ ଥିବ। ଜଣେ ଯୁବତୀ ବା ଯୁବକ ଆଧୁନିକତାର ଯେତେ ଦ୍ୱାହି ଦେଲେ ମଧ ପଖାଳ କଂସାରେ ତାର ମନ ଅଟକି ଯାଏ।

*–ଅବଦୁଲ ହାବିବ୍, ଛାତ୍ର ନେତା*



“ପଖାଳ ହେଉଛି ଉତ୍କଳୀୟ ସଂସ୍କୃତିର ମୁଖ୍ୟ ଖାଦ୍ୟ। ବିଶେଷ କରି ଗ୍ରୀଷ୍ମପ୍ରଧାନ ଅଞ୍ଚଳରେ କର୍ମକ୍ଷେତ୍ରରୁ ଫେରି ଆସିବା ପରେ କଂସାଏ ପଖାଳ ଖାଇବା ପରେ ଯେଉଁ ଆନନ୍ଦ ମିଳେ ତାହା ଅନ୍ୟ କେଉଁ ଦାମୀ ଖାଦ୍ୟରେ ମିଳେ ନାହିଁ। ଆଜିକା ଦିନରେ ଏହାର ଏତେ ଚାହିଦା ବଢ଼ିଯାଇଛି ଯେ ପଞ୍ଚ ତାରକା ହେଟେଲମାନଙ୍କରେ ଗ୍ରୀଷ୍ମଦିନରେ ପଖାଳର ସ୍ୱତନ୍ତ୍ର ଆୟୋଜନ କରାଯାଉଛି।

*–ଅମିତାଭ ମିଶ୍ର, ଶିକ୍ଷକ*



“କରୋନା ପାଇଁ ପଖାଳ ଉତ୍ସବ ବର୍ତ୍ତମାନ ଆରମ୍ଭ ହୋଇପାରି ନାହିଁ। ଆଗାମୀ ଦିନରେ ଲୋକଙ୍କ ଚାହିଦା ଦେଖି ହୋଟେଲରେ ଏହି ଉତ୍ସବ ଆୟୋଜନ କରାଯିବ। ପ୍ରତିବର୍ଷ ଗ୍ରୀଷ୍ମ ୪ ମାସ ପଖାଳ ପାଇଁ ଲୋକଙ୍କ ଲମ୍ବା ଲାଇନ୍ ଲାଗିଥାଏ। ନିରାମିଷ ପଖାଳ ଥାଳି ମୂଲ୍ୟ ୧୦୦ ଟଙ୍କା ହୋଇଥିବା ବେଳେ ଅମିଷ ପଖାଳ ଥାଳିର ମୂଲ୍ୟ ୧୫୦ ଟଙ୍କା ରହିଥାଏ।

**– କପିଳେଶ୍ୱର ମହାପାତ୍ର, ପରିଚାଳକ, ହୋଟେଲ ମୟୂରଭଞ୍ଜ**

କିଛି ବର୍ଷ ହେଲାଣି ମାର୍ଚ୍ଚ ମାସ ୨୦ ତାରିଖକୁ ସାର୍ବଜନୀନ ପଖାଳ ଦିବସ ରୂପେ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲାର ବିଭିନ୍ନ ହୋଟେଲରେ ମଧ ପଖାଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରତି ବର୍ଷ କରାଯାଏ ହେଲେ ବର୍ତ୍ତମାନ କରୋନା ଭାଇରସ୍‌କୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖାଯାଇଛି।

# କରୋନା ମୁକାବିଲା ପାଇଁ ଅଣ୍ଟା ଭିଡ଼ିଲା ବ୍ଲକ ପ୍ରଶାସନ

**ବାଙ୍ଗିରିପୋଷି,୧୯।୩(ଡି.ଏନ୍.ଏ.)**


କରୋନା ଭାଇରସ ସଂକ୍ରମଣକୁ ରୋକିବା ଲାଗି ବାଙ୍ଗିରିପୋଷି ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦାସ ଟୁଡୁଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କୁ କିଭଳି ସଚେତନ କରାଯାଇପାରିବ ସେ ନେଇ ବ୍ଲକ ଅଧ୍ୟକ୍ଷ ସୁବୋଧ ମାର୍ଣ୍ଡି ବିସ୍ତୃତ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ରାଉତ କରୋନା ମୁକାବିଲା ସମ୍ପର୍କରେ ବୁଝାଇଥିଲେ। ବିବାହ, ବ୍ରତ, ସଭା ସମିତି ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। କୌଣସି ଜିନିଷ କଳାବଜାର ହୋଇପାରିବ ନାହିଁ। ଏହାର ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଦୟାନିଧି ଦାସ ପ୍ରକାଶ କରିଥିଲେ। ଆସନ୍ତା ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ଅତିରିକ୍ତ ତହସିଲଦାର ସାହେବରାମ ବାସ୍କେ ପ୍ରକାଶ କରିଥିଲେ। କରୋନାକୁ ନେଇ ଭୟଭୀତ ନ ହୋଇ ଏହାର ମୁକାବିଲା ପାଇଁ ସଚେତନ ହେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏହି ବୈଠକରେ ବାଙ୍ଗିରିପୋଷି ବ୍ଲକର ଗଣମାଧ୍ୟମ ପ୍ରତିନିଧି,ବ୍ଲକର ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ,ଉପାଧ୍ୟକ୍ଷା ରାଜ କୁମାରୀ ନାଏକ, ବ୍ଲକର ସହକାରୀ ଯନ୍ତ୍ରୀ ଯୋଗେଶ୍ୱର ବେହେରା,ଅତିରିକ୍ତ ଶିକ୍ଷା ଅଧିକାରୀ ଭାରତୀ ନାଏକ, ସହକାରୀ କୃଷି ଅଧିକାରୀ ତ୍ରିଲୋଚନ ରାଉତ,ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ସଙ୍ଗୀତା ସୀମା ପରିଡ଼ା, ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଅମିତ କୁମାର ଗିରି, ଶିକ୍ଷା ବିଭାଗର ସିଆରସିସିଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ୨୦୪ ପ୍ରଧାନଶିକ୍ଷକଙ୍କୁ ପ୍ରଶିକ୍ଷଣ

**ଝାରପୋଖରିଆ,୧୯।୩(ଡି.ଏନ୍.ଏ.)**

ଜିଲା ସର୍ବଶିକ୍ଷା ଅଭିଯାନ ମୟୂରଭଞ୍ଜ ପକ୍ଷରୁ ସାରସକଣା ବ୍ଲକ ଅଧୀନ ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକମାନଙ୍କୁ ଷ୍ଟୁଡେଣ୍ଟ ମୋଡୁଲ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସହ ଶିକ୍ଷା ଅଧିକାରୀ ସୁମନ୍ତ କୁମାର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୬ଟି କ୍ଲଷ୍ଟର ଅଧୀନରେ ଥିବା ୨୧୪ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ବିଦ୍ୟାଳୟର ମୋଟ ୨୦୪ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ସାଧନକର୍ମୀ ରାଜ କୁମାର ସାହୁ, ରଙ୍ଗ ବଲ୍ଲଭ ସାହୁ ଏବଂ ସହଯୋଗୀ ଶିକ୍ଷକ ଭାବେ ରଜତ କୁମାର ସାହୁ, ସୁବ୍ରତ କୁମାର ସେଠୀ, ଚନ୍ଦନ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ସହ ଶିକ୍ଷାଧିକାରୀ ତଥା ବିଆରସିସି ଶଶିକାନ୍ତ ପାତ୍ର ଉପସ୍ଥିତ ଥିଲେ। ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସଫେଇ କର୍ମଚାରୀଙ୍କ ବିକ୍ଷୋଭ



ସଫେଇ କର୍ମଚାରୀମାନେ ହୋହଲ୍ଲା କରୁଛନ୍ତି।

**ବାରିପଦା ଅଫିସ, ୧୯।୩**

ବାରିପଦା ପୌର ପରିଷଦ କାର୍ଯ୍ୟାଳୟ ଆଗରେ ଗୁରୁବାର ସଫେଇ କର୍ମଚାରୀମାନେ ବିକ୍ଷୋଭ କରିଥିଲେ। ସେମାନଙ୍କୁ ସୁରକ୍ଷା ଓ ସୁପରଭାଇଜରଙ୍କୁ ମାଡ଼ ମାରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପ୍ରକାଶ ଯେ,ବାରିପଦା ପୌର ପରିଷଦ ୧ ନମ୍ବର ୱାର୍ଡ଼ରେ ଗୁରୁବାର ସକାଳେ ସଫେଇ କର୍ମଚାରୀମାନେ ବୁଲି ବୁଲି ଅଳିଆ ଆଣି ଏକ ସ୍ଥାନର ଗଦା କରୁଥିଲେ। ଏହାକୁ ସେଠାକାର କେତେକ ଲୋକ ବିରୋଧ କରିବା ସହିତ ସଫେଇ କର୍ମଚାରୀମାନଙ୍କ ସହିତ ଯୁକ୍ତି କରିଥିଲେ। ପରେ ସଫେଇ କର୍ମଚାରୀମାନେ ସେମାନଙ୍କ ସୁପରଭାଇଜର ମଧୁମିତା ପୃଷ୍ଟିଙ୍କୁ ଡାକିଥିଲେ। ସୁପରଭାଇଜର ସେଠାରେ ପହଞ୍ଚିବା ପରେ କିଛି ଲୋକ ତାଙ୍କ ସହିତ ଯୁକ୍ତି କରି ମାଡ ମାରିଥିଲେ ଓ ତାଙ୍କ ମୋବାଇଲ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ପରେ ସମସ୍ତ ସଫେଇ କର୍ମଚାରୀମାନେ ଆସି ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଫେଇ କର୍ମଚାରୀଙ୍କୁ ସୁରକ୍ଷା ଦେବା ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଯେ ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନାହିଁ ସଫେଇ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ପୌର ପରିଷଦ ନିର୍ବାହୀ ଅଧିକାରୀ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ୱାର୍ଡ଼ବାସୀ ସଫେଇ କର୍ମଚାରୀମାନେ ତାଙ୍କଠାରୁ ଟଙ୍କା ମାଗିବା ଓ ସେମାନଙ୍କୁ ଧମକ ଦେଉଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଉଭୟପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

### ହଷ୍ଟେଲରେ ଅବ୍ୟବସ୍ଥା ନେଇ ଦାବିପତ୍ର

**ବାଙ୍ଗିରିପୋଷି,୧୯।୩(ଡି.ଏନ.ଏ.)**

କରୋନା ପାଇଁ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ଆଦିବାସୀ ହଷ୍ଟେଲରେ ଛାତ୍ରୀଛାତ୍ରମାନେ ରହିବେ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ହଷ୍ଟେଲରେ ଏହି ଛାତ୍ରୀଛାତ୍ରମାନଙ୍କୁ ଅବ୍ୟବସ୍ଥା ମଧ୍ୟରେ ରଖାଯାଉଥିବା ମାରିସା ସେନା ପକ୍ଷରୁ ଅଭିଯୋଗ କରାଯାଇଛି। ସେନାର ଜିଲା ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦାସ ଟୁଡୁଙ୍କୁ ମୟୂରଭଞ୍ଜ ଜିଲାପାଳଙ୍କ ଉଦ୍ଦେଶରେ ଏନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ହଷ୍ଟେଲର ଗୋଟିଏ ଗୋଟିଏ କୋଠରୀରେ ୨୫ରୁ ୩୦ଜଣ ଛାତ୍ରୀଛାତ୍ର ରହୁଥିଲା ବେଳେ ସଚେତନତା ଅଭାବ ପରିଲକ୍ଷିତ ହେଉଛି। ଯଦି ଏପରି ଅବ୍ୟବସ୍ଥା ଲାଗି ରୁହେ ତେବେ ମାରିସା ସେନା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସେନାର ସତ୍ୟଜିତ ଟୁଡୁ, ରାଜେଶ ନାଏକ, ଝଲରାମ ହାଁସଦାଃ, ଶଙ୍କର ବାସ୍କେ ଉପସ୍ଥିତ ଥିଲେ।

# ୪ ଚୋରା ମଦ ବେପାରୀ ଗିରଫ

**ରାଇରଙ୍ଗପୁର,୧୯।୩(ଡି.ଏନ.ଏ.)**

ରାଇରଙ୍ଗପୁର ଅବକାରୀ ବିଭାଗ ଗୁରୁବାର ବିଭିନ୍ନ ସ୍ଥାନରେ ଚଢାଉ କରି ୪ ଚୋରାମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୬ ଲିଟର ମଦ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ସୁଣ୍ଢେଲ ଗ୍ରାମର ଟୁଟୁ ସର୍ଦ୍ଦାର ଏବଂ ରତନ ସର୍ଦ୍ଦାର, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଗୋପୀନାଥପୁର ଗ୍ରାମର ଦେଉଳା ମାହାଲି ଓ ଟିକରପଡା ଗ୍ରାମର ସମରା ହାଁସଦା ବୋଲି ଜଣାପଡ଼ିଛି। ରାଇରଙ୍ଗପୁର ଏବଂ ବହଳଦା ଅବକାରୀ ଥାନା ପୋଲିସ ପକ୍ଷରୁ ମିଳିତ ଭାବେ ଏହି ଚଢାଇ କରାଯାଇଥିଲା। ରାଇରଙ୍ଗପୁର ଅବକାରୀ ଥାନା ଅଧିକାରୀ ହରିହର ସିଂହଙ୍କ ନେତୃତ୍ୱରେ ଏଏସଆଇ ସିଦ୍ଧେଶ୍ୱର ନାୟକଙ୍କ ସମେତ ଦୁଇ ଅବକାରୀ ଥାନାର କର୍ମଚାରୀମାନେ ଚଢାଉରେ ସାମିଲ ହୋଇଥିଲେ।



ଗିରଫ ହୋଇଥିବା ଅଭିଯୁକ୍ତ।

# ସହରର ବିଭିନ୍ନ ମଲ୍ ଖୋଲା

**ବାରିପଦା ଅଫିସ, ୧୯।୩**

କରେନା ଭାଇରସ୍ ପାଇଁ ପୂର୍ବରୁ ମଲ୍‌ଗୁଡ଼ିକ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହା ପରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଥିବା ମଲ୍‌ଗୁଡ଼ିକ ଖୋଲାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିସ୍ଥଳେ ସହରରେ ଥିବା ବିଭିନ୍ନ ପୋଷାକ ମଲ୍, ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଦୋକାନ ଖୋଲା ରହିଥିବା ଦେଖିବାକୁ ମିଳୁଛି। ସେହିଭଳି କିଛି ଶିକ୍ଷାନୁଷ୍ଠାନ ଲୁଚ୍ଛା ଛପାରେ କ୍ଲାସ କରୁଥିବା ମଧ ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ାଉ କରୁ ନ ଥିବାରୁ ଏଭଳି ଅବବ୍ୟସ୍ଥା ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳୁଛି।

### ଜଗନ୍ନାଥ ମନ୍ଦିରକୁ ଦିଆଯାଇନି କୌଣସି ସୂଚନା

ବାରପିଦା ସହରରେ ଥିବା ଶ୍ରୀ ଶ୍ରୀ ହରିବଳଦେବଜୀଉ ମନ୍ଦିରକୁ କୌଣସି ସୂଚନା ଦିଆଯାଇ ନାହିଁ। ରାଜ୍ୟରେ ସମସ୍ତ ମନ୍ଦିର ବନ୍ଦ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଜଗନ୍ନାଥ ମନ୍ଦିରକୁ କୌଣସି ସୂଚନା ଦିଆଯାଇ ନ ଥିବା ମନ୍ଦିର ପୂଜକ ସଂଘର ସମ୍ପାଦକ କାମେଶ୍ୱର ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିଭଳି ମନ୍ଦିରକୁ ପ୍ରତିଦିନ ଦର୍ଶନ କରିବାକୁ ଭକ୍ତମାନେ ଆସୁଥବା ବେଳେ ସାନିଟାଇଜରର ବ୍ୟବସ୍ଥା କରାଯାଇ ନାହିଁ। ମନ୍ଦିର ପୂଜକମାନଙ୍କୁ ମଧ ଏ ନେଇ କୌଣସି ତାଲିମ ଦିଆଯାଇ ନାହିଁ। ପ୍ରକାଶ ଯେ, ମନ୍ଦିରରେ ପ୍ରତିଦିନ ସକାଳ ୬ଟାରୁ ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇ ରାତି ୧୦ଟାରେ ସରୁଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଅଧିକାରୀଙ୍କ ମତାମତ ମଗାଯାଇଥିଲେ ମଧ କେହି ମତାମତ ଦେଇ ନ ଥିଲେ।

### କାର୍ଯ୍ୟକାରୀ ହେଉନି ଜିଲାପାଳଙ୍କ ନିର୍ଦ୍ଦେଶ




କୋର୍ଟ ଫାଟକରେ ଲାଗିଥିବା କରୋନା ସତର୍କତା ସୂଚନା।

### ଇକୋ ଟୁରିଜମ୍ ବନ୍ଦ

ଜିଲାରେ ଥିବା ଇକୋ ଟୁରିଜମ୍ ଶିମିଳିପାଳ ଅଭୟାରଣ୍ୟକୁ ବନ୍ଦ କରି ଦିଆଯାଇଛି। କରୋନାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରି ଦିଆଯାଇଛି ।

### ଜିଲା ପୋଲିସ ପକ୍ଷରୁ ସଚେତନତା

ଜିଲା ପୋଲିସ ପକ୍ଷରୁ କରୋନା ଭାଇରସ୍‌କୁ ନେଇ ଲୋକଙ୍କୁ ସଚେତନ କରାଯାଇଥିବା ଦେଖିବାକୁ ମିଳିଛି। ଜିଲାର ବିଭିନ୍ନ ଥାନା ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଥିବା ବେଳେ କରୋନା ଦାଉରୁ କିପରି ରକ୍ଷା ମିଳିବ ସେନେଇ ଏକ ଲିଫଲେଟ ଜିଲା ପୋଲିସ ପକ୍ଷରୁ ଟ୍ୱିଟ କରାଯାଇଛି।

### ଜରୁରୀ କାମ ନ ଥିଲେ କୋର୍ଟ ଯିବାକୁ ବାରଣ

ଜିଲା ବାର୍ ଆସୋସିଏଶନ ପକ୍ଷରୁ କରୋନା ନେଇ ଲୋକଙ୍କୁ ସଚେତନ କରାଯାଇଛି। ଜିଲା କୋର୍ଟରେ ଜରୁରୀ କାମ ନ ଥିଲେ ଲୋକମାନେ କୋର୍ଟ ପରିସରକୁ ନ ଯିବା ପାଇଁ ଅନୁରୋଧ କରାଯାଇଥିବା ବାର୍ତ୍ତା ଜିଲାକୋର୍ଟରେ ବିଭିନ୍ନ ସ୍ଥାନରେ ଟଙ୍ଗା ହୋଇଥିବା ଦେଖିବାକୁ ମିଳିଥିଲା।

### ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଣଶିକ୍ଷକ ନିଯୁକ୍ତି ପରୀକ୍ଷା ସ୍ଥଗିତ

କରୋନା ପାଇଁ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ବିଭିନ୍ନ ଅଣଶିକ୍ଷକ ପଦବୀ ନିମନ୍ତେ ଆସନ୍ତା ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ ଲିଖିତ ପରୀକ୍ଷାକୁ ସ୍ଥଗିତ କରାଯାଇଛି। କରୋନାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା କୁଳସଚିବ ପ୍ରଫେସର ପ୍ରମୋଦ କୁମାର ଶତପଥୀ ସୂଚନା ଦେଇଛନ୍ତି। ପରିସ୍ଥିତି ସୁଧିରିଲା ପରେ ନୂତନ ତାରିଖ ଘୋଷଣା କରାଯିବା ସହିତ ବିଶ୍ୱବିଦ୍ୟାଳୟ ୱେବସାଇଟରେ ମଧ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି।

# ରେଳ ଫାଟକ ବନ୍ଦ କରିବାକୁ ବିରୋଧ

**ବାରିପଦା ଅଫିସ, ୧୯।୩**

ବାରିପଦା ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆଠାରେ ଥିବା ରେଳ ଫାଟକକୁ ବନ୍ଦ କରିବା ପାଇଁ ଗୁରୁବାର ରେଳ କର୍ମଚାରୀ ଓ ଆରଫିଏଫ କର୍ମଚାରୀମାନେ ଯାଇଥିଲେ। ସେଠାକାର ବାସିନ୍ଦା ଏହାକୁ ବିରୋଧ କରିଥିଲେ। ଭାଜପା ପ୍ରତିନିଧିମାନେ ଏଥିରେ ହସ୍ତକ୍ଷେପ କରିବାରୁ ରେଳ କର୍ମଚାରୀମାନେ ଫାଟକ ବନ୍ଦ ନ କରି ଫେରି ଯାଇଥିଲେ। ସୂଚନା ଅନୁଯାୟୀ, ରଙ୍ଗମାଟିଆସ୍ଥିତ ହାଣ୍ଡିଆଭାଟି ଛକଠାରୁ କାଠପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ୪୯କୁ ସଂଯୋଗ କରିଥିବା ପ୍ରଧାନମନ୍ତ୍ରୀ ସଡ଼କରେ ରେଳ ଫାଟକଟି ରହିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ଲୋକମାନେ ବିଭିନ୍ନ ସ୍ଥାନକୁ ଯାତାୟତ କରୁଛନ୍ତି। ଏହି ରାସ୍ତା ଦେଇ ରେଳ ଲାଇନ୍ ଯାଇଥିବାରୁ ରେଳ ଫାଟକଟିକୁ ରେଳ ବିଭାଗ ପକ୍ଷରୁ ବନ୍ଦ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ପ୍ରରିପ୍ରେକ୍ଷୀରେ ଗୁରୁବାର କର୍ମଚାରୀମାନେ ଆସିଥିବା ବେଳେ ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ସେମାନେ ଫେରି ଯାଇଥିଲେ। ଏମ୍‌ପି ବିଶେଶ୍ୱର ଟୁଡୁ ରେଳ କର୍ମଚାରୀଙ୍କ ସହିତ ଏନେଇ ଆଲୋଚନା କରିଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଏମ୍‌ପିଙ୍କ ଜିଲାପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଜିଲା ଓବିସି ମୋର୍ଚ୍ଚାର ପୂର୍ବତନ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର, ଦେବ୍ରବତ ସାମଲଙ୍କ ସମେତ ଏକାଧିକ ଭାଜପା ନେତା ଓ କର୍ମୀମାନେ ଏହାକୁ ବିରୋଧ କରିଥିଲେ। ଯଦି ଆଗାମୀ ଦିନରେ ରେଳ ଫାଟକକୁ ବନ୍ଦ କରାଯାଏ ତାହା ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଭାଜପା ନେତା ମାନେ ପ୍ରକାଶ କରିଛନ୍ତି।



ରେଳ କର୍ମଚାରୀମାନଙ୍କ ସହିତ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୨୦ ମାର୍ଚ୍ଚ, ୨୦୨୦



## ସଂକ୍ଷେପରେ

### କରୋନା ସଚେତନତା



**ସେମିଳିଗୁଡ଼ା,୧୯।୩(ସ୍ୱ.ପ୍ର.):** ସେମିଳିଗୁଡ଼ା ବ୍ଲକ ସୋରିଷପଦର ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଗ୍ରାମର ସରପଞ୍ଚ ସୁନେଲି ଖରାଙ୍କ ଅଧକ୍ଷତାରେ କରୋନାରୁ ବର୍ତ୍ତିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପିଇଓ ନାଗେଶ୍ୱର ଖରା, ଜିଆରଏସ୍ ବାସୁଦେବ ପାତ୍ର, ଜେଏସ୍ ଜି. ଗରଡ଼ା, ଏନ୍ଏମ୍ ଉର୍ମିଳା ଦାଶ, ଶିକ୍ଷକ ପ୍ରତାପ ନାୟକ ଯୋଗ ଦେଇଥିଲେ। ସଂକ୍ରମଣଠାରୁ ନିଜକୁ ଦୂରେଇ ରଖିଲେ ତାହା ସବୁଠାରୁ ବଡ଼ ସୁରକ୍ଷା ହେବ ବୋଲି ବକ୍ତାମାନେ କହିଥିଲେ। ଜନସାଧାରଣ ନିଜର ସୁରକ୍ଷା ପାଇଁ ହାତ ଧୋଇବା, ପରସ୍ପର ଭିତରେ ଦ୍ୱରତା ରଖିବା, ଅନାବଶ୍ୟକ ଗହଳି ନ କରିବା ଓ ନିଜେ ସତର୍କ ରହି ଅନ୍ୟ ଲୋକଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

### ହ୍ୟାଣ୍ଡୱାସ, ମାସ୍କ ବାଣ୍ଟିଲା ଥାନା



ଲକ୍ଷ୍ମୀପୁର, ୧୯।୩ (ଡି.ଏନ୍.ଏ.) ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନା ପରିସରରେ ଥାନାଧିକାରୀ ଧୀରେନ କୁମାର ପଟ୍ଟନାୟକଙ୍କ ଆହ୍ୱାନକ୍ରମେ କରୋନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ତୁନପାର, ପଞ୍ଚଡା, ଗୌଡ଼ଗୁଡା, ଭିତରଗଡ଼, କାକିରିଗୁମ୍ମା ପଞ୍ଚାୟତର ଜନପ୍ରତିନିଧି, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସଫାସୁତରା ରହିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଆସନ୍ତା ଘଟଯାତ୍ରା କିପରି ସୁରକ୍ଷିତ ଭାବେ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ହ୍ୟାଣ୍ଡୱାଶ, ସାବୁନ, ମାସ୍କ, ରୁମାଲ ଆଦି ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାକିରିଗୁମ୍ମା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି କେ. ଅଶ୍ୱିନ ରାଓଙ୍କ ସହ କାକିରିଗୁମ୍ମା, ପଞ୍ଚଡ଼ା, ଗୌଡ଼ଗୁଡା ଗ୍ରାମର ଘଟଯାତ୍ରା ପରିଚାଳନା କମିଟି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଇଆଇସି କିଶୋର ଚନ୍ଦ୍ର ଚୌଧୁରୀ, ଏଏସ୍ଆଇ ମଙ୍ଗୁଲୁ ବିଷୋୟୀ ପରିଚାଳନା କରିଥିଲେ।

### କରୋନା ସଚେତନତା କଲେ ଖବରଦାତା

ଖଇରପୁଟ/କୁଡୁମୁଲୁଗୁମ୍ମା/ଏମଭି-୭୯,୧୯।୩(ଡି.ଏନ୍.ଏ.)-ଖଇରପୁଟ ଓ କୁଡୁମୁଲୁଗୁମ୍ମାର ଆଖପାଖ ଅଞ୍ଚଳରେ ଖବରଦାତାମାନଙ୍କ ଦ୍ୱାରା କରୋନା ସଚେତନ ଅଭିଯାନ କରାଯାଇଥିବା ଦେଖିବାକୁ ମିଳିଛି। ଗୁରୁବାର କୁଡୁମୁଲୁଗୁମ୍ମା ଗ୍ରାମରେ ସାପ୍ତାହିକ ହାଟ ଥବା ବେଳେ କୌଣସି ବ୍ୟବସାୟୀ ହାଟକୁ ଆସି ନ ଥିବା ଦେଖିବାକୁ ମିଳିଛି। ଯେଉଁ ଅଳ୍ପ କେତେକ ବ୍ୟବସାୟୀ ଜାଣି ନ ପାରି ଚାଲି ଆସିଥିଲେ ସେମାନଙ୍କୁ କରୋନା ଓ ଏହାର ପ୍ରତିକାର ସମ୍ପର୍କରେ ବୁଝାଯାଇଥିଲା। ପରେ ନୂଆଗୁଡା, ପୂଜାରୀଗୁଡା, ଡ୍ରାଇଭରଗୁଡ଼ା ପର୍ଯ୍ୟନ୍ତ ଯାଇ ଲୋକମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖବରଦାତା ସୀମାଞ୍ଚଳ ପାଣିଗ୍ରାହୀ, ଜୟନ୍ତୀ ବୁରୁଜା, ସୋନୁ ଅନୁଗୁ, ଉଦୟଭାନୁ ମହାନ୍ତି, ବାବୁଲି ପାଣିଗ୍ରାହୀ, ପ୍ରଭାକର ସୁନା, ଭଗବାନ ସାହୁ, ଜ୍ୟୋତିରଞ୍ଜନ ବେହେରା, ହୃଷୀକେଶ ସେଠୀ, ଅଶୋକ ଆଡ୍ୟ ସାମିଲ ହୋଇଥିଲେ। ଗ୍ରାମର ଯୁଗଳ କିଶୋର ସ୍ୱାଇଁ, ଗୋପୀ ପାଙ୍ଗୀ, ମୁନି ଖିଲ, ଦେବେନ୍ଦ୍ର ରାଉତ, ଟିକି ସାହୁ ସହଯୋଗ କରିଥିଲେ। ସ୍ଥାନୀୟ ତହସିଲଦାର ବିଜୟ ମାଣ୍ଡାଙ୍ଗୀ, ପୋଲିସ ଅଧିକାରୀ କୃତ୍ତିବାସ ବେହେରା, ସ୍ୱାସ୍ଥ୍ୟ ଅଧିକାରୀ କୃଷ୍ଣଚନ୍ଦ୍ର ବକ୍ସି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଥିଲା। କାଲିମେଳା ବ୍ଲକ ସୀମାନ୍ତ ମୋଟୁଠାରେ ଗୁରୁବାର କୋରନା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର, ପିଇଓ, ମେଡିକାଲ ସୁପରଭାଇଜର ମଧୁସୂଦନ ମାଝୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସରପଞ୍ଚ, ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ଏଥିସହ ତଣ୍ଡାବାଇ, ପୁଶୁଗୁଡା ଏବଂ ଭୁବନପାଲି ପଞ୍ଚାୟତରେ ମଧ୍ୟ ଏପରି ଶିବିର ହୋଇଥିଲା।

# ପ୍ରଶ୍ନଘେରରେ ବିଧାୟକଙ୍କ ଧାନବିକ୍ରି

## ଶନିବାର ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିବେ ଚାଷୀନେତା

ଜୟପୁର,୧୯।୩(ଡି.ଏନ୍.ଏ.)

ଜୟପୁର ବିଧାୟକଙ୍କ ଚାଷଜମି ପଥୁରିଆ, ଜଙ୍ଗଲିଆ ଓ ସେଠାରେ କ୍ରଶର ଚାଲିଥିବା ବେଳେ କେଉଁ ପରିସ୍ଥିତିରେ ବିଧାୟକ ସେଠାରୁ ୫ଶହ କୁଇଣ୍ଟାଲରୁ ଅଧିକ ଧାନ ଅମଳ କଲେ, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡିର ଚାଷୀନେତା। ଜୟପୁର ବିକ୍ରମନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ କରି ଏହି ଘଟଣାର ତଦନ୍ତ ସହ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆସନ୍ତା ଶନିବାର ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ମଧ୍ୟ ଚେତାବନୀ ଦିଆଯାଇଛି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ଜିଲାରେ ଚଳିତ ଖରିଫ ମଣ୍ଡିରେ ୫ଶହ କୁଇଣ୍ଟାଲରୁ ଅଧିକ ଧାନ ବିକିଥିବା ୧୨ଜଣ ଚାଷୀଙ୍କ ଜମି ଓ ଉତ୍ପାଦନ ପରିମାଣର ତଦନ୍ତ ପାଇଁ କମିଟି





ଖବରଦାତା ସମ୍ମିଳନୀରେ ବିଜେଡି ଦଳର ଚାଷୀନେତା।

ଗଠନ କରିଛନ୍ତି। ଉପରୋକ୍ତ ଚାଷୀଙ୍କ ଭିତରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ରହିଛନ୍ତି। ପଥୁରିଆ, ଜଙ୍ଗଲିଆ ଜମିରେ ସେ କିପରି ଏତେ ଅମଳ କଲେ, ମଣ୍ଡିକୁ ନ ଯାଇ ଆଙ୍ଗୁଠି ଓ ଆଖିର ସ୍କାନ ବିନା ଧାନ କିପରି ବିକିଲେ ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ଚାଷୀନେତା। ଜିଲାର ଅଧିକାଂଶ ଚାଷୀ ସେମାନଙ୍କ ଅମଳ ଧାନ ବିକ୍ରି କରି ନ ଥିବାବେଳେ ବିଧାୟକଙ୍କ ସମେତ ଅନ୍ୟ ଚାଷୀ ୫ଶହ କୁଇଣ୍ଟାଲରୁ ଅଧିକ ଧାନ ବିକ୍ରି କରିବା ସନ୍ଦେହ ସୃଷ୍ଟି କରିଛି। ବିଧାୟକଙ୍କ ଜମିକୁ ୧୩ଟି ଉଠା ଜଳସେଚନ ପଏଣ୍ଟ କେଉଁ ପରିସ୍ଥିତିରେ ଦିଆଯାଇଛି, ତାହାର ତଦନ୍ତ ଦାବି ହୋଇଛି। ଅନ୍ୟପକ୍ଷରେ ବିଧାୟକଙ୍କ ସମ୍ପର୍କୀୟ ଜିଲା ଯୋଗାଣ ବିଭାଗ ଅଧିକାରୀ ଥିବା ଯୋଗୁ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା କରାଯାଇଛି। ଏନେଇ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି, ବିଧାୟକଙ୍କଠାରୁ ନିୟମ ଅନୁଯାୟୀ ଧାନ କିଣାଯାଇଛି। ତାଙ୍କ ସମେତ ୧୨ ଚାଷୀଙ୍କ ଜମି ପରିମାଣ, ଉତ୍ପାଦନ ସମ୍ପର୍କରେ ଯୁଗ୍ମ ତଦନ୍ତକାରୀ ଦଳ ଦ୍ୱାରା ତଦନ୍ତ ସରିଛି। ଖୁବ୍‌ଶୀଘ୍ର ଏହାର ରିପୋର୍ଟ ଦିଆଯିବ ଓ ସରକାରଙ୍କ ଅନୁଯାୟୀ ପଦକ୍ଷେପ ନିଆଯିବ। ଖବରଦାତା ସମ୍ମିଳନୀରେ ଚାଷୀ ତଥା ବିଜେଡି ଜୟପୁର ବ୍ଲକ ସଭାପତି ବିନୋଦ ପାତ୍ର, ବୋରିଗୁମ୍ମା ସଭାପତି ବିବେକାନନ୍ଦ ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବାଲିଙ୍ଗି ରାଓ, ପୂର୍ବତନ ବ୍ଲକ ସଭାପତି ଶିବ ପଟ୍ଟନାୟକ, ସରୋଜ ରଥ, ମନୋଜ ଦେବତା ଉପସ୍ଥିତ ଥିଲେ।

# କରୋନା ସଚେତନ ପାଇଁ ବୁଲିଲା ପ୍ରଚାର ଗାଡି



ଡ଼ାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର।

ଜି.ଉଦୟଗିରି,୧୯।୩(ଡି.ଏନ.ଏ.)

ଜି.ଉଦୟଗିରି ସହରରେ ବୁଧବାର ଡ଼ାକବାଜି ଯନ୍ତ୍ର ଦ୍ୱାରା କରୋନା ସଂକ୍ରମଣ ରୋକିବା ନେଇ କଟକଣା ସମ୍ପର୍କରେ ପ୍ରଚାର କରାଯାଇଛି। ବିବାହ ବ୍ରତ, ସାଂସ୍କୃତିକ, ମାଙ୍ଗଳିକ, ଧାର୍ମିକ କାର୍ଯ୍ୟ ଉପରେ କଟକଣା, ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସହ ଅନ୍ୟ ସମସ୍ତ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିବାକୁ ପ୍ରଚାର କରାଯାଇଛି। ଜି.ଉଦୟଗିରି ଏନ୍ଏସିରେ ପ୍ରଥମେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପକୁ ଆଇସୋଲେସନ କେନ୍ଦ୍ର କରାଯାଇଥିଲା। ବୁଧବାର ଏନଏସି ଟାଉନ ହଲକୁ ମଧ୍ୟ ଆଇସୋଲେସନ କେନ୍ଦ୍ର ଘୋଷଣା କରାଯାଇଛି। ସଚେତନତା କାର୍ଯ୍ୟକ୍ରମରେ ଜି.ଉଦୟଗିରି ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କ ସମେତ ଭାରପ୍ରାପ୍ତ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ମଧ୍ୟ ରହିଥିଲେ।

# ମୁନିଷିପେଣ୍ଟ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅନୁଧ୍ୟାନ କଲେ ବ୍ଲକ ଅଧ୍ୟକ୍ଷ

ଛତ୍ରପୁର,୧୯।୩(ଡି.ଏନ.ଏ.)

କରୋନାକୁ ନେଇ କ'ଣ ସବୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି, ଗୁରୁବାର ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଏହାର ଅନୁଧ୍ୟାନ କରିଛନ୍ତି। ଛତ୍ରପୁର ବ୍ଲକ ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ ଅଧ୍ୟକ୍ଷ ପହଞ୍ଚି ଏ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଡା. କାହ୍ନୁ ଚରଣ ପାତ୍ର, ଡା. ସିସିଲ ରେଡ୍ଡୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ ପ୍ରମୁଖଙ୍କ ପକ୍ଷରୁ କରୋନା ନେଇ କଣ ସବୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି ସେ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲା। ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଇଥିବା ଆଇସୋଲେଶନ ୱାର୍ଡକୁ ମଧ୍ୟ ବ୍ଲକ ଅଧ୍ୟକ୍ଷ ପରିଦର୍ଶନ କରିଥିଲେ। ଉନ୍ନତ କୋଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୪ ବେଡ୍‌ର ଏକ ଆଇସୋଲେଶନ ୱାର୍ଡ ଖୁବ୍ ଶୀଘ୍ର ଖୋଲାଯିବ। କରୋନା ନେଇ କଣ ସବୁ ପ୍ରତିଷେଧକ ବ୍ୟବସ୍ଥା ଓ



ବ୍ଲକ ଅଧ୍ୟକ୍ଷ ଅନୁଧ୍ୟାନ କରୁଛନ୍ତି।

କାର୍ଯ୍ୟ ହୋଇଛି, ଡାକ୍ତରଙ୍କଠାରୁ ଆରମ୍ଭ କରି ଷ୍ଟାଫ୍, ଆମ୍ବୁଲାନ୍ସ ଡ୍ରାଇଭର ଓ ସଫେଇ କର୍ମଚାରୀମାନଠାରୁ ବ୍ଲକ ଅଧ୍ୟକ୍ଷ ବୁଝିଥିଲେ। ଯେଉଁମାନେ ବାହାରୁ ଆସିଛନ୍ତି, ସେମାନେ ଘରେ ମଧ୍ୟ ରହିପାରିବେ। ସରପଞ୍ଚ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ ସେମାନଙ୍କ ଉପରେ ନଜର ରଖିବେ ବୋଲି କୁହାଯାଇଛି। କାହାଠାରେ କରୋନା ଲକ୍ଷଣ ଦେଖାଗଲେ ଆମ୍ବୁଲାନ୍ସ ଦ୍ୱାରା ତାଙ୍କୁ ଘରୁ ଆଣି ଏଠାରେ ଯାଞ୍ଚ କରାଯିବ। ପରେ ଆବଶ୍ୟକ ହେଲେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯିବ ବୋଲି ସୂଚନା ଦିଆଯାଇଥିଲା। ସବୁ ପଞ୍ଚାୟତରେ ଏନେଇ ସଚେତନ କରାଯାଉଛି।

## ପଞ୍ଚାୟତସ୍ତରୀୟ କରୋନା ସଚେତନତା ବୈଠକ

ଚିତ୍ରକୋଣ୍ଡା,୧୯।୩(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ବରିଷ୍ଠ ନାଗରିକ ଦେବେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଗୁରୁବାର ପଞ୍ଚାୟତସ୍ତରୀୟ କରୋନା ସଚେତନତା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପିଇଓ ନାରାୟଣ ଚନ୍ଦ୍ର ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ଏଏଚଓ ନମିତା ମାଢ଼ି, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଅକ୍ଷୟ କୁମାର ସାହୁ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କରୋନା ଭୂତାଣୁ ସମ୍ପର୍କରେ ସଚେତନ କରାଯାଇ ହାତଧୁଆ କାର୍ଯ୍ୟକ୍ରମ ହୋଇଥିଲା। ହାତ ଧୁଆର ୬ଟି ତରିକା ସମ୍ପର୍କରେ ବୈଠକରେ ଅବଗତ କରାଯାଇଥିଲା। କେଉଁମାନେ ମାସ୍କ ବ୍ୟବହାର କରିବେ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ କଡା ନଜର ରଖିବା, ସେମାନେ ଗ୍ରାମକୁ ଫେରିଲେ ପରୀକ୍ଷା କରାଇବା, ଜଣେ ବ୍ୟକ୍ତିଠାରୁ ଆଉ ଜଣେ ବ୍ୟକ୍ତି ଦୁଇ ମିଟର ଦୂରତା ରଖି କଥାବାର୍ତ୍ତା ହେବା, କାଶ, ଛିଙ୍କ ସମୟରେ ନାକରେ ରୁମାଲ ଦେବା, ଜର, କାଶ ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଥିଲା। ସେହିପରି ବିବାହ,ବ୍ରତ ଆଦି ସାମାଜିକ କାର୍ଯ୍ୟରେ ବହୁ ଲୋକ ସାମିଲ ନ ହେବା, ଖାଇବା ପୂର୍ବରୁ ହାତ ଓ ମୁହଁ ସାବୁନରେ ଧୋଇବା, ପିଲାଙ୍କୁ ସବୁବେଳେ ଘରେ ରଖିବା, କୌଣସି ଗୁଜବକୁ ବିଶ୍ୱାସ ନ କରିବା, କେହି ଭୟ ନ କରି ନିଜେ ସତର୍କ ରହିଲେ କରୋନା କିଛି କ୍ଷତି କରିପାରିବ ନାହିଁ ବୋଲି କୁହାଯାଇଥିଲା। ସେହିଭଳି ଚିତ୍ରକୋଣ୍ଡା ବ୍ଲକର ଦୋରାଗୁଡା, ନୂଆଗୁଡା, ଗୁଣ୍ଡାୱାଡା, କୁରୁମାନୁର, ପାପୁଲୁର, ଟନେଲ କ୍ୟାମ୍ପ, ରାଲେଗାଡା, ପାପରମେଟଲା, ଧୂଳିପୁଟ, କପାତୁଟି ଆଦି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କରୋନା ସଚେତନ ବୈଠକ ହୋଇଥିଲା। ମାଲକାନଗିରି ଉପଜିଲାପାଳ ରାମେଶ୍ୱର ପ୍ରଧାନ ବିଭିନ୍ନ ପଞ୍ଚାୟତ ବୁଲି କରୋନା ନେଇ ସଚେତନ ସ୍ଥିତି ସମୀକ୍ଷା କରିଛନ୍ତି।

# ଚିକିତ୍ସାରେ ବାଧକ ସାଜିଛି ଅର୍ଥ

ଫୁଲବାଣୀ ଅଫିସ, ୧୯।୩

ଖଜୁରିପଡା ବ୍ଲକ ବିଲାବାଡି ପଞ୍ଚାୟତର କିଲୁ ଗ୍ରାମର ଭାରତ ମଲ୍ଲିକ (୯)। ପାଠ ପଢ଼ିବା ବୟସରେ ଦେହ ଖରାପ ଯୋଗୁ ମା' ବାପା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିସାରିଲେଣି। ହେଲେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉନାହିଁ। ପୁଅକୁ କିପରି ଭଲ କରିବେ ବାପା ଶରତ ଏବେ ଚିନ୍ତାରେ। ସରକାରୀ ସହାୟତା ମିଳିଲେ ପିଲାର ଚିକିତ୍ସା କରିପାରନ୍ତେ ବୋଲି କହିଛନ୍ତି।

ପ୍ରକାଶ ଯେ, ଆଜକୁ ୨ ବର୍ଷ ପୂର୍ବେ ଭରତ ଗ୍ରାମର ପିଲାମାନଙ୍କ ସହ ଖେଳୁଥିବାବେଳେ ପଡିଯାଇଥିଲେ। ତାଙ୍କ ଡାହାଣ କାନ୍ଧ ପାଖରେ ଆଘାତ ଲାଗିଥିଲା। ଘରେ ସେ ଏ ବିଷୟରେ କହି ନ ଥିଲେ। କାନ୍ଧରେ ଯନ୍ତ୍ରଣା ହେବାରୁ ପରେ ଘର ଲୋକେ ଜାଣିଥିଲେ। ଏହାପରେ ଘରୋଇ ଚିକିତ୍ସା କରିଥିଲେ। ସୁଫଳ ନ ମିଳିବାରୁ ପାଖ ମେଡିକାଲ ନେଇଥିଲେ। ଯନ୍ତ୍ରଣା କମିବାରୁ ଭରତ ସ୍ୱାଭାବିକ ଭାବେ ଦୁଗୁଡା ପ୍ରାଥମିକ ବିଦ୍ୟାଳୟକୁ ପଢ଼ିବାକୁ ଯାଉଥିଲେ। ଧୀରେଧୀରେ ସେହି ସ୍ଥାନ ଫୁଲିବାକୁ ଲାଗିଲା। ଯନ୍ତ୍ରଣା ଅଧିକ ହେବାରୁ ବାପା ଶରତ ବୁର୍ଲା, ବ୍ରହ୍ମପୁର ମେଡିକାଲ ନେଇ ପୁଅକୁ ଦେଖାଇଥିଲେ। ସେଠାରେ ଭଲ ନ ହେବାରୁ କଟକ ବଡ ମେଡିକାଲ ନେଲେ। ସେଠାରେ ଅପରେଶନ ଏବଂ ପରୀକ୍ଷା ନୀରୀକ୍ଷା ପାଇଁ ଅଧିକ



ଭାରତ ମଲ୍ଲିକ।

ଟଙ୍କା ଆବଶ୍ୟକ ବୋଲି କୁହାଗଲା। ଏ ମେଡିକାଲରୁ ସେ ମେଡିକାଲ ଦୌଡି ଦୌଡି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସାରିଲେଣି ବାପା ଶରତ। ଅର୍ଥ ଅଭାବରୁ ଏବେ ଘରକୁ ଚାଲି ଆସିଛନ୍ତି। ସରକାରୀ ସହାୟତା ମିଳିଲେ ପୁଅ ଭଲ ହୋଇ ପାରନ୍ତା ବୋଲି ବାପା ଶରତ ଏବଂ ମା' ଗୁରୁବାରୀ ଆଶାବାନ୍ଧି ବସିଛନ୍ତି। ଶରତ ଜଣେ ଦିନ ମଜୁରିଆ। କାମ କଲେ ତାଙ୍କ ଘର ଚଳେ। ସେପଟେ ଭାରତ ସ୍କୁଲ ନ ଯାଇ ପାରି ଘରେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏ ନେଇ ରାଷ୍ଟ୍ରିୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମ୍ୟାନେଜର ଉତ୍ପଳ ପଟ୍ଟନାୟକଙ୍କୁ ପଚାରିବାରୁ ଆମର ଟିମ୍ ସବୁ ବ୍ଲକ ଏବଂ ସ୍କୁଲକୁ ଯାଉଛି। ପିଲା ବିଷୟରେ ଆମେ ଜାଣିପାରି ନାହୁଁ। ଖୁବ୍‌ଶୀଘ୍ର ତାଙ୍କୁ ଆଣି ଆମେ ଚିକିତ୍ସା ବ୍ୟବସ୍ଥା କରିବୁ ବୋଲି କହିଛନ୍ତି।

# ନିଯୁକ୍ତି ହେଲେ ୪୪ ଆସିଷ୍ଟାଣ୍ଟ ସର୍ଜନ

## କୋରାପୁଟ ଜିଲାରେ ଡାକ୍ତର ସମସ୍ୟା ଦୂରହେବ

ଜୟପୁର,୧୯।୩(ନି.ପ୍ର.)

କୋରାପୁଟ ଜିଲାରେ ଡାକ୍ତର ମରୁଡ଼ି ଦେଖାଦେଇଛି। ଯେତେ ଡାକ୍ତର ନିଯୁକ୍ତି ପାଉଛନ୍ତି, ଯୋଗଦେବା ପରେ ପୁଣି ଏଠାରୁ ବଦଳି ହୋଇଯାଉଛନ୍ତି। କୋରାପୁଟ ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ଡାକ୍ତର ପଦବୀ ପୂରଣ କରିବା ପାଇଁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ବିଧାନସଭାରେ ପୂର୍ବରୁ ଦାବି କରିଛନ୍ତି। ଖୁବ୍ ଶୀଘ୍ର ଡାକ୍ତର ନିଯୁକ୍ତି ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସେହି ଅନୁସାରେ ଜିଲାରେ ୪୪ ଜଣ ଆସିଷ୍ଟାଣ୍ଟ ସର୍ଜନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜୟପୁର ଜିଲା ଚିକିତ୍ସାଳୟରେ ୭ ଜଣ, ଲକ୍ଷ୍ମୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଜଣ ସହ ୩୧ ଜଣ ଡାକ୍ତରଙ୍କୁ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯାଇଛି। ଏହି ଆସିଷ୍ଟାଣ୍ଟ ସର୍ଜନମାନେ ଏପ୍ରିଲ ୩ ସୁଦ୍ଧା ନିଯୁକ୍ତି ଦିଆଯାଇଥିବା ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ମକରାନନ୍ଦ ବେଉରା ପ୍ରକାଶ କରିଛନ୍ତି। ଏଭଳି ନିଯୁକ୍ତିକୁ ଜିଲାବାସୀ ସ୍ୱାଗତ କରିଥିବା ବେଳେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ରୋଗୀଙ୍କ ନମୁନା ଗଲା ଭୁବନେଶ୍ୱର

ଜୟପୁର,୧୯।୩(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଜିଲା ଚିକିତ୍ସାଳୟ ପକ୍ଷରୁ ନିର୍ମିତ ସ୍ୱତନ୍ତ୍ର କରୋନା କକ୍ଷରେ ବୋରିଗୁମ୍ମା ବ୍ଲକ ଚାଲାଣଗୁଡ଼ା ପଞ୍ଚାୟତର ଜଣେ ବ୍ୟକ୍ତି କାଶ, ଜ୍ୱର ଓ ଛିଙ୍କରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଛନ୍ତି। ଉକ୍ତ ପୀଡ଼ିତ ବ୍ୟକ୍ତି ଗତ ୧୩ ତାରିଖ ଚେନ୍ନାଇରୁ ଫେରିବା ପରେ ତାଙ୍କର କାଶ, ଜ୍ୱର, ଛିଙ୍କ ସହ ବାନ୍ତି ହେଉଥିଲା। ତେଣୁ ତାଙ୍କୁ ଜିଲା ଚିକିତ୍ସାଳୟର ସ୍ୱତନ୍ତ୍ର କକ୍ଷରେ ରଖାଯିବା ସହ ତାଙ୍କର ରକ୍ତ ଓ ଗଳାର କଲଚର ଗୁରୁବାର ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ଭୁବନେଶ୍ୱର ଆଞ୍ଚଳିକ ମେଡିକାଲ ରିସର୍ଚ୍ଚ କେନ୍ଦ୍ରକୁ ପଠାଯାଇଛି। ଜିଲାର ବୋରିଗୁମ୍ମା, ବୈପାରୀଗୁଡ଼ା, ନନ୍ଦପୁର, ଲକ୍ଷ୍ମୀପୁର, ଲମତାପୁଟ ବ୍ଲକ ଅଞ୍ଚଳର ଲୋକେ ଯେଉଁମାନେ ବାହାର ରାଜ୍ୟକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ, ସେମାନଙ୍କ ମଧ୍ୟରୁ ୧୪୭ ଜଣ ଫେରିଥିବା ସୂଚନା ଜିଲା ପ୍ରଶାସନ ନିକଟରେ ରହିଛି। ସେମାନଙ୍କୁ ୧୪ ଦିନ ଯାଏ ଘରେ ଏକୁଟିଆ ରଖିବା ଓ କାହା ସହ ମିଳାମିଶା ନ କରିବାକୁ କୁହାଯାଇଛି।

# ପୌର ପରିଷଦ ସଚେତନତା ବୈଠକ



ବୈଠକରେ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

ସୁନାବେଡା, ୧୯।୩

ସୁନାବେଡା ପୌରପରିଷଦ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଛି। କରୋନା ସଂକ୍ରମଣକୁ ରୋକିବାକୁ କ'ଣ ସବୁ ପଦକ୍ଷେପ ନିଆଯାଇ ପାରିବ ସେ ନେଇ ଆଲୋଚନା ହୋଇଛି। ଏଥିରେ ସୁନାବେଡା, ସେମିଳିଗୁଡା ଅଞ୍ଚଳର ବ୍ୟବସାୟିକ ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତ ଧାର୍ମିକ ଅନୁଷ୍ଠାନ ପରିଚାଳନା କମିଟିର ସଦସ୍ୟ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ସଚେତନତା ହିଁ ଏଥିରୁ ରକ୍ଷା ପାଇବାର ମାଧ୍ୟମ ବୋଲି ଆଲୋଚନା ହୋଇଥିଲା। ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲ, ଉପସଭାପତି ଭରତ ମଲ୍ଲିକ, ପୌର ପରିଷଦ ସଭାପତି ବିଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ସଂଯୋଜକ ଚିତ୍ତରଞ୍ଜନ ସାହୁ, ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଦ ହେବ ପାର୍ଲର, ସେଲୁନ

ଜୟପୁର,୧୯।୩(ନି.ପ୍ର.)

କରୋନା ମୁକାବିଲା କ୍ରମରେ କୋରାପୁଟ ଜିଲା ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ସହ ଅନ୍ୟ ମନ୍ଦିରରେ ନୀତିକାନ୍ତି ଚାଲିବ। କିନ୍ତୁ ଜନଗହଳି ବନ୍ଦ ରହିବ। ଗୁପ୍ତେଶ୍ୱରରେ ମୁଣ୍ଡନ ମଧ୍ୟ ବନ୍ଦ କରିଛି ପ୍ରଶାସନ। ଏହାସହ ଚର୍ଚ୍ଚ ମସ୍‌ଜିଦ ମଧ୍ୟ ବନ୍ଦ ରହିବ ବୋଲି ଉପଜିଲାପାଳ ଲୋକନାଥ ଦଳବେହେରା କହିଛନ୍ତି। ଜୟପୁର ଦୈନିକ ବଜାରରେ ଭିଡ଼ ନ କରିବାକୁ ଜୟପୁର ପୌରପରିଷଦ ଡାକବାଜି ଯନ୍ତ୍ରରେ ବେପାରୀ ଓ ଗ୍ରାହକଙ୍କୁ ସଚେତନ କରିଛି। ଏହାସହ ବିଉଟି ପାର୍ଲର, ସାଲୁନକୁ ଶୁକ୍ରବାରଠାରୁ ଆସନ୍ତା ୩୧ ତାରିଖ ଯାଏ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ହୋଇଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ କହିଛନ୍ତି। ପାନୀୟ ଜଳ, ବିଜୁଳି, ପରିମଳ ଭଳି ଜରୁରୀ ବ୍ୟବସ୍ଥା ସହ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଜିଲାର ଅଙ୍ଗନୱାଡ଼ି କର୍ମୀଙ୍କୁ ସେଣ୍ଟର ଖୋଲା ରଖିବା ସହ ଗର୍ଭବତୀ ଓ ଶିଶୁଙ୍କୁ ଖାଦ୍ୟ ଯୋଗାଇଦେବାକୁ କୁହାଯାଇଛି। ପୂର୍ବରୁ ଜିଲାରେ ପାର୍କ, ସିନେମା ହଲ, ଜିମ୍, କୋଚିଂ ସେଣ୍ଟର, ଶପିଙ୍ଗ ମଲ ବନ୍ଦ କରାଯାଇଛି।

# ଦଶମନ୍ତପୁର ବ୍ଲକରେ ବନ୍ଦ ହେବ ୯୨ ସ୍କୁଲ

- ୩୭ ପ୍ରାଥମିକ, ୩୧ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ, ୨୪ ହାଇସ୍କୁଲ ରହିଛି
- ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲରେ ୨୦ରୁ କମ୍ ଛାତ୍ରୀଛାତ୍ର ଥିବାରୁ ବନ୍ଦ ହେବ
- ହାଇସ୍କୁଲରେ ୪୦ ପିଲାରୁ କମ୍ ଥିଲେ ନିକଟସ୍ଥ ସ୍କୁଲରେ ମିଶିବ

ଦଶମନ୍ତପୁର,୧୯।୩(ଡି.ଏନ୍.ଏ.)

ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲରେ ୨୦ କିମ୍ବା ତା'ଠାରୁ କମ୍ ଏବଂ ହାଇସ୍କୁଲରେ ୪୦ରୁ କମ୍ ପିଲା ଥିବା ବିଦ୍ୟାଳୟକୁ ବନ୍ଦ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଥିବା ୨୩୬ ସ୍କୁଲ ମଧ୍ୟରୁ ୯୨ ବିଦ୍ୟାଳୟ ବନ୍ଦ ହୋଇ ନିକଟସ୍ଥ ସ୍କୁଲରେ ମିଶିବ ବୋଲି ସୂଚନା ମିଳିଛି। ଶୈକ୍ଷିକ ପରିବେଶ, ଭିତ୍ତିଭୂମିର ଉନ୍ନତି, ଶିକ୍ଷକ ଅଭାବ ଦୂର, ସମଅନୁପାତରେ ଶିକ୍ଷକ, ଛାତ୍ର, ସ୍କୁଲ ଛାଡୁଥିବା ପିଲାଙ୍କୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ରାଜ୍ର ସରକାରଙ୍କ ଗଣଶିକ୍ଷା ବିଭାଗ ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ କହିଛନ୍ତି।

ବ୍ଲକର ଯୋଡ଼ାପୁଟ ପ୍ରୋଜେକ୍ଟ ବିଦ୍ୟାଳୟରେ ୧୬ଜଣ ପିଲା ପଢୁଥିବାବେଳେ ଗାଇସିଲ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ବାଟିସିଲଗୁଡ଼ା, ଡ଼ଡୁଗୁଡ଼ା, ଦୁଦୁରିଆଗୁଡ଼ା, କେଶବଗୁଡ଼ା, ଖଜୁରିଗୁଡ଼ା, ପୁରିମୁଣ୍ଡା, ଡୁରକାଗୁଡ଼ା, ଏ.ଜାନୀଗୁଡ଼ା ଭଳି ୩୭ଟି ସ୍କୁଲ ବନ୍ଦ ହେବାକୁ ଯାଉଛି। ସେମାନଙ୍କୁ ପାଖ ସ୍କୁଲମାନଙ୍କରେ ମିଶ୍ରଣ କରାଯିବ ବୋଲି ସୂଚନା ମିଳିଛି। ସେହିଭଳି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଷ୍ଠରୁ ୮ମ ଶ୍ରେଣୀରେ ୨୦ କିମ୍ବା ତା' ଠାରୁ କମ ଛାତ୍ରୀଛାତ୍ର ଥିବା ୩୧ଟି ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକକୁ ବନ୍ଦ କରାଯିବ। ସେମାନଙ୍କ ମଧ୍ୟରେ ପରଜାଗଦ୍ରି ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଫୋଟକିଜାମ, ଗାଦିଆଗୁଡ଼ା, ପଟାଯୋଡ଼ି, ରତାବନ୍ଧ, ଘାଣ୍ଟିଗୁଡ଼ା, ପଦୁଗୁଡ଼ି, କଙ୍କଡ଼ାପୁଟ ଆଦି ସ୍କୁଲ ରହିଛି। ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲର ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଅନ୍ୟ ବିଦ୍ୟାଳୟରେ ମିଶ୍ରଣ କରାଯାଇ ଉକ୍ତ ସ୍କୁଲକୁ ପ୍ରାଥମିକ ସ୍କୁଲର ମାନ୍ୟତା ଦିଆଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ୪୦ରୁ କମ୍ ପିଲା ଥିବା ହାଇସ୍କୁଲକୁ ୧ କି.ମି. ମଧ୍ୟରେ ଥିବା ନିକଟବର୍ତ୍ତୀ ବିଦ୍ୟାଳୟରେ ମିଶ୍ରଣ କରାଯାଇ ପାରିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ କହିଛନ୍ତି।

# ହନିମୁନ୍‌ରେ ଯାଇ ଫେରିପାରୁନାହାନ୍ତି ଦମ୍ପତି

**ନବରଙ୍ଗପୁର,୧୯।୩(ବି.ପ୍ର.)**

■ କରୋନା ପାଇଁ ମାଲେସିଆରେ ଫସିଲେ

■ ଓଡ଼ିଶା ଫେରାଇ ଆଣିବା ପାଇଁ ସରକାରଙ୍କୁ ଭିଡିଓ ମାଧମରେ କଲେ ଅନୁରୋଧ

ବିମାନ ଆସୁ ନ ଥିବାରୁ ନବରଙ୍ଗପୁର ସହରରୁ ହନିମୁନ ପାଇଁ ମାଲେସିଆ ଯାଇଥିବା ନବଦମ୍ପତି ଓଡିଶା ଆସିପାରୁ ନାହାନ୍ତି। ମାଲେସିଆର କୁଆଲାଲମ୍ପୁର ବିମାନ ବନ୍ଦରରେ ଗତ ୧୭ ତାରିଖରୁ ସେମାନେ ଫସି ରହିଛନ୍ତି। ଘରକୁ ଫେରିବା ପାଇଁ ହ୍ୱାଟସଆପରେ ଭିଡିଓ ପଠାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

ନବରଙ୍ଗପୁର ଇଚ୍ଛାବତୀଗୁଡାର ଗୁପ୍ତେଶ୍ୱର ମିଶ୍ରଙ୍କ ଝିଅ ପଲ୍ଲବୀ ମିଶ୍ର ଫେବୃୟାରୀ ୨୬ ତାରିଖରେ ସେହି ସାହିର ପରିମଳ ହାଲଦାରଙ୍କ ପୁଅ ଶଙ୍କର ହାଲଦାରଙ୍କୁ ବିବାହ କରିଥିଲେ। ମାର୍ଚ୍ଚ ୧୨ ତାରିଖରେ ବିଶାଖାପାଟଣାରୁ ହନିମୁନ ସକାଶେ ମାଲେସିଆ ଯାଇଥିଲେ । ୧୭ ତାରିଖରେ ଫେରିବା ପାଇଁ ସେମାନେ ଟିକେଟ କରିଥିଲେ। କରୋନା ପାଇଁ ବିମାନ ଚଳାଚଳ ବନ୍ଦ କରାଯିବାରୁ ଉଭୟ ଫେରି ପାରି ନ ଥିଲେ । ପରବର୍ତ୍ତୀ ସମୟରେ ୧୮ ତାରିଖରେ କୁଆଲାଲମ୍ପୁରରୁ ସିଙ୍ଗାପୁର ଦେଇ ବିଶାଖାପାଟଣା ବିମାନ ଯିବ ବୋଲି କୁଆଲାଲମ୍ପୁର ବିମାନ ବନ୍ଦରରେ ସେମାନଙ୍କୁ କୁହାଯାଇଥିଲା। ସେଥିରେ ବିଶାଖାପାଟଣା ଆସିବା ପାଇଁ ଟିକଟ କରିଥିଲେ। ଉକ୍ତ ବିମାନକୁ ମଧ୍ୟ ବାତିଲ କରି ଦିଆଯାଇଥିଲା। ପୁଣିଥରେ କୁଆଲାଲମ୍ପୁରରୁ ସିଙ୍ଗାପୁର-ଅମୃତସର ବିମାନ ଯିବ ବୋଲି ଜାଣିବା ପରେ ଟିକଟ କରିଥିଲେ। ତେବେ ବର୍ତ୍ତମାନ ସେହି ବିମାନକୁ ମଧ୍ୟ ବାତିଲ କରି ଦିଆଯାଇଥିବା ଜାଣିବା ପରେ ବିମାନ ବନ୍ଦରରେ ନବଦମ୍ପତି ଫସି ରହିଛନ୍ତି । ଏହାକୁ ନେଇ ପଲ୍ଲବୀ ଓ ଶଙ୍କର ଭିଡିଓ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସେମାନଙ୍କୁ ଓଡିଶା ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି । ୩ ଥର ଟିକଟ କରିବା ପରେ ନିଜ ପାଖରେ ଟଙ୍କା ଶେଷ ହୋଇ ଯାଇଥିବାରୁ ସେମାନେ ଚିନ୍ତାରେ ରହିଛନ୍ତି। ଟିକଟ ବାବଦ ଟଙ୍କା ମଧ୍ୟ ଫେରାଯାଉ ନାହିଁ । ଦମ୍ପତି ବାଙ୍ଗାଲୋରର ଏଚଡିଏଫସି ଲାଇଫରେ କାର୍ଯ୍ୟ କରନ୍ତି । ପଲ୍ଲବୀ ଓ ଶଙ୍କରଙ୍କ ସମେତ ଭାରତର ଆହୁରି ଅନେକ ନାଗରିକ ବିମାନବନ୍ଦରରେ ରହିଥିବା ସୂଚନା ମିଳିଛି । ଝିଅ ଓ ଜ୍ୱାଇଁଙ୍କୁ ଫେରାଇ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଗୁପ୍ତେଶ୍ୱର ମିଶ୍ର ଅନୁରୋଧ କରିଛନ୍ତି।



ପଲ୍ଲବୀ ମିଶ୍ର ଓ ଶଙ୍କର ହାଲଦାର।

# ନକଲି ରିଲିଜ ଅର୍ଡର ବଳରେ ଜେଲରୁ ଖସିଗଲେ ୨ବନ୍ଦୀ

**ବରଗଡ଼ ଅଫିସ,୧୯।୩**

**କୋର୍ଟରେ ହାଜର ନ ହେବାରୁ ସତ ପଦାକୁ ଆସିଲା**

ନକଲି ରିଲିଜ ଅର୍ଡ଼ର ବଳରେ ବରଗଡ଼ ଉପ କାରାଗାର(ସବଜେଲ୍)ର ୨ଜଣ ବିଚାରାଧୀନ ବନ୍ଦୀ ମୁକ୍ତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ହେଲେ ଛତିଶଗଡ଼ ରାଜ୍ୟ ଦୁର୍ଗ ଜିଲା ସୁପେଲା ଥାନା ରାମନଗର ନିବାସୀ ପ୍ରଦୀପ ଠାକୁର(୨୬) ଓ ଜାଞ୍ଜିର ଚାମ୍ପା ଜିଲା ହସୌଦ ନିବାସୀ ସାହିଲ ଓରଫ ଉତ୍ତର କୁମାର ଖୁଟେ(୩୦)। ଚଞ୍ଚକତାର ସହିତ ଉକ୍ତ ଦୁଇ ବନ୍ଦୀ ସବ୍‌ଜେଲରୁ ଖସିଯାଇ ଥିବାବେଳେ ପରବର୍ତ୍ତୀ ସମୟରେ କୋର୍ଟର ଆଦେଶ ସତ୍ତ୍ୱେ ସେମାନଙ୍କୁ ସବ୍‌ଜେଲ କର୍ତ୍ତୃପକ୍ଷ କୋର୍ଟରେ ହାଜର ନ କରିବାରୁ ଘଟଣାଟି ପଦାକୁ ଆସିଛି । ଏ ସମ୍ପର୍କରେ ସବ୍‌ଜେଲ ଅଧୀକ୍ଷକ ନୀଳିମା କୁଲୁଙ୍କୁ ପଚାରିବାରୁ ରିଲିଜ ଅର୍ଡ଼ର ମିଳିବା ପରେ ସେମାନଙ୍କୁ ସବ୍‌ଜେଲରୁ ମୁକ୍ତ କରାଯାଇଛି। ମାତ୍ର ସେହି ରିଲିଜ ଅର୍ଡ଼ର ଅସଲି ନା ନକଲି ଥିଲା, ଆମେ କିଭଳି ଜାଣିବୁ ବୋଲି କହିଥିଲେ। ସେହିପରି ସେମାନେ କିଭଳି ମୁକ୍ତ ହେଲେ ସେ ନେଇ କୋର୍ଟରୁ କିଛି ରିପୋର୍ଟ ମଗାଯାଇଛି କି ବୋଲି ପଚାରିବାରୁ ସବ୍‌ଜେଲ ଅଧୀକ୍ଷକ କୁଲୁ ତାକୁ ସ୍ୱୀକାର କରିଥିଲେ ଏବଂ ସେ ନେଇ ଆମେ କୋର୍ଟକୁ ଉତ୍ତର ଦେବୁ ବୋଲି କହିଥିଲେ ।

ସୂଚନା ଅନୁଯାୟୀ, ଜଣେ ଯୁବତୀଙ୍କୁ ଡ଼ାଲ କରି ଉକ୍ତ ଦୁଇ ଅଭିଯୁକ୍ତ ଛତିଶଗଡ଼ ରାଜ୍ୟ ଜାଞ୍ଜିର ଚାମ୍ପା ଜିଲା ଆମଗାଁ ନିବାସୀ ବିଷ୍ଣୁପ୍ରସାଦ ଚନ୍ଦ୍ରା(୩୭)ଙ୍କୁ ବରଗଡ଼ ସହରରୁ ଅପହରଣ କରି ୨୫ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିଲେ। ୨୦୧୯ ଜୁଲାଇ ୫ରେ ବରଗଡ଼ ଟାଉନ ଥାନା ପୋଲିସ ବିଷ୍ଣୁପ୍ରସାଦଙ୍କୁ ଉଦ୍ଧାର କରିବା ସହିତ ସମ୍ପୃକ୍ତ ଦୁଇ ଅପହର୍ତ୍ତାଙ୍କୁ ଗିରଫ କରିଥିଲା। ଗତବର୍ଷ ଜୁଲାଇ ୫ତାରିଖରୁ ଗିରଫ ଅଭିଯୁକ୍ତମାନେ ବରଗଡ଼ ସବ୍‌ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଗତ ୧୭ ତାରିଖରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ କୋର୍ଟରେ ହାଜର ହେବାର ଥିଲା। ମାତ୍ର ସେହିଦିନ ସେମାନେ କୋର୍ଟରେ ହାଜର ହୋଇ ପାରି ନ ଥିଲେ । ଅନ୍ୟପଟେ କୋର୍ଟରେ ମଧ୍ୟ ସେମାନଙ୍କ ରିଲିଜ (ମୁକ୍ତ) ନେଇ କିଛି ରେକର୍ଡ଼ ନ ଥିବା ଜଣାପଡ଼ିବା ପରେ ଘଟଣାଟି ପଦାକୁ ଆସିଥିଲା ।

# ପୋଲିସ ଗାଡ଼ିକୁ ଧକ୍କାଦେଲା ଟ୍ରକ୍ | ଡେପୁଟି ସୁବେଦାର ମୃତ, ୩ ଗୁରୁତର

**ଢେଙ୍କାନାଳ ଅଫିସ, ୧୯।୩**

ଢେଙ୍କାନାଳ ସହରସ୍ଥିତ ୫୫ନଂ. ଜାତୀୟ ରାଜପଥର ଆନନ୍ଦନଗର ନିକଟରେ ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧ଟାରେ ଦୁଃଖଦ ଦୁର୍ଘଟଣା ଘଟିଛି। ଓଏସ୍‌ଏପି ଫାଷ୍ଟ ବାଟାଲିୟନର ଜିପ୍‌କୁ ଏକ ଟ୍ରକ୍ ଧକ୍କାଦେବାରୁ ଜଣେ ଡେପୁଟି ସୁବେଦାରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭିକାରୀ ଚରଣ ସେଠୀ (୫୪)। ଏଥିରେ ଜିପ୍ ଚାଳକ ଅଶ୍ୱିନୀ ରାଉତ, ସିପାହି ହୃଷୀକେଶ ସିଂ, ରାଜେନ୍ଦ୍ର ବିଶ୍ୱାଳ ଗୁରୁତର ହୋଇଛନ୍ତି।

ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀମାନେ କଟକରୁ ଏକ ଜରୁରୀ ବୈଠକ ସାରି ଉକ୍ତ ଜିପ୍‌ରେ ଢେଙ୍କାନାଳ ଫେରୁଥିଲେ। ଏହି ସମୟରେ ଟ୍ରକ୍‌ଟି ଜିପ୍‌କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସମସ୍ତ କର୍ମଚାରୀଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଡେପୁଟି ସୁବେଦାରଙ୍କୁ ମୃତ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ୨ କର୍ମଚାରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଖବର ଲେଖାଯିବା ସୁଦ୍ଧା ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ପତ୍ତା ମିଳିନାହିଁ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ କେସ୍ ନଂ. ୯୦/୨୦ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଏହି ଘଟଣା ଫାଷ୍ଟ ବାଟାଲିୟନ ଏବଂ ଜିଲା ପୋଲିସ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇଦେଇଛି।


## DISTRICT PROJECT OFFICE SAMAGRA-SIKHYA, CUTTACK (ODISHA)

Phone & Fax: 0671-2509937/2509934
E-mail: dpccuttackssa.opepa@nic.in

No.: 1257 Date: 19.03.2020
XII-02/2020

### TENDER CALL NOTICE

Sealed tenders are invited in plain paper from registered, experienced Offset Printers/Firms having valid STCC/ITCC, TIN, GST & valid PAN for printing and supply of approximately 7998 number of Teacher's ID-Card for Cuttack district. The bid document containing details specification with terms and conditions may be downloaded from OSEPA website **www.opepa.gov.in** and district website **www.cuttack.nic.in**. The sealed quotation shall be sent to undersigned through Registered Post/Speed Post only and no other means of submission shall be entertained. The quotation received after 1 P.M. of 30.03.2020 shall not be entertained. The sealed quotation will be opened on the same day at 3.30 P.M. in the presence of quotatiners or their authorized representatives & members of tender committee. The authority reserves the right to amend, alter or cancel any part or all the quotations without assigning any reason thereof.

By the Order of the Collector-cum-Chairman, SS, Cuttack

**Sd./- District Project Coordinator**
**Samagra Shiksha, Cuttack**

## OFFICE OF THE CDM & PHO, BALASORE

E-mail : dpmubal@gmail.com

Letter No.4849 Date: 19.03.2020

Sealed tenders are invited from manufacturers or their authorized distributors or suppliers / agency / retail counters for :- Supply of Medicines & Medical consumables / laboratory Chemical - reagent / Generic Medicines.

The detail list, terms and conditions and technical bid are available in **www.baleswar.nic.in**. which can be downloaded. The last date & time of submission of bid 27.03.2020 up to 4.00 P.M. & the technical bid shall be opened on Dt.27.03.2020 at 4.30 P.M. in the presence of bidders or their authorized representatives. Tender paper incomplete or received after the scheduled date & time shall be rejected.

Sd./-
CDM&PHO, Balasore

## Government of Odisha,

Office of the Executive Engineer,
Rural Works Division, Jharsuguda

No. O-1279

Email : eerw_jharsuguda@yahoo.co.in Tel. : 06645-271643

Bid Identification No. Online - EEJSG - 09 of 2019-20

**NOTICE INVITING TENDER FOR BUILDING WORKS IN ODISHA**
NATIONAL COMPETITIVE BIDDING THROUGH e-Procurement

1. Name of the work : Building works as per DTCN available in the www.tendersorissa.gov.in
2. Total No. of Work : 02 (Eight) Nos.
3. Estimated Cost : Rs. 6.42 Lakhs to 6.43 Lakhs
4. Period of completion : 03 (Three) Calender Months
5. Period and Time of availability of bid document in the portal for bidding : Dt. **23.03.2020** at 11.00 A.M. to **03.04.2020** upto 5.00P.M.
6. Date and Time of bid opening : Dt. **06.04.2020** at 11.00 A.M.
7. Name and address of the officer inviting Bid : E.E., R.W.Division, Jharsuguda

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/- Executive Engineer
R.W. Division, Jharsuguda
OIPR-25104/11/0009/1920

## OFFICE OF THE SUPERINTENDING ENGINEER, N.H. CIRCLE, SAMBALPUR

e-mail - senhsambalpur@gmail.com, PH - 0663-2412461 No.b-88

**Cancellation to Bid Identification No.SENH (SBP)/04/2019-20**

Bid Identification No.SENH (SBP)/04/2019-20 for the work :- PR such as renewal coat with BC from 265/300 to 269/300 km of NH-49 for the year 2019-20 is hereby cancelled due to unavoidable reason.

Sd./- Superintending Engineer
N.H. Circle, Sambalpur
OIPR-34007/11/0007/1920

## EXPRESSION OF INTEREST

The District Urban Development Agency, Kalahandi invites Expression of interest (EOI) from intending registered industries/traders who involves in Plastic Waste collection i.e. PET, HDPE, PVC, PP & Misc. Plastic etc. for recycling and setting of Collection Centre in 4 ULBs of Kalahandi District. The details of eligibility Criteria scope of work, deliverables & other particulars are uploaded in the District Website **www.kalahandi.nic.in** for necessary information. The bidder who fulfill the eligiblity criteria may submit their EOI along with all self attested supporting documents, paper cost and EMD, to the Project Director, DUDA, Kalahandi, DRDA Campus Bhawanipatna, Pin Code-766001 (Kalahandi, Odisha). The EOI should reach to the undersinged on or before 03.04.2020 at 5.30 P.M. through Speed Post / Registered Post only and the same will be opened on Dated 04.04.2020 at 11.00 A.M. within the office of the PD, DUDA, Kalahandi in presence of the Committee & authorise representatives of the bidder. The sealed envelope containing the EOI must be super-scribed on the top of the Envelope as EOI for engagement of Plastic Waste collection with self-address, contact No., e-mail etc. on the left side of the envelope. The authority reserves the right to cancel any part or the whole of EOI without assigning any reason thereof.

**Sd./- Project Director, DUDA, Kalahandi**

## GOVERNMENT OF ODISHA OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR-751001

email: ceworldbankprojects@gmail.com

### ROAD CONNECTIVITY PROJECT OF LEFT WING EXTREMISM AFFECTED AREA (RCPLWEA)

### e-Procurement Notice

### Bid Identification No. CE-WBP(O)-16/2019-20

**File No- CERP-RCPLWE-PH-2-14/2018**

No.B-824 :- The Chief Engineer, (World Bank Projects), Bhubaneswar, Odisha on behalf of Odisha State Rural Connectivity Project Agency invites the percentage rate bids in electronic tendering system for construction of roads using New Technology under RCPLWEA in the districts of Malkangiri & Rayagada for 2 number of packages with estimated cost as mentioned in IFB totaling to Rs.1315.16 lakhs including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement **dtd.18.03.2020.**

Availability of Bid Documents and mode of submission: The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with C.E., (World Bank Projects), Nirman Soudha, Unit-V, Bhubaneswar-751001, Odisha, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement:07.04.2020 upto 5.00 P.M.

For further details please log on to **www.pmgsytenders.gov.in**

**Sd./- Chief Engineer, World Bank Projects, Odisha**
**O/o E.I.C. (Civil), Odisha Nirman Soudha,**
**Unit-V, Bhubaneswar-751001**
OIPR-34003/11/0035/1920

No. C-590

## GOVERNMENT OF ODISHA
### OFFICE OF THE SUPERINTENDING ENGINEER, P.H. CIRCLE, NAYABAZAR, CUTTACK-753004

Ph.-0671-2440841, Fax- 0671-2440841, E-mail : sephctc@gmail.com

**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB) No.SEPHCTC-10/2019-20 Dtd.19.03.2020**

| Sl. No. | Name of the work | Estimated cost (Approx) |
|---|---|---|
| 1. | WS 39 NH Crossing (At 4 Location near Gopalpur, Phulnakhara, Sky Automobile & Telengapentha. | ₹288.98 lakh |

1. Date & time of availability of bid document in the portal :- 11.00 hours of dt.30.03.2020 to 17.30 hours of dt.15.04.2020.
2. Last date / time of receipt of bids in the portal :- 15.04.2020 upto 05.30 P.M.
3. Date & time of opening of bids :- 16.04.2020 at 12.30 P.M.
4. Name and address of the Officer Inviting Bid :- The Superintending Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com

Further details can be seen from the web site www.tendersorissa.gov.in

**Superintending Engineer,**
**Public Health Circle, Cuttack.**
OIPR-13029/11/0011/1920

## ODISHA HYDRO POWER CORPORATION LTD.

(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At: P.O.: BARINIPUT: DIST. KORAPUT – 764006
PHONE: (06854) 242001 FAX: - (06854) 242038
e-mail: sgmel_ukhep@ohpcltd.com

No. CAD-1143

No. OHPC: SGM: UKHEP: Tech:/ /Dated, Bariniput the

**NOTICE INVITING TENDER No.38 /2019-20 Date: 19.03.2020**

Sealed Tenders are invited in sealed envelopes from the reputed Manufacturers/ Authorised dealers/ Channel partners/ reputed suppliers for "Supply of Thordon SXL Bushes for UKHEP, Bariniput, Dist: Koraput, Odisha"

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1 | "Supply of Thordon SXL Bushes for UKHEP, Bariniput, Dist: Koraput, Odisha" | Rs. 2360/- (Rs.2000/- + 18%GST) | @ 1% of quoted value |

Sale of tender paper: - From 27.03.2020 to 13:00 Hrs. of 10.04.2020.

Last date of submission of tender – 16:00 Hrs. of 10.04.2020

Date & Time of opening of tender – 16:30 Hrs. of 10.04.2020

For details of the tender documents, terms and conditions please visit our website www.ohpcltd.com

C & P Head
UKHEP, Bariniput.
OIPR-04002/11/0072/1920

## OFFICE OF THE SUPERINTENDENT, CHC, MAHANGA, CUTTACK

**DIET TENDER NOTICE NO.404 / Date:19.03.2020**

Sealed tenders in the prescribed format (available in the O/o the undersigned during office hours from 20.03.2020 to 25.03.2020) are invited from the suppliers for supply of dietary and other misc contingent articles for use in the Office of the CHC, Mahanga for the year, 2020-21 as per the list given in the form.

The rates should be quoted including all taxes and the cost of the delivery at the kitchen of the hospital every day. The tenders will be received by the undersigned on or before 3 P.M. of 26.03.2020. Tenderer has to furnish sale tax clearance certificate. Samples should be produced before the Medical advisory Committee on the date of selection of the tender. The tender will be opened on 26.03.2020 at 4 P.M. in the O/o the Superintendent, CHC, Mahanga in presence of the tenderers or their authorised representatives. Any other information regarding the matter will be available in the office of the undersigned in any working day during office hours.

The Medical advisory Committee reserves the right to accept or reject any or all the tenders without assigning any reason thereof.

Sd./- Superintendent
CHC, Mahanga, Cuttack

## GOVT. OF ODISHA
### DEPARTMENT OF WATER RESOURCES, O/O THE EXECUTIVE ENGINEER, RENGALI RIGHT CANAL DIVISION NO.II, DHENKANAL

No. A-766

Email Id – eerrc2dkl@gmail.com

### 'e' Procurement Notice

The Executive Engineer, Rengali Right Canal Division No.II, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed below:

1. Name of the work : 03 (three) nos of works
2. Tender Cost : ₹ 83.4 lakh to ₹ 70.9 lakh
3. Bid Document Cost : As per DTCN
4. Bid Security : ₹71,000.00 to ₹ 83,400.00
5. Class of Contractor : B & A Class
6. Period of Completion : 06 months
7. Other details are as follows :

| Procurement Officer | Bid Identi-fication No. | Availability of Tender On- line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Executive Engineer, Rengali Right Canal Division No.II, Dhenkanal | EERRCIIDKL-02/2019-20 | 23.03.2020 10.00 AM | 06.04.2020 5.00 PM | 07.04.2020 11.00 AM |

8. For further details and on line bidding, visit Govt. website *www.tendersodisha.gov.in*

Executive Engineer Rengali Right Canal Division No.II, Dhenkanal
OIPR-32084/11/0003/1920

## OFFICE OF THE CHIEF ENGINEER, NATIONAL HIGHWAYS, ODISHA

SACHIVALAYA MARGA, UNIT - 4, BHUBANESWAR - 751001
Phone No.2391519/2391677 Email: cenhorissa@gmail.com
No.b-89

**NOTICE INVITING EOI**

No.WB-I-Misc-HR-KP-6-19 3606 Date: 16/3/2020

1. The Chief Engineer, National Highways, Odisha, Bhubaneswar invites Expression of Interest (EOI) online for empanelment of consultants as detailed in the table below:

| Sl. No | Name of work | ELIGIBILITY CRITERIA | DURATION OF CONTRACT |
|---|---|---|---|
| 1 | 2 | 3 | 4 |
| 01 | Shortlisting of Consultants to provide Key personnel and other logistic services under Departmental Authority's Engineer for Supervision for EPC projects in NH, PWD, ODISHA | As per EOI Document. | Three Years |

2. EOI document with detailed terms and conditions will be available online on e-tendering portal www.tendersodisha.gov.in from 24.03.2020 to 16.04.2020 (up to 1700 Hrs. IST). EOI must be submitted on line only at e-tendering portal www.tendersodisha.gov.in by Due Date i.e. on or before 16.04.2020 (up to 17.00 Hrs. IST) and EOI received online will be opened on 17.04.2020 at 03.30 Hrs. IST.
3. Subsequent corrigendum/addendum if required shall only be available in web site www.tendersodisha.gov.in
4. The authority reserves the right to cancel any or all bid without assigning any reason.

Sd./- CHIEF ENGINEER, N.HS, ODISHA
OIPR-34071/11/0001/1920

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
OPTCL Lifeline of Odisha
Regd.Office: Janpath, Bhubaneswar-751022, Telephone: (0674) 2540051 (EPABX),
Website: www.optcl.co.in, CIN:U4102OR2004SGC007553

### NOTICE INVITING TENDER (NIT)
(DOMESTIC COMPETITIVE e-BIDDING)

ODISHA POWER TRANSMISSION CORPORATION LTD (OPTCL), Bhubaneswar, invites bids (in e- tendering mode only) under single stage two-envelop system from reputed EPC/Turnkey Contractors for the following packages.

**(1) e-TENDER NOTICE NO.:CPC-26/2019-20**
Engineering, Supply, Erection and commissioning of 132 KV SC line on DC Tower (Two Conductor) from existing 132/33 KV Grid Sub-station, Bhawanipatna to proposed RTSS at Bhawanipatna and 132 KV feeder bay extension at Bhawanipatna "Turnkey CONTRACT BASIS"..

**(2) e-TENDER NOTICE NO.:CPC-29/2019-20**
Engineering, Supply, Erection and commissioning of 132 KV SC line on DC Tower (Two Conductor) from U/C 220/132/33 KV Grid Sub-station, Gunupur to proposed RTSS at Palasingi and 132 KV feeder bay extension at 220/132/33KV Grid Sub-Station, Gunupur on "Turnkey CONTRACT BASIS".

Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents for both the packages are available on **"www.tenderwizard.com/OPTCL"** portal from **Dt. (20.03.2020) / (11.00) AM** up to **Dt. (20.04.2020) / (12:45) PM**. Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note: Bidders are requested to regularly visit Official website of OPTCL/ Tender Portal only for amendment /errata /corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.**

Sd/-
SENIOR GENERAL MANAGER (C.P.C.)
email id- sgm.cpc@optcl.co.in

CR-Advt.No.- 30/2019-20

Please connect us: optcl.odisha optcl_odisha energyodisha

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡିଶା ସରକାରଙ୍କ ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)

No. CAD-1142

**'e'-PROCUREMENT NOTICE**
**BID IDENTIFICATION NO.20/TOLL/OBCC/2019-20.**

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites **'online'** tender in **double cover system** for the toll gate as detailed in the table below from the intending bidders for collection of toll for a period of one year.

| Sl. No. | Name of the R.D. and R&B toll gates. | Upset Price (In Rs.) | E.M.D. (In Rs.) | Cost of Bid document (In Rs.) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Badagenguti Bridge toll gate on Baruan-Balichandrapur Road,Cuttack | 14,92,786/- | 1,49,280/- | 6,000/-+ 720/-(GST) | 06.04.20 to 05.04.21 |

2. Date and time **for online bidding for the above toll gates starts from 10.00 A.M. of dt. 20.03.2020 to 11.00 A.M. of dt. 26.03.2020 .**
3. Bid shall be received **only in "online" on or before 11.00 A.M. of dt. 26.03.2020** & shall be opened at **11.30 A.M. on dt. 26.03.2020 .**
4. EMD and Cost of bid document as specified against each toll gate in the above table Column-4 & will be **transferred through online** only as per the procedure mentioned in the DTCN. Further details can be seen from the web site **https://tendersodisha.gov.in** .
5. Any changes/corrigendum will be displayed in the web site only.
6. Officer-in-charge of Tender: -General Manager(Civil), O.B.& C.C. Ltd., Bhubaneswar.

Sd/- GENERAL MANAGER (CIVIL)
OIPR-34106/11/0052/1920

## GOVERNMENT OF ODISHA, OFFICE OF THE SUPERINTENDING ENGINEER
## RURAL WORKS CIRCLE, KENDRAPARA-JAJPUR

e-mail- serw_kpd@yahoo.com

No. Tender Online RCK -01/20 Letter No.- 518 Date:- 17.03.2020

No. O-1276

**e-Procurement NOTICE**

1. Name of the work : Construction of Building works in the District of Kendrapara
2. Class of Contractor : A & Special Class as specified in the column 6 of the Annexure.
3. Time for Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara- Jajpur | Tender Online RCK-01/20 | 23.03.2020 at 11.00 AM | 07.04.2020 to 5.00 PM | 06.04.2020 upto 2.00PM | 08.04.2020 at 11.00 AM | Will be Intimated separately |

Further details can be seen from the website www.tendersorissa.gov.in

*Sd./- Superintending Engineer, Rural Works Circle, Kendrapara-Jajpur*
OIPR-25129/11/0013/1920



ବଲିଉଡ୍ ନାୟିକା ସୋନମ କପୁର କରୋନାରୁ ଦୂରେଇ ରହିବା ପାଇଁ ସେଲ୍ଫ ଆଇସୋଲେଶନରେ ଥିବା ଜଣାପଡିଛି। ନିକଟରେ ସେ ତାଙ୍କ ସ୍ୱାମୀ ଆନନ୍ଦ ଆହୁଜାଙ୍କ ସହ ଲଣ୍ଡନରୁ ଫେରିଥିବା ବେଳେ ନିଜ ଘରେ ୧୪ ଦିନ ପାଇଁ ସେଲ୍ଫ ଆଇସୋଲେଶନରେ ଥିବା ଜଣାପଡିଛି। ଏବେ ସୋନମଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କରୋନା ଭାଇରସକୁ ନେଇ ଲୋକେ ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରୁଥିବାରୁ ସୋନମ ନିଜକୁ ଆଇସୋଲେଶନରେ ରଖିବାକୁ ଠିକ୍ ଭାବିଥିବା ପ୍ରକାଶ କରିଛନ୍ତି।



# ଲକ୍ଷପତି କୁକୁର

**ଦରଭଙ୍ଗା:** ଦୁର୍ନୀତି, ବଡ଼ ଧରଣର ଟେଣ୍ଡର ଫିକ୍ସିଂକୁ ନେଇ ଜାତୀୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ରହିଥାଏ ବିହାର। ଅପରାଧୀମାନେ ବେଆଇନ ଭାବେ ଉପାର୍ଜନ କରୁଥିବା ଟଙ୍କାକୁ ବିଭିନ୍ନ ବାଟରେ ଖର୍ଚ୍ଚ କରିବା ଲାଗି ସୁଚିନ୍ତିତ ଯୋଜନା କରିଥାନ୍ତି। ଏପରି କି ନିଜର ପୋଷା ଜନ୍ତୁଙ୍କୁ ମହଣ ମହଣ ସୁନା ଅଳଙ୍କାରରେ ସଜାଇବା ଏଠାରେ ସାଧାରଣ କଥା। ତେବେ ବେଗୁସରାଇ ଅଞ୍ଚଳର ଆପରାଧିକ କାର୍ଯ୍ୟକଳାପ ସହିତ ଜଡ଼ିତ ଜଣେ ବ୍ୟକ୍ତି ନିଜ ପୋଷା କୁକୁରକୁ ଅଢ଼େଇ ଲକ୍ଷ ଟଙ୍କାର ସୁନାଚେନ ପିନ୍ଧାଇ ରଖିବା ଘଟଣା ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି।



ସମ୍ପୂର୍ଣ୍ଣ ଘଟଣା ଏହିପରି, ମାର୍ଚ୍ଚ ୧୩ରେ ସ୍ଥାନୀୟ ନଗର ନିଗମ କାର୍ଯ୍ୟାଳୟ ପରିସରରେ ୪ଟି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାକୁ ହାତେଇବା ଲାଗି ଦୁଇ ଗୋଷ୍ଠୀ ଏକାଠି ହୋଇଥିଲେ। ତେବେ ଘଟଣାସ୍ଥଳ ହଠାତ୍ ପାଲଟିଯାଇଥିଲା ରଣକ୍ଷେତ୍ର। ସାମାନ୍ୟ ଗଣ୍ଡଗୋଳରୁ ଗୁଳିମାଡ଼ ଯାଏ କଥା ଯାଇଥିଲା। ଏଥିରେ ଗୋଟିଏ ପକ୍ଷର ୩ଜଣ ଗୁରୁତର ହୋଇଥିଲେ। ଘଟଣା ଘଟାଇବା ପରେ ଅପରାଧୀମାନେ ଫେରାର ହୋଇଯାଇଥିଲେ। ରତନପୁର ଥାନା ଅଞ୍ଚଳରେ କେତେଜଣ କୁଖ୍ୟାତ ଅପରାଧୀ ଅପରାଧ କରିବାକୁ ଷଡ଼ଯନ୍ତ୍ର କରୁଥିବା ସୂଚନା ପାଇ ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଏହି ସମୟରେ ଉକ୍ତ କୁକୁର ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିଲା। ତେବେ ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ପରେ ପୋଲିସ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ କେତେଜଣ ଅପରାଧୀ ଧରାପଡ଼ିଥିଲେ। ଏହାପରେ ଉକ୍ତ କୁକୁର ବିଷୟରେ ଜଣାପଡ଼ିଥିଲା। କୁକୁରଟି ଅମିତ କୁମାର ସିଂଙ୍କର ବୋଲି ଜଣାପଡ଼ିଛି। ଅମିତଙ୍କ ନାମରେ ଅନେକ ମାମଲା ରହିଛି। ଅନେକ ସମୟରେ ଉକ୍ତ କୁକୁରଟି ଅମିତଙ୍କ ଜୀବନ ବଞ୍ଚାଇଛି। ତେଣୁ କୁକୁରଟିକୁ ଅମିତ ବହୁତ ଭଲ ପାଆନ୍ତି। ତେଣୁ ତାହାର ସ୍ୱତନ୍ତ୍ର ଯତ୍ନନେବା ସହ କୁକୁରକୁ ଏକ ସୁନା ନିର୍ମିତ ଚେନ ପିନ୍ଧାଇଛନ୍ତି।

ଗୋଟିଏ ପଟେ ଏହି ଘଟଣା ମାଲିକ-କୁକୁର ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ବଖାଣୁଥିବାବେଳେ ଅନ୍ୟପଟେ ଅପରାଧୀମାନେ କିପରି ନିଜର ଅବୈଧ ଟଙ୍କାକୁ ବିନିଯୋଗ କରୁଛନ୍ତି ତାହାର ନିଛକ ଚିତ୍ର ପଦାକୁ ଆସିଛି।

# ୩୬ ବର୍ଷରେ ପାଦ ଥାପିଲେ ତନୁଶ୍ରୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଗୁରୁବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୮୪ ମାର୍ଚ୍ଚ ୧୯ରେ ଜାମ୍‌ସେଦ୍‌ପୁରଠାରେ ଜନ୍ମଗ୍ରହଣ କରିଥିଲେ। ଅଭିନେତା ଇମରାନ୍ ହାସମୀଙ୍କ ସହିତ ଫିଲ୍ମ 'ଆସିକି ବନାୟା ଆପ୍‌ନେ'ରେ ଲିପ୍‌ଲକ୍ ସହିତ ଅନ୍ତରଙ୍ଗ ସିନ୍ ଦେଇ ବଲିଉଡ୍‌ରେ ସେ ଚର୍ଚ୍ଚା ପରିସରକୁ ଆସିଥିଲେ। ଏହାପରେ ତନୁଶ୍ରୀଙ୍କ ପଛରେ ଫିଲ୍ମ ନିର୍ମାତାଙ୍କ ଲାଇନ୍ ଲାଗିଯାଇଥିଲା। ନାନା ପାଟେକରଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ପରେ ତାଙ୍କୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଥିଲା।

## ନାନାଙ୍କ ବିରୋଧରେ ଆଣିଥିଲେ ଅଭିଯୋଗ



# ଏବେ ଅନ୍‌ଲାଇନ୍ ଦର୍ଶନ



**ଜୟପୁର:** କରୋନା ଭାଇରସ୍ ଯୋଗୁ ଏବେ ଆଇସୋଲେଶନ୍ ଉପରେ ବେଶୀ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ବିଭିନ୍ନ କମ୍ପାନୀ ବି ଘରେ ରହି କାମ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଏବେ ଘରେ ରହି ଠାକୁରଙ୍କୁ ବି ଦର୍ଶନ କରିପାରିବେ। ରାଜସ୍ଥାନର ଜୟପୁରରେ ଏବେ ସବୁ ବଡ଼ ବଡ଼ ମନ୍ଦିରର ଠାକୁରଙ୍କୁ ଓ ଆଳତି ଦର୍ଶନ କରିପାରିବେ। ସଂକ୍ରମଣ କାରଣରୁ ମନ୍ଦିର ଖୋଲା ରହିଲେ ବି ଶ୍ରଦ୍ଧାଳୁମାନଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଜୟପୁରର ପ୍ରସିଦ୍ଧ ମନ୍ଦିର ଗୋବିନ୍ଦ ଦେବଜୀ ମନ୍ଦିରରେ ପାଦୁକ, ତୁଳସୀ ଚରଣାମୃତ, ଗଙ୍ଗାଜଳ ବିତରଣକୁ ବି ବନ୍ଦ କରି ଦିଆଯାଇଛି। ମନ୍ଦିର ସମ୍ପର୍କରେ ଏହି ସବୁ ସୂଚନା ନେଇ ୨୫୦୦ ବ୍ୟାନର ସହରର ବିଭିନ୍ନ ସ୍ଥାନରେ ଲଗାଯାଇଛି।

# ବିଦେଶରେ ବଢୁଛି ଭାରତୀୟ ଆମ୍ବ ଚାହିଦା

**ନୂଆଦିଲ୍ଲୀ:** ଫଳ ମଧ୍ୟରେ ରାଜା ଆମ୍ବ। ଭାରତୀୟ ଅର୍ଥନୈତିକ ବ୍ୟବସ୍ଥାରେ ପ୍ରମୁଖ ଅଙ୍ଗ କୁହାଯାଉଥିବା ଏହି ରସାଳ ସୁସ୍ୱାଦୁ ଫଳକୁ ନେଇ ସମସ୍ତଙ୍କ ମଧ୍ୟରେ ରହିଆସିଛି ଅହେତୁକ ଆକର୍ଷଣ। ଗୁଣବତ୍ତା, ସ୍ୱାଦ, ପୌଷ୍ଟିକ ତତ୍ତ୍ୱ, ଆକର୍ଷଣୀୟ ରଙ୍ଗ ଏବଂ ଉପଯୋଗିତା ହିଁ ଏହାକୁ ଅନ୍ୟ ଫଳ ମଧ୍ୟରେ ସ୍ୱତନ୍ତ୍ର କରିଛି। କେବଳ ଦେଶ ଭିତରେ ନୁହେଁ, ବିଦେଶରେ ମଧ ଭାରତୀୟ ଆମ୍ବର ଖାସ୍ ଚାହିଦା ରହିଛି। ବିଶେଷକରି ଚାଇନା, ଅଷ୍ଟ୍ରେଲିଆ, ରୁଷିଆ ଭଳି ଦେଶ ଏବେ ଭାରତୀୟ ଆମ୍ବ ମୋହରେ ପଡ଼ିଛନ୍ତି। ଆମ୍ବର ବଢୁଥିବା ଏପରି ଲୋକପ୍ରିୟତା ଯୋଗୁ 'ରାଷ୍ଟ୍ରୀୟ ମ୍ୟାଙ୍ଗୋ ଡାଟାବେସ୍ ୱେବସାଇଟ୍' ପ୍ରସ୍ତୁତ କରାଯାଇଛି। ମାତ୍ର ଗୋଟିଏ ବର୍ଷରେ ଏଥିରେ ୩୪ ଲକ୍ଷ ୟୁଜର ଭିଜିଟ୍ କରିଛନ୍ତି, ଯେଉଁଥିରେ ୭ ଲକ୍ଷ ଭାରତୀୟ ଥିବାବେଳେ ଅବଶିଷ୍ଟ ୨୭ ଲକ୍ଷ ବିଦେଶୀ ଅଛନ୍ତି। ଭାରତୀୟ ଆମ୍ବ ପ୍ରତି ଆମେରିକାବାସୀଙ୍କ ମଧ୍ୟରେ ବିଶେଷ ରୁଚି ରହିଛି। ୬ଲକ୍ଷ ଆମେରିକୀୟ 'ରାଷ୍ଟ୍ରୀୟ ମ୍ୟାଙ୍ଗୋ ଡାଟାବେସ୍ ୱେବସାଇଟ୍'କୁ ହିଟ୍‌ସ୍ କରିଛନ୍ତି। ଏ ସଂକ୍ରାନ୍ତରେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସବ୍‌ଟ୍ରପିକାଲ ହର୍ଟିକଲଚର (ସିଆଇଏସ୍‌ଏଚ୍)ର ନିର୍ଦ୍ଦେଶକ ଶୈଳେନ୍ଦ୍ର ରାଜନ କୁହନ୍ତି, ରୁଷିଆ, ଅଷ୍ଟ୍ରେଲିଆ, ଚାଇନାର ଲୋକମାନେ ଅଧିକ ମାତ୍ରାରେ ୱେବ୍‌ସାଇଟ୍‌କୁ ଭିଜିଟ୍ କରିଛନ୍ତି। ଏଥିରୁ ଭାରତୀୟ ଆମ୍ବ ପ୍ରତି ରୁଚି ବଢୁଥିବା ଜଣାପଡିଛି। ମ୍ୟାଙ୍ଗୋ ଡାଟାବେସ୍‌ରେ ଭାରତର ବିଭିନ୍ନ ପ୍ରାନ୍ତରୁ ଉତ୍ପାଦନ କରାଯାଉଥିବା ୫୦୦ ପ୍ରଜାତିର ଆମ୍ବ ବିଷୟରେ ସୂଚନା ଉପଲବ୍ଧ ରହିଛି। ଏଥିସହ ଗୁଣାତ୍ମକ ଆମ୍ବ ଉତ୍ପାଦନ କରୁଥିବା ୪୫୦ ସଫଳ ଚାଷୀଙ୍କ ବିଷୟରେ ମଧ ତଥ୍ୟ ଉଲ୍ଲେଖ ରହିଛି। ସମ୍ପୃକ୍ତ ଚାଷୀମାନେ ଦଶନ୍ଧି ଦଶନ୍ଧି ଧରି ପାରମ୍ପରିକ ଉପାୟରେ ଆମ୍ବଚାଷ କରି ଆସୁଛନ୍ତି।



# ଆଣ୍ଟି କରୋନା ଜୁସ୍

**ଥିରୁଭାନନ୍ତପୁରମ୍:** ଆଣ୍ଟି କରୋନା ଜୁସ୍ ! ଏମିତି ଏକ ଜୁସ୍ ବିକ୍ରି ହେଉଛି କେରଳରେ। ଏହି ଜୁସ୍ ପିଇଲେ ଲାଭ ହେବ କି ନାହିଁ ତାହା ତ ପ୍ରମାଣିତ ହୋଇନାହିଁ, କିନ୍ତୁ ଏଭଳି ଏକ ନାଁରେ ଲୋକଙ୍କୁ ଠକୁଥିବା ବ୍ୟକ୍ତି ଜଣକ ଏବେ ଗିରଫ ହୋଇଛନ୍ତି। କରୋନା ଭାଇରସ୍‌କୁ ନେଇ ଏବେ ସାରା ବିଶ୍ୱ ଆତଙ୍କିତ ହୋଇଥିବାବେଳେ ବିଶେଷଜ୍ଞମାନେ ବି ଏପର୍ଯ୍ୟନ୍ତ ଏହାର ଔଷଧ ବାହାର କରିବାକୁ ସକ୍ଷମ ହୋଇନାହାନ୍ତି। କିନ୍ତୁ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କେରଳରେ ଜଣେ ବିଦେଶୀ ନାଗରିକ ଆଣ୍ଟି କରୋନା ଜୁସ୍ ବିକ୍ରି କରିବା ଆରମ୍ଭ କରି ଦେଇଛନ୍ତି। କେରଳର ଥିରୁବନନ୍ତପୁରମ୍‌ର ବର୍କଲାରେ ଏପରି ଏକ ଘଟଣା ଏବେ ଚର୍ଚ୍ଚାର କାରଣ ହୋଇଛି। ଏଠାରେ ଜଣେ ବ୍ରିଟିଶ୍ ନାଗରିକ ଏକ କାଫେ ଚଳାଉଥିଲେ। କିନ୍ତୁ ଏବେ କରୋନା ଭାଇରସ୍ ଖବର ଆସିବା ପରେ ସେ ତାଙ୍କ କାଫେରେ ଆଣ୍ଟି କରୋନା ଜୁସ୍ ବିକିବା ଆରମ୍ଭ କରି ଦେଇଥିଲେ। ଏଇ ଜୁସର ଦାମ୍ ଲିଟର ପିଛା ୧୫୦ ଟଙ୍କା ରଖିଥିଲେ ଏବଂ ଦୋକାନ ଆଗରେ ବଡ଼ ବଡ଼ ଅକ୍ଷରରେ ବୋର୍ଡ ମଧ ଲଗାଇଥିଲେ। ଏଣୁ ସମ୍ପୃକ୍ତ ଦୋକାନୀଙ୍କ ପାଖରେ ଭିଡ଼ ବି ବଢ଼ି ଯାଇଥିଲା। ଏହି ଭିଡ ଖବର ପାଇ ପୋଲିସ୍ ପହଞ୍ଚି ଦୋକାନୀଙ୍କୁ ଗିରଫ କରିଛି। ତେବେ ଦୋକାନୀଙ୍କ କହିବା କଥା ହେଉଛି ସେ କେବଳ ଅଦା, ଲେମ୍ବୁ ଓ ଅଁଳାର ଜୁସ୍ ବିକ୍ରି କରୁଥିଲେ; କିନ୍ତୁ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଏପରି ନାଁ ଦେଇଥିଲେ।



# କର୍ତ୍ତବ୍ୟ ପାଇଁ ଭୁଲିଗଲେ ବାପାଙ୍କୁ ହରାଇବାର ଦୁଃଖ

କରୋନା ସମଗ୍ର ବିଶ୍ୱରେ ମହାମାରୀ ରୂପ ଧାରଣ କରିଛି। ଏହାକୁ ମୁକାବିଲା କରିବା ପାଇଁ ସମସ୍ତେ ତତ୍ପର। ଭାରତରେ ମଧ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରି ପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗରେ ଥିବା ଜଣେ ଆଇଏଏସ୍ ଅଧିକାରୀଙ୍କ କର୍ତ୍ତବ୍ୟ ଯଥେଷ୍ଟ ଅଧିକ ନିଶ୍ଚୟ। ହେଲେ ବାପାଙ୍କ ବିୟୋଗର ଦିନକ ପରେ କାର୍ଯ୍ୟରେ ଯୋଗଦେଇ ୧୯୯୩ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ନିକୁଞ୍ଜ ଧଳ ଏବେ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ବାପାଙ୍କ ମୃତ୍ୟୁର ଦୁଃଖକୁ ପଛରେ ପକାଇ କର୍ତ୍ତବ୍ୟ ହିଁ ଆଗ ବୋଲି ସେ ପ୍ରମାଣିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଏଏସ୍ ଅଧିକାରୀ ଧଳ ଏବେ ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ରହିଛନ୍ତି। ହେଲେ ଗତ ସୋମବାର ବାପାଙ୍କ ପରଲୋକ ଘଟିଥିବାବେଳେ କରୋନାକୁ ମୁକାବିଲା କରିବା ଦିଗରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅନୁଭବ କରି ସେ ଶେଷକୃତ୍ୟ ସାରି ମଙ୍ଗଳବାର ପୁଣି କାର୍ଯ୍ୟରେ ଯୋଗଦେଇଥିଲେ। ଧଳଙ୍କ ଘର ଯାଜପୁର ଜିଲାରେ ହୋଇଥିବାବେଳେ ସେ ସୋମବାର ଦିନକ ପାଇଁ ଛୁଟି ନେଇ ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ଯାଇଥିଲେ। ନିଜ କର୍ତ୍ତବ୍ୟ ସାରି ୨୪ ଘଣ୍ଟା ମଧ୍ୟରେ ପୁଣି କରୋନା ମୁକାବିଲା ପାଇଁ କାର୍ଯ୍ୟରେ ଯୋଗଦେଇଥିଲେ। ଏଭଳି ଏକ ଦୁଃଖଦ ସମୟରେ ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠା ଦେଖାଇ ଧଳ ଏବେ ସବୁଠି ପ୍ରଶଂସାର ପାତ୍ର ହୋଇଛନ୍ତି। ଏ ନେଇ ଆଇଏଏସ୍ ଆସୋସିଏଶନ୍ ପକ୍ଷରୁ ଟୁଇଟ୍ କରାଯାଇଥିବାବେଳେ ଏଭଳି ଜଣେ ଅଧିକାରୀଙ୍କ ପାଇଁ ଗର୍ବ ଅନୁଭବ କରୁଥିବା ଅନେକ ଲୋକ ପ୍ରତିକ୍ରିୟା ରଖିଛନ୍ତି।



ଆଇଏଏସ୍ ଅଫିସର୍ ନିକୁଞ୍ଜ ଧଳ

# ବିଶ୍ୱ ପଖାଳ ଦିବସ



'ଆସ... ଜୀବନ ଧନ...ମୋର ପଖାଳ କଂସା,ସଜନୀରେ ତୋ ବିହୁନେ ଉଡ଼ିଲା ହଂସା...।' କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ରଚିତ ଏ ଗୀତ ପ୍ରତ୍ୟେକ ଓଡ଼ିଆ ଘରେ ବେଶ୍ ଆଦୃତ। ଆମ ଦେଶର କେତେକ ରାଜ୍ୟରେ ପଖାଳର ପ୍ରଚଳନ ଥିଲେ ମଧ ଓଡ଼ିଆଙ୍କ ପଖାଳ ସବୁଠୁ ସ୍ୱତନ୍ତ୍ର। ୨୦୧୨ରୁ ପୃଥିବୀର ବିଭିନ୍ନ ସ୍ଥାନରେ ୨୦ ମାର୍ଚ୍ଚରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଉଛି। ମୁଖତଃ ଓଡିଆମାନେ ଏହାକୁ ଭିନ୍ନ ଢଙ୍ଗରେ ପାଳନ କରୁଛନ୍ତି। ପଖାଳର ଲୋକପ୍ରିୟତା ବଢାଇବା ଲାଗି ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପଖାଳ ଖାଇ ଗ୍ରୀଷ୍ମଋତୁକୁ ସ୍ୱାଗତ କରିଥାନ୍ତି। ନେପାଳ, ବାଂଲାଦେଶ ଏବଂ ମ୍ୟାନ୍‌ମାରର ଅନେକାଂଶରେ ସାଧାରଣଲୋକେ ପଖାଳ ଖାଇବା ମଧ ଦେଖାଯାଏ। ଓଡ଼ିଶାରେ ପଖାଳ ସହିତ ପଖାଳ କଂସା ବେଲା ପାରମ୍ପରିକ ଭାବେ ଜଡ଼ିତ।

# ପରମ୍ପରାରେ ପଖାଳ



ବହୁ ପ୍ରାଚୀନ କାଳରୁ ସାରା ଓଡ଼ିଶାରେ ପଖାଳ ଖାଇବା ପାଇଁ ବିଭିନ୍ନ କିସମର କଂସା ବା ପଖାଳ ବେଲା ବ୍ୟବହାର ହୋଇଆସୁଛି। ପଖାଳ ସାଧାରଣତଃ ଦୁଇ ପ୍ରକାର- ସଜ ପଖାଳ ଓ ବାସି ପଖାଳ। ପଖାଳ ଲାଳସାକୁ ନେଇ ଆମ ଢ଼ଗ ଢ଼ମାଳିରେ ଲେଖାଯାଇଛି-'ସକାଳ ପଖାଳ ଦହିକି, ଚିଙ୍ଗୁଡି ଶୁଖୁଆ ପୋଇକି'। ପଶ୍ଚିମ ଓଡ଼ିଶାରେ ଭାଇ ଜିଉନ୍ତିଆ ଓଷା ପରଦିନ ଭଉଣୀମାନେ ପଖାଳ ଖାଇବାର ପରମ୍ପରା ଅଛି। ଓଡ଼ିଶାର ଅନେକ ପ୍ରାନ୍ତରେ ଝିଅଟିଏ ବାହାଘର ପରେ ଶାଶୁଘରକୁ ଯିବା ପୂର୍ବରୁ ପାଖ ପଡ଼ୋଶୀ, ସୂର୍ଯ୍ୟବନ୍ଧୁମାନେ କନ୍ୟାକୁ ଘରକୁ ଡାକି ଖୁଆଇବାର ପରମ୍ପରା 'ତୋରାଣିଖିଆ' ଭାବେ ବେଶ୍ ଜଣାଶୁଣା।

ଆମ ପ୍ରାଚୀନ ପରମ୍ପରାରେ ପଖାଳ ବେଶ ମହତ୍ତ୍ୱ ରଖେ। ଶ୍ରୀମନ୍ଦିରରେ କାଳିଆ ଠାକୁରଙ୍କ ପାଖରେ ଲାଗୁଥିବା ଛପନ ଭୋଗ ମଧ୍ୟରେ ଦହିପଖାଳ ଅନ୍ୟତମ। ମଧ୍ୟାହ୍ନ ଧୂପ ଓ ବଡ଼ସିଂହାର ଭୋଗରେ ଦହିପଖାଳ, ଜିରାପଖାଳ, ମିଠାପଖାଳ (ସୁବାସ ପଖାଳ) ପ୍ରଭୁଙ୍କୁ ଅର୍ପଣ କରାଯାଏ। ପ୍ରତିଦିନ ବଳକା ଅବଢ଼ାକୁ ଦହିପଖାଳ କରି ଭକ୍ତଙ୍କୁ ଯେଉଁ ପ୍ରସାଦ ଭାବରେ ଦିଆଯାଏ ତାହାକୁ ଅବଢ଼ା ପଖାଳ କହୁ। ଆମ ଜଗନ୍ନାଥ ସଂସ୍କୃତିରେ ଟଙ୍କ ତୋରାଣି ବି ଏକ ପ୍ରକାର ପଖାଳ। ମାଣବସା ଗୁରୁବାର ଦିନ ଲକ୍ଷ୍ମୀଠାକୁରାଣୀଙ୍କ ପାଖରେ ପଖାଳ ଶାଗଭଜା ଭୋଗ ଦେବାର ପରମ୍ପରା ରହିଛି। ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ପାଖରେ ଛତ୍ରି ବଡ଼ସିଂହାର ବେଶ ସମୟରେ ଦହିପଖାଳ ଭୋଗଲାଗି ହେବାର ପରମ୍ପରା କାହିଁ କେଉଁ କାଳରୁ ଚଳି ଆସୁଛି।


୧୯୩୪ ମସିହାରେ ବାପୁଜୀ ପୁରୀରୁ ଭଦ୍ରକ ପଦଯାତ୍ରା ସମୟରେ କିଛି ଗ୍ରାମରେ ରାତ୍ରିଯାପନ କରୁଥିଲେ। ତା'ଆରଦିନ ସକାଳୁ ପଦଯାତ୍ରୀଙ୍କୁ ଜଳଖିଆ ବଦଳରେ ପଖାଳ ଦିଆଯାଉଥିଲା। ଗାନ୍ଧିଜୀ ବାସିପଖାଳ ଖାଇବାରେ ବେଶ୍ ଆନନ୍ଦ ପାଇଥିଲେ ଏବଂ ସୁଆଦିଆ ବୋଲି କହିଥିଲେ।

ବାସି ପଖାଳରେ ଲୁକ୍ଟୋବାସିଲସ୍ ନାମକ ବ୍ୟାକ୍ଟେରିଆ ଲକଟିକ୍ ଏସିଡ୍ ତିଆରି କରି ତୋରାଣିରେ ଲୁକ୍‌ଟିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପଟାସିୟମ ଓ ସୋଡିୟମ୍ ବଢ଼ିବାରେ ସାହାଯ୍ୟ କରିଥାଏ। ପଖାଳରୁ ଭିଟାମିନ୍ ବି-୬, ବି-୧୨ ମିଳେ। ପଖାଳ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି, ହଜମ ଶକ୍ତି ବଢ଼ିଥାଏ ଓ ଅଂଶୁଘାତରୁ ରକ୍ଷା ମିଳିଥାଏ।

**-ସୁଦର୍ଶନ ସାହୁ, ଜାଗମରା, ଜଗମୋହନ ନଗର, ଭୁବନେଶ୍ୱର,ମୋ: ୮୮୯୫୨୯୫୧୬୫**

Dollar 75.10 (84) | Sensex 28,288.23 (581.28) | Nifty 7,900.00 (205.33) | Gold 40,718.00 (₹31) | Silver 35,444.00 (₹190)

ଖଦିର ରପ୍ତାନି ବୃଦ୍ଧି ସହ କେଭିଆଇସିରେ କର୍ପୋରେଟ ସଂସ୍କୃତି କାର୍ଯ୍ୟକାରୀ କରାଇବାର ଆବଶ୍ୟକତା ରହିଛି।
–ନୀତିନ ଗଡକରୀ, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ



ଫେବୃୟାରୀ ଶେଷ ସୁଦ୍ଧା ଦେଶର ୯୦ ପ୍ରତିଶତ ଲୋକଙ୍କୁ ଆଧାର ଯୋଗାଇ ଦିଆଯାଇଛି।
–ସଞ୍ଜୟ ଧୋତ୍ରେ, ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ



**କରୋନା ପାଇଁ ବିଗୁଡୁଛି ବଜାରସ୍ଥିତି**

# ଅଭିବୃଦ୍ଧିକୁ ଲାଗିବ ଝଟକା

ନୂଆଦିଲ୍ଲୀ,୧୯–୩



- ୩.୮୮% ଛୁଇଁପାରେ ବିତ୍ତୀୟ ନିଅଣ
- ଅଧିକ କ୍ଷତିଗ୍ରସ୍ତ ହେବେ ବ୍ୟବସାୟ, ହୋଟେଲ ଶିଳ୍ପ, ପରିବହନ, ଯୋଗାଯୋଗ କ୍ଷେତ୍ର
- ବିତ୍ତୀୟ ପ୍ୟାକେଜ ବାଦ ଆସିପାରେ ବିକଳ୍ପ ପନ୍ଥା

କରୋନା ମହାମାରିର ପ୍ରଭାବ ଦେଶର ଅଭିବୃଦ୍ଧିକୁ ଝଟକା ଦେବ। ବ୍ୟବସାୟ, ହୋଟେଲ ଶିଳ୍ପ, ପରିବହନ ଏବଂ ଯୋଗାଯୋଗ କ୍ଷେତ୍ର ଏହା ଏହି ମହାମାରି ଦ୍ୱାରା ଗଭୀର ଭାବେ କ୍ଷତିଗ୍ରସ୍ତ ହେବ ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଏସ୍‌ବିଆଇ ଇକୋରାପ ରିପୋର୍ଟରେ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ଦେଶର ବିତ୍ତୀୟ ନିଅଣ୍ଟ ମହାମାରି ଯୋଗୁ ୩.୮୮% ଛୁଇଁବ। ଚଳିତ ବର୍ଷ ମାର୍ଚ୍ଚରେ ଟ୍ରାଭେଲ ଏବଂ ପରିବହନ କ୍ଷେତ୍ର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ବ୍ୟବସାୟ, ହୋଟେଲ, ପରିବହନ କ୍ଷେତ୍ର , ଯୋଗାଯୋଗ ଏବଂ ସେବା କ୍ଷେତ୍ର କ୍ଷତିଗ୍ରସ୍ତ ହେବା ଯୋଗୁ ଏହା ଜିଡିପି ଉପରେ ନକରାତ୍ମକ ପ୍ରଭାବ ପକାଇବ ବୋଲି ରିପୋର୍ଟରେ କୁହାଯାଇଛି। କରୋନା ଯୋଗୁ ଆର୍ଥିକ ବର୍ଷ ୨୦୨୦ର ଚତୁର୍ଥ ତ୍ରୈମାସ ନୋମିନାଲ ଜିଡିପି ୧.୪% ଖସିବ ବୋଲି ଆଶଙ୍କା କରାଯାଇଛି। ରାଜସ୍ୱ କମିଥିବାରୁ ସରକାର ୨୦୧୯–୨୦ର ବିତ୍ତିୟ ନିୟଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ପରିବର୍ତ୍ତନ କରି ୩.୩%ରୁ ୩.୮% କରିଛନ୍ତି। କରୋନା ଯୋଗୁ ଏଥିରେ ପୁଣି ଥରେ ପରିବର୍ତ୍ତନ ଆସିପାରେ ବୋଲି କୁହାଯାଇଛି।

ପରିବର୍ତ୍ତିତ ବିତ୍ତିୟ ନିୟଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ୩.୮%କୁ କଡାକଡି ଭାବେ ପାଳନ କରିବାକୁ ହେଲେ ସରକାର ୧.୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକ। ବର୍ତ୍ତମାନ ସାରା ବିଶ୍ୱର ସ୍ଥିତି ବେହାଲ ହୋଇପଡିଥିବା ବେଳେ ଘରୋଇ ବଜାର ମଧ୍ୟ ସମାନ ଦଶା ସାମ୍ନା କରୁଛି। ଯଦି କରୋନା ତୃତୀୟ ଏବଂ ଚତୁର୍ଥ ଷ୍ଟେଜକୁ ଯାଏ ତେବେ ବିତ୍ତୀୟ ପ୍ୟାକେଜ ବାଦ ସରକାର ଅନ୍ୟ ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଯୋଜନା କରିପାରନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ସେହିଭଳି ସରକାର ସରକାର ଟାକ୍ସ ମୋରାଟୋରିୟମ, ପେମେଣ୍ଟ ସମ୍ପ୍ରସାରଣ, ସୋସିଆଲ ଚାର୍ଜ, ଲୋନ ଗ୍ୟାରେଣ୍ଟି, ବେତନ ସବସିଡି ଭଳି ବିତ୍ତିୟ ପଦକ୍ଷେପ ହାତକୁ ନେବାର ସମ୍ଭାବନା ରହିଛି। ବିଶ୍ୱ ବଜାରରେ ବର୍ତ୍ତମାନ ଅଶୋଧିତ ତେଲ ଦର କମିଥିବା ଯୋଗୁ ଇନ୍ଧନର ରିଟେଲ ମୂଲ୍ୟ ସରକାର କମାଇ ନ ପାରନ୍ତି। ସେହିଭଳି ଉତ୍ପାଦ ଟିକସ ଇନ୍ଧନ ଉପରେ ବଢିପାରେ। ଇନ୍ଧନ ଉପରେ ଉତ୍ପାଦ ଟିକସ କମାଇ ବିତ୍ତୀୟ ନିଅଣ୍ଟ କମାଇବା ଏବଂ ବଜାରକୁ ଖସିକରିବା ଭଳି ପଦକ୍ଷେପ ନ ନିଅନ୍ତୁ ବୋଲି ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଏହି ଅର୍ଥକୁ ବିତ୍ତୀୟ ପ୍ୟାକେ, ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ଲାଗି ଆୟ ସହାୟତା ଯୋଗାଣ ଦିଗରେ ସରକାର କାମ କରିବାକୁ କୁହାଯାଇଛି। ବର୍ତ୍ତମାନ ଲୋକଙ୍କ ନିଯୁକ୍ତି ଉପରେ ପ୍ରଭାବ ପଡିବାକୁ ଥିବା ବେଳେ ଏଭଳି କାର୍ଯ୍ୟକ୍ରମ ହାତକୁ ନେବାକୁ ରିପୋର୍ଟରେ କୁହାଯାଇଛି। ସାରା ବିଶ୍ୱ କଥା ବିଚାରକୁ ନେଲେ ଷ୍ଟେଟ ଲୋନ, ଇନକମ ସବସିଡି ଏବଂ ଟାସ୍କ ଡିଫରାଲ ଭଳି ବିତ୍ତୀୟ ପ୍ୟାକେଜ ଗ୍ରହଣ କରାଯାଇଥାଏ।

## ବିଭିନ୍ନ କ୍ଷେତ୍ରରେ ପ୍ରଭାବ

- ଇ-ନାମ ପ୍ଲାଟଫର୍ମ ବ୍ୟବହାର ଲାଗି କୃଷକଙ୍କୁ ପ୍ରୋତ୍ସାହିତ କରିବାକୁ କହିଲା କେନ୍ଦ୍ର
- ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ପ୍ୟାଜେକ ଦେବାକୁ ପ୍ରସ୍ତାବ
- କରୋନା ପ୍ରଭାବ ବିମାନ ଚଳାଚଳ, ପରିବହନ କ୍ଷେତ୍ରକୁ କ୍ଷତିଗ୍ରସ୍ତ କରିଥିବାରୁ ମାର୍ଚ୍ଚ ମାସର ପ୍ରଥମ ୨ ସପ୍ତାହରେ ଭାରତର ଇନ୍ଧନ ଚାହିଦା ୧୧% ଖସିଯାଇଛି।
- କରୋନା ବ୍ୟାପି ଚାଲିଲେ ସ୍ୱଳ୍ପ ମିଆଦି ଭିତ୍ତିରେ ଦେଶର ଅଟୋମୋବାଇଲ କ୍ଷେତ୍ର ଉପରେ ନକରାତ୍ମକ ପ୍ରଭାବକୁ ଏଡାଇ ଦିଆଯାଇ ନ ପାରେ ବୋଲି ଇଣ୍ଡିଆ ରେଟିଂ ଏକ ରିପୋର୍ଟରେ କହିଛି।
- ରିୟଲ ଇଷ୍ଟେଟ କ୍ଷେତ୍ରରେ ସମ୍ପତ୍ତି ବିକ୍ରି, ନିର୍ମାଣ ବାଧାପ୍ରାପ୍ତ: କ୍ରେଡାଇ
- ପ୍ରଭାବିତ ଶିଳ୍ପ ୟୁନିଟଗୁଡିକ ପୁଣି ଟ୍ରାକକୁ ଫେରିବାକୁ ୬ରୁ ୯ ମାସ ସମୟ ଲାଗିବ ବୋଲି ଶିଳ୍ପ ଜଗତ କହିଛି।
- ଶାଖାକୁ ଆସିବା ପରିବର୍ତ୍ତେ ନେଟ ବ୍ୟାଙ୍କିଙ୍ଗ ଏବଂ ମୋବାଇଲ ଆପ ବ୍ୟବହାର କରିବାକୁ ଆକ୍ସିସ ବ୍ୟାଙ୍କର ନିବେଦନ
- ୟୁରୋପରେ ଉତ୍ପାଦନ କମାଇବା ଲାଗି ଆର୍ସେଲର ମିତ୍ତଲ ଯୋଜନା ରଖିଥିବା ସୂଚନା ଦେଇଛି।
- କାର୍ଯ୍ୟ ପରିସର ଉପରେ କରୋନା ଗଭୀର ଭାବେ ପ୍ରଭାବ ପକାଇଥିବା ଟାଇମ୍ସ ଜବ୍ ସର୍ଭେରେ କୁହାଯାଇଛି।

## ଘରୋଇ ସଂସ୍ଥାଙ୍କୁ 'ଓ୍ୱାର୍କ ଫ୍ରମ ହୋମ' ନିର୍ଦ୍ଦେଶ


ଏବେ ସାରା ଦେଶରେ କରୋନାରେ ୧୭୦ ଲୋକ ଆକ୍ରାନ୍ତ ହୋଇଛନ୍ତି। ଅନ୍ତର୍ଜାତୀୟ ଫ୍ଲାଇଟଗୁଡିକୁ ସରକାର ଆଗାମୀ କିଛି ଦିନ ବ୍ୟାନ କରି ଦେଇଛନ୍ତି। ଘରୋଇ କମ୍ପାନୀର କର୍ମଚାରୀମାନେ ଘରୁ କାମ କରିବା ଲାଗି ସରକାର ରାଜ୍ୟଗୁଡିକୁ କହିଛନ୍ତି। ରାଜ୍ୟଗୁଡିକ ଏ ପ୍ରସଙ୍ଗକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଛି। ଆସନ୍ତା ଗୋଟିଏ ସପ୍ତାହ ଲାଗି ଦେଶ ମଧ୍ୟକୁ କୌଣସି ଅନ୍ତର୍ଜାତୀୟ ବିମାନ ପ୍ରବେଶ ନିଷେଧ କରାଯାଇଛି। ୧୦ ବର୍ଷରୁ କମ୍ ବୟସର ପିଲାମାନେ ଘରେ ରହିବାକୁ ନିର୍ଦ୍ଦେଶ ରହିଛି। ସେହିଭଳି ରିଜର୍ଭ ବ୍ୟାଙ୍କ ଏହାର ଅଧିକାଂଶ କର୍ମଚାରୀଙ୍କୁ ଘରୁ କାମ କରିବାକୁ କହିଛି। ଏହି ଧାରାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମଧ୍ୟ ଯୋଡି ହୋଇଛି।

## ୭୫ ସ୍ତର ଛୁଇଁଲା ଟଙ୍କା



ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୪ ପଇସା ନିମ୍ନରେ ରହିବା ଯୋଗୁ ଏହା ପ୍ରାୟ ୭୫.୧୦ ଟଙ୍କା ସ୍ତରରେ ରହିଛି। ଅର୍ଥନୈତିକ ମାନ୍ଦାବସ୍ଥା ଏବଂ କରୋନା ଭାଇରସ ଆତଙ୍କ ଯୋଗୁ ବଜାର ସ୍ଥିତି ଏଭଳି ବିଗିଡି ଯାଇଛି। ଘରୋଇ ଶେୟାର କାରବାର ଲଗାତର ଖସୁଥିବା ବେଳେ ବିଦେଶୀ ନିବେଶକମାନେ ସେମାନଙ୍କ ଜମା ଅର୍ଥ ବଜାରରୁ କାଢି ନେଉଛନ୍ତି। ଇଣ୍ଟରବ୍ୟାଙ୍କ ଏକ୍ସଚେଞ୍ଜ ବଜାରରେ ଟଙ୍କା ୭୪.୯୬ ସ୍ତରରୁ କାରବାର ଆରମ୍ଭ କରିଥିଲା। ଏହା ଦିନ ମଧ୍ୟରେ ସର୍ବାଧିକ ୭୪.୭୦ ସ୍ତରରେ ରହିଥିଲା। ଡଲାର ତୁଳନାରେ ଦିନର ନିମ୍ନ କାରବାର ସର୍ବନିମ୍ନ ସ୍ତର ୭୫.୩୦ ସ୍ତରରେ ରହିଥିଲା। ଶେଷରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ପୂର୍ବ କ୍ଲୋଜିଂ ତୁଳନାରେ ୮୪% ନିମ୍ନରେ ରହି ୭୫.୧୦ ସ୍ତରରେ ରହିଛି। ବୁଧବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୪.୨୬ ସ୍ତରରେ ରହିଥିଲା।

## ନିବେଶକଙ୍କୁ ୧୯.୪୯ ଲକ୍ଷ କୋଟି କ୍ଷତି



ଦେଶର ପୁଞ୍ଜି ବଜାରରେ ଲଗାତର ଭାବେ ଚତୁର୍ଥ ଦିନ ଲାଗି କାରବାର କ୍ଷତିରେ ଚାଲିଛି। ଏହି ସମୟରେ ମଧ୍ୟରେ ନିବେଶକଙ୍କୁ ୧୯.୪୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। କରୋନାର ପ୍ରଭାବ ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ପଡିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ଗୁରୁବାର ସେନ୍‌ସେକ୍ସ କାରବାର ୫୮୧.୨୮ ପଏଣ୍ଟ ନିମ୍ନରେ ରହିଛି। ଦିନ ମଧ୍ୟରେ ସୂଚକାଙ୍କ ୨୧୫୫.୦୫ ପଏଣ୍ଟ ଖସିଯାଇଥିଲା। ଗତ ୪ ଦିନ ମଧ୍ୟରେ ସେନ୍‌ସେକ୍ସ ୫,୮୧୫ ପଏଣ୍ଟ ଖସିଛି। ବିଶ୍ୱ ବଜାରରେ ନିବେଶକଙ୍କ ମନୋଭାବ ପ୍ରଭାବିତ ହେବାରୁ ସେମାନେ ନିବେଶ ଅର୍ଥ ଫେରାଇ ନେଉଛନ୍ତି। ଏହି ସମୟରେ ମଡ୍‌କ୍ୟାପ ଏବଂ ସ୍ମଲ କ୍ୟାପ ସୂଚକାଙ୍କ ଯଥାକ୍ରମେ ୩.୭୦% ଏବଂ ୪.୫୩% ଖସିଯାଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ୧୮୨୮ କମ୍ପାନୀର କାରବାର ଖସିଥିବର ବେଳେ ୫୭୪ଟିର କାରବାର ଉନ୍ନତ ଏବଂ ୧୬୪ଟିର ଅପରିବର୍ତ୍ତିତ ରହିଛି। ପ୍ରାୟ ୧୨୦୦ କମ୍ପାନୀ କାରବାର ଗୋଟିଏ ବର୍ଷ ତଳକୁ ଖସିଯାଇଛି।

## ୧୦ ଦିନ ବନ୍ଦ ହୋଇ ପାରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ



କରୋନା ପ୍ରଭାବ ଯୋଗୁ ଶେୟାର ବଜାରର ନିବେଶକ ଏବେ ଛାନିଆ ହୋଇ ରହିଛନ୍ତି। ଏହାକୁ ବିଚାର କରି ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ୧୦ ଦିନ ଲାଗି ବନ୍ଦ ରଖାଯାଇପାରେ ବୋଲି ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଷ୍ଟକ ବଜାରର ଜଣେ ସକ୍ରିୟ ବ୍ରୋକର ନାମ ଗୋପନ ରଖି କହିଛନ୍ତି ଯେ, ନିବେଶକଙ୍କ ମନରେ ଡର ଯୋଗୁ ଷ୍ଟକ ବଜାର ଦିନକୁ ୧୫୦୦ରୁ ୨୦୦୦ ପଏଣ୍ଟ ଖସୁଛି। ଏହାକୁ ଧ୍ୟାନରେ ରଖି ଷ୍ଟକ ବଜାରକୁ ଗୋଟିଏ ସପ୍ତାହ କିମ୍ବା ୧୦ ଦିନ ବନ୍ଦ ରଖାଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏହା ଉପରେ ଏବେ ଯାଏ କୌଣସି ନିଷ୍ପତ୍ତି ଘୋଷଣା ହୋଇ ନ ଥିବା ସେ କହିଛନ୍ତି। ମାତ୍ର ଏପରି ହେଲେ ଭାରତୀୟ ଶେୟାର ବଜାର ଲାଗି ଏହା ଐତିହାସିକ ହେବ। ଏ ନେଇ ଜଣେ ଅଧିକାରୀଙ୍କୁ ପଚାରିବାକୁ ସେ କିଛି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ଷ୍ଟକ ବଜାରର ସର୍ଟ ସେଲିଂକୁ ସେବି କିଛି ସମୟ ଲାଗି ବନ୍ଦ କରିପାରେ ବୋଲି ଏହା ପୂର୍ବରୁ ଚର୍ଚ୍ଚା ଜୋର ଧରିଥିଲା। ଷ୍ଟକ ଏକ୍ସଚେଞ୍ଜର ୫୦% କର୍ମଚାରୀ ଏବେ ଘରୁ କାମ କରୁଥିବା ଜଣାପଡିଛି।

## ଇଣ୍ଡିଗୋ କର୍ମଚାରୀଙ୍କ ବେତନ ୨୫% ହ୍ରାସ



ଦେଶର ସବୁଠାରୁ ବଡ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋ ଏହାର କର୍ମଚାରୀଙ୍କ ବେତନରେ ୨୫% ହ୍ରାସ କରିବା ପାଇଁ ଘୋଷଣା କରିଛି। କର୍ମଚାରୀମାନେ ୨୫% କମ୍ ବେତନ ନେବେ ବୋଲି ଏହାର ସିଇଓ ରାଣାଜୟ ଦତ୍ତ ସୂଚନା ଦେଇଛନ୍ତି। କରୋନା ପ୍ରଭାବକୁ କମ୍ପାନୀର ଆୟ ଉପରେ ଗଭୀର ପ୍ରଭାବ ପଡିଛି। ଏଥିଯୋଗୁ କମ୍ପାନୀ ଏବେ ସଙ୍କଟରେ ରହିଛଇ। ଏହାବାଦ ଏୟାର ଲାଇନ ଶିଳ୍ପରେ କାରବାର ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରଭାବିତ ରହିଛି। ଏୟାର ଇଣ୍ଡିଆ ଏହାର କର୍ମଚାରୀଙ୍କ ବେତନରେ ୫% ହ୍ରାସ କରିପାରେ। ଏ ନେଇ କମ୍ପାନୀ ବର୍ତ୍ତମାନ ଚୂଡାନ୍ତ ଘୋଷଣା କରିବାକୁ ବାକି ରହିଛି। ଗୋଏୟାର, ଭିସ୍ତାରା ଏବଂ ସ୍ପାଇସ ଜେଟ ଭଳି କମ୍ପାନୀ ଅନ୍ତର୍ଜାତୀୟ ଉଠାଣକୁ ଅନିର୍ଦ୍ଦିଷ୍ଟ ସମୟ ଲାଗି ବନ୍ଦ ରଖିଛନ୍ତି। ଆଗାମୀ ଏପ୍ରିଲ ଯାଏ ଏୟାର ଇଣ୍ଡିଆ ୭ ଦେଶକୁ ବିମାନ ସେବା ବନ୍ଦ କରିଛି। କରୋନା ଲାଗି ଏୟାର ଟ୍ରାନ୍ସପୋର୍ଟ କ୍ଷେତ୍ରକୁ ୧୧୩ ବିଲିୟନ ଡଲାର କ୍ଷତି ସହିବାକୁ ପଡିଛି। ଏହାବାଦ ଗତ ଗୋଟିଏ ମାସ ମଧ୍ୟରେ ଇଣ୍ଡିଗୋ ଶେୟାରରେ ୩୭% ହ୍ରାସ ଘଟିଥିବା ଜଣାପଡିଛି।

## ବିମାନ ଚଳାଚଳ କ୍ଷେତ୍ରକୁ ମିଳିପାରେ ୧୨ ହଜାର କୋଟି



କରୋନା ପ୍ରଭାବକୁ କମ୍ କରିବା ଲାଗି ଦେଶର ବିମାନ ଚଳାଚଳ କ୍ଷେତ୍ରକୁ ୧୨ ହଜାର କୋଟି ଟଙ୍କାର ପ୍ୟାଜେକ ମିଳିପାରେ। ଏବେ ଅଧିକାଂଶ କମ୍ପାନୀ ସେମାନଙ୍କ ବିଦେଶୀ ଉଡାଣକୁ ଅସ୍ଥାୟୀ ସମୟ ଲାଗି ବନ୍ଦ କରି ଦେଇଛନ୍ତି। ବିମାନ କମ୍ପାନୀଗୁଡିକର ନଗଦ କମିବା ଯୋଗୁ ସ୍ଥିତି ବିଗିଡିଛି। ମାର୍ଚ୍ଚ ତ୍ରୈମାସରେ ଦେଶର ବିମାନ ଚଳାଚଳ କ୍ଷେତ୍ରକୁ ୪,୫୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡିପାରେ ବୋଲି ଅନୁମାନ କରାଯାଇଛି। ଏଭଳି ସ୍ଥିତିରେ ବିମାନ ଶିଳ୍ପକୁ ସରକାର ସହାୟତା ଲାଗି ପ୍ୟାକେଜ ଘୋଷଣା କରିପାରନ୍ତି ବୋଲି ଏକ ନ୍ୟୁଜ ଏଜେନ୍ସି ପକ୍ଷରୁ ସୁଚନା ରହିଛି। ଏହାବାଦ ବିମାନ କ୍ଷେତ୍ରକୁ ଟିକସ ରିହାତି ଦେବାକୁ ଅର୍ଥ ମନ୍ତ୍ରଣାଳୟ ଏବେ ବିଚାର କରୁଛି। ଏହାବାଦ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ରେସକ୍ୟୁ ପ୍ୟାକେଜ ଦେବାକୁ ପ୍ରସ୍ତାବ ରହିଛି। ନଗଦ ସଙ୍କଟ ଯୋଗୁ କିଛି ବିମାନ କମ୍ପାନୀ ବନ୍ଦ ହୋଇ ପାରେ ବୋଲି ଏକ ରିପୋର୍ଟ ମଧ୍ୟ ଆସିଛି। ଏହାବାଦ ସାରା ବିଶ୍ୱର ବିମାନ ଚଳାଚଳ କ୍ଷେତ୍ର ଲାଗି ୧୫ ଲକ୍ଷ କୋଟିର ପ୍ୟାକେଜ ଆବଶ୍ୟକ ହେଉଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

## ଡୁରିଆନର ଇୟର ଏଣ୍ଡ ଏକ୍ସଚେଞ୍ଜ ଅଫର

ଭୁବନେଶ୍ୱର,୧୯–୩

ପ୍ରମୁଖ ଫର୍ନିଚର ନିର୍ମାତା କମ୍ପାନୀ ଡୁରିଆନ ପକ୍ଷରୁ ଇୟର ଏଣ୍ଡ ଏକ୍ସଚେଞ୍ଜ ଅଫର ଘୋଷଣା କରାଯାଇଛି। 'ପୁରୁଣା ଦିଅନ୍ତୁ, ନୂଆ ନିଅନ୍ତୁ' ନାମରେ ଆରମ୍ଭ ହୋଇଥିବା ଅଫରରେ ପୁରୁଣା ଫର୍ନିଚର ଏକ୍ସଚେଞ୍ଜ ଉପରେ ଆକର୍ଷଣୀୟ ୪୫% ଫ୍ଲାଟ ନିଶ୍ଚିତ ରିହାତି ଷ୍ଟୋର ପକ୍ଷରୁ ପ୍ରଦାନ କରାଯାଉଛି। ଷ୍ଟୋରରେ ଲିଭିଂ, ଡାଇନିଂ, ବେଡରୁମ, ଷ୍ଟୋରେଜ ଏବଂ ଅଫିସ ବର୍ଗରେ ଫର୍ନିଚର ପ୍ରଦାନ କରାଯାଉଛି। ସବୁ ବର୍ଗର ଫର୍ନିଚର ଉପରେ ଗ୍ରାହକ ଏହି ଲାଭ ଉଠାଇ ପାରିବେ। ବିସ୍ତୃତ ବର୍ଗର ଫର୍ନିଚର ଗ୍ରାହକ ଏହି ସମୟରେ ଚୟନ କରିବାର ମଧ୍ୟ ସୁବିଧା ପାଇପାରିବେ। ଗ୍ରାହକଙ୍କ ଘରକୁ ଟ୍ରାନ୍ସଫର୍ମ କରିବା ଦିଗରେ ବିଭିନ୍ନ ଡିଜାଇନର ପ୍ରଡକ୍ଟ କମ୍ପାନୀ ପ୍ରସ୍ତୁତ କରିଛି। ଏହି ସବୁ ପ୍ରଡକ୍ଟଗୁଡିକ ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତା ପୂରଣ ଦିଗରେ ସହାୟକ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏବେ ଗ୍ରାହକମାନେ ବିଭିନ୍ନ ପ୍ରଡକ୍ଟ ଡିଜାଇନ ପସନ୍ଦ କରୁଥିବାରୁ ସେହି ଆଧାରରେ ଫର୍ନିଚର ପ୍ରସ୍ତୁତ କରାଯାଉଛି। ଏହାବାଦ ୫ ବର୍ଷର ଓ୍ୱାରେଣ୍ଟି, କ୍ରେଡିଟ କାର୍ଡରେ ସହଜ ଇଏମ୍ଆଇ, ପେଟିଏମ୍‌ରେ କ୍ୟାଶବ୍ୟାକ, ବଜାଜ ଫିନସର୍ଭ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କାର୍ଡରେ ବିଭିନ୍ନ ସୁବିଧା ମିଳୁଛି। ସେହିଭଳି ଫ୍ରି ହୋମ୍ ଡେଲିଭରି ଏବଂ ପିକଅପ୍ ସୁବିଧା (ସର୍ତ୍ତସହ) ଗ୍ରାହକଙ୍କ ଲାଗି ରହିଥିବା ବେଳେ ଏହା ଲିମିଟେଡ ସମୟ ପର୍ଯ୍ୟନ୍ତ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ହୋମ୍ ଟାଉନରେ ଆକର୍ଷଣୀୟ ରିହାତି

**ଭୁବନେଶ୍ୱର,୧୯–୩:** ହୋମ ଟାଉନ ପକ୍ଷରୁ ବହୁ ପ୍ରତିକ୍ଷିତ ବାର୍ଷିକ ବିନିମୟ ଏବଂ ଅଭିବୃଦ୍ଧିୟ ବିକ୍ରୟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଷ୍ଟୋର ପକ୍ଷରୁ ସବୁ ପ୍ରକାରର ଆସବାବପତ୍ର, ଗୃହ ଉପକରଣ, ବୈଦ୍ୟୁତିକ ଉପକରଣ ଉପରେ ୪୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ସେହିଭଳି ବିନିମୟ ଉପରେ ଅତିରିକ୍ତ ୨୫% ରିହାତି ରହିଛି। ଏହି ଅଫର ମାର୍ଚ୍ଚ ମାସ ଶେଷ ଯାଏ ରହିଛି। ଗ୍ରାହକମାନେ ନିଜର ପୁରୁଣା ଗୃହ ଉପକରଣ ଆସବାବପାଇଁ ଆକର୍ଷଣୀୟ ମୂଲ୍ୟ ପାଇପାରିବେ। ନିଜର ଆବଶ୍ୟକୀୟ ସମସ୍ତ ନୂତନ ଜିନିଷ ପାଇଁ ଆକର୍ଷଣୀୟ ରିହାତିର ସୁବିଧା ନେଇ ପାରିବେ। ଷ୍ଟୋରରେ ଡାଇନିଂ ରୁମ, ବେଡରୁମ, ପାରମ୍ପରିକ, ସମସାମୟିକ ଏବଂ ଆଧୁନିକ ଡିଜାଇନ ରହିଛି। ଆଧୁନିକ ସାଜସଜା ପ୍ରଚଳିତ ଫ୍ୟାଶନରେ ୫ ହଜାରରୁ ଅଧିକ ଡିଜାଇନ, ଆଧୁନିକ ମଡୁଲାର ସଲ୍ୟୁଶନ, ୧୦୦ରୁ ଅଧିକ ଡିଜାଇନ, ନିର୍ଭରଯୋଗ୍ୟ ଓ୍ୱାରେଣ୍ଟି ଏହା ଦେଉଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି।

## ବଜାଜର ବିଏସ୍–୬ ବାଣିଜ୍ୟିକ ଯାନ



**ନୂଆଦିଲ୍ଲୀ,୧୯–୩:** ବଜାଜ ଅଟୋ ଲିମିଟେଡ ପକ୍ଷରୁ ୩ ଚକିଆ ବିଏସ୍–୬ ବାଣିଜ୍ୟିକ ଯାନ ବଜାରକୁ ଆସିଛି। କମ୍ପାନୀ ପକ୍ଷରୁ ଏହା ବ୍ରାଣ୍ଡ ଆର୍ଆଇ, ମାକ୍ସିମା ଏବଂ ମାକ୍ସିମା କାର୍ଗୋର ବହୁବିଧ ରେଞ୍ଜ ଏହା ମଧ୍ୟରେ ସାମିଲ ରହିଛି। ଏହି ସବୁ ବର୍ଗଗୁଡିକରେ ୧୪ଟି ମଡେଲ ସାମିଲ ରହିଛି। କମ୍ପାନୀ ଏହାର ସବୁ ୩ ଚକିଆ ରେଞ୍ଜକୁ ବିଏସ୍–୬ରେ ରୂପାନ୍ତରିତ କରିଛି। ଆର୍ଇ ବ୍ରାଣ୍ଡ ବର୍ତ୍ତମାନ ଫୁଏଲ ଇଞ୍ଜେକଶନ ଟେକ୍ନୋଲୋଜି, ୨୩୬ ସିସି ଇଞ୍ଜିନ ଏବଂ ୩ ଇନ୍ଧନ ବିକଳ୍ପ ସହ ଆସୁଛି। ମାକ୍ସିମା ବ୍ରାଣ୍ଡ ସମାନ ଇଞ୍ଜିନ ଦକ୍ଷତା ସହ ଆସୁଥିବା ବେଳେ ନିରନ୍ତର ଶକ୍ତି ଏବଂ ଇନ୍ଧନ ଦକ୍ଷତା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ୩ ହ୍ୱିଲର ବର୍ଗରେ କମ୍ପାନୀ ପ୍ରମୁଖ ବଜାର ଅଂଶୀଦାର ଥିବା କହିଛି। ବିଏସ୍–୬ ନିର୍ଗମନ ନିୟମକୁ ଧ୍ୟାନରେ ରଖି କମ୍ପାନୀ ଆଗୁଆ ନୂଆ ମଡେଲଗୁଡିକୁ ବଜାରକୁ ଛାଡିଛି। ବିଶ୍ୱସ୍ତରୀୟ ଗବେଷଣା ଏବଂ ଉନ୍ନତିକରଣ ଟିମ୍ ପକ୍ଷରୁ ଏହାକୁ ପ୍ରସ୍ତୁତ କରାଯାଇଛି। ନୂଆ ମଡେଲଗୁଡିକ ବଜାରରେ ପ୍ରମୁଖ ସ୍ଥାନ ହାସଲ କରିବାକୁ ସହାୟତା କରିବା ନେଇ ଆଶାବାଦୀ ବୋଲି ବଜାଜ ଅଟୋ ଲିମିଟେଡର ଯୁଗ୍ମ ସଭାପତି ସମରଦୀପ ସୁବନ୍ଧ ସୂଚନା ଦେଇଛନ୍ତି।

## ବିଏସ୍–୪ ଟୁହ୍ୱିଲର୍ସ କିଣିବା ଲାଗି ଶେଷ ସୁଯୋଗ

ନୂଆଦିଲ୍ଲୀ,୧୯–୩

ବିଏସ୍–୪ ଯାନ କିଣିବା ଲାଗି ଚଳିତ ସପ୍ତାହରେ ଶେଷ ସୁଯୋଗ ରହିଛି। ବିଏସ୍ –୪ ଟ୍ରାଞ୍ଜିଶନ ଲାଗି ମାର୍ଚ୍ଚ ୩୧ କୁ ଶେଷ ସୀମା ଭାବେ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ବିଏସ୍–୪ ଯାନ କ୍ରୟ ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏହି ଯାନ କ୍ରୟ ଉପରେ ଅନ୍ତତଃ ପକ୍ଷେ ୧୦ ହଜାର ଟଙ୍କାର ସୁବିଧା ଗ୍ରାହକ ପାଇପାରିବେ। ଏହା ବାଦ କିଛି ପ୍ରଡକ୍ଟ ଉପରେ ଏହା ୧୫ ହଜାର ଟଙ୍କା ରହିଛି। ବର୍ତ୍ତମାନ ହିରୋ ମୋଟୋକର୍ପ, ହୋଣ୍ଡା ଟୁହ୍ୱିଲର୍ସ,ଟିଭିଏସ୍ ଭଳି କମ୍ପାନୀ ବିଏସ୍–୬ ଯାନ ବଜାରକୁ ଛାଡିଛନ୍ତି। ନୂଆ ମଡେଲଗୁଡିକର ମୂଲ୍ୟ ବିଏସ୍–୪ ତୁଳନାରେ ପ୍ରାୟ ୭ରୁ ୧୫ ହଜାର ଟଙ୍କା ଯାଏ ଅଧିକ ରହୁଛି। ନୂଆ ନିର୍ଗମନ ନିୟମ କାର୍ଯ୍ୟକାରୀ ହେବା ଯୋଗୁ ଯାନଗୁଡିକର ଇନପୁଟ ଖର୍ଚ୍ଚ ବଢିଛି। ଏହାକୁ ନଜରରେ ରଖି ବିଏସ୍–୬ ମଡେଲ ଦର ଉଚ୍ଚରେ ରହୁଛି। ଏକ ପ୍ରମୁଖ କମ୍ପାନୀର ଜଣେ ଡିଲର କହିଛନ୍ତି ଯେ, ଗତ ୨ ମାସ ହେବ ବିଏସ୍ –୪ ଯାନଗୁଡିକର ବିକ୍ରି ଉନ୍ନତ ରହିଛି। ଷ୍ଟକ ଶେଷ ହେବା ଉପରେ ରହିଛି। ବିକ୍ରି ଲାଗି ରହିଥିବା ଧାର୍ଯ୍ୟ ସୀମା ଶେଷ ହେବାକୁ ଯାଉଥିବାରୁ ଲୋକଙ୍କ ମଧ୍ୟରେ ଚାହିଦା ଲାଗି ରହିବ। ବିଏସ୍–୪ ଯାନ କ୍ରୟରେ ମୂଲ୍ୟ ସୁବିଧା କଣ ରହିଛି ତାହା ଲୋକଙ୍କୁ ଜଣାଥିବାରୁ ଷ୍ଟକ ପ୍ରାୟତଃ ରହିବନି ବୋଲି ଆଶା ରହିଛି।

## ରେନୋ ପକ୍ଷରୁ ନୂଆ ଡଷ୍ଟର

ନୂଆଦିଲ୍ଲୀ,୧୯–୩




ପ୍ରମୁଖ ୟୁରୋପିଆନ ଯାନ ନିର୍ମାତା ବ୍ରାଣ୍ଡ ରେନୋ ଇଣ୍ଡିଆ ପକ୍ଷରୁ ନୂଆ ବିଏସ୍–୬ ମାନକ ଯୁକ୍ତ ଡଷ୍ଟର ବଜାରକୁ ଆସିଛି। କମ୍ପାନୀ ଚଳିତ ବର୍ଷ ବିଏସ୍–୬ ବର୍ଗରେ ଟ୍ରାଇବର ଏବଂ କ୍ୱିଡ ମଡେଲକୁ ଶୁଭାରମ୍ଭ କରିବା ପରେ ଏହି ମଡେଲଟି ଆଣିଛି। ଏହା ୧.୫ ଲିଟର ପେଟ୍ରୋଲ ଇଞ୍ଜିନ ଏବଂ ୫ ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ସହ ଆସୁଛି। ଆର୍ଏକ୍ସଇ, ଆର୍ଏକ୍ସଏସ୍ ଏବଂ ଆର୍ଏକ୍ସଜେଡ ଭର୍ଜନରେ ଏହା ଉପଲବ୍ଧ। ଏହାର ପାଓ୍ୱାର ଆଉଟପୁଟ ଏବଂ ଟର୍କରେ ବିଶେଷ କିଛି ପରିବର୍ତ୍ତନ କରାଯାଇନାହିଁ। ମଡେଲଟିର ବଜାର ଦର ୮.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଯାନଟିର ଇନ୍ଧନ ଦକ୍ଷତା ୧୪.୨୬ କିମି ପ୍ରତି ଲିଟର ରହିଛି। ରେନୋ ଇଣ୍ଡିଆର ପ୍ରଡକ୍ଟ ପୋର୍ଟଫୋଲିଓରେ ଏହି ମଡେଲଟି ଏକ ପ୍ରମୁଖ ସ୍ଥାନରେ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତାକୁ ପୂରଣ ଦିଗରେ ସବୁ ପ୍ରସଙ୍ଗକୁ ବିଚାର କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ମଡେଲଟିରେ ଆକର୍ଷଣୀୟ ଏକ୍ସଟେରିୟର, ମନଲୋଭା ଇଣ୍ଟେରିୟର, ନୂତନ ଷ୍ଟାଣ୍ଡାର୍ଡ ଏସ୍ୟୁଭି ସେଗମେଣ୍ଟ ଗ୍ରାହକଙ୍କ ଲାଗି ଉପଲବ୍ଧ।



❝ ସତର୍କତା ଅବଲମ୍ବନ କରିବା ସହ ନିଜ ଘରେ କିଛି ଦିନ ରହିପାରିଲେ କରୋନା ଭାଇରସ୍ ଭୟ ଦୂର ହେବା ସହ ଇଟାଲିଆନ ଫୁଟ୍‌ବଲ ଆରମ୍ଭ ହୋଇପାରିବ ।

–ଫ୍ରାନ୍‌ସିସ୍କୋ କାପୁଟୋ, ଫୁଟ୍‌ବଲ ଖେଳାଳି



❝ ସ୍ୱଦେଶୀ ଖେଳ କବାଡ଼ିକୁ କିପରି ଅଲିମ୍ପିକ୍ସରେ ସାମିଲ କରାଯାଇ ପାରିବ ସେ ନେଇ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରଖାଯାଇଛି ।

–କିରେନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ

## ସଂକ୍ଷେପରେ

### ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ନେଭିଲେଙ୍କ ହୋଟେଲ ଫ୍ରି

ଲଣ୍ଡନ, ୧୯।୩- ମାରାତ୍ମକ କରୋନା ଭାଇରସ୍ ବିଶ୍ୱରେ ଏହାର କାୟା ବିସ୍ତାର କରି ଚାଲିଛି। ଏଭଳି ଏକ ଦୁର୍ଦ୍ଦିନ ସମୟରେ ଇଂଲଣ୍ଡ ତଥା ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ଫୁଟ୍‌ବଲ ଖେଳାଳି ଗ୍ୟାରୀ ନେଭିଲେ ସହାୟତାର ହାତ ବଢ଼ାଇଛନ୍ତି। ନ୍ୟାଶନାଲ ହେଲ୍‌ଥ ସର୍ଭିସ (ଏନ୍‌ଏଚ୍‌ଏସ୍) ଷ୍ଟାଫ୍‌ଙ୍କ ଲାଗି ନେଭିଲେ ମାଞ୍ଚେଷ୍ଟରରେ ଥିବା ନିଜର ୨ଟି ହୋଟେଲରେ ମାଗଣା ରହିବା ବ୍ୟବସ୍ଥା ଉପଲବ୍ଧ କରିଛନ୍ତି। ଏହି ହୋଟେଲ ୨ଟି ଏବେ ସାଧାରଣ ଲୋକଙ୍କ ପାଇଁ ବନ୍ଦ ହୋଇଯାଇଛି। ଦୁଇଟି ଯାକ ହୋଟେଲରେ ୧୭୬ ବେଡ୍ ରହିଛି, ଯେଉଁଥିରେ ଏନ୍‌ଏଚ୍‌ଏସ୍ ଓ ଅନ୍ୟ ମେଡିକାଲ ଷ୍ଟାଫ୍ ମାଗଣାରେ ରହିପାରିବେ ବୋଲି ଏହି ଡିଫେଣ୍ଡର ଖେଳାଳି ଘୋଷଣା କରିଛନ୍ତି। ସାଧାରଣଙ୍କ ଲାଗି ହୋଟେଲ ବନ୍ଦ ହୋଇଯାଇଥିଲେ ମଧ୍ୟ ଏହାର କର୍ମଚାରୀ ସେଠାରେ ରହି ଡାକ୍ତର, ନର୍ସ, ମେଡିକାଲ ଷ୍ଟାଫ୍‌ଙ୍କୁ ସର୍ଭିସ ଯୋଗାଇବେ। 'ଏହା ଏଭଳି ଏକ ସମୟ ଯେତେବେଳେ କି ସମଗ୍ର ଉଦ୍ୟୋଗ ଜଗତ ଏକଜୁଟ ହେବା ଆବଶ୍ୟକ ରହିଛି। ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଆଗାମୀ ଦିନରେ ଅଧିକ ଆବାସ ଆବଶ୍ୟକ କରିବେ' ବୋଲି ନେଭିଲେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବତନ ସାଥୀ ଖେଳାଳି ର୍‍ୟାନ୍ ଗିଜିଙ୍କ ସହ ମିଶି ନେଭିଲେ ଏହି ୨ଟି ହୋଟେଲ ପ୍ରତିଷ୍ଠା କରିଛନ୍ତି। ଓଲ୍ଡ ଟ୍ରାଫୋର୍ଡରେ 'ହୋଟେଲ ଫୁଟ୍‌ବଲ' ଏବଂ ସିଟି ସେଣ୍ଟରରେ 'ଦି ଷ୍ଟାକ୍ ଏକ୍ସଚେଞ୍ଜ ହୋଟେଲ' ନାମରେ ଏହି ୨ଟି ହୋଟେଲ ରହିଛି।

### ସଞ୍ଜୟ ବାଙ୍ଗରଙ୍କ ଅଗ୍ରାହ୍ୟ

ନୂଆଦିଲ୍ଲୀ,୧୯।୩ (ପି.ଟି.)- ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗର ବାଂଲାଦେଶ ଟେଷ୍ଟ ଦଳର ବ୍ୟାଟିଂ ପରାମର୍ଶଦାତା ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି। ବ୍ୟକ୍ତିଗତ ଓ ବ୍ୟବସାୟିକ ପ୍ରତିବଦ୍ଧତା ଲାଗି ଏହି ପ୍ରସ୍ତାବକୁ ସେ ମନା କରିଦେଇଥିବା ବାଙ୍ଗର କହିଛନ୍ତି। 'ସେମାନେ ମୋତେ ୮ ସପ୍ତାହ ତଳେ ବାଂଲାଦେଶ ଟେଷ୍ଟ ଦଳର ବ୍ୟାଟିଂ ପରାମର୍ଶଦାତା ପଦ ପାଇଁ ଅଫର୍ ଦେଇଥିଲେ। କିନ୍ତୁ ମୁଁ ଷ୍ଟାର ସ୍ପୋର୍ଟ୍ସ ସହ ୨ ବର୍ଷିଆ ଚୁକ୍ତି କରିଛି। ଯାହାକି ମୋତେ ବ୍ୟକ୍ତିଗତ ତଥା ବ୍ୟବସାୟିକ ପ୍ରତିବଦ୍ଧତାକୁ ସନ୍ତୁଳନ ରକ୍ଷା କରିବାର ସୁଯୋଗ ଦେଇଛି। ତେବେ ଭବିଷ୍ୟତରେ ବାଂଲାଦେଶ କ୍ରିକେଟ୍ ବୋର୍ଡ ସହ କାମ କରିବାକୁ ଅପେକ୍ଷା କରିଛି' ବୋଲି ବାଙ୍ଗର ଏକ ସାକ୍ଷାତ୍‌କାରରେ କହିଛନ୍ତି। ବାଙ୍ଗର ଏଥିପୂର୍ବରୁ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଭାରତୀୟ ପୁରୁଷ କ୍ରିକେଟ ଦଳର ବ୍ୟାଟିଂ କୋଚ୍ ପଦରେ ଦାୟିତ୍ୱ ତୁଲାଇଥିଲେ। ଗତବର୍ଷ ସେପ୍ଟେମ୍ବରରେ ବାଙ୍ଗରଙ୍କ ସ୍ଥାନରେ ବିକ୍ରମ ରାଠୋରଙ୍କୁ ଏହି ପଦରେ ରଖାଯାଇଥିଲା। ରବି ଶାସ୍ତ୍ରୀଙ୍କ ନେତୃତ୍ୱାଧୀନ କୋଚିଂ ଷ୍ଟାଫ୍ ମଧ୍ୟରେ କେବଳ ବାଙ୍ଗର ତାଙ୍କ ପଦ ବଜାୟ ରଖିବାରେ ବିଫଳ ହୋଇଥିଲେ।






**ଅଲିମ୍ପିକ୍ ମଶାଲ ହସ୍ତାନ୍ତର ଉତ୍ସବ:** ଏଥେନ୍ସଠାରେ ଗୁରୁବାର ହେଲେନିକ୍ ଅଲିମ୍ପିକ୍ କମିଟି ସଭାପତି ସ୍ପାଇରସ କାପ୍ରାଲୋସ(ବାମ) ପୂର୍ବତନ ଜାପାନିଜ ସନ୍ତରଣକାରୀ ନାଓକୋ ଇମୋତୋଙ୍କୁ ଟୋକିଓ ୨୦୨୦ ଅଲିମ୍ପିକ୍ସ ମଶାଲ ହସ୍ତାନ୍ତର କରୁଛନ୍ତି। ଉତ୍ସବରେ ଅଂଶଗ୍ରହଣ କରିଥିବା ଗ୍ରୀକ୍ ପୋଲଭଲ୍ଟ ଅଲିମ୍ପିକ୍ ଚାମ୍ପିୟନ କାଟେରିନା ଷ୍ଟିଫାନିଡି।

# ଅଲିମ୍ପିକ ମଶାଲ ଟୋକିଓ ଗେମ୍ସ ଆୟୋଜକଙ୍କୁ ହସ୍ତାନ୍ତର

ଏଥେନ୍ସ, ୧୯।୩ (ଏଏଫ୍‌ପି)

ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗ୍ରୀସ୍ ଟୋକିଓ ୨୦୨୦ ଗେମ୍ସ ଆୟୋଜକଙ୍କୁ ଅଲିମ୍ପିକ ମଶାଲ ହସ୍ତାନ୍ତର କରିଛି। ରୁଦ୍ଧଦ୍ୱାର ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦର୍ଶକଙ୍କ ଅନୁପସ୍ଥିତିରେ ଅଲିମ୍ପିକ ଜିମ୍ନାଷ୍ଟିକ୍ସ ଚାମ୍ପିୟନ ଲେଫ୍‌ଟରିସ୍ ପେଟ୍ରୋନିଆସ୍ ମଶାଲ ସହ ଗୋଟିଏ ପର୍ଯ୍ୟାୟ ଦୌଡ଼ିଥିଲେ। ପରେ ଅଲିମ୍ପିକ ପୋଲ୍‌ଭଲ୍ଟ ଚାମ୍ପିୟନ କାଟେରିନା ଷ୍ଟିଫାନିଡି ଅଲ୍ ମାର୍ବଲ ପାନାଥେନାଇକ୍ ଷ୍ଟାଡିୟମରେ ରହିଥିବା କଲ୍‌ଡ୍ରନ୍‌ରେ ଅଗ୍ନି ସଂଯୋଗ କରିଥିଲେ। ଏହି ଷ୍ଟାଡିୟମରେ ୧୮୯୬ରେ ପ୍ରଥମ ଆଧୁନିକ ଅଲିମ୍ପିକ୍ସ ଅନୁଷ୍ଠିତ ହୋଇଥିଲା। ପରେ ଏହି ମଶାଲକୁ ଟୋକିଓ ୨୦୨୦ ପ୍ରତିନିଧି ନାଓକୋ ଇମୋତୋଙ୍କୁ ହସ୍ତାନ୍ତର କରାଯାଇଥିଲା। ଇମୋତୋ ହେଉଛନ୍ତି ଜଣେ ସନ୍ତରଣକାରୀ। ସେ ୧୯୯୬ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ସେ ୟୁନିସେଫ୍‌ର ଜଣେ ପ୍ରତିନିଧି ମଧ୍ୟ। ସେ ପୂର୍ବରୁ ଗ୍ରୀସ୍‌ରେ ଉପସ୍ଥିତ ଥିବାରୁ ତାଙ୍କୁ ଶେଷ ମୁହୂର୍ତ୍ତରେ ନିଯୁକ୍ତି ଦିଆଯାଇଥିଲା। ଫଳରେ ମଶାଲ ଆଣିବା ଲାଗି ଜାପାନରୁ କାହାରିକୁ ଗ୍ରୀସ୍ ଯିବାକୁ ପଡ଼ି ନ ଥିଲା। ଗତ ସପ୍ତାହରେ ପୁରାତନ ଅଲିମ୍ପିଆରେ ମଶାଲରେ ଅଗ୍ନି ସଂଯୋଗ ଉତ୍ସବ ବିନା ଦର୍ଶକରେ ଅନୁଷ୍ଠିତ ହୋଇଥିଲା। ଗ୍ରୀସ୍‌ରେ ମାରାତ୍ମକ କରୋନା ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇ ଗୁରୁବାର ଜଣଙ୍କର ମୃତ୍ୟୁ ଘଟିଛି। ଗ୍ରୀକ୍ ଅଲିମ୍ପିକ କମିଟି ଚେୟାରମ୍ୟାନ ସ୍ପାଇରସ୍ କାର୍ପାଲସ୍ କୋଭିଡ୍-୧୯ର ଆବିର୍ଭାବ ଯୋଗୁ ଆମକୁ କିଛି କଠୋର ପଦକ୍ଷେପ ନେବାକୁ ହୋଇଛି। ନିର୍ଦ୍ଧାରିତ ଯୋଜନାରେ କେତେକ ପରିବର୍ତ୍ତନ କରିବାକୁ ହୋଇଛି। ଏଥିପାଇଁ ଆମେ ଦୁଃଖିତ। ଗୁରୁବାର ଆୟୋଜିତ ଉତ୍ସବରେ ଟୋକିଓ ଆୟୋଜକ ଅନୁପସ୍ଥିତ ଥିଲେ। ଗତ ସପ୍ତାହରେ ସ୍ପାର୍ଟାଠାରେ ଅନୁଷ୍ଠିତ କଲଡ୍ରନ ଅଗ୍ନି ସଂଯୋଗ ଉତ୍ସବରେ କଟକଣା ସତ୍ତ୍ୱେ ହଲିଉଡ୍ ଅଭିନେତା ଜେରାର୍ଡ ବଟଲରଙ୍କୁ ଦେଖିବା ଲାଗି ଜନସମାଗମ ହୋଇଥିଲା। ଖବର ଅନୁସାରେ ସମଗ୍ର ବିଶ୍ୱରେ କୋଭିଡ୍-୧୯ ଦ୍ୱାରା ୨୦୦,୦୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। ୧୫୦ଟି ଦେଶରେ ମୋଟ ୮,୦୦୦ରୁ ଅଧିକ ମୃତ୍ୟୁବରଣ କରିସାରିଲେଣି। କେବଳ ଗ୍ରୀସ୍‌ରେ ୫ଜଣଙ୍କର ପ୍ରାଣହାନି ଘଟିସାରିଲାଣି। ଗୁରୁବାର ୭ମ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ବିଶ୍ୱବ୍ୟାପୀ ପ୍ରମୁଖ ସ୍ପୋର୍ଟିଂ ଇଭେଣ୍ଟଗୁଡ଼ିକ ସ୍ଥଗିତ ଅବା ବାତିଲ କରାଯାଇଛି। ଅଲିମ୍ପିକ୍ସ ଆୟୋଜନ ହୋଇ ପାରିବ କି ନା ସେନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଏଣେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଦୃଢତାର ସହିତ କହିଆସୁଛିଯେ, ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୧୪ରୁ ଅଲିମ୍ପିକ୍ସ ଆୟୋଜନ ଲାଗି ଯୋଜନା ଚାଲିଛି। ବିଶ୍ୱର କେତେଜଣ ଟପ୍ ଆଥ୍‌ଲେଟ କହିଛନ୍ତି, କରୋନା ଭାଇରସ୍ ଯୋଗୁ ସେମାନଙ୍କ ଟ୍ରେନିଂ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗେମ୍ସରେ ଭାଗ ନେଲେ ସ୍ୱାସ୍ଥ୍ୟଗତ ରିସ୍କ ରହିଛି।



ପାରମ୍ପରିକ ପୋଷାକ ପରିହିତ ଗ୍ରୀକ୍ ଅଭିନେତ୍ରୀ କାନଥି ଜର୍ଜ୍ଜୁ ଅଲିମ୍ପିକ୍ ମଶାଲରେ ଅଗ୍ନି ସଂଯୋଗ କରୁଛନ୍ତି।

## 'ବିଳମ୍ବ ହୋଇପାରେ ଅଲିମ୍ପିକ୍ସ'

ଲଣ୍ଡନ,୧୯।୩ (ଏଏଫ୍‌ପି)



ସେବାଷ୍ଟିଆନ କୋ'

ଆଗକୁ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାର ବିଳମ୍ବ ହୋଇପାରେ ବୋଲି ୱାର୍ଲ୍ଡ ଆଥଲେଟିକ୍ସ ମୁଖ୍ୟ ସେବାଷ୍ଟିଆନ କୋ' ସ୍ୱୀକାର କରିଛନ୍ତି। ବିଶ୍ୱରେ କରୋନା ଭାଇରସ୍ ସଂକ୍ରମଣ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏବେଠାରୁ କିଛି ପୂର୍ବାନୁମାନ କରିବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଲିମ୍ପିକ୍ସ ପାଇଁ ସେଭଳି କିଛି ଉନ୍ନତ ପ୍ରକାର ସମାଧାନ ହେବାର ସମ୍ଭାବନା ନାହିଁ ବୋଲି ବୁଧବାର ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) କହିଥିଲା।

କରୋନା ଭାଇରସ୍ ବା କୋଭିଡ-୧୯ ସମ୍ପୂର୍ଣ୍ଣ ଭାବେ ବିଶ୍ୱ କ୍ରୀଡ଼ା କ୍ୟାଲେଣ୍ଡରକୁ ପ୍ରଭାବିତ କରିଛି। ୟୁରୋ ୨୦୨୦ ସହିତ ପୂରା ଟେନିସ ସେସନକୁ ମଧ୍ୟ ସ୍ଥଗିତ ରଖାଯାଇଛି। ତେବେ ଜୁଲାଇ ୨୪ ତାରିଖରେ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଆରମ୍ଭ କରିବା ନେଇ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଅଧ୍ୟକ୍ଷ ଥୋମାସ ବ୍ୟାକ୍ ଆଶାବାଦୀ ଥିବା କଥା କହିଛନ୍ତି। ଟୋକିଓ ଅଲିମ୍ପିକ୍ସ କୋର୍ଡିଅନେଶନ କମିଶନ ସଦସ୍ୟ ଥିବା କୋଏ ବିବିସିକୁ ଦେଇଥିବା ସାକ୍ଷାତ୍‌କାରରେ ଏହି ମେଗା ଇଭେଣ୍ଟ ବିଳମ୍ବ ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସକୁ ସେପ୍ଟେମ୍ବର କିମ୍ବା ଅକ୍ଟୋବରକୁ ଘୁଞ୍ଚାଯିବା ନେଇ ପ୍ରଶ୍ନର ଉତ୍ତର ଦେଇ କୋ' ଏହି କଥା କହିଛନ୍ତି। ବର୍ତ୍ତମାନର ପରିସ୍ଥିତିରେ ସବୁକିଛି ସମ୍ଭବ। ଏ ସଂକ୍ରାନ୍ତରେ ବର୍ତ୍ତମାନ କିଛି ନିଷ୍ପତ୍ତି ନିଆଯିବା ଠିକ୍ ନୁହେଁ। ତେବେ ୨୦୨୧କୁ ଅଲିମ୍ପିକ ଘୁଞ୍ଚାଗଲେ ସମସ୍ୟା ସୃଷ୍ଟି ହେବ। ଏହା ଦ୍ୱାରା ୨୦୨୧ କ୍ରୀଡ଼ା କ୍ୟାଲେଣ୍ଡର ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ଏକ ଦୃଢ଼ ନିଷ୍ପତ୍ତି ନେବାର ସମୟ ଆସି ଉପନୀତ ହୋଇଛି ବୋଲି ବ୍ରିଟେନର ୪ଥର ରୋଇଂ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ମାଥ୍ୟୁ ପିନ୍‌ସେଣ୍ଟ କହିଛନ୍ତି। ଅଲିମ୍ପିକ୍‌କୁ ବାଦ ଦେଲେ ଅନ୍ୟ କାର୍ଯ୍ୟ ମଧ୍ୟ ରହିଛି। ବର୍ତ୍ତମାନ ପରିସ୍ଥିତିରେ ଆମ ପାଖରେ କୌଣସି ବିକଳ୍ପ ନାହିଁ। ତେଣୁ ଅଲିମ୍ପିକ୍‌କୁ ସ୍ଥଗିତ କିମ୍ବା ବାତିଲ କରାଯିବା ନେଇ ଦୃଢ଼ ନିଷ୍ପତ୍ତି ନିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଇଂଲିଶ ଫୁଟ୍‌ବଲ ଏପ୍ରିଲ ୩୦ ପର୍ଯ୍ୟନ୍ତ ବନ୍ଦ

ଲଣ୍ଡନ,୧୯।୩(ଏଏଫ୍‌ପି)

କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଇଂଲିଶ ଫୁଟବଲ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ଫୁଟବଲର ସବୁ ପ୍ରକାର କାର୍ଯ୍ୟକଳାପକୁ ସ୍ଥଗିତ ରଖାଯାଇଛି। ଗୁରୁବାର ଇଂଲିଶ ଫୁଟବଲ ଲିଗ୍ (ଇଏଫ୍‌ଏଲ) ଓ ପ୍ରିମିୟର ଲିଗ୍ ଏକ ଜରୁରିକାଳୀନ ବୈଠକରେ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ଏହାପୂର୍ବରୁ ୟୁଏଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ୟୁରୋ ୨୦୨୦କୁ ୧୨ ମାସ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଇଂଲଣ୍ଡର ସବୁ ପ୍ରକାର ପେସାଦାର ଫୁଟବଲ ମ୍ୟାଚ୍‌କୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ ବୋଲି ଫୁଟବଲ ଆସୋସିଏଶନ, ପ୍ରିମିୟର ଲିଗ, ଇଏଫ୍‌ଏଲ, ଖେଳାଳି ଓ ମ୍ୟାନେଜରମାନଙ୍କ ତରଫରୁ ମିଳିତ ଭାବେ କୁହାଯାଇଛି। ତେବେ ପୁଣି ଖେଳ ଆରମ୍ଭ ହେଲେ ସେସନ ଶେଷ ହୋଇପାରିବ ବୋଲି କେତେକ ଆଶାପ୍ରକାଶ କରିଛନ୍ତି। ୨୦୧୯-୨୦ ଫୁଟବଲ ସେସନକୁ ପୁଣିଥରେ ଆରମ୍ଭ କରିବା ନେଇ ଆମେ ମିଳିତ ଭବେ ଆଶାବାଦୀ ଅଛୁ। ନିରାପତ୍ତାର ସହ ସବୁ ଘରୋଇ ଓ ୟୁରୋପିଆନ୍ କ୍ଲବ ଲିଗ୍ ଏବଂ କପ୍ ମ୍ୟାଚ୍ ଯେତେଶୀଘ୍ର ସମ୍ଭବ ଆରମ୍ଭ କରିବାକୁ ଆମେ ପ୍ରୟାସ କରିବୁ ବୋଲି ଏହି ମିଳିତ ବିବୃତିରେ କୁହାଯାଇଛି।

## କରୋନା ସତ୍ତ୍ୱେ ସିରିଜ ପାଇଁ ଇଂଲଣ୍ଡକୁ ଆମନ୍ତ୍ରଣ କଲା ୱେଷ୍ଟଇଣ୍ଡିଜ

ଲଣ୍ଡନ, ୧୯।୩

ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଜୁନ୍ ୪ରୁ ଆରମ୍ଭ ହେବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ କରୋନା ଭାଇରସ୍ ଯୋଗୁ ଏହି ସିରିଜ ଆୟୋଜନ ଏବେ ଆଶଙ୍କା ମଧ୍ୟକୁ ଚାଲିଯାଇଛି। ପରବର୍ତ୍ତୀ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ କ୍ରିକେଟ୍ ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମକୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ବାତିଲ କରିଛି। ଫଳରେ ଜୁନ୍‌ରେ ହେବାକୁ ଥିବା ଏହି ଦ୍ୱିପାକ୍ଷିକ ସିରିଜ ପ୍ରଭାବିତ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଏଭଳି ଏକ ସମୟରେ କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ ଏହି ସିରିଜକୁ ୱେଷ୍ଟଇଣ୍ଡିଜରେ ଆୟୋଜନ ନେଇ ପ୍ରସ୍ତାବ ରଖାଯାଇଛି। ସେହିଭଳି ଜୁଲାଇ ୩୦ରୁ ପାକିସ୍ତାନ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ମଧ୍ୟ ଆୟୋଜନ ନେଇ କ୍ରିକେଟ୍ ୱେଷ୍ଟଇଣ୍ଡିଜ ଆଗ୍ରହ ପ୍ରକାଶ କରିଛି। 'ଗତ କିଛିଦିନ ହେବ ଇସିବିର ପ୍ରମୁଖ ଅଧିକାରୀଙ୍କ ସହ ମୁଁ ଲଗାତର ସମ୍ପର୍କରେ ରହିଛି। ଇସିବି ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ଏଥିସହ ଯଦି ସମର୍ଥନ ଓ ସହାୟତା ମିଳିବ ତା'ହେଲେ କ୍ୟାରିବୀୟ ମାଟିରେ ଏହି ସିରିଜ ଆୟୋଜନ କରିବା ନେଇ ଆଗ୍ରହୀ ରହିଛୁ' ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜର ସିଇଓ ଜନୀ ଗ୍ରେଭ କହିଛନ୍ତି। ଇଂଲଣ୍ଡ ପାଖରେ ଏହି ସିରିଜର ବ୍ୟବସାୟିକ ଓ ପ୍ରସାରଣ ଅଧିକାର ରହିଛି।

## ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ

କୋଲକାତା, ୧୯।୩ (ପି.ଟି.)– ଭାରତୀୟ ଫୁଟ୍‌ବଲର କିମ୍ବଦନ୍ତୀ ପି.କେ. ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ଥିବା ତାଙ୍କର ପରିବାର ସୂତ୍ରରୁ ପ୍ରକାଶ। ନିମୋନିଆରେ ପୀଡ଼ିତ ଯୋଗୁ ତାଙ୍କର ଏକାଧିକ ଅଙ୍ଗ ଅଚଳ ହୋଇପଡ଼ିଛି। ଗୁରୁବାର ତାଙ୍କର ବ୍ଲଡ ଟ୍ରାନ୍ସଫ୍ୟୁଜନ କରାଯାଇଛି। ତାଙ୍କୁ ହେମୋ ଡାଏଲିସିସ୍‌ରେ ରଖାଯାଇଛି। ଦୁଇଥର ଅଲିମ୍ପିଆନ ୧୯୬୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଏକମାତ୍ର ଗୋଲସ୍କୋରର ଭାବେ ଜୀବିତ ଅଛନ୍ତି। ଦୁଇ ସପ୍ତାହ ହେଲା ତାଙ୍କୁ ଭେଣ୍ଟିଲେଟର ସହାୟତାରେ ଇଣ୍ଟେନସିଭ୍ କେୟାର ୟୁନିଟ୍‌ରେ ରଖାଯାଇଛି। ୮୩ ବର୍ଷୀୟ ବାନାର୍ଜୀ ଫେବୃୟାରୀ ୭ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ପାର୍କିନସନ ଓ ଡିମେଣ୍ଟିଆରେ ମଧ୍ୟ ପୀଡ଼ିତ। ତାଙ୍କର ହୃଦ୍‌ରୋଗ ସମସ୍ୟା ମଧ୍ୟ ରହିଛି।

## ନ୍ୟୁଜିଲାଣ୍ଡ କ୍ରିକେଟର୍ ଏଲିସ୍‌ଙ୍କ ଅବସର

ୱେଲିଂଟନ, ୧୯।୩



ଇଂଲଣ୍ଡ କାଉଣ୍ଟି କ୍ରିକେଟ୍ କ୍ଲବ କ୍ୟାଣ୍ଟରବରୀ ତଥା ନ୍ୟୁଜିଲାଣ୍ଡ ବୋଲିଂ ଅଲ୍‌ରାଉଣ୍ଡର ଆଣ୍ଡ୍ରିଉ ଏଲିସ୍ ୧୮ ବର୍ଷର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣି ଗୁରୁବାର ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ଏଲିସ୍ ୨୦୧୨ରେ ଜିମ୍ବାୱେ ବିପକ୍ଷରେ ଦିନିକିଆ ପଦାର୍ପଣ କରି ଅନ୍ତର୍ଜତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସୀମିତ କ୍ୟାରିୟରରେ ସେ ନ୍ୟୁଜିଲାଣ୍ଡ ପାଇଁ ୧୫ ଦିନିକିଆ ଓ ୫ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୧୫୪ ଓ ୨୫ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ବୋଲିଂରେ ଦିନିକିଆରେ ୧୨ ଓ ଟି୨୦ରେ ୨ଟି ଉଇକେଟ୍ ସଫଳତା ପାଇଛନ୍ତି। ତେବେ ଘରୋଇ କ୍ରିକେଟ୍‌ରେ ଏଲିସ୍ ବେଶ୍ ସକ୍ରିୟ ରହିଥିଲେ। ସେ ୧୦୫ ପ୍ରଥମ ଶ୍ରେଣୀ, ୧୦୯ ଲିଷ୍ଟ-ଏ ମ୍ୟାଚ୍ ଏବଂ ୧୧୭ ଟି୨୦ ମ୍ୟାଚ୍ ଖେଳିଛନ୍ତି। ତିନୋଟି ଯାକ ଫର୍ମାଟ୍‌ରେ ସେ ମୋଟ୍ ୮୬୪୪ ରନ୍ ଏବଂ ୪୯୪ ଉଇକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ୍ ଇତିହାସରେ ୨ୟ କ୍ରିକେଟର୍ ଭାବେ ଏଲିସ୍ ଘରୋଇ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର କୃତିତ୍ୱ ଲାଭ କରିଛନ୍ତି। ତାଙ୍କ ପୂର୍ବରୁ ଟଡ୍ ଆଷ୍ଟଲ ଏହି କ୍ଲବରେ ସାମିଲ ହୋଇଥିଲେ। କାଉଣ୍ଟି କ୍ରିକେଟ୍ କ୍ଲବ କ୍ୟାଣ୍ଟରବରୀର ସେ ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ମଧ୍ୟ ରହିଥିଲେ। ଏଲିସ୍ ବୋଲିଂ କରୁଥିବାବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧିଥାନ୍ତି। ଏଥିଲାଗି ସେ ବେଶ୍ ଚର୍ଚ୍ଚାରେ ମଧ୍ୟ ରହିଥିଲେ। ତେବେ ତାଙ୍କ ହେଲ୍‌ମେଟ୍ ପିନ୍ଧା ପଛରେ ଏକ କାରଣ ରହିଛି। ୨୦୧୮ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡର ଘରୋଇ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଏଲିସ୍‌ଙ୍କ ବଲ୍‌କୁ ଜିତ୍ ରାଭାଲ ଜୋର୍‌ଦାର ପ୍ରହାର କରିଥିଲେ। ଶଟ୍‌ଟି ଏତେ ଶକ୍ତିଶାଳୀ ଥିଲା ଯେ ଫଲୋଥ୍ରୁ'ରେ ଏଲିସ୍‌ଙ୍କ ମୁଣ୍ଡରେ ବାଜି ପଡ଼ିଆ ବାହାରକୁ ଚାଲିଯାଇଥିଲା। ଅମ୍ପାୟର ଏହାକୁ ଛକା ଘୋଷଣା କରିଥିଲେ। ରାଭାଲ ଏଥିରେ ସାମାନ୍ୟ ଆଘାତ ପାଇଥିଲେ ମଧ୍ୟ ପରେ ବୋଲିଂ କଲାବେଳେ ସର୍ବଦା ବେସ୍‌ବଲରେ ବ୍ୟବହାର କରାଯାଉଥିବା ହେଲ୍‌ମେଟ୍ ପିନ୍ଧିଥାନ୍ତି।

## ଜର୍ମାନ ଫୁଟ୍‌ବଲର୍‌ଙ୍କ ବଦାନ୍ୟତା

ବର୍ଲିନ, ୧୯।୩ (ଏଏଫ୍‌ପି)



ସାରା ବିଶ୍ୱରେ କରୋନା ଭାଇରସ୍ ଆତଙ୍କ ଖେଳାଇ ଚାଲିଥିବାବେଳେ ଏହାକୁ ମୁକାବିଲା କରିବା ପାଇଁ ଜର୍ମାନ ଜାତୀୟ ଫୁଟ୍‌ବଲ ଦଳର ଖେଳାଳିମାନେ ଆଗେଇ ଆସିଛନ୍ତି। ଏହି ମହାମାରୀରୁ ସୃଷ୍ଟି ହୋଇଥିବା ସଙ୍କଟକୁ ମୁକାବିଲା କରିବା ପାଇଁ ଜର୍ମାନୀ ଖେଳାଳିମାନେ ମିଳିତ ଭାବେ ୨.୭ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୨୦ କୋଟି ୨୩ ଲକ୍ଷ ୨୦ ହଜାର ଟଙ୍କା) ଅର୍ଥ ଦାନ କରିଛନ୍ତି ବୋଲି ଜଣାପଡ଼ିଛି। 'ଏହି ସମୟରେ ଆମେ ପରସ୍ପରର ଦେଖାଶୁଣା କରିବା ଆବଶ୍ୟକ। ଆମେ ଜାତୀୟ ଦଳର ଖେଳାଳିମାନେ ଏନେଇ ଚିନ୍ତା କରି ଗୋଟିଏ ଭଲ କାରଣ ଲାଗି ଦାନ କରିଛୁ' ବୋଲି ଜର୍ମାନୀ ଜାତୀୟ ଫୁଟ୍‌ବଲ ଦଳର ଅଧିନାୟକ ମାନୁଏଲ୍ ନେଉର୍ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ଏହା କହିଛନ୍ତି। ଅନ୍ୟ ଜର୍ମାନ ଖେଳାଳିଙ୍କ ମଧ୍ୟରେ ଜୋଶୁଆ କିମ୍ମିଚ, ଲିଓନ ଗୋରେଟଜକା, ମାଥିଆସ ଗିଣ୍ଟର, ଲୁକାସ କ୍ଲୋଷ୍ଟରମାନ୍ନ ମଧ୍ୟ ସମାନ ଭିଡିଓ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ଏଭଳି ଦୁର୍ଦ୍ଦିନ ସମୟରେ ଅନ୍‌ଲାଇନ ପ୍ଲାଟଫର୍ମ 'ୱିର୍ ହେଲଫେନ୍' (ୱି ହେଲ୍ପ) ନାମକ ଏକ ଅର୍ଗାନାଇଜେଶନରେ ଅର୍ଥ ଦାନ କରିବା ପାଇଁ ଜର୍ମାନ ଖେଳାଳିମାନେ ଜାଗରଣ ସୃଷ୍ଟି କରୁଛନ୍ତି। ଲୋକମାନେ ତାଙ୍କ ବ୍ୟବହାରରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି ଜର୍ମାନୀ ଜାତୀୟ ଫୁଟ୍‌ବଲ ଦଳର କୋଚ୍ ଜୋଚିମ ଲୋୱି ନିକଟରେ ଆହ୍ୱାନ ଦେଇଥିଲେ।

ଧରିତ୍ରୀ
DHARITRI
ଶୁକ୍ରବାର, ମାର୍ଚ୍ଚ ୨୦, ୨୦୨୦



“ଷ୍ଟ୍ରାଇକ୍‌ରେଟ୍ ପ୍ରସଙ୍ଗରେ ଆମ ଦଳର ଅଧିନାୟକ ଓ କୋଚ୍ ମୋ ପ୍ଲେଇଂ ଷ୍ଟାଇଲର ଗୁରୁତ୍ୱକୁ ବୁଝିବା ଉଚିତ୍ ।
–ଚେତେଶ୍ୱର ପୂଜାରା, ଭାରତୀୟ କ୍ରିକେଟର



“କୋଭିଡ୍‌–୧୯ ଯୋଗୁ ଟ୍ରେନିଂ ସେଣ୍ଟରଗୁଡ଼ିକୁ ବନ୍ଦ ରଖାଯାଇଥିବା ବେଳେ ଅଲିମ୍ପିକ୍ସ ପାଇଁ ଟ୍ରେନିଂ ଜାରି ରଖିବା ଲାଗି ଆଇଓସି ଆଥଲେଟ୍‌ଙ୍କୁ ଉତ୍ସାହିତ କରିବା ଏକ ଜୋକ୍ ।
–ପାରୁପଲ୍ଲୀ କାଶ୍ୟପ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ଜୁନ୍ ୭ ପର୍ଯ୍ୟନ୍ତ ଡବ୍ଲ୍ୟୁଟିଏ, ଏଟିପି ସିଜନ ବନ୍ଦ

ୱାଶିଂଟନ, ୧୯।୩ (ଏପି)- କରୋନା ଭାଇରସ୍‌ର ଆତଙ୍କକୁ ନଜରରେ ରଖି ସମସ୍ତ ପୁରୁଷ ଓ ମହିଳା ପ୍ରଫେଶନାଲ ଟେନିସ ଟୁର୍ନାମେଣ୍ଟକୁ ଜୁନ୍ ୭ ପର୍ଯ୍ୟନ୍ତ ବାତିଲ କରାଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତିଯୋଗିତା ଆୟୋଜନ ହୋଇପାରିବ ନାହିଁ ବୋଲି ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ (ଏଟିପି) ଓ ମହିଳା ଟେନିସ ଆସୋସିଏଶନ (ଡବ୍ଲ୍ୟୁଟିଏ) ପକ୍ଷରୁ କୁହାଯାଇଛି। ଏହା ଫଳରେ ମାଡ୍ରିଡ୍ ଓ ରୋମରେ ହେବାକୁ ଥିବା ମିଳିତ ପୁରୁଷ ଓ ମହିଳା ପ୍ରତିଯୋଗିତା ସମେତ ଷ୍ଟ୍ରାସବର୍ଗ,ଫ୍ରାନ୍ସ, ମରୋକ୍କୋ ଭଳି ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟ ଏବଂ ମ୍ୟୁନିକ, ଏଷ୍ଟୋରିଲ, ପର୍ତ୍ତୁଗାଲ, ଜେନେଭା, ଫ୍ରାନ୍ସରେ ହେବାକୁ ଥିବା ଏଟିପି ପ୍ରତିଯୋଗିତା ପ୍ରଭାବିତ ହେବ। ଏଥିପୂର୍ବରୁ ଫ୍ରେଞ୍ଚ୍ ଓପନ୍‌କୁ ମଧ୍ୟ ମେ’ରୁ ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଥିଲା।

### କରୋନାରେ ଆକ୍ରାନ୍ତ ଦକ୍ଷିଣ ଆଫ୍ରିକୀୟ ଗଲ୍‌ଫର

ଲସ୍ ଏଞ୍ଜେଲ୍ସ, ୧୯।୩(ଏଏଫ୍‌ପି)- ଦକ୍ଷିଣ ଆଫ୍ରିକୀୟ ଗଲ୍‌ଫ ଖେଳାଳି ଭିକ୍ଟର ଲାଙ୍ଗେ କରୋନାରେ ପୀଡ଼ିତ। ତାଙ୍କ କୋଭିଡ୍‌-୧୯ ରିପୋର୍ଟରୁ ଏହା ଜଣାପଡ଼ିଛି। ଏ ନେଇ ପିଜିଏ ଟୁର୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମେକ୍ସିକୋଠାରେ ଅନୁଷ୍ଠିତ ପିଜିଏ ଟୁର ଲାଟିନ୍‌ଆମେରିକା ସର୍କିଟରୁ ଫେରିବା ପରେ ବିଶ୍ୱର ୧୩୧୫ତମ ମାନ୍ୟତା ପ୍ରାପ୍ତ ଖେଳାଳି ମାରାତ୍ମକ ଭାଇରସରେ ପୀଡ଼ିତ ଥିବା ଜଣାପଡ଼ିଛି। ତାଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଉ ନ ଥିଲା। ଜୋହାନ୍ସବର୍ଗର କ୍ୱାରାଣ୍ଟାଇନରେ ରହିବା ପରେ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଛି। ସେ ପିଜିଏ ଟୁର ଲାଟନଆମେରିକା ଟୁର୍ନାମେଣ୍ଟ ବେଳେ କୋରାନା ପୀଡ଼ିତାଙ୍କ ସଂସ୍ପର୍ଶରେ ଆସିଥାଇ ପାରନ୍ତି। ଖେଳାଳି ଓ ପ୍ରଶଂସକଙ୍କୁ ଏଥିନେଇ ସଚେତନ ହେବା ଆବଶ୍ୟକ। ଅନ୍ୟକୁ ବଞ୍ଚାଇବା ଲାଗି ଆମକୁ କିଛି ପରାମର୍ଶ ଓ ନିୟମ ମାନିବାକୁ ପଡ଼ିବ ବୋଲି ପିଜିଏ ଟୁର ପକ୍ଷରୁ କୁହାଯାଇଛି। ବିଶ୍ୱକୁ ଘାରିଥିବା କରୋନା ଭାଇରସ ଯୋଗୁ ସମସ୍ତ କ୍ରୀଡ଼ା ଇଭେଣ୍ଟ ସାଙ୍ଘାତିକ ଭାବେ ପ୍ରଭାବିତ ହୋଇଛି। ଗଲ୍‌ଫ ସିଜନର ପ୍ରଥମ ଦୁଇ ମେଜର ଟୁର୍ନାମେଣ୍ଟ ଦି ମାଷ୍ଟର୍ସ ଓ ଦ ପିଜିଏ ଚାମ୍ପିୟନଶିପ ସ୍ଥଗିତ ହୋଇଯାଇଛି।

### ପିଏସ୍‌ଏଲ ବେଳେ କରାଯାଇଥିବା ସମସ୍ତ ଟେଷ୍ଟ ନେଗେଟିଭ

କରାଚୀ,୧୯।୩- ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ)ରେ ଜଡ଼ିତ ଖେଳାଳି, ଷ୍ଟାଫ, ମ୍ୟାଚ୍ ଅଫିସିଆଲ, ଦଳ ମାଲିକ, ପ୍ରସାରଣକାରୀ କର୍ମକର୍ତ୍ତାଙ୍କ ସମେତ ମୋଟ ୧୨୮ ଜଣଙ୍କ କୋଭିଡ୍‌-୧୯ ଟେଷ୍ଟ କରାଯାଇଥିଲା। ସମସ୍ତ ଟେଷ୍ଟର ରିପୋର୍ଟ ନେଗେଟିଭ ଆସିଛି ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଗୁରୁବାର ଦାବି କରିଛି। ସମସ୍ତ ଟେଷ୍ଟ ଗତ ୧୭ ତାରିଖରେ କରାଯାଇଥିଲା। ମୁଲତାନ ସୁଲତାନ ଦଳର ୧୭ ଜଣ ଟେଷ୍ଟ ଦେଇଥିଲେ। ସେମାନଙ୍କ ରିପୋର୍ଟ ମଧ୍ୟ ନେଗେଟିଭ ଆସିଛି। ଲିଗ୍ ଶେଷ ହେବା ପର୍ଯ୍ୟନ୍ତ ଏଠାରେ ରହିବାକୁ ନିଷ୍ପତ୍ତି ନେଇଥିବା ଖେଳାଳି, ଷ୍ଟାଫ, ପ୍ରସାରଣକାରୀ ସଂସ୍ଥାର କର୍ମକର୍ତ୍ତାଙ୍କ ଟେଷ୍ଟ କରାଯାଇଥିଲା। ଖେଳାଳିମାନେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିନା ସେମାନଙ୍କ ପରିବାର ନିକଟକୁ ଫେରିଛନ୍ତି ବୋଲି ପିସିବି ମୁଖ୍ୟ କାର୍ଯ୍ୟକାରୀ ୱାସିମ ଖାଁ କହିଛନ୍ତି।

# ସମୟସୀମା ବଢ଼ାଇଲା ଏଫ୍‌ଆଇଏଚ୍

## ଭାରତର ଜର୍ମାନୀ, ବ୍ରିଟେନ ବିପକ୍ଷ ମ୍ୟାଚ୍ ସ୍ଥଗିତ

ଲାଉସାନେ, ୧୯।୩

କୋଭିଡ-୧୯ ସଂକ୍ରମଣ ଯୋଗୁ ବର୍ତ୍ତମାନ ସୁଦ୍ଧା ବିଶ୍ୱରେ ୯୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ଚଳିତ ହକି ପ୍ରୋ ଲିଗ୍ ମ୍ୟାଚକୁ ମେ ୧୭ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ପୂର୍ବରୁ ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ୧୨ଟି ମ୍ୟାଚ ସ୍ଥଗିତ ରଖାଯାଇଥିଲା। ସମୟସୀମା ମେ ୧୭ ତାରିଖ ପର୍ଯ୍ୟନ୍ତ ବଢ଼ିବାରୁ ଆଉ ୧୨ଟି ମ୍ୟାଚ ପ୍ରଭାବିତ ହୋଇଛି। ଇତିମଧ୍ୟରେ ଭାରତ ଜର୍ମାନୀ ଯାଇ ବର୍ଲିନରେ ଏପ୍ରିଲ ୨୫, ୨୬ ଏବଂ ଇଂଲଣ୍ଡ ଯାଇ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଲଣ୍ଡନରେ ମେ ୨ ଓ ୩ରେ ୨ଟି ଲେଖାଏ ମ୍ୟାଚ ଖେଳିବାର ଥିଲା। ମାତ୍ର ତାହା ଏବେ ସ୍ଥଗିତ ରହିଛି। “କୋଭିଡ-୧୯ ସଂକ୍ରମଣର ପରବର୍ତ୍ତୀ ସ୍ଥିତିକୁ ଦୃଷ୍ଟିରେ ରଖି ଏଫଆଇଏଚ୍ ମେ ୧୭ ପର୍ଯ୍ୟନ୍ତ ପ୍ରୋ ଲିଗ୍ ମ୍ୟାଚକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ଏହାକୁ ବିଶ୍ୱସ୍ତରରେ ଅଂଶଗ୍ରହଣକାରୀ ସମସ୍ତ ଦେଶ ସମର୍ଥନ ଜଣାଇଛନ୍ତି” ବୋଲି ଏଫଆଇଏଚ୍ ପକ୍ଷରୁ କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଏଫଆଇଏଚ୍ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ମେ ୧୭ ପରେ ସ୍ଥିତିକୁ ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରାଯାଇଛି। ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ ବିପକ୍ଷ ମ୍ୟାଚ ପରେ ଭାରତ ମେ ୨୩ ଓ ୨୪ରେ ଘରୋଇ ପରିବେଶରେ ଭୁବନେଶ୍ୱରର



ପ୍ରୋ ଲିଗ ଟ୍ରଫି ସହ ଭାରତୀୟ ଦଳ ଅଧିନାୟକ ମନପ୍ରୀତ ସିଂ ଓ କୋଚ୍ ଗ୍ରାହାମ ରିଡ୍।

### ହକି ପ୍ରୋ ଲିଗ୍

କଳିଙ୍ଗ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଜୁନ ୫ ଓ ୬ରେ ଟୁକୁମାନଠାରେ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ। ଚଳିତ ସିଜନରେ ଭାରତ ଏହାର ଶେଷ ମ୍ୟାଚ ଜୁନ ୧୩ ଓ ୧୪ରେ ଭାଲେନ୍ସିଆଠାରେ ସ୍ପେନ ବିପକ୍ଷରେ ଖେଳିବ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ୟୁରୋପ ଯାଇ ସେମାନଙ୍କ ମ୍ୟାଚ ଖେଳିବାକୁ ମନା କରିଦେଇଛନ୍ତି। ଭାଇରସ ଦ୍ୱାରା ୨,୦୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାରୁ ବିଶ୍ୱବ୍ୟାପୀ ଅନେକ କ୍ରୀଡ଼ା ପ୍ରତିଯୋଗିତାକୁ ବାତିଲ କରାଯାଉଛି କିମ୍ବା ସ୍ଥଗିତ ରଖାଯାଉଛି।

ଏଫ୍‌ଆଇଏଚ୍‌ର ପରବର୍ତ୍ତୀ ନିଷ୍ପତ୍ତି ଅନୁସାରେ ଭାରତ ମ୍ୟାଚ ବ୍ୟତୀତ ଏପ୍ରିଲ ୨୮ ଓ ୨୯ରେ ନେଦରଲାଣ୍ଡ୍ସ-ଗ୍ରେଟ୍ ବ୍ରିଟେନ(ଉଟ୍ରେଚ୍), ମେ ୧୫ରେ ବେଲଜିୟମ-ସ୍ପେନ(ଆଣ୍ଟୱେର୍ପ), ମେ ୧୬ରେ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ(ପର୍ଥ), ଗ୍ରେଟ ବ୍ରିଟେନ-ଆର୍ଜେଣ୍ଟିନା(ଲଣ୍ଡନ) ଏବଂ ମେ ୧୭ରେ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ(ପର୍ଥ), ଗ୍ରେଟ ବ୍ରିଟେନ-ଆର୍ଜେଣ୍ଟିନା(ଲଣ୍ଡନ) ଓ ବେଲଜିୟମ-ସ୍ପେନ(ଆଣ୍ଟୱେର୍ପ) ମ୍ୟାଚ ପ୍ରଭାବିତ ହେବ।

# ଇଣ୍ଡିଆନ୍ ଗ୍ରାଁ ପ୍ରି ବାତିଲ

ନୂଆଦିଲ୍ଲୀ, ୧୯।୩ (ପି.ଟି.)

ଗୁରୁବାର ଇଣ୍ଡିଆନ୍ ଗ୍ରାଁ ପ୍ରି ଆରମ୍ଭ ହେବାକୁ ମାତ୍ର କେଇ ଘଣ୍ଟା ବାକିଥିବାବେଳେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏହାକୁ ବାତିଲ ଘୋଷଣା କରିଛି। କୋଭିଡ୍‌-୧୯କୁ ନେଇ ସରକାରୀ ନିର୍ଦ୍ଦେଶନାମାକୁ ସମ୍ମାନ ଜଣାଇ ଏପରି ନିଷ୍ପତ୍ତି ନିଆଯାଇଛି। ଏହି ଇଭେଣ୍ଟ ଏନ୍‌ଆଇଏସ୍ ପଟିଆଲାରେ ଆୟୋଜିତ ହୋଇଥାନ୍ତା। ଅନ୍ୟପକ୍ଷରେ ଆସନ୍ତା ମାସରେ ହେବାକୁଥିବା ଫେଡେରେଶନ କପ୍ ନ୍ୟାଶନାଲ ସିନିୟର ଚାମ୍ପିୟନଶିପ୍ (ଏପ୍ରିଲ ୧୦ରୁ ୧୩) ପଛକୁ ଘୁଞ୍ଚାଇ ଦିଆଯାଇଛି। ଟୋକିଓ ଅଲିମ୍ପିକ୍ସ ପାଇଁ ଏହା ଏକ କ୍ୱାଲିଫାଇଂ ଇଭେଣ୍ଟ। ଏଥିଲାଗି ପରେ ଦିନଧାର୍ଯ୍ୟ ହେବ। ଏପ୍ରିଲ ୧୫ ପର୍ଯ୍ୟନ୍ତ ପ୍ରତିଯୋଗିତା ଓ ଟ୍ରାଏଲ୍ସ ଆୟୋଜନ ବନ୍ଦ ରଖିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଜାତୀୟ ମହାସଂଘକୁ ନିର୍ଦ୍ଦେଶ ଆସିବାର କିଛି ଘଣ୍ଟା ପରେ ଏଏଫ୍‌ଆଇ ଏହି ନିଷ୍ପତ୍ତି ନେଇଥିଲା। ଟ୍ରେନିଂ କ୍ୟାମ୍ପରେ ଅଂଶଗ୍ରହଣ କରି ନ ଥିବା କୌଣସି ଆଥ୍‌ଲେଟଙ୍କ ସହ ମିଳାମିଶା ନ କରିବା ଲାଗି ଅଲିମ୍ପିକ୍ସ ପାଇଁ ମନୋନୀତ ଆଥଲେଟ୍‌ମାନଙ୍କୁ କୁହାଯାଇଛି। ଇଣ୍ଡିଆନ ଆଥଲେଟିକ୍ସ ହାଇପରଫର୍ମାନ୍ସ ନିର୍ଦ୍ଦେଶକ ଭୋଲକର ହର୍ମାନ ସରକାରଙ୍କ ନିର୍ଦ୍ଦେଶ ମାନିବାକୁ ଏଏଫ୍‌ଆଇ ବାଧ୍ୟ। ଖେଳ ଅପେକ୍ଷା ଭାରତୀୟ ଲୋକମାନଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେବେ ଶୁକ୍ରବାର ପ୍ରଥମ ଇଣ୍ଡିଆନ ଗ୍ରାଁ ପ୍ରି ଆୟୋଜିତ ହୋଇ ନ ପାରିଥିବାରୁ ଆମେ ଦୁଃଖିତ। ପଟିଆଲାରେ ଦ୍ୱିତୀୟ ଗ୍ରାଁ ପ୍ରି ମାର୍ଚ୍ଚ ୨୫ରୁ ହୋଇଥାନ୍ତା। ଏହାକୁ ମଧ୍ୟ ବାତିଲ କରାଯାଇଥିବା ହର୍ମାନ ପ୍ରକାଶ କରିଛନ୍ତି। ପୁନଶ୍ଚ ଏପ୍ରିଲ ୧୦ରୁ ୧୩ ପର୍ଯ୍ୟନ୍ତ ପଟିଆଲାରେ ହେବାକୁଥିବା ଫେଡେରେଶନ କପ୍‌କୁ ଘୁଞ୍ଚାଇ ଦିଆଯାଇଛି। ଆମେ ଏହାକୁ ମେ କିମ୍ବା ଜୁନ୍ ମାସରେ ଆୟୋଜନ କରିବା ଲାଗି ଚିନ୍ତା କରୁଛୁ। ତେବେ ସେତେବେଳର ପରିସ୍ଥିତିକୁ ଚାହିଁ ଯାହା ନିଷ୍ପତ୍ତି ନିଆଯିବ ବୋଲି ହର୍ମାନ ସୂଚନା ଦେଇଛନ୍ତି। ପ୍ରଥମ ଇଣ୍ଡିଆନ ଗ୍ରାଁ ପ୍ରି ପାଇଁ ସତର୍କତା ଅବଲମ୍ବନ କରାଯାଇଥିଲା। ଯେଉଁମାନେ ଜାତୀୟ କ୍ୟାମ୍ପରେ ଭାଗ ନେଇଥିଲେ ସେମାନଙ୍କୁ କେବଳ ଏଥିରେ ଅଂଶଗ୍ରହଣ ପାଇଁ ଅନୁମତି ଥିଲା।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786



# ଓସ୍‌ଜା କ୍ରୀଡ଼ା ପୁରସ୍କାର ସ୍ଥଗିତ

ଭୁବନେଶ୍ୱର, ୧୯।୩ (ସ୍ପୋର୍ଟ୍ସ ବ୍ୟୁରୋ)

କୋଭିଡ-୧୯ ସଂକ୍ରମଣଜନିତ ସରକାରଙ୍କ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) ବାର୍ଷିକ ପୁରସ୍କାର କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ମାର୍ଚ୍ଚ ୨୧ ତାରିଖରେ ଏହି କାର୍ଯ୍ୟକ୍ରମ କଟକରେ ଅନୁଷ୍ଠିତ ହେବାର ଥିଲା। ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜେତା ତାରକା ଖେଳାଳି ପ୍ରମୋଦ ଭଗତ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଆଥଲେଟିକ୍ କୋଚ୍ ପଞ୍ଚାନନ ଗନ୍ତାୟତଙ୍କୁ ୨୦୧୯ କ୍ୟାଲେଣ୍ଡର ବର୍ଷ ପାଇଁ ଯଥାକ୍ରମେ ଶ୍ରେଷ୍ଠ କ୍ରୀଡ଼ାବିତ୍ ଓ କ୍ରୀଡ଼ାକ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ପାଇଁ ‘ଲାଇଫ୍ ଟାଇମ୍ ଆଚିଭମେଣ୍ଟ’ ପୁରସ୍କାର ପ୍ରଦାନ ଲାଗି ନିଷ୍ପତ୍ତି ହୋଇଥିଲା। ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ହୃଦୟନାଥ ଦାସ ଓ ଶ୍ୟାମାକାନ୍ତ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ଭାଇରସ ସଂକ୍ରମଣଜନିତ ସ୍ଥିତିରେ ପରିବର୍ତ୍ତନ ଆସିଲେ ଏପ୍ରିଲ ୧୫ ତାରିଖ ପରେ ଏହାର ପୁନଃ ଆୟୋଜନ କରାଯିବ ବୋଲି ଆୟୋଜକ କମିଟି ଅଧ୍ୟକ୍ଷ ସୁଶାନ୍ତ ମହାନ୍ତି ଓ ଓସଜା ସଭାପତି ସନ୍ଦୀପ ମିଶ୍ର ସୂଚନା ଦେଇଛନ୍ତି।

# ଟୁର୍ନାମେଣ୍ଟ, ଟ୍ରାଏଲ ଆୟୋଜନ ନ କରିବାକୁ ପରାମର୍ଶ

ନୂଆଦିଲ୍ଲୀ,୧୯।୩ (ପି.ଟି.)

ଅତିକମ୍‌ରେ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ କୌଣସି ଟୁର୍ନାମେଣ୍ଟ ଓ ଟ୍ରାଏଲ ଆୟୋଜନ ନ କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ଦେଶର ସବୁ ଜାତୀୟ କ୍ରୀଡ଼ା ଫେଡେରେଶନକୁ ମନ୍ତ୍ରଣାଳୟ ଏ ନେଇ ସ୍ପଷ୍ଟ ସନ୍ଦେଶ ଦେଇଛି। ଏଥିସହିତ ଅଲିମ୍ପିକ୍ସରେ ସାମିଲ ହେବାକୁ ଥିବା ଆଥଲେଟ୍‌ଙ୍କୁ ଅନ୍ୟମାନଙ୍କଠାରୁ ଦୂରେଇ ରହିବା ବା ଆଇସୋଲେଟ ହେବା ପାଇଁ କୁହାଯାଇଛି।

କରୋନା ଭାଇରସ ସାରା ବିଶ୍ୱରେ ଏକ ମହାମାରୀ ରୂପେ ଉଭା ହୋଇଥିବାରୁ ମନ୍ତ୍ରଣାଳୟ ତରଫରୁ ନୂଆକରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଫଳରେ ପାଟିଆଲାରେ ଶୁକ୍ରବାର ଆୟୋଜନ ହେବାକୁ ଥିବା ଦିନିକିଆ ଇଣ୍ଡିଆନ ଗ୍ରାଁ ପ୍ରି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସବୁ କ୍ରୀଡ଼ା ସଂଗଠନ ଓ ସେମାନଙ୍କ ଅନୁବନ୍ଧିତ ୟୁନିଟ୍‌ଗୁଡ଼ିକୁ କୌଣସି ପ୍ରକାର କ୍ରୀଡ଼ା ଇଭେଣ୍ଟ ଆୟୋଜନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ), ଜାତୀୟ ଫେଡେରେଶନ (ଏନ୍‌ଏଫ୍‌ଏସ୍) ସମେତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖି ଜଣାଇଛି।

ଅଲିମ୍ପିକ ଟ୍ରେନିଂ କ୍ୟାମ୍ପକୁ ବିନା କୋଭିଡ-୧୯ କ୍ୱାରାଣ୍ଟାଇନ ପ୍ରୋଟୋକଲ୍‌ରେ ଅନ୍ୟ ଆଥଲେଟମାନଙ୍କୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ଟ୍ରେନିଂ ଚାଲିଥିବା ବେଳେ ଆଥଲେଟମାନଙ୍କ ସହ ବାହାର ଲୋକଙ୍କୁ ମିଶିବାକୁ ଦିଆଯିବନାହିଁ। କ୍ୱାରାଣ୍ଟାଇନ୍ ପ୍ରୋଟୋକଲ ବିନା ଟ୍ରେନିଂ କ୍ୟାମ୍ପରେ ରହୁ ନ ଥିବା କୌଣସି ଆଥଲେଟ, କୋଚ୍, ଟେକ୍‌ନିକାଲ ତଥା ସପୋର୍ଟ ଷ୍ଟାଫ୍‌ଙ୍କୁ ଟ୍ରେନି ଆଥଲେଟଙ୍କ ସହ ମିଶିବାକୁ ଦିଆ ନ ଯିବା ପାଇଁ କୁହାଯାଇଛି। ଆଥଲେଟଙ୍କୁ କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। କୌଣସି ପ୍ରକାର ମିଳାମିଶା ତଥା ଜନସମାଗମକୁ ସମ୍ପୂର୍ଣ୍ଣରୂପେ ବାରଣ କରାଯାଇଛି। ତେବେ ଯେଉଁମାନେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ଓ ଯୋଗ୍ୟତା ହାସଲର ନିକଟବର୍ତ୍ତୀ ହୋଇଛନ୍ତି ସେମାନଙ୍କ ପାଇଁ ଟ୍ରେନିଂ ଜାରି ରଖିବାର ବ୍ୟବସ୍ଥା କରାଯାଇଛି। ଯଦି ଏମାନେ ଠିକ୍ ଭାବେ ଟ୍ରେନିଂ ଜାରି ନ ରଖନ୍ତି ତାହାଲେ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ପ୍ରଭାବିତ ହେବ ବୋଲି ରିଜିଜୁ କହିଛନ୍ତି।

### ଯଦୁପୁର କପ୍ ଟି୨୦

# ଫାଇନାଲରେ ରାମେଶ୍ୱର


ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଯଦୁପୁର କପ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଯଦୁପୁର ପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ରାମେଶ୍ୱର ୫୩ ରନରେ ଜ୍ୟୋତି ମୋଟର୍ସକୁ ହରାଇ ଦେଇଛି। ରବିବାର ରାମେଶ୍ୱର ଓ ବାରଭୁଜା ଟିମ୍ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୧୭.୫ ଓଭରରେ ୧୬୩ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଅରବିନ୍ଦ ସିଂ ୨୧ ବଲ୍‌ରୁ ସର୍ବାଧିକ ୩୧, ସମ୍ବିତ ସୌରଭ ବରାଳ ୧୬ ବଲ୍‌ରୁ ୨୯, ବିଶ୍ୱଜିତ ଭୂୟାଁ ୧୮ ବଲ୍‌ରୁ ୨୮ ଓ ଶ୍ରୀକାନ୍ତ ଗୌଡ଼ା ୧୯ ବଲ୍‌ରୁ ୨୨ ରନ କରିଥିଲେ। ପ୍ରତିପକ୍ଷ ଦଳର ସତ୍ୟଜିତ ସାବତ ୨୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ଜ୍ୟୋତି ମୋଟର୍ସ ୧୩.୧ ଓଭରରେ ୧୧୦ ରନ କରି ଅଲଆଉଟ ହୋଇଯାଇଥିଲା। ସଙ୍ଗୀତ ମହାନ୍ତି ୧୩ ବଲ୍‌ରୁ ସର୍ବାଧିକ ୨୨ରନ ସ୍କୋର କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜୟୀ ଦଳର ପାର୍ଥସାରଥି ସାହୁ ୨୩ ରନରେ ୪ଟି, ଲାଲୁ ମହାନ୍ତି ୩୦ ରନରେ ୨ଟି ଏବଂ ରାକେଶ ଶର୍ମା ୨୮ ରନରେ ୨ଟି ଉଇକେଟ ନେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପାର୍ଥସାରଥି ସାହୁଙ୍କୁ ପୁରସ୍କୃତ କରାଯାଉଛି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ
୨୦।୦୩।୨୦୨୦ (ଶୁକ୍ରବାର)

ସ୍ୱର୍ଗତ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥ
ବାନାବଗିଚା, ଶେଖବଜାର, କଟକ
ଆବିର୍ଭାବ: ୨୧।୦୩।୧୯୪୯
ତିରୋଧାନ: ୦୧।୦୪।୨୦୧୯
ଆପଣଙ୍କ ସରଳ ହୃଦୟର ତ୍ୟାଗ, ନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପତ୍ନୀ: ପୁଷ୍ପାଞ୍ଜଳି, ପୁତ୍ର: ଶିଳାଦିତ୍ୟ, ଝିଅ: ଅନୁରୂପା, ଅନୁରାଧା, ନାତି: ଅୟସ୍କାନ୍ତ, ବିଶ୍ୱାସରଞ୍ଜନ, ରୂପେଶ, ନିଖିଳେଶ୍ ଓ ପରିବାରବର୍ଗ ।

11th Day Remembrance


Retd. Prof. Jharana Roy
Wife of Advocate Dinesh Roy
N1, Plot No - 282, IRC Village, BBSR
BIRTH - 06.80.1940
DEATH - 10.03.2020
You Are Loved Beyond Words And Missed Beyond Measure
Shall Always remain in the hearts of all Friends & Relatives
Shradh and Prayer on 20.03.20 (Friday)

ପ୍ରଥମ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ ଗୁପ୍ତେଶ୍ୱର ଜେନା
ବାଙ୍ଗରା, ସିଂହପୁର, ଯାଜପୁର
ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ତୋ କଥା, ମୁହଁ ଆମ ଆଖିରେ ସର୍ବଦା ମନେରହିବ।
-:ଶୋକସନ୍ତପ୍ତ:-
ବାପା- ବୀର କିଶୋର ଜେନା, ମାଆ- ବିଳାସିନୀ ଜେନା, ଭ୍ରାତା- ସୌଭାଗ୍ୟ, ବିବେକ, ରାଜ କିଶୋର

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବ୍ରଜ କିଶୋର ମହାନ୍ତି
ପ୍ଲଟ୍ ନଂ-୧୦୧, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ତିରୋଧାନ: ୨୦।୦୩।୨୦୧୫
ବର୍ଷ ପରେ ବର୍ଷ ବିତିଗଲା, ଆଜି ଆପଣଙ୍କ ଶ୍ରାଦ୍ଧଦିବସ ଏହି ଅବସରରେ ଆପଣଙ୍କ ସ୍ମୃତିକୁ ମନେ ପକାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଆପଣଙ୍କ ଭଗବତ୍ ଚିନ୍ତାଧାରା, ସନ୍ତାନ ବତ୍ସଳତା, ଅତିଥି ପରାୟଣତା ଆଜି ମଧ୍ୟ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି। ଆପଣ ଚିରନମସ୍ୟ।
-:ଶୋକସନ୍ତପ୍ତ:-
ପୁଅ: ଲୁଲୁ, ବୋହୂ: ମଧୁମିତା

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସୁରେନ୍ଦ୍ର କୁମାର ମହାପାତ୍ର
ଡାକ ବଙ୍ଗଳା ଛକ, ଓଲ୍ଡ ଟାଉନ, ଭୁବନେଶ୍ୱର-୨
ଆବିର୍ଭାବ: ୧୯୭୩
ତିରୋଧାନ: ୦୭।୦୩।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ, ପରିଜନ ଏବଂ ପରିବାରବର୍ଗ।

ଶ୍ରଦ୍ଧାଞ୍ଜଳି

Late. Smt Kamal Kumari Basa
ଆବିର୍ଭାବ: ୧୯୪୫
ତିରୋଧାନ: ୧୮।୦୩।୨୦୧୨
(ଦ୍ୱାଦଶୀ ତିଥି)
ଆଜିର ଏହି ପୁଣ୍ୟ ତିଥିରେ ଆମ ସମସ୍ତଙ୍କର ଅଶେଷ ପ୍ରଣାମ, ଆଶୀର୍ବାଦ ରହିଥାଉ। ତୋର ନିଜର ଆମେ ସମସ୍ତେ।

ସପ୍ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ

ସ୍ୱର୍ଗତ ବଦ୍ରିନାରାୟଣ ହୋତା
ଜନ୍ମ- ୨୨ଅଗଷ୍ଟ ୧୯୮୦
ଆଖି ପିଛୁଳାକେ ସାତ ବର୍ଷ ବିତିଗଲା । ତୋର ଅନୁପସ୍ଥିତି ଏବେବି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରି ଦେଇଛି । ଆଜି ମଧ୍ୟ ଲାଗୁଛି ତୁ ଆମ ସମସ୍ତଙ୍କ ହୃଦୟରେ ଅଛୁ । ତୋର ସପ୍ତମ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ବାପା, ମାଆ, ସ୍ତ୍ରୀ, ପୁଅ, ବନ୍ଧୁ ଓ ପରିବାର ବର୍ଗ ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୦ Berhampur, Friday, March 20/ 2020




# ଛତ୍ରପୁର ସାପ୍ତାହିକ ହାଟ ବନ୍ଦ

**ଛତ୍ରପୁର, ୧୯।୩(ଡି.ଏନ୍.ଏ.)**

## କରୋନା ନିର୍ଦ୍ଦେଶନାମା ବଳବତ୍ତର

କରୋନା ଭୟାବହତା ନେଇ ଗତ ୧୫ ତାରିଖରେ ଗଞ୍ଜାମ ଜିଲାରେ ଲାଗୁ ହୋଇଥିବା ୧୪୪ ଧାରାକୁ ଜିଲାପାଳ ଉଠାଇ ଦେଇଛନ୍ତି । ଅପରପକ୍ଷରେ କୋଭିଡ-୧୯ ରେଗୁଲେଶନ ୨୦୨୦ ଏବେ ବି ଜିଲାରେ ବଳବତ୍ତର ରହିଛି । ଫଳରେ ସାମାଜିକ କାର୍ଯ୍ୟକ୍ରମ, ସଭାସମିତି ଓ ମିଳାମିଶା ଉପରେ କଟକଣା ପୂର୍ବବତ ଜାରି ରହିଛି । ତାରାତାରିଣୀ ଚୈତ୍ର ଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ପକ୍ଷରୁ ୧୪୪ ଧାରା ଲାଗୁ ହୋଇଥିଲା । ଫଳରେ ଲୋକମାନେ ଯାତ୍ରାରେ ସାମିଲ ହୋଇ ନ ଥିଲେ। ତେବେ ଏହା ଉଠିଯିବା ପରେ ଜିଲାରେ ଥିବା କେବଳ ଔଷଧ, ପନିପରିବା ଓ ତେଜରାତି ଦୋକାନ ବ୍ୟତୀତ ଅନ୍ୟସବୁ ଦୋକାନ ବନ୍ଦ ରହିଛି। ଏପରିକି ଦଣ୍ଡ ଯାତ୍ରା ହେବନି ବୋଲି ଜଣାପଡ଼ିଛି। ଅପରପକ୍ଷରେ ମା' ତାରାତାରିଣୀଙ୍କ ଚୈତ୍ର ଯାତ୍ରାର ଆହୁରି ୩ ମଙ୍ଗଳବାର ବାକି ରହିଛି । ଉକ୍ତ ମଙ୍ଗଳବାରଗୁଡ଼ିକରେ ମଧ୍ୟ ପୂଜାକୁ ସୀମିତ ରଖାଯାଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆକ୍ଟ ୨୦୦୫ ଓ ୧୯୮୭ରେ କରୋନା ପାଇଁ ଜାରି ହୋଇଥିବା କଟକଣା ବଳବତ୍ତର ରହିଛି। ମଲ, ମାର୍ଟ, ସିନେମା ହଲ, ଲଜ୍ ଓ ପାନ ଦୋକାନ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ସାପ୍ତାହିକ ହାଟକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଗୁରୁବାର ମଧ୍ୟ ଛତ୍ରପୁର ରିକାପଲ୍ଲୀରେ ହେଉଥିବା ସାପ୍ତାହିକ ହାଟ ବନ୍ଦ ହୋଇଯାଇଛି। ଏନେଇ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଫଳରେ ଗୁରୁବାର ହାଟସ୍ଥଳ ଶୂନ୍‌ଶାନ ହୋଇଯାଇଥିବା ଦେଖିବାକୁ ମିଳିଛି।


ଛତ୍ରପୁର ସାପ୍ତାହିକ ହାଟ ସ୍ଥଳ ଖାଲି ପଡ଼ିଛି ।

# ଦାରିଙ୍ଗବାଡ଼ିରେ ବର୍ଷା, କୁଆପଥର ବୃଷ୍ଟି

**ଦାରିଙ୍ଗବାଡ଼ି, ୧୯।୩(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗୁରୁବାର ପ୍ରବଳ ବର୍ଷା ହୋଇଥିବାବେଳେ ଶ୍ରୀନିକେତା ପଞ୍ଚାୟତରେ କୁଆ ପଥର ବୃଷ୍ଟି ହୋଇଛି। ବହୁ ଲୋକଙ୍କ ଘରର ଛପର ନଷ୍ଟ ହେବା ସହ ପନିପରିବା ଓ ବିଭିନ୍ନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମର ଦୁଷ୍ମନ୍ତ ଦିଗାଲ, ମୀନକେତନ ସାହୁ, ପ୍ରମୁଖ କହିଛନ୍ତି। କୁଡ଼କୁଡ଼ କୁଆପଥର ଜମାହେବା ସହ ଡ୍ରେନ୍ ଜାମ୍ ହୋଇ ଜଳ ନିଷ୍କାସନରେ ସମସ୍ୟା ହୋଇଥିଲା। ଶ୍ରୀନିକେତା ବିଦ୍ୟାଳୟସାହି ସମେତ ଏପାଦବକ ସାହିରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବହୁ ଲୋକଙ୍କ ଘରେ ବର୍ଷା ଜଳ ପଶିଥିବା ଅଭିଯୋଗ ହୋଇଛି। ସେହିପରି ସିମନବାଡ଼ି, କିରିକୁଟି, ବ୍ରାହ୍ମଣୀଗାଁ, ଗଦାପୁର ଆଦି ଅଞ୍ଚଳରେ ମଧ୍ୟ ଘଡଘଡି ସହ ବର୍ଷା ହୋଇଛି। ବର୍ଷା ପବନ ଯୋଗୁ ବିଦ୍ୟୁତ୍ ସେବା ପ୍ରଭାବିତ ହେବା ସହ ଥଣ୍ଡା ବଢ଼ିଯାଇଛି।


ଶ୍ରୀନିକେତା ପଞ୍ଚାୟତରେ ପଡ଼ିଥିବା କୁଆପଥର।

# ଆକ୍ରମଣ ମାମଲା, ଅଭିଯୁକ୍ତଙ୍କୁ ବର୍ଷେ ଜେଲ

**ଦିଗପହଣ୍ଡି (ଡି.ଏନ.ଏ.)/ ପାଟପୁର, ୧୯।୩**

ଏକ ଆକ୍ରମଣ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ମାମଲା ନଂ. ଜି.ଆର ୩୭/୧୪ର ଶୁଣାଣି କରି ସାନଖେମୁଣ୍ଡି ନ୍ୟାୟାଳୟର ମାଜିଷ୍ଟ୍ରେଟ ବିଷ୍ଣୁ ପ୍ରସାଦ ଦେବତା ଗୁରୁବାର ୧ ବର୍ଷ ସଶ୍ରମ କାରାଦଣ୍ଡ ଦେଇଛନ୍ତି। ସେ ହେଲେ ପାଟପୁର ଥାନା ସାମନ୍ତରାପୁରର ସୁବାସ ବେହେରା। ୨୦୧୪ରେ ପାରିବାରିକ ବିବାଦକୁ କେନ୍ଦ୍ରକରି ପଟ୍ଟିଗୁଡ଼ାର ନାରାୟଣ ବେହେରା ଓ ସମ୍ପର୍କୀୟ ସୁବାସ ବେହେରାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୁବାସ ନାରାୟଣଙ୍କୁ କାତିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ନାରାୟଣଙ୍କ ସ୍ତ୍ରୀ ଉର୍ମିଳାଙ୍କ ଏତଲା କ୍ରମେ ପୋଲିସ ମାମଲା ନଂ.୧୭/୧୪ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଏଏସ୍‌ଆଇ ଲକ୍ଷ୍ମୀନାରାୟଣ ବେହେରା ୨୦୧୪ରେ ନଂ.୩୯ ଅନୁଯାୟୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମାଜିଷ୍ଟ୍ରେଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ସତ୍ୟନାରାୟଣ ରଥ ଓ ଦୀପକ କୁମାର ସେଠୀ ମାମଲା ପରିଚାଳନା କରୁଥିଲେ।

# ବଜ୍ରପାତରେ ଛେଳି ଚରାଳି ଗୁରୁତର

**ଜଗନ୍ନାଥପ୍ରସାଦ, ୧୯।୩(ଡି.ଏନ.ଏ.)**– ଜଗନ୍ନାଥପ୍ରସାଦ ବ୍ଲକ ରାଉତି ଗାଁରେ ଗୁରୁବାର ବଜ୍ରପାତ ଘଟି ଜଣେ ଛେଳି ଚରାଳି ଗୁରୁତର ହୋଇଛନ୍ତି। ସେ ହେଲେ ଅଭି ନାଇକଙ୍କ ପୁଅ ସମୀର (୧୫)। ସମୀର ଘର ନିକଟରେ ନିଜ ଛେଳି ଚରାଉଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ତାଙ୍କୁ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ